# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅଗଷ୍ଟ ୧୯/୨୦୧୮ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, August 19/ 2018 ★★

୧୪ଶ ଭାଗ ୨୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ସୁନୀତାଙ୍କ ଗୋଲରେ ଭାରତ ଚାମ୍ପିୟନ**

ସୁନୀତା ମୁଣ୍ଡାଙ୍କ ଏକମାତ୍ର ଗୋଲ ବଳରେ ଭାରତ ୧୫ ବର୍ଷରୁ କମ୍ ବାଳିକା ସାଫ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ବାଂଲାଦେଶକୁ ହରାଇ ଚାମ୍ପିୟନ ହୋଇଛି।

୧୫

୦୭

**ନିକ୍‌ଙ୍କ ସହ ମୋର ନିର୍ବନ୍ଧ ହୋଇଛି: ପ୍ରିୟଙ୍କା**

ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କ ସହିତ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କର ନିର୍ବନ୍ଧ ହୋଇଥିବା ବିଷୟ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ପ୍ରକାଶ କରିଛନ୍ତି।



## ଏସିଆନ୍ ଗେମ୍ସ ଆରମ୍ଭ



ଜାକର୍ତ୍ତା: ଏସିଆନ ଗେମ୍ସର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଦଳର ମାର୍ଚ୍ଚପାଷ୍ଟ।

(ଅଧିକ ଫଟୋ ଓ ରିପୋର୍ଟ ଖେଳପୃଷ୍ଠାରେ)

■ ଖାଦ୍ୟ ସୁରକ୍ଷା ଯୋଜନା: କେନ୍ଦ୍ର-ରାଜ୍ୟ ଟଣାଓଟରା

# ମଝିରେ ଫସିଲେ ହିତାଧିକାରୀ

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ଏନ୍‌ଏଫ୍‌ଏସ୍‌ଏ) ଏବଂ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା ମଝିରେ ଫସିଯାଇଛନ୍ତି ଗରିବ ହିତାଧିକାରୀ। ଆସନ୍ତା ଅକ୍ଟୋବର ୨ ତାରିଖ ଯାଏ କେନ୍ଦ୍ରୀୟ ଯୋଜନା ଏନ୍‌ଏଫ୍‌ଏସ୍‌ଏରେ ଆଉ କୌଣସି ହିତାଧିକାରୀ ନୂତନ କାର୍ଡ ପାଇବେ ନାହିଁ। ରାଜ୍ୟ ସରକାର ରାଜ୍ୟରେ ଥିବା ସମସ୍ତ ରାଶନ କାର୍ଡ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ସେଣ୍ଟର(ଆର୍‌ସିଏମ୍‌ଏସ୍‌ସି)ରେ ନୂତନ ଆବେଦନ ଗ୍ରହଣକୁ ବନ୍ଦ କରିଦେଇଛନ୍ତି। ଏ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି. ଯାଦବ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଦେଇଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ହିତାଧିକାରୀ ଚୟନ କରାଯିବ ବୋଲି ଜଣାପଡିଛି।

ଦେଶରେ କୌଣସି ଲୋକ ଭୋକରେ ରହିବେ ନାହିଁ। ଏଭଳି ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ଏନ୍‌ଏଫ୍‌ଏସ୍‌ଏ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କେଉଁ ପରିବାର ଏହା ଭିତରେ ଆସିବେ ସେନେଇ କେନ୍ଦ୍ର ସରକାର ମାନଦଣ୍ଡ ମଧ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଆଧାରରେ ହିତାଧିକାରୀ ଚୟନ କରି ରାଜ୍ୟ ସରକାର ରାଶନ କାର୍ଡ ବାଣ୍ଟୁଛନ୍ତି।

■ ଅକ୍ଟୋବର ୨ ଯାଏ ଆର୍‌ସିଏମ୍‌ଏସ୍‌ସି ବନ୍ଦ

■ ଏନ୍‌ଏଫ୍‌ଏସ୍‌ଏ କାର୍ଡରୁ ବଞ୍ଚିତ ହେବେ ହିତାଧିକାରୀ



୨୦୧୧ ଜନଗଣନାକୁ ଦେଖି କେନ୍ଦ୍ର ସରକାର ରାଜ୍ୟରେ ୩ କୋଟି ୨୬ ଲକ୍ଷ ୪୧ ହଜାର ୮୦୦ ଲୋକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ସେହି ଟାର୍ଗେଟକୁ ଛୁଇଁପାରୁ ନାହାନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ୩୦ଟି ଜିଲାରେ ଏ ପର୍ଯ୍ୟନ୍ତ ୩ କୋଟି ୨୨ ଲକ୍ଷ ୮୧ ହଜାର ୨୫୪ ଜଣଙ୍କୁ ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ୨, ୧୪,୮୬୩ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନା(ଏଏୱାଇ) ହିତାଧିକାରୀ ଥିବା ବେଳେ ୨,୮୦,୬୬,୩୯୧ ହେଉଛନ୍ତି ପ୍ରାୟରିଟି ହାଉସ୍‌ହୋଲ୍ଡ(ପିଏଚ୍‌ଏସ୍)। କେନ୍ଦ୍ର ସରକାରଙ୍କ ଟାର୍ଗେଟ ପୂରଣ କରିବାକୁ ହେଲେ ଆହୁରି ପ୍ରାୟ ୪ ଲକ୍ଷ ଲୋକଙ୍କୁ ଏଥିରେ ସାମିଲ କରାଯିବା କଥା। କୋଟା ପୂରଣ କରିବାକୁ ହିତାଧିକାରୀ ମିଳୁନାହାନ୍ତି କିମ୍ବା ହିତାଧିକାରୀ ଚୟନରେ ପାତର ଅନ୍ତର ଯୋଗୁ ଏଭଳି ପରିସ୍ଥିତି ହୋଇଛି, ତାହା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଉନାହିଁ।

ଅନ୍ୟପକ୍ଷରେ ୨୦୧୧ ପରେ ରାଜ୍ୟରେ ଜନସଂଖ୍ୟା ବଢ଼ିଛି। ଏବେ ବି ୨୫ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାଜ୍ୟ ସରକାର ହିସାବ ଦେଉଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ଏତେ ସଂଖ୍ୟାରେ ଯଦି ଗରିବ ଅଛନ୍ତି ତେବେ ରାଜ୍ୟ ସରକାର କୋଟା ପୂରଣ କରି ପାରୁନାହାନ୍ତି କାହିଁକି। ଏଭଳି ସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ଚକ୍ରବ୍ୟୂହରେ ଫସି ଯାଇଛନ୍ତି ଗରିବ ହିତାଧିକାରୀ। କାର୍ଡ ଖଣ୍ଡେ ପାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଆର୍‌ସିଏମ୍‌ଏସ୍‌ସିକୁ ଦୌଡୁଥିଲେ ମଧ୍ୟ ସେମାନଙ୍କୁ ସାମିଲ କରାଯାଉନାହିଁ। କୁହାଯାଉଛି, କୋଟା ପୂରଣ ହୋଇଗଲାଣି ଆଉ ଏନ୍‌ଏଫ୍‌ଏସ୍‌ଏ କାର୍ଡ ଦିଆଯିବ ନାହିଁ। ଏନ୍‌ଏଫ୍‌ଏସ୍‌ଏ କାର୍ଡ ପାଇବା ଆଶାରେ ଆର୍‌ସିଏମ୍‌ଏସ୍‌ସିକୁ ☞ ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ମନ୍ତବ୍ୟ**

" ଭାଷାର ଶୁଦ୍ଧ ରୂପକୁ ସୁରକ୍ଷିତ ରଖାଯିବା ଉଚିତ।

-ସୁଷମା ସ୍ୱରାଜ, ବହିର୍ବ୍ୟାପାର ମନ୍ତ୍ରୀ

**କିଛି ତଥ୍ୟ**

ଅଗଷ୍ଟ ୧୦ରେ ଶେଷ ହୋଇଥିବା ସପ୍ତାହରେ ଭାରତୀୟ ବୈଦେଶିକ ମୁଦ୍ରା ଭଣ୍ଡାରରେ ବିଦେଶୀ ବିନିମୟ ମୂଲ୍ୟ ୧.୮୨ ବିଲିୟନ ଡଲାର ହ୍ରାସ ପାଇଛି। ଫଳରେ ଏହା ୪୦୨.୭୦ ବିଲିୟନ ଡଲାରରୁ ୪୦୦.୮୮ ବିଲିୟନ ଡଲାରକୁ ଖସି ଆସିଛି।

-ଭାରତୀୟ ରିଜର୍ଭ ବ୍ୟାଙ୍କ



୧୯୩୮-୨୦୧୮

# କୋଫି ଆନ୍ନାନ୍‌ଙ୍କ ପରଲୋକ

**ଜେନେଭା, ୧୮।୮(ପି.ଟି.)**

ଜାତିସଂଘର ପୂର୍ବତନ ମହାସଚିବ ତଥା ନୋବେଲ ଶାନ୍ତି ପୁରସ୍କାର ବିଜେତା କୋଫି ଆନ୍ନାନ୍‌ଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। କିଛିଦିନର ଅସୁସ୍ଥତା ପରେ ସୁଇଜରଲାଣ୍ଡର ଜେନେଭା ସହରରେ ଆନ୍ନାନ୍ ଶେଷନିଃଶ୍ୱାସ ତ୍ୟାଗ କରିଥିବା ପାରିବାରିକ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ତାଙ୍କ ଫାଉଣ୍ଡେଶନ୍ ପକ୍ଷରୁ ପ୍ରଥମେ ଟୁଇଟରରେ ଘୋଷଣା କରାଯାଇଥିଲା। ବିଶ୍ୱର ସର୍ବୋଚ୍ଚ କୂଟନୀତିଜ୍ଞଙ୍କ ବିୟୋଗକୁ ନେଇ ଚାରିଆଡୁ ଶୋକବାର୍ତ୍ତା ଆସିଛି। ଉତ୍ତମ କାର୍ଯ୍ୟ ପାଇଁ ସେ ମାର୍ଗଦର୍ଶକ ଥିଲେ ବୋଲି ବର୍ତ୍ତମାନର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି।

ପ୍ରଥମ କୃଷ୍ଣକାୟ ଆଫ୍ରିକୀୟ ଭାବେ ଜାତିସଂଘ ମୁଖ୍ୟ ପଦବୀ ଲାଭ କରିଥିଲେ ଆନ୍ନାନ୍। ବିଭିନ୍ନ କ୍ଷେତ୍ରରେ ତାଙ୍କର ଥିଲା ଅତୁଳନୀୟ ଅବଦାନ। ଯେଉଁଠାରେ କିଛି ବିପତ୍ତି ଆସେ ସେଠାରେ ପହଞ୍ଚିଯାଆନ୍ତି ଆନ୍ନାନ୍। ଦୟାଭାବ, ସହାନୁଭୂତି ଓ ନମ୍ର ସ୍ୱଭାବ ଯୋଗୁ ସେ କୋଟି ହୃଦୟରେ ସ୍ଥାନ ପାଇଥିଲେ। ତାଙ୍କ ପରଲୋକ ଗମନ ଏକ ଅପୂରଣୀୟ କ୍ଷତି ବୋଲି ଶନିବାର ଆନ୍ନାନ୍‌ଙ୍କ ଫାଉଣ୍ଡେଶନ୍ ପକ୍ଷରୁ ବିବୃତି ଜାରି ☞ ପୃଷ୍ଠା-୪

## ଶପଥ ନେଲେ ଇମ୍ରାନ



**ଇସ୍‌ଲାମାବାଦ, ୧୮।୮(ପି.ଟି.)**

ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶନିବାର ଶପଥ ଗ୍ରହଣ କରିଛନ୍ତି ଇମ୍ରାନ୍ ଖାନ୍। ଏକ ନିରାଡ଼ମ୍ବର ସମାରୋହରେ ରାଷ୍ଟ୍ରପତି ମାମ୍‌ନୁନ୍ ହୁସେନ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ସମୟରେ ଇମ୍ରାନ ଭାବବିହ୍ୱଳ ହୋଇପଡ଼ିଥିଲେ। ଶପଥଗ୍ରହଣ ପରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ୍ ଓ ତାଙ୍କ ସ୍ତ୍ରୀ ବୁଶ୍‌ରା ଇମ୍ରାନ୍ ଉପସ୍ଥିତ ଅତିଥିଙ୍କୁ ସମ୍ମାନ ଜଣାଇଥିଲେ। ଭାରତର ପୂର୍ବତନ କ୍ରିକେଟର ତଥା କଂଗ୍ରେସ ନେତା ନବ୍‌ଜୋତ ସିଂ ସିଦ୍ଧୁ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଶପଥ ନେବାପରେ ନୂଆ ପ୍ରଧାନମନ୍ତ୍ରୀ ନିଜ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଇମ୍ରାନ୍ ପାକିସ୍ତାନର ଶାସନ ଭାର ଗ୍ରହଣ କରିବା ପରେ କାମଚଳା ପ୍ରଧାନମନ୍ତ୍ରୀ ନାସିରୁଲ୍ ମୁଲ୍କଙ୍କୁ ଦାୟିତ୍ୱରୁ ମୁକ୍ତ କରାଯାଇଛି। ପିଏମ୍‌ଏଲ୍-ଏନ୍ ମୁଖ୍ୟ ଶାହବାଜ୍ ଶରିଫ୍ ନ୍ୟାଶନାଲ ଆସେମ୍ବ୍ଲିର ବିରୋଧୀ ଦଳ ନେତା ହେବେ ବୋଲି ଜଣାପଡ଼ିଛି।

**ଆଜିର ସମ୍ପାଦକୀୟ**

## ଦୁଇ ଅମର ଆତ୍ମା


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,800/- 10gm.
Gold 22 CT - ₹ 29,900/- 10gm.
Silver Rate - ₹ 390/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 18.08.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers









"M.B"
Great Eastern™
The Trusted One
Great Eastern
Cost to Cost Offer
Now At Reduced GST
The Ultimate Price CHALLENGE
ଆମର କଷ୍ଟ ଟୁ କଷ୍ଟ ଅଫର୍ ହେଉଛି ଆମର କିଣାମୂଲ୍ୟ (ଅର୍ଥାତ୍ ପ୍ରତିଯୋଗୀଙ୍କ ପ୍ରଚଳିତ ମୂଲ୍ୟରୁ ବହୁତ କମ୍ ମୂଲ୍ୟ)ରେ କିଣିବାର ଏକ ନିଆରା ସୁଯୋଗ। ଆମଠାରୁ କମ୍ ମୂଲ୍ୟରେ ମିଳୁଥିବାର ଦେଖାନ୍ତୁ, ଆଉ ଆମେ ଆପଣଙ୍କୁ ପାର୍ଥକ୍ୟର ଦୁଇଗୁଣ ଫେରାଇବୁ।**
CELEBRATING WOMEN EMPOWERMENT
#IndependentYou
ଗ୍ରେଟ୍ ଇଷ୍ଟର୍ଣ୍ଣ ଆମ ସମାଜର ସଶକ୍ତ ନାରୀଙ୍କୁ ସ୍ୱୀକୃତି ଦେଇଥାଏ
କିଣାକିଣି କରନ୍ତୁ ଓ ଆପଣଙ୍କ "ସ୍ୱାଧୀନତା"ର ଉତ୍ସବ ଆମ ସହିତ ପାଳନ କରି ଏକ ଅତିରିକ୍ତ ଉପହାର ପାଆନ୍ତୁ।
CELEBRATING 21 COST TO COST OFFER YEARS
CASH BACK
ବଜାଜ ଫାଇନାନ୍ସରୁ 21%*
ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ (10+10)%*
ଏଚ୍‌ଡିବିରୁ 1 ଇଏମ୍‌ଆଇ ଛାଡ଼*
ଶେଷ ଦିନ
POWER of 21
₹21 ଡାଉନ୍‌ପେମେଣ୍ଟ
21 ମାସ ଇଏମ୍‌ଆଇ
2.1 ମିନିଟ୍‌ରେ ଫାଇନାନ୍ସ ମଞ୍ଜୁରୀ
କାଗଜପତ୍ର କାମ ନାହିଁ
100 କିମି ପର୍ଯ୍ୟନ୍ତ ମାଗଣା ହୋମ୍ ଡେଲିଭରୀ କେବଳ ଗ୍ରେଟ୍ ଇଷ୍ଟର୍ଣ୍ଣରେ
PHILIPS 32 HD READY TV Cost Price ₹13990 EMI ₹1166
32ES480DX PANASONIC 32 SMART TV Cost Price ₹20990 EMI ₹1749
43X7002F SONY 43 4K UHD SMART TV Cost Price ₹63000 +Exchange Benefit upto ₹5000 EMI ₹5250
43LJ617T LG 43 FULL HD SMART TV Cost Price ₹41450* U/E EMI ₹3454
49ES480DX PANASONIC 49 FULL HD SMART TV Cost Price ₹39990 EMI ₹3333
FREE BRACKET WHIRLPOOL 1.5 TON 3 STAR SPLIT AC Cost Price ₹28500* U/E EMI ₹2375
FREE BRACKET DAIKIN 1.5 TON 3 STAR SPLIT AC Cost Price ₹33950* U/E EMI ₹2829
FREE BRACKET VOLTAS 1.5 TON 3 STAR SPLIT AC Cost Price ₹34700* U/E EMI ₹2888
GODREJ 6.8 Kg SEMI AUTOMATIC Cost Price ₹10490 EMI ₹874
LG 6.2 Kg TOP LOAD Cost Price ₹15600 EMI ₹1300
BOSCH 6Kg FRONT LOAD Cost Price ₹23875* U/E EMI ₹1990
WHIRLPOOL 200L SINGLE DOOR Cost Price ₹13400 EMI ₹1117
HAIER 247L DOUBLE DOOR Cost Price ₹19725 EMI ₹1644
HAIER 320L BMR Cost Price ₹28990 EMI ₹2416
FREE MINI BAR LG 612L SIDE BY SIDE Cost Price ₹68840 EMI ₹5737
FREE 32 LED TV RS 62K60A7SL SAMSUNG 674L SIDE BY SIDE Cost Price ₹82500* U/E EMI ₹6875
BLUE STAR GENIA UV+RO Cost Price ₹9990 EMI ₹833
RACOLD 15L WATER HEATER Cost Price ₹6760
BAJAJ 20L GRILL MWO Cost Price ₹4490
3 JAR MIXER GRINDER + TOASTER + INDUCTION Cost Price ₹3650
SAMSUNG J-600 (32GB) Cost Price ₹12990 EMI ₹2165
SAMSUNG J-701 Cost Price ₹10990 EMI ₹1832
SAMSUNG J-810 Cost Price ₹18990 EMI ₹1899
FREE PHILIPS 2.1 SPEAKER WORTH ₹2990 i3 core / 1TB HDD / 2GB Graphic LENOVO Cost Price ₹51500 EMI ₹4292
D3400 NIKON Cost Price ₹36990 EMI ₹3183
SONY LG SAMSUNG Panasonic VIDEOCON Whirlpool Godrej Haier GENERAL BLUE STAR VOLTAS BOSCH BAJAJ DAIKIN HITACHI USHA PHILIPS
Free home delivery within 100 Kms*
Extended warranty across products*
Free in-home installation & demo*
Best exchange value*
Great Eastern™ RETAIL
EASTERN INDIA'S LARGEST ELECTRONICS RETAIL CHAIN
55 STORES ACROSS INDIA
crm@geapl.in
www.greateastern.co.in
GreatEasternRetail 9438590298
For institutional purchase corporatesales@greateastern.co.in
HELPLINE 033 4037 2000
BHUBANESHWAR Bapuji Nagar Near Bazar Kolkata 799 253 2332 | Patia Near Big Bazar 986 159 8911
CUTTACK Badambadi In front of Palamandap 799 253 2334 CDA Sector VI 799 253 2335 BALASORE Bibekananda Marg Near Chidiapole 986 182 6678
BERHAMPUR Bada Bazar In front of Ganesh Market 986 159 8011 ROURKELA Bisra Road Opposite Hotel Brindaban 799 253 2330
WEST BENGAL | ODISHA | ANDHRA PRADESH | RAJASTHAN | UTTAR PRADESH
*Terms & conditions - Pictures are indicative. Offer applicable on selected brands and models. & U/E is for under exchange prices only. Free gift applicable only if invoice is under the name of a female customer. Valid only on EMI transactions. Offer not applicable on Samsung Mobiles. Terms & conditions apply.
virtual frame



ପତନ ନ ହେବାରେ କିଛି ଗୌରବ ନାହିଁ, ପତନରୁ ଉତ୍ଥାନ ହିଁ ପ୍ରକୃତ ଗୌରବ।

- ଗୋଲ୍ଡସ୍ମିଥ୍






## ସଂକ୍ଷେପରେ

### 'ରାଜସ୍ୱ ଆଇନର ସରଳୀକରଣ ହେବ'

**ଭୁବନେଶ୍ୱର,୧୮।୮(ବ୍ୟୁରୋ):** ରାଜସ୍ୱ ଆଇନଗୁଡିକର ସରଳୀକରଣ କରି ଏକକ ରାଜସ୍ୱ ଆଇନ କରାଗଲେ ସବୁସ୍ତରର ଲୋକ ଉପକୃତ ହେବେ। ପୂର୍ବରୁ ପ୍ରଣୀତ ବହୁ ଆଇନ ଏବେ ପ୍ରାସଙ୍ଗିକତା ହରାଇଛି। ତେଣୁ ଦରକାରୀ ଆଇନଗୁଡିକୁ ଚିହ୍ନଟ କରି ତାହାର ସରଳୀକରଣ କରାଯିବା ଉଚିତ। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ସଚିବାଳୟରେ ଶନିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ପ୍ରସ୍ତାବ ଦେଇଛନ୍ତି। ରାଜସ୍ୱ ପର୍ଷଦ ସଭ୍ୟ ଜି.ଭି.ଭି. ଶର୍ମାଙ୍କ ଅଧକ୍ଷତାରେ ରାଜସ୍ୱ ଆଇନଗୁଡିକର ସରଳୀକରଣ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଆଇନର ସରଳୀକରଣ ହେବା ଦ୍ୱାରା ନିୟମଗୁଡିକୁ ସାଧାରଣ ଲୋକେ ବୁଝିପାରିବେ। ଏଥିସହ ରାଜସ୍ୱ ଅଧିକାରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ନ୍ୟାୟ ଦେବାରେ ସହଜ ହେବ ବୋଲି ମନ୍ତ୍ରୀ କହିଛନ୍ତି। ପରବର୍ତ୍ତୀ ବୈଠକରେ କେନ୍ଦ୍ରାଞ୍ଚଳ, ଉତ୍ତରାଞ୍ଚଳ ଏବଂ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଉପସ୍ଥିତ ରହିବା ପାଇଁ କୁହାଯାଇଥିବା ଜଣାପଡିଛି।

# ଆଜିଠୁ କଂଗ୍ରେସର ପ୍ରାର୍ଥୀ ଖୋଜା

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**



ଜିତେନ୍ଦ୍ର ସିଂ

- ସମସ୍ତ ବିଧାୟକଙ୍କୁ ମିଳିପାରେ ଟିକେଟ
- ରାଫେଲ୍ ହେବ ନିର୍ବାଚନୀ ପ୍ରସଙ୍ଗ
- ସ୍ପଷ୍ଟ କଲେ ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର

୨୦୧୯ ସାଧାରଣ ନିର୍ବାଚନ ସହ ଓଡ଼ିଶା ବିଧାନସଭା ଭୋଟ୍ ହେବ। ଏଥିପାଇଁ ସବୁ ଦଳ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଦୌଡ଼ରେ କଂଗ୍ରେସ ଯେପରି ପଛରେ ନ ପଡିବ, ସେଥିପାଇଁ ଏଥର ଆପଣେଇଛି ଭିନ୍ନ ରଣନୀତି। ଏହି ପରିପ୍ରେକ୍ଷୀରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନକୁ ପ୍ରାୟ ୮ମାସ ବାକିଥିବା ବେଳେ ପ୍ରାର୍ଥୀ ଖୋଜା ଆରମ୍ଭ କରିବାକୁ ଯାଉଛି କଂଗ୍ରେସ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଏହି ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହେବ। ନବଗଠିତ ନିର୍ବାଚନ କମିଟି ଏବଂ ସ୍କ୍ରିନିଂ କମିଟି ଦ୍ୱାରା ଏହାର ରୂପରେଖ ପ୍ରସ୍ତୁତ ହୋଇସାରିଛି। ନୂଆଦିଲ୍ଲୀରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବିରୋଧୀ ଦଳ ନେତା ଏବଂ ପିସିସି ସଭାପତିଙ୍କ ବୈଠକ ପରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଏହି ସୂଚନା ଦେଇଛନ୍ତି।

ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ମାସ ଶେଷ ସୁଦ୍ଧା ୬୦ ବିଧାନସଭା ଏବଂ ଅଳ୍ପ କିଛି ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରାଯିବ। ସେହିପରି ୨୦୧୪ ନିର୍ବାଚନରେ ଦଳୀୟ ଟିକେଟରେ ଲଢ଼ି ବିଜୟୀ ହୋଇଥିବା ସମସ୍ତ ବିଧାୟକଙ୍କୁ ପୁନର୍ବାର ସୁଯୋଗ ମିଳିବ। ନେତୃବୃନ୍ଦଙ୍କ ଏହି ଘୋଷଣା ପରେ ବିଭିନ୍ନ ଆସନ ପାଇଁ ଥିବା ଆଶାୟୀ କଂଗ୍ରେସ ପ୍ରାର୍ଥୀମାନେ ନିଜ ନିଜ ସ୍ତରରେ ଲବି ଆରମ୍ଭ କରିଛନ୍ତି। ସେମାନେ ନିଜ ରାଜନୈତିକ କାର୍ଯ୍ୟକଳାପ ଏବଂ ଅତୀତ କାର୍ଯ୍ୟକୁ ନେଇ ପ୍ରୋଫାଇଲ ପ୍ରସ୍ତୁତ କରୁଥିବା ଜଣାପଡିଛି। ବିଭିନ୍ନ ସ୍ତରରେ ପ୍ରାର୍ଥୀ ନେଇ ବିଚାରବିମର୍ଶ ହେବା ପରେ ସ୍କ୍ରିନିଂ କମିଟି ନିକଟକୁ ନାମ ପଠାଯିବ। ଏହି କମିଟି ପ୍ରାର୍ଥୀ ଚୟନ କରିବା ସହ ଅନୁମୋଦନ ପାଇଁ ଏଆଇସିସିକୁ ସୁପାରିସ କରିବ। କିଛି ମାସ ପୂର୍ବେ ସ୍କ୍ରିନିଂ କମିଟି ଚେୟାରମ୍ୟାନ ଭାବେ ଭି.ଡି. ସାଥେସାନ୍ ଏବଂ ସଦସ୍ୟ ଭାବେ ଜିତେନ୍ ପ୍ରସାଦ ଓ ନୌସଦ ସୋଲାଙ୍କିଙ୍କୁ ମନୋନୀତ କରାଯାଇସାରିଛି। ଅଗଷ୍ଟ ୧୫ରେ ଏଆଇସିସି ପକ୍ଷରୁ ପିସିସି ନିର୍ବାଚନ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କାହ୍ନୁ ଲେଙ୍କା ଏବଂ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ବାଦ୍ ଦେଲେ ପ୍ରାୟ ସମସ୍ତ ବରିଷ୍ଠ ନେତାଙ୍କୁ ନିରଞ୍ଜନ ପଟ୍ଟନାୟକଙ୍କ ସୁପାରିସକ୍ରମେ ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ଦଳର ଛାମୁଆ ସଙ୍ଗଠନର ସଭାପତିମାନେ ସ୍ଥାୟୀ ଏବଂ ନିମନ୍ତ୍ରିତ ସଭ୍ୟ ଭାବେ ରହିଛନ୍ତି।

ନିର୍ବାଚନୀ ରଣନୀତି ସମ୍ପର୍କରେ ମତ ରଖିବାକୁ ଯାଇ ପ୍ରଭାରୀ ଜିତେନ୍ଦ୍ର ସିଂ କହିଛନ୍ତି ଯେ, ରାଫେଲ ଦୁର୍ନୀତି ଏକ ଜାତୀୟ ପ୍ରସଙ୍ଗ। ହେଲେ ଦଳ ଏହାକୁ ଓଡ଼ିଶାକେନ୍ଦ୍ରିକ କରିବାକୁ ଚାହୁଁଛି। ଏହି ଦୁର୍ନୀତି ଦ୍ୱାରା କୋରାପୁଟ ଜିଲାର ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ହାଲ୍) ଏବଂ ଓଡ଼ିଆ ଯୁବକ କ୍ଷତିଗ୍ରସ୍ତ ହୋଇଥିବା ଜିତେନ୍ଦ୍ର କହିଛନ୍ତି। ପିସିସି ସଭାପତି ନିରଞ୍ଜନ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ନୂଆଦିଲ୍ଲୀରେ ବୈଠକ ଶେଷ ହେବା ପରେ ରାଜ୍ୟ ନେତୃବୃନ୍ଦଙ୍କ ସହ ଜିତେନ୍ଦ୍ର ସିଂ ଶନିବାର ଭୁବନେଶ୍ୱର ଫେରିଥିବା ଜଣାପଡିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁକ୍ତିକାନ୍ତ

- ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ପ୍ରତିଶ୍ରୁତି



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି ମୁକ୍ତିକାନ୍ତ।

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**

ରାଉରକେଲାର ଯୁବକ ମୁକ୍ତିକାନ୍ତ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶନିବାର ନବୀନ ନିବାସରେ ଭେଟିଛନ୍ତି। ରାଉରକେଲାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ଏବଂ ଆଇଜିଏଚ୍‌କୁ ସୁପରସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି। ମୁକ୍ତିକାନ୍ତଙ୍କ ସହ ସୁନ୍ଦରଗଡ଼ ଜିଲା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ନବୀନ ନିବାସରୁ ଫେରିବା ପରେ ମୁକ୍ତିକାନ୍ତ ଗଣମାଧ୍ୟମକୁ କହିଛନ୍ତି, ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ଏବଂ ସୁପରସ୍ପେଶିଆଲିଟି ହସ୍ପିଟାଲ ସମ୍ପର୍କିତ ଦାବି ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେ ଜଣାଇଥିବା ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ମୁକ୍ତିକାନ୍ତ କହିଛନ୍ତି। ସୂଚନାଯୋଗ୍ୟ, ମୁକ୍ତିକାନ୍ତ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଏବଂ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରସଙ୍ଗରେ ରାଉରକେଲାରୁ ନୂଆଦିଲ୍ଲୀକୁ ପଦଯାତ୍ରାରେ ବାହାରିଥିଲେ। ଉପରୋକ୍ତ କଥା ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଜଣାଇବାର କାର୍ଯ୍ୟକ୍ରମ ଥିଲା। ହେଲେ ତାଙ୍କର ସେ ଇଚ୍ଛା ପୂରଣ ହୋଇପାରି ନ ଥିଲା। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ତାଙ୍କୁ ଅନୁମତି ମିଳି ନ ଥିଲା। ଶେଷରେ ତାଙ୍କୁ ରାଉରକେଲା ଫେରିବାକୁ ପଡିଥିଲା। ଦିଲ୍ଲୀରୁ ଫେରିବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପାଇଁ ପୁଣି ଥରେ ପଦଯାତ୍ରା ଆରମ୍ଭ କରିଥିଲେ। ନୂଆଦିଲ୍ଲୀ ଯିବା ବାଟରେ ଆଗ୍ରାଠାରେ ସେ ଅସୁସ୍ଥ ହେବା ପରେ ଜାତୀୟ ଗଣମାଧମର ଶିରୋନାମା ପାଲଟିଥିଲେ ମୁକ୍ତିକାନ୍ତ।

# ଜଙ୍ଗଲରେ ସୁନ୍ଦରୀର ପ୍ରଥମ ଶିକାର

**ବନ୍ତଲା, ୧୮।୮ (ଡି.ଏନ.ଏ.)**

**ଓଜନ ବଢ଼ିଛି ୧୦ କେଜି**

ସାତକୋଶିଆ ପରିବେଶ ସହ ଖାପ ଖୁଆଇବା ପରେ ମଧ୍ୟପ୍ରଦେଶର ବାନ୍ଧବଗଡରୁ ଆସିଥିବା ବାଘୁଣୀ 'ସୁନ୍ଦରୀ'କୁ ଶୁକ୍ରବାର ୩ଟା ୧୫ରେ ଅଭୟାରଣ୍ୟ ମଧ୍ୟକୁ ଛଡାଯାଇଛି। ଶନିବାର ବାଘୁଣୀ ଏକ ଜନ୍ତୁ ଶିକାର କରିଥିବା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସାତକୋଶିଆକୁ ଆସିବା ପରେ ସୁନ୍ଦରୀର ଓଜନ ୧୦ କେଜି ବଢିଛି।

ପ୍ରଧାନମୁଖ୍ୟ ବନ ସଂରକ୍ଷକ ବନ୍ୟପ୍ରାଣୀ ସନ୍ଦୀପ ତ୍ରିପାଠୀ, ସାତକୋଶିଆ ଡିଏଫ୍‌ଓ ଏସ୍‌ଏମ୍‌ଡ଼ିଟି ରହମାନ, ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ଏସିଏଫ୍ ଶୁଭେନ୍ଦୁ ବେହେରା, ଆର.କେ. ସ୍ୱାଇଁ, ରେଞ୍ଜ ଅଧିକାରୀ ଘନଶ୍ୟାମ ମହାନ୍ତି, ଭାରତ ସରକାରଙ୍କ ବନ୍ୟପ୍ରାଣୀ ଇନ୍‌ଷ୍ଟିଚ୍ୟୁଟର ବୈଜ୍ଞାନିକ ଡ. କେ. ରମେଶ, ପ୍ରାଣୀ ଚିକିତ୍ସକ ଓ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଉପସ୍ଥିତିରେ ସୁରକ୍ଷିତ ଭାବରେ ସୁନ୍ଦରୀକୁ ଏନ୍‌କ୍ଲୋଜରରୁ ଛଡ଼ା ଯାଇଥିଲା। ବାଘୁଣୀ ପ୍ରଥମେ ଏନ୍‌କ୍ଲୋଜର ଚତୁଃପାର୍ଶ୍ୱରେ ବୁଲିବା ସହିତ ପୁନର୍ବାର ଗେଟ ଭିତରକୁ ପଶିବାକୁ ଚେଷ୍ଟା କରିଥିଲା। ଏନ୍‌କ୍ଲୋଜର ଗେଟ୍‌କୁ ବନ୍ଦ କରିଦିଆଯିବାରୁ ସୁନ୍ଦରୀ ଧୀରେ ଧୀରେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିଲା। ବାଘୁଣୀଟି ରେଞ୍ଜ କାର୍ଯ୍ୟାଳୟଠାରୁ ୪/୫ କିଲୋମିଟର ଦୂରରେ ଥିବା ରସଣ୍ଡା ଓ ଲବଙ୍ଗୀ ଜଙ୍ଗଲ ମଧ୍ୟରେ ଏକ ଜନ୍ତୁ ଶିକାର କରିଥିବା ରେଡିଓକୋଲାର ସାଟେଲାଇଟ୍‌ରୁ ଜଣାପଡ଼ିଛି। ପୂର୍ବରୁ ଛଡାଯାଇଥିବା ମହାବଳ ବାଘ ଶନିବାର ଅପରାହ୍ନ ସୁଦ୍ଧା ସୁନ୍ଦରୀଠାରୁ ୪ କିଲୋମିଟର ଦୂରରେ ରହିଥିବା ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶଥାଉ କି, ଜୁନ ୨୧ରେ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ଯୁବ ମହାବଳ ଓ ଜୁନ ୨୮ରେ ମଧ୍ୟପ୍ରଦେଶ ବାନ୍ଧବଗଡ଼ ପ୍ରକଳ୍ପରୁ ସୁନ୍ଦରୀକୁ ସାତକୋଶିଆ ଅଣାଯାଇଥିଲା। ଜୁଲାଇ ୬ ତାରିଖରେ ଯୁବରାଜ ବାଘକୁ ଏନ୍‌କ୍ଲୋଜରକରୁ ଛଡ଼ାଯାଇଥିଲା। ଏ ବିଷୟରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ପଣ୍ଡା କୁହନ୍ତି, ବାଘୁଣୀକୁ ସୁରକ୍ଷିତ ଭାବରେ ଛଡ଼ାଯାଇଥିଲା। ବାଘୁଣୀ ସୁସ୍ଥ ସବଳ ହୋଇଥିବା ବେଳେ ଏହାର ଓଜନ ୧୦ କେଜି ବୃଦ୍ଧି ହୋଇଛି। ଆଗାମୀ ଦିନରେ ଆଉ ୪ଟି ବାଘୁଣୀ ଓ ବାଘ ଅଣାଯିବାର ବ୍ୟବସ୍ଥା କରାଯିବ।



# ୩ ପ୍ରସ୍ତାବକୁ ନେଇ ଛିଣ୍ଡୁନି ଅଡୁଆ

**ପୁରୀ ଅଫିସ, ୧୮।୮**

**ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗ**



- ଗଜପତିଙ୍କ ଅଧକ୍ଷତାରେ ତର୍ଜମା କରିବ ସବ୍ କମିଟି
- ସୁପ୍ରିମ୍‌କୋର୍ଟଙ୍କୁ ସମୟ ମାଗିବ ଶ୍ରୀମନ୍ଦିର ପ୍ରଶାସନ
- ରୋଷଘର, ଗାଇଡ୍ ପଞ୍ଜୀକୃତ ପାଇଁ ସବ୍ କମିଟି

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଦେଇଥିବା ୧୨ଟି ପ୍ରସ୍ତାବ ମଧ୍ୟରୁ ୩ଟିକୁ ନେଇ ଅଡୁଆ ଛିଣ୍ଡୁନି। ବଂଶାନୁକ୍ରମିକ ସେବକ ନିଯୁକ୍ତି ପ୍ରଥା ଉଚ୍ଛେଦ, ଅନ୍ନଦାନ ଆଟିକା ଓ ଥାଳି ଦାନ ବ୍ୟବସ୍ଥାକୁ ନିଷିଦ୍ଧ ଏବଂ ଶ୍ରୀମନ୍ଦିର ଆଇନରେ ସଂଶୋଧନକୁ ନେଇ କୌଣସି ସହମତି ମିଳିପାରୁ ନାହିଁ। ଏହା ଉପରେ ଅଧିକ ତର୍ଜମା ଆବଶ୍ୟକ ବୋଲି ଅନୁଭବ କରିଛି ଶ୍ରୀମନ୍ଦିର ପ୍ରଶାସନ। ତେଣୁ ଏହି ୩ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଲାଗି ଏକ ସବ୍ କମିଟି ଗଠନ କରାଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ କମିଟି ଅଧକ୍ଷ ରହିଥିବା ବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ପରିଚାଳନା କମିଟିର ୨ ଜଣ ସଦସ୍ୟ ରହିଛନ୍ତି। ଶନିବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପୂର୍ବାହ୍ନ ସାଢେ ୧୧ଟାରେ ଗଜପତି ମହାରାଜାଙ୍କ ଅଧକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଯେଉଁ ୧୨ଟି ପ୍ରସ୍ତାବ ରଖିଛନ୍ତି ତାହା ଉପରେ ସବିଶେଷ ତର୍ଜମା କରାଯାଇଛି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ରାୟକୁ ନେଇ ବିଗତ ଦିନରେ ବିଭିନ୍ନ ସେବାୟତ ନିଯୋଗ ଏବଂ ଛତିଶା ନିଯୋଗ ସହ ଆଲୋଚନା କରାଯାଇଥିଲା। ସେହି ଆଲୋଚନାର ନିର୍ଯାସ ସମ୍ପର୍କରେ ପରିଚାଳନା କମିଟିକୁ ଅବଗତ କରାଯାଇଛି। ବଂଶାନୁକ୍ରମିକ ସେବକ ନିଯୁକ୍ତି ପ୍ରଥା ଉଚ୍ଛେଦ, ଅନ୍ନଦାନ ଆଟିକା ଓ ଥାଳି ଦାନ ବ୍ୟବସ୍ଥା ନିଷିଦ୍ଧ ଏବଂ ଶ୍ରୀମନ୍ଦିର ଆଇନରେ ସଂଶୋଧନ ପ୍ରସ୍ତାବ ଉପରେ ସେବକମାନଙ୍କ ସହ ଆହୁରି ଅଧିକ ଆଲୋଚନା କରାଯିବ। ଏହି ୩ଟିକୁ ଛାଡି ବାକି ୯ଟି ପ୍ରସ୍ତାବ ମଧ୍ୟରେ ରୋଷଶାଳା ଏବଂ ଆନନ୍ଦ ବଜାରର ସୁପରିଚାଳନା ରହିଛି। ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ସବ୍‌କମିଟି ଗଠନ କରାଯାଇଛି। ମୁଖ୍ୟ ପ୍ରଶାସକ ଏହାର ଅଧକ୍ଷ ରହିଥିବା ବେଳେ ସୁଆର ମହାସୁଆର ନିଯୋଗ ସଭାପତି, ସମ୍ପାଦକ ଏବଂ ସମ୍ପୃକ୍ତ ନିଯୋଗରୁ ପରିଚାଳନା କମିଟିକୁ ଯାଇଥିବା ସେବାୟତ ସଦସ୍ୟ ରହିଛନ୍ତି। ଏହାବାଦ୍ ଗାଇଡ୍ ପଞ୍ଜୀକୃତ ଏବଂ ସେବକମାନଙ୍କ ନିମନ୍ତେ ପରିଚୟପତ୍ର ବ୍ୟବସ୍ଥା ଲାଗି ମଧ ଏକ ସବ୍‌କମିଟି ଗଠନ କରାଯାଇଛି। ଏହି ସବ୍ କମିଟିରେ ସେବକମାନଙ୍କୁ ରଖାଯାଇଛି। ସେମାନଙ୍କଠାରୁ ଯାତ୍ରୀଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମତାମତ ନିଆଯିବ। ଏହାବାଦ୍ ଅନ୍ୟ ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ସେମିତି କୌଣସି ବାଧବାଧକତା ନାହିଁ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

୩ଟି ପ୍ରସ୍ତାବ ଉପରେ ତର୍ଜମା ଲାଗି ଗଠିତ ସବ୍ କମିଟି ଆସନ୍ତା ୫ ତାରିଖରେ ସୁପ୍ରିମ୍‌କୋର୍ଟଙ୍କଠାରୁ ସମୟ ନେବ। ଏଥିରେ ବଂଶାନୁକ୍ରମିକ ସେବକ ନିଯୁକ୍ତି ଉଚ୍ଛେଦ ଭଳି ସମ୍ବେଦନଶୀଳ ପ୍ରସ୍ତାବ ରହିଛି। ଅନ୍ୟପକ୍ଷରେ ୮୦୦ ବର୍ଷର ପରମ୍ପରା ପରିବର୍ତ୍ତନ ପାଇଁ ନିଶ୍ଚିତ ସମୟ ଲାଗିବ। ଏହାକୁ ଭଲ ଭାବେ ତର୍ଜମା କରାଯିବା ପରେ ସୁପ୍ରିମ୍‌କୋର୍ଟଙ୍କୁ ସତ୍ୟପାଠ ଦିଆଯିବ ବୋଲି ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକ ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ପରିଚାଳନା କମିଟି ସଦସ୍ୟ ତଥା ନବ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଓ ନୂତନ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ଖଟିଆରେ ବୁହାହେଲେ ରୋଗୀ

**ଖଇରପୁଟ,(ଡି.ଏନ.ଏ.)୧୮।୮:** ମାଲକାନଗିରି ଜିଲାରେ ପୁଣି ଦେଖିବାକୁ ମିଳିଛି ସ୍ୱାସ୍ଥ୍ୟସେବାର କରୁଣ ଚିତ୍ର। ରାସ୍ତା ଖରାପ ଯୋଗୁ ଗ୍ରାମକୁ ଯାଇପାରିନି ୧୦୮ ଆମ୍ବୁଲାନ୍ସ। ଫଳରେ ନଦୀ ପାର ହୋଇ ୪ କିମି ଖଟିଆରେ ବୁହାହୋଇ ଗଲେ ରୋଗୀ। ଖଇରପୁଟ ବ୍ଲକ ଗୋବିନ୍ଦପାଲି ପଞ୍ଚାୟତ ଅନ୍ତର୍ଗତ ଗଜିଆଗୁଡା ଗ୍ରାମରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ। ଏହି ଗ୍ରାମର ଲକ୍ଷଣ ପାଙ୍ଗୀ ଗତ ୫ଦିନ ଧରି ଝାଡାବାନ୍ତି ସହ ଜ୍ୱରରେ ପୀଡିତ ହୋଇଥିଲେ। ଶୁକ୍ରବାର ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ରାସ୍ତା ଖରାପ ସାଙ୍ଗକୁ ସପ୍ତଧାରା ନଦୀ ଯୋଗୁ ୧୦୮ ଆମ୍ବୁଲାନ୍ସ ଗଜିଆଗୁଡା ଗ୍ରାମକୁ ଯାଇପାରିବ ନାହିଁ ବୋଲି ଆମ୍ବୁଲାନ୍ସ ପକ୍ଷରୁ କୁହାଯାଇଥିଲା। ପରେ ଗ୍ରାମବାସୀ ଲକ୍ଷଣଙ୍କୁ ନଦୀ ପାର ହୋଇ ଖଟିଆରେ ୪ କିମି ବୋହି ଗୋବିନ୍ଦପାଲି ଗ୍ରାମ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଏକ ଅଟୋ ଯୋଗେ ତାଙ୍କୁ ମାଥିଲି ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।


ADMISSION OPEN 2018-20

B.Ed, B.P.Ed, B.H.Ed.

10th, +2, +3 (UG, PG, All stream) BCA, MCA, BLib, PGDCA, MSW, BBA, MEd., MPhil,

At Regular & Distance at lower rate Approved by UGC, NCTE & Equivalent to Odisha Board University

ADHYAN INSTITUTE OF EDUCATION

Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436



AMITY UNIVERSITY

MERIT SCHOLARSHIPS

IN RECOGNITION OF STUDENTS' MERITORIOUS PERFORMANCE.

DIRECT ADMISSION

B.ARCH: 2018
- NATA Qualified or
- JEE Mains Paper 2 - score of 136.5 with Maths or
- UPSEE Paper 4 - score of 175 with Maths (for Lucknow Campus only)

B.TECH: 2018
- JEE Mains Paper 1 - score of 30 and 60% in E-PCM in Class XII

LAW: 2018
- Score of 60 in CLAT

GURUGRAM, GWALIOR, JAIPUR, LUCKNOW, MUMBAI AND RAIPUR

| Scholarship | UG Progs. 10+2 | PG Progs. (Non-MBA) 10+2 | PG Progs. (Non-MBA) Grad. |
|---|---|---|---|
| 100% | 93% | 93% | 80% |
| 50% | 88% | 88% | 75% |
| 25% | 70%* | - | - |

*70% for Gwalior & Raipur, 75% for Mumbai 80% for Jaipur & Lucknow and NA for Gurugram

MBA

| Scholarship | CAT/MAT Percentile | GMAT |
|---|---|---|
| 100% | 93 | 700 |
| 50% | 88 | 650 |
| 25% | 80# | 500# |

#Except Gurugram for which 85 percentile for CAT/MAT and 550 score in GMAT

Admission pack available at respective universities' website

Apply by: 24.08.18 | SATURDAY OPEN

www.amity.edu/gurugram • 0124-2337016
www.amity.edu/gwalior • 0751-2496006
www.amity.edu/jaipur • 01426-405555
www.amity.edu/lucknow • 0522-2399418
www.amity.edu/mumbai • 022-71987001
www.amity.edu/raipur • 77730-10791/2/3







"ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରୁଦ୍ର
ପରିବାରବର୍ଗ



ଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ଅରବିନ୍ଦ



@ ଲକ୍ଷ୍ମଣ



@ ନିର୍ମଳ



@ ମଞ୍ଜୁ



@ ଦେବୀଲାଲ



@ ଜୟଦେବ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କର୍ମ ବଳେ ରାମଚନ୍ଦ୍ର ଗଲେ ବନବାସ,**
**କର୍ମ ବଳେ ନଳରାଜା କାଟେ ଘୋଡ଼ା ଘାସ ।**

ଭାଗ୍ୟ ହାତରେ ସମସ୍ତେ କ୍ରୀଡ଼ନକ। ଭାଗ୍ୟ କେତେବେଳେ କାହାକୁ ନେଇ କେଉଁ ସୋପାନରେ ପହଞ୍ଚାଇଦେବ ତାହା ଭବିଷ୍ୟବାଣୀ କରିବା ଅସମ୍ଭବ। ରାତି ପାହିଲେ ପ୍ରଭୁ ଶ୍ରୀରାମଚନ୍ଦ୍ର ଅଯୋଧ୍ୟାର ରାଜା ହୋଇଥାନ୍ତେ ପରନ୍ତୁ ତାଙ୍କୁ ଚଉଦ ବର୍ଷ ବନବାସ ଯିବାକୁ ପଡ଼ିଥିବା ଭଳି ନଳ ଦେଶର ରାଜାଙ୍କୁ ମଧ ଘୋଡ଼ାର ଖାଦ୍ୟ ପାଇଁ ଘାସ କାଟିବାକୁ ପଡ଼ିଥିଲା। ଭାଗ୍ୟ ଉପରେ କାହାର ଜୋର ନ ଥାଏ। ଭାଗ୍ୟର ପରିବର୍ତ୍ତନଶୀଳତା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାନ ଥିଲେ ନୋଳି ନାହିଁ,**
**ନୋଳି ଥିଲେ କାନ ନାହିଁ ।**

ଈଶ୍ୱର ସମସ୍ତଙ୍କୁ ସବୁଜିନିଷ ପରିପୂର୍ଣ୍ଣ କରି ଦେଇ ନ ଥାନ୍ତି। କାହାର ବହୁ କୁଟୁମ୍ବୀ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। ସେହିପରି କାହାର ରାଜପ୍ରାସାଦ ପରି ବିରାଟ ଘର କିନ୍ତୁ ରହିବାକୁ କେହି ଲୋକ ନାହାନ୍ତି, ପୁଣି କାହାର ଲୋକ ଥିଲେ ବି ରହିବାକୁ ଘରଖଣ୍ଡିଏ ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟକରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବ୍ୟବସ୍ଥାବଳୀ ଉଲ୍ଲଂଘନ
# ୨୪ ବିଶୃଙ୍ଖଳାକାରୀଙ୍କୁ ହେବ ନୋଟିସ

■ ସିସିଟିଭି ଫୁଟେଜ ଯାଞ୍ଚ ପରେ ପରିଚାଳନା କମିଟି ନେଲା ନିଷ୍ପତ୍ତି

**ପୁରୀ ଅଫିସ, ୧୮।୮**

ରଥଯାତ୍ରାରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ବ୍ୟବସ୍ଥାବଳୀକୁ ସମସ୍ତେ ମାନିବେ। ଯଦି କେହି ବ୍ୟବସ୍ଥାବଳୀକୁ ଉଲ୍ଲଙ୍ଘନ କରନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥଯାତ୍ରା ପୂର୍ବରୁ ଏକାଧିକ ବୈଠକରେ ଶ୍ରୀମନ୍ଦିର ସେବକ ଏବଂ କର୍ମଚାରୀଙ୍କୁ ଏମିତି ସଚେତନ କରାଯାଇଥିଲା। ବ୍ୟବସ୍ଥାବଳୀରେ ମଧ୍ୟ ବିଭିନ୍ନ ପ୍ରକାର କଟକଣା ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ଏହାସତ୍ତ୍ୱେ ବ୍ୟବସ୍ଥାବଳୀର ଉଲ୍ଲଙ୍ଘନ କରାଯାଇଛି। ଶନିବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ହୋଇଥିବା ସିସିଟିଭି ଫୁଟେଜ ଯାଞ୍ଚରୁ ଏହା ଜଣାପଡିଛି। ୨୪ ସେବକ ଓ କର୍ମଚାରୀ ବ୍ୟବସ୍ଥାବଳୀକୁ ମାନି ନ ଥିବା ଫୁଟେଜରୁ ସ୍ପଷ୍ଟ ହୋଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ଏହି ବିଶୃଙ୍ଖଳାକାରୀଙ୍କୁ କାରଣ ଦର୍ଶାଅ ନୋଟିସ ହେବ। ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବ ବୋଲି ଏହି ନୋଟିସ ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ରଥଯାତ୍ରାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦେଇଥିଲା ପ୍ରଶାସନ। ଏଥିପାଇଁ ଶ୍ରୀମନ୍ଦିର, ସ୍ନାନମଣ୍ଡପ, ଲଙ୍ଗୁଳି ମଠ, ଗୁଣ୍ଡିଚା ମନ୍ଦିର ପ୍ରଭୃତି ସ୍ଥାନରେ ସିସିଟିଭି ଲଗାଯାଇଥିଲା। ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିଲା ସିସିଟିଭି। ମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ କେତେକ ଜାଗାରେ ଭିଡିଓ ରେକର୍ଡିଂ କରାଯାଇଥିଲା। ଶନିବାର ପରିଚାଳନା କମିଟି ବୈଠକରେ ସମସ୍ତ ସିସିଟିଭି ଫୁଟେଜର ପୁଙ୍ଖାନୁପୁଙ୍ଖ ଯାଞ୍ଚ ହୋଇଥିଲା। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଯେତେସବୁ ସିସିଟିଭି ଫୁଟେଜ ନିଆଯାଇଥିଲା ତାହାର ଯାଞ୍ଚ କରାଯାଇଛି। ବ୍ୟବସ୍ଥାବଳୀକୁ ଉଲ୍ଲଙ୍ଘନ କରିଥିବା ୨୪ ସେବକ ଓ କର୍ମଚାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ତାଲିକା ହୋଇଛି। ଏନେଇ ସେମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଏଥିସହ ଏହି ଫୁଟେଜ ଆଉଥରେ ଭଲ ଭାବେ ଯାଞ୍ଚ ହେବ। ଯେଉଁମାନେ ଉଲ୍ଲଙ୍ଘନ କରିଥିବେ, ସେମାନଙ୍କୁ ମଧ ନୋଟିସ କରାଯିବ। ଶୃଙ୍ଖଳା ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ସାର୍ବଜନୀନ ହେବ ବ୍ରହ୍ମ ବିଭ୍ରାଟ ରିପୋର୍ଟ
## ସେପ୍ଟେମ୍ବର ଶେଷ ସୁଦ୍ଧା ରିପୋର୍ଟ ଦେବ ସବ୍ କମିଟି

**ପୁରୀ ଅଫିସ,୧୮।୮**

୩ ବର୍ଷ ପରେ ଖୋଲିବ ବହୁଚର୍ଚ୍ଚିତ ବ୍ରହ୍ମ ବିଭ୍ରାଟ ଗୁମର। ଏଥିପାଇଁ ଗଠିତ ସବ୍‌କମିଟି ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ରିପୋର୍ଟ ଦେବ। ଉକ୍ତ ରିପୋର୍ଟକୁ ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରାଯିବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ନେଇ ପୂର୍ବ ପରିଚାଳନା କମିଟି ବୈଠକରେ ଏକ ସବ୍ କମିଟି ଗଠନ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ସବ୍ କମିଟି ରିପୋର୍ଟ ଦେଇନାହିଁ। ସବକମିଟି ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ସେମାନଙ୍କୁ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ସେମାନେ ତାଙ୍କ ରିପୋର୍ଟ ଦେବ। ପରିଚାଳନା କମିଟିର ଆସନ୍ତା ବୈଠକରେ ସମ୍ପୃକ୍ତ ରିପୋର୍ଟ ଉପରେ ଆଲୋଚନା ହୋଇ ଏହାକୁ ସାର୍ବଜନୀନ କରାଯିବ। ଫଳରେ କ'ଣ ଅବ୍ୟବସ୍ଥା ହୋଇଥିଲା ତାହା ଲୋକମାନେ ଜାଣିପାରିବେ।

ସୂଚନାଯୋଗ୍ୟ, ୨୦୧୫ ଜୁନ୍ ୧୫ରେ ଥିଲା ମହାପ୍ରଭୁଙ୍କ ବ୍ରହ୍ମ ସଂସ୍ଥାପନ। ନିଶାର୍ଦ୍ଧରେ ଏହି କାର୍ଯ୍ୟ ସମ୍ପନ୍ନ ହେବାର ଥିଲା। କିନ୍ତୁ ଏଥିରେ ଅହେତୁକ ବିଳମ୍ବ ଘଟିଥିଲା। ଜୁନ୍ ୧୬ ତାରିଖ ସ୍ପଷ୍ଟ ଦିବାଲୋକରେ ହୋଇଥିଲା ବ୍ରହ୍ମ ସଂସ୍ଥାପନ। କୋଟି କୋଟି ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦିଆଯାଇଥିବା ନେଇ ଅଭିଯୋଗ ଆସିଲା। ଏହି ବ୍ରହ୍ମ ବିଭ୍ରାଟକୁ ନେଇ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହେବାରୁ ସରକାର ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ବି ସେ ରିପୋର୍ଟ ଦେଇ ନ ଥିଲେ। ଏହାପରେ ତାଙ୍କର ବଦଳି ହୋଇଯାଇଥିଲା। ପ୍ରଦୀପ ଜେନା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ସମୟରେ ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ଆସିଥିଲା। ଗତ ମାର୍ଚ୍ଚ ୨୦ରେ ନବଗଠିତ ପରିଚାଳନା କମିଟିର ପ୍ରଥମ ବୈଠକରେ ଏହି ରିପୋର୍ଟ ଉପରେ ଆଲୋଚନା ହୋଇଥିଲା। ହେଲେ ପରିଚାଳନା କମିଟି ୩ ଜଣିଆ ସବ୍ କମିଟି ଗଠନ କରି ବ୍ରହ୍ମ ବିଭ୍ରାଟ ରିପୋର୍ଟ ଭାଗ୍ୟ ସେମାନଙ୍କ ହାତରେ ଛାଡିଦେଇଥିଲେ। ପରିଚାଳନା କମିଟି ସଦସ୍ୟ ମହିମୋହନ ତ୍ରିପାଠୀ, ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଓ ସିଦ୍ଧେଶ୍ୱର ମହାପାତ୍ର ଏହି ସବ୍ କମିଟିରେ ରହିଛନ୍ତି। ଇତିମଧ୍ୟରେ ସାଢେ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତିଲାଣି, ହେଲେ କମିଟି ରିପୋର୍ଟ ଦେଇ ନ ଥିବାରୁ ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ଚିତ୍ର ପଦାକୁ ଆସିପାରି ନାହିଁ। ଏହି ବିଳମ୍ବକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ବଦନାମ ହେଉଥିବା ବେଳେ ଶନିବାର ପରିଚାଳନା କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି।

# ପୋଲିସ ଉପରକୁ ଗୁଳିମାଡ଼

ଜୟପୁର,୧୮।୮(ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହରର ବର୍ଷଣମୁଖର ଭୋର୍ ସମୟକୁ ଅଶାନ୍ତ କରିଦେଇଛି ଏକ ଆକସ୍ମିକ ଫାୟାରିଂ। ଶନିବାର ଭୋର୍ ସମୟରେ ଡକାୟତି ଯୋଜନା ଚାଲିଥିବା ବେଳେ ପୋଲିସ ଟିମ୍ ପହଞ୍ଚିବା ମାତ୍ରକେ ସେମାନଙ୍କ ଉପରକୁ ଗୁଳିମାଡ଼ କରିଛନ୍ତି ଡକାୟତ। ୨ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ସେମାନେ ଖସିଯିବାରେ ମଧ ସଫଳ ହୋଇଛନ୍ତି।ସୂଚନା ଅନୁଯାୟୀ, ଶନିବାର ଜୟପୁରର ସହରର ଗୋପବନ୍ଧୁ ନଗରଠାରେ କେତେଜଣ ଡକାୟତ ଏକାଠି ହୋଇ ଆପରାଧିକ ଯୋଜନା କରୁଥିଲେ। ଏହି ଖବର ପାଇ ଭୋର୍ ୪ଟା ୨୦ରେ ଜୟପୁର ଟାଉନଥାନା ପୋଲିସର ଏକ ସ୍ୱତନ୍ତ୍ର ଦଳ ସେଠାରେ ଚଢ଼ାଉ କରିଥିଲା। ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସ୍‌ଆଇ ଶିବଶଙ୍କର ସାହୁଙ୍କ ସହ ୫ ଜଣିଆ ଟିମ୍ ଚଢ଼ାଉରେ ସାମିଲ ଥିଲେ। ପୋଲିସକୁ ସେଠାରେ ଦେଖିବା ମାତ୍ରକେ ସେମାନଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ ଅପରାଧୀ। ପୋଲିସ ମଧ ପାଲଟା ୨ ରାଉଣ୍ଡ ଗୁଳି ଚଳାଇଥିଲା। ଅପରାଧୀମାନେ ଅନ୍ଧାରର ସୁଯୋଗ ନେଇ ସେଠାରୁ ଚମ୍ପଟ ମାରିଥିଲେ। ପୋଲିସ ଘଟଣାସ୍ଥଳରୁ ଏକ ୭ ଏମ୍‌ଏମ୍ ପିସ୍ତଲର ଖୋକା ଜବତ କରିଛି। ପୋଲିସ ଅପରାଧୀମାନଙ୍କ ମଧ୍ୟରୁ ବିଭିନ୍ନ ଡକାୟତି, ଆକ୍ରମଣ ମାମଲାରେ ସଂଶ୍ଳିଷ୍ଟ ଥିବା ୩ ଜଣଙ୍କୁ ଚିହ୍ନଟ କରିଛି। ସେମାନେ ହେଲେ ଜୟପୁର ଟାଉନଥାନା ମାନସିଂ ଲାଇନର ରାକେଶ ପ୍ରସାଦ, ସୁନାରି ସାହିର ଶଙ୍କର ସାହୁ ଏବଂ ସଦରଥାନା ଝିକରଗୁଡ଼ାର ଶିବଶଙ୍କର ପାଣିଗ୍ରାହୀ ଓରଫ ଜିତୁ କଣା । ଏନେଇ ଟାଉନ ପୋଲିସ ୨୩୫/୧୮ ୟୁସି ୩୫୩/୩୦୭/୩୪ ଆଇପିସି/ଆରଡବ୍ଲୁ ୨୫/୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ରାକେଶଙ୍କ ନାଁରେ ୫, ଶଙ୍କରଙ୍କ ନାଁରେ ୫ ଓ ଶିବଶଙ୍କରଙ୍କ ନାଁରେ ୧୨ରୁ ଅଧିକ ଚୋରି, ଡକାୟତି, ଧମକ, ହତ୍ୟା ଉଦ୍ୟମ ଭଳି ସଙ୍ଗିନ ମାମଲା ରହିଥିବା ଥାନା ଅଧିକାରୀ ଗିଧି ସୂଚନା ଦେଇଛନ୍ତି। ଅଭିଯୁକ୍ତ ରାକେଶଙ୍କ ନାଁରେ ବିଭିନ୍ନ ମାମଲା ଥିଲେ ସୁଦ୍ଧା ସେ ଫେରାର ଥିଲେ। ସେହିପରି ଶଙ୍କର ଏବେ ଜାମିନରେ ରହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## କୋଫି ଆନାନ୍‌ଙ୍କ...

କରାଯାଇଛି। ପୂରା କ୍ୟାରିୟରରେ ଆନନ୍ ଜାତିସଂଘର ଜଣେ ପ୍ରଶାସକ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ସମ୍ଭ୍ରାନ୍ତ ଠାଣି, ଶାନ୍ତ ଓ ଲାଳିତ୍ୟ ଏବଂ ରାଜନୈତିକ ବିଚକ୍ଷଣତା ଯୋଗୁ ସେ ଜାତିସଂଘର ମହାସଚିବ ପଦରେ ଅଧିଷ୍ଠିତ ହୋଇଥିଲେ। ଜାତିସଂଘର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟକରି ଏହି ପଦ ଲାଭ କରିବାରେ ସେ ହେଉଛନ୍ତି ପ୍ରଥମ। ୧୯୯୭ ଜାନୁୟାରୀ ୧ରୁ ୨୦୦୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ଦୁଇ ମିଆଦ ସେ ଜାତିସଂଘ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୨୦୦୧ରେ ଆନାନ୍ ଏବଂ ଜାତିସଂଘକୁ ମିଳିତ ଭାବେ ନୋବେଲ୍ ଶାନ୍ତି ପୁରସ୍କାର ମିଳିଥିଲା। କାର୍ଯ୍ୟରୁ ଅବସର ନେବା ପରେ ସୁଦ୍ଧା ଆନାନ୍ ଜାତିସଂଘ ସହ ଜଡ଼ିତ ଥିଲେ। ୨୦୧୨ରେ ଯୁଦ୍ଧଗ୍ରସ୍ତ ସିରିଆରେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଜାତିସଂଘ-ଆରବ ଲିଗ୍ ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ଦୂତ ଭାବେ ପଠାଯାଇଥିଲା।୧୯୩୮ ଏପ୍ରିଲ ୮ରେ ଜନ୍ମିତ ଆନାନ୍ ସ୍ତ୍ରୀ ଓ ତିନିପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରିଛନ୍ତି। ଜୀବନବ୍ୟାପୀ ଶାନ୍ତି ପ୍ରତିଷ୍ଠା ଲାଗି କାର୍ଯ୍ୟ କରିଥିବାରୁ ପରିବାର ଲୋକେ ତାଙ୍କୁ 'ବିଶ୍ୱ ଜନନାୟକ'ଓ 'ଘାନାର ପୁତ୍ର'ବୋଲି କହିଛନ୍ତି। ଆଫ୍ରିକା ପାଇଁ ସେ ସଦା ସ୍ୱତନ୍ତ୍ର ଦାୟିତ୍ୱ ତୁଲାଇଥିଲେ। ବାସ୍ତବରେ କର୍ମମୟ ଜୀବନ ଭିତରେ ଆନାନ୍‌ଙ୍କୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଛି। ଜାତିସଂଘର ଭାବମୂର୍ତ୍ତିକୁ ସଜାଡ଼ିବାରେ ସେ ଅନେକ ସଂଘର୍ଷ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ଭିତରେ ଇରାକ୍ ଯୁଦ୍ଧ ଥିଲା ସବୁଠାରୁ ବଡ଼ ସମସ୍ୟା। ଏହାକୁ ରୋକିପାରି ନ ଥିବାରୁ ତାଙ୍କ ମନରେ ଅବସୋସ ରହିଯାଇଥିବା ୨୦୧୩ରେ ଏକ ସାକ୍ଷାତ୍‌କାରବେଳେ କହିଥିଲେ ଆନାନ୍। ତାଙ୍କ ମୃତ୍ୟୁ ଖବର ପାଇ ଘାନାର ରାଷ୍ଟ୍ରପତି ନାନା ଆକୁଫୋ-ଆଡ୍ଡୋ ଶୋକବ୍ୟକ୍ତ କରିବା ସହ ୭ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ହେବ ବୋଲି ଘୋଷଣା କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରମୁଖ ଆନାନ୍‌ଙ୍କ ସ୍ମୃତିଚାରଣ କରିଛନ୍ତି।

## ମଝିରେ ଫସିଲେ...

ଦୌଡୁଥିବା ଲୋକଙ୍କୁ ଅକ୍ଟୋବର ୨ତାରିଖ ଯାଏ ନିରାଶ ହେବାକୁ ପଡିବ।

ରାଜ୍ୟ ସରକାର ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଓଡିଶା ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ନୂଆ ଯୋଜନା ରାଜ୍ୟ କ୍ୟାବିନେଟରେ ମଧ ଅନୁମୋଦନ ପାଇସାରିଛି। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ସେଥିପାଇଁ ଯୋଗାଣ ବିଭାଗ ପକ୍ଷରୁ ହିତାଧିକାରୀ ସାଉଁଟିବା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ନୂତନ କାର୍ଡରେ ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇ ଦିଆଯିବ। ଏଥିରେ କେବଳ ଚାଉଳ ମିଳିବ। ସମସ୍ତ ହିତାଧିକାରୀ ଚାଉଳ ନେବାକୁ ବାଧ। ଯେଉଁମାନେ ଏନଏଫଏସଏ କାର୍ଡ ନେବେ, ସେମାନଙ୍କୁ ଆଉ ପାଖାପାଖି ୪୫ ଦିନ ଅପେକ୍ଷା କରିବାକୁ ପଡିବ। ରାଜ୍ୟ ସରକାର ସମସ୍ତ ହିତାଧିକାରୀଙ୍କୁ ନିଜ ଯୋଜନାରେ ସାମିଲ କରିବା ପାଇଁ ଜୋର୍‌ଦାର ପ୍ରୟାସ ଚଳାଇଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ରାଜ୍ୟ ସରକାରଙ୍କ ନୂଆ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନ କରିବାରେ ସମସ୍ୟା ହେବାରୁ ଅକ୍ଟୋବର ୨ ତାରିଖ ଯାଏ ଏନ୍‌ଏଫ୍‌ଏସ୍‌ଏ ପାଇଁ ନୂତନ କାର୍ଡ ସକାଶେ ଆବେଦନ ଗ୍ରହଣ କରାଯିବ ନାହିଁ। ଏ ନେଇ ସମସ୍ତ ଆର୍‌ସିଏମ୍‌ଏସ୍‌ସିକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସମସ୍ତ ହିତାଧିକାରୀ ଚାଉଳ ନେବେ। ଗ୍ରାମାଞ୍ଚଳରେ ଗହମର ଆବଶ୍ୟକତା ନାହିଁ। ଯେଉଁମାନେ ଖାଇବାକୁ ପାଉନାହାନ୍ତି ସେମାନଙ୍କର ଚାଉଳ ଦରକାର ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜିର ଅଷ୍ଟମସ୍ଥ ଚନ୍ଦ୍ରଙ୍କ ଦୁର୍ବଳତା ଅର୍ଥହାନି ସାଙ୍ଗକୁ ପାରିବାରିକ ଦ୍ୱନ୍ଦ୍ୱର କାରଣ ହେବ। କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛିବି କରିବେ ନାହିଁ। ନିଜ ଲୋକଙ୍କୁ ବୃଥା ସନ୍ଦେହକରି ନିଜେ ହିଁ କ୍ଷତିରେ ପଡ଼ିବେ। କ୍ରୀଡ଼ା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ।

**ବୃଷ**



ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ପାରସ୍ପରିକ ବୁଝାମଣା ହେତୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ପରିବାରର ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ**



ବାରମ୍ବାର ଅସଫଳତାର କାରଣ ଖୋଜିବାକୁ ଯାଇ ମାନସିକ ଦ୍ୱନ୍ଦ୍ୱରେ ପଡ଼ିବେ। ବନ୍ଧୁଙ୍କ ପରାମର୍ଶ ଗ୍ରହଣ କଲେ କେତେକାଂଶରେ ଉପକୃତ ମଧ ହେବେ । ପୁନର୍ବସୁ ନକ୍ଷତ୍ର ପ୍ରିୟଜନଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ଅଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟପୂରଣ ହେବ।

**କର୍କଟ**



ଆଲୋଚନା ପରିସରରେ ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣ ବଶତଃ ଓଲଟା କଥା କହି ପରିବାରରେ ସମାଲୋଚିତ ହୋଇପାରନ୍ତି। ସଂସାର ଯାତ୍ରା କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିବ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ବନ୍ଧୁତାସୂତ୍ରରେ ଆବଦ୍ଧ ହୋଇପାରନ୍ତି।

**ସିଂହ**



ଆଶା ପୂରଣ ଦିଗରେ ବନ୍ଧୁମାନଙ୍କ ସହ ପରାମର୍ଶକଲେ ଅବଶ୍ୟ ଭଲ ହେବ। ପରିସ୍ଥିତିରେ ପଡ଼ି ବହୁତ ଟଙ୍କା ଖର୍ଚ୍ଚକରି ସାମୟିକ ଦୁଃଖ ପ୍ରକାଶ କରିପାରନ୍ତି। ମଘା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ମଧ ଉତ୍ସାହପ୍ରଦ ହେବ ନାହିଁ। ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେବେ।

**କନ୍ୟା**



ଗତକାଲିଠାରୁ ଯେଉଁ କାମ ହାତକୁ ନେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା,ଏଜେନ୍ସିପରୁ ଖୁସି ରହିବେ। ଅଚାନକ ଭାବରେ ବନ୍ଧୁଙ୍କ ନିକଟରୁ ଶୁଭଖବର ଶୁଣି ଖୁସି ହେବେ। ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବା ସହ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦର ସୂଚନା ରହିଛି।

**ତୁଳା**



କର୍ମକ୍ଷେତ୍ର ଓ ପରିବାରର ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହେବାରେ ବିଶ୍ୱସ୍ତବନ୍ଧୁ ମାର୍ଗଦର୍ଶନ କରାଇବେ। ସ୍ୱାତୀ ନକ୍ଷତ୍ର ବନ୍ଧୁଙ୍କ ଆଦର ଅଭ୍ୟର୍ଥନା ସହ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ କରିବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତମାନର ଫଳ ପାଇପାରନ୍ତି।

**ବିଛା**



ରବିଙ୍କ ସୁଦୃଷ୍ଟି ପରିବାର ସ୍ଥାନ ପ୍ରତି ରହିଥିବାରୁ ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିବ। ପରିସ୍ଥିତିବଶତଃ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବାରୁ ସାମୟିକ ମାନସିକ ଗ୍ଲାନି ଅନୁଭବ କରିପାରନ୍ତି। ଦୂରଯାତ୍ରାରେ ଲକ୍ଷ୍ୟପୂରଣ ହେବ ଓ ଅଭିଳଷିତ ଜିନିଷ ପାଇବେ। ଦାମ୍ପତ୍ୟ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ।

**ଧନୁ**



ଆଜି ଆପଣଙ୍କୁ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ସରକାରୀ ଅନୁକମ୍ପା ଲାଭକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପାରିବାରିକ କ୍ଷେତ୍ରରେ ଠିକ୍ ଭୁଲ୍ ବିଚାର ନ କରି କାମକଲେ ନିଶ୍ଚିତ ଭାବରେ ପ୍ରତାରିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**



ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଫଳରେ କାମ କରିବାର ସ୍ପୃହା ଜାଗ୍ରତ ହେବ ଓ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ପରିଶ୍ରମର ପାରିଶ୍ରମିକ ପାଇବେ, ଯାହା ଦ୍ୱାରା ମନ ଖୁସିହୋଇଯିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଦ୍ରବ୍ୟନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ ନିନ୍ଦା ଶୁଣିବେ।

**କୁମ୍ଭ**



ଆଜିର ପୂର୍ବାହ୍ନରେ ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି କେବଳ ମନକୁ ଭାରାକ୍ରାନ୍ତ କରିବା ବ୍ୟତୀତ କିଛି ଲାଭ ହେବନି। ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଆବଶ୍ୟକତାକୁ ନେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ । ଶିଳ୍ପ,ବାଣିଜ୍ୟରେ କ୍ଷତି ଆଶଙ୍କା ରହିଛି। ସଭାସମିତିରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବେ।

**ମୀନ**



ଯେତେ ଭଲ କାମ କରନ୍ତୁନା କାହିଁକି ପରିବାର ମଧ୍ୟରେ ସମାଲୋଚିତ ହେବେ। ବାହାର ସ୍ଥାନରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ ଓ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ଋଣ ପରିଶୋଧ ପାଇଁ ବ୍ୟାକୁଳତା ପ୍ରକାଶ କରିପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ନବମୀ ରବିବାର, ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ, ଅଗଷ୍ଟ ୧୯ ତାରିଖ, ବିଶ୍ୱ ଫଟୋଗ୍ରାଫି ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ, ଘ୬।୧୫ମି. ମଧ୍ୟେ ଅମୃତବେଳା ।ଦିବା ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୩୪ମି. ଗତେ ଘ୬।୦୯ମି. ମଧ୍ୟେ ରାହୁକାଳ।



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି,
ସେ ପ୍ରକୃତ ଅର୍ଥରେ ଅମର ହୋଇଯାଇଛି।
-ଆରିଷ୍ଟଟଲ୍

## ସଂକ୍ଷେପରେ

### ଆଜିଠୁ ପ୍ରବଳ ବର୍ଷା
#### ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୁବନେଶ୍ୱର,୧୮।୮(ବ୍ୟୁରୋ):** ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡା, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ ଓ ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୦ ତାରିଖରେ ୧୨ଟି ଜିଲାରେ ଏବଂ ୨୧ରେ ୮ଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ବାଲେଶ୍ୱରରେ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ କଟକ ୩, ପାରାଦୀପ ୨୩.୬, ସମ୍ବଲପୁର ୯, ହୀରାକୁଦ ୧୭, ଫୁଲବାଣୀ ୧୮, ମାଲକାନଗିରି ୧୭ ଏବଂ ଢେଙ୍କାନାଳରେ ୧୩ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ରାଜ୍ୟରେ ଏବେ ସୁଦ୍ଧା ୮ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁନ୍ ପହିଲାରୁ ଅଗଷ୍ଟ ୧୮ ତାରିଖ ମଧ୍ୟରେ ରାଜ୍ୟରେ ୮ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି। ଏହି ସମୟରେ ୭୭୩.୯ ମିଲିମିଟର ବର୍ଷା ହେବା ଜାଗାରେ ହୋଇଛି ୮୩୬.୯ ମିଲିମିଟର।

### ପାରିବାରିକ କଳହ କାଳ ହେଲା
#### ବିଷ ପିଇଲେ ବାପପୁଅ

ବରଗଡ଼ ଅଫିସ,୧୮।୮: ବରଗଡ଼ ସଦର ଥାନା ଅନ୍ତର୍ଗତ ନୂଆଁଗଡ଼ ଗ୍ରାମରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି । ଗୋଟିଏ ପରିବାରର ବାପପୁଅ କୀଟନାଶକ ପିଇ ଗୁରୁତର ହୋଇ ପଡ଼ିଛନ୍ତି । ସେମାନେ ହେଲେ ଉକ୍ତ ଗ୍ରାମର ପରମା ସୁନା(୬୦) ଓ ତାଙ୍କ ସାନପୁଅ ବୁଧ ସୁନା(୩୨) । ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୁଧଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାବେଳେ ତାଙ୍କୁ ଆଇସିୟୁରେ ରଖାଯାଇଥିବା ସୂଚନା ମିଳିଛି । ପାରିବାରିକ କଳହ ଯୋଗୁ ଉଭୟେ ଘରେ ଥିବା କୀଟନାଶକ ପିଇଥିବା ପରମାଙ୍କ ବଡ଼ପୁଅ ହାଡୁ କହିଛନ୍ତି । ତେବେ କୀଟନାଶକ ପିଇ ଉଭୟ ବାପପୁଅ ଆତ୍ମହତ୍ୟା ଉଦ୍ୟମ କରିଥିଲେ ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ରାତି ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ଏ ସମ୍ପର୍କରେ ସଦର ଥାନା ଆଇଆଇସି ମମତା ନାୟକଙ୍କୁ ପଚାରିବାରୁ ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଥିବା ସେ କହିଛନ୍ତି ।

### ଚିଟ୍‌ଫଣ୍ଡ କମିଶନ
#### ଷଷ୍ଠ ପର୍ଯ୍ୟାୟ ଯାଞ୍ଚ କାର୍ଯ୍ୟ ଜୋରଦାର

କଟକ ଅଫିସ, ୧୮।୮: ଚିଟ୍‌ଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ଏମ୍.ଏମ୍. ଦାସ କମିଶନ ଷଷ୍ଠ ପର୍ଯ୍ୟାୟ ଅନ୍ତରୀଣ ରିପୋର୍ଟ ନିମନ୍ତେ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଷଷ୍ଠ ପର୍ଯ୍ୟାୟରେ ମୋଟ ୨ଲକ୍ଷ ୨୪ହଜାର ୨୫୨ ସତ୍ୟାପାଠ ଯାଞ୍ଚ କରାଯିବ ଏବଂ ୫୬୨ ଚିଟ୍‌ଫଣ୍ଡ ସଂସ୍ଥାକୁ ନୋଟିସ କରାଯିବାକୁ ସ୍ଥିର ହୋଇଛି। ଏହି ସଂସ୍ଥାଗୁଡ଼ିକ ମଧ୍ୟରେ ପ୍ରମୁଖ ଭାବେ ବେସିଲ ଇଣ୍ଟରନ୍ୟାଶନାଲ ଲିମିଟେଡରେ ୧୩୦୦୦ ଜମାକାରୀ ଅର୍ଥ ଜମା କରିଥିବାବେଳେ ଫ୍ଲୋରିସ ଡେଭଲପ୍‌ମେଣ୍ଟ ଇଣ୍ଡିଆରେ ୮୦୦୦, ଗ୍ରୀନ ରେ ସଂସ୍ଥାରେ ୫୦୦୦ରୁ ଅଧିକ, କୋଲକତା ଓ୍ୟାର ଇଣ୍ଡଷ୍ଟ୍ରି ଲିମିଟେଡରେ ୨୪୦୦୦ ଓ ଓ୍ୟାରର୍ଡ ଇଣ୍ଟରନ୍ୟାଶନାଲ ଲିମିଟେଡରେ ୯୦୦୦ ଜମାକାରୀ ରହିଛନ୍ତି। ସେହିପରି ସି-ଶୋର ସଂସ୍ଥାରେ ୪ହଜାର ୨୨୯ ଓ ଅର୍ଥତତ୍ତ୍ୱରେ ୧୬୦୭ ଜମାକାରୀ ରହିଛନ୍ତି। ସୂଚନାଥାଉକି, ଗତ ଜୁଲାଇ ୧୩ରେ କମିଶନଙ୍କ ପକ୍ଷରୁ ପଞ୍ଚମ ଅନ୍ତରୀଣ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା।
୧୨୫୩୦ ପୃଷ୍ଠା ସମ୍ବଳିତ ଏହି ଅନ୍ତରୀଣ ରିପୋର୍ଟକୁ ଗୃହ ବିଭାଗରେ ଦାଖଲ କରାଯାଇଥିଲା। ୧ଲକ୍ଷ ୮ହଜାର ୧୫୦ କ୍ଷୁଦ୍ର ଜମାକାରୀଙ୍କୁ ଏହି ପର୍ଯ୍ୟାୟରେ ଚିହ୍ନଟ କରାଯାଇଥିଲା।

## କେରଳ ବନ୍ୟା ସ୍ଥିତି ସଙ୍ଗିନ
# ଓଡ଼ିଶାରୁ ଗଲେ ୨୭୫ ଜଣିଆ ଉଦ୍ଧାରକାରୀ ଦଳ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

କେରଳରେ ଲଗାତର ବର୍ଷା ଓ ଭୟାବହ ବନ୍ୟା ଯୋଗୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁ ଏ ପର୍ଯ୍ୟନ୍ତ ପ୍ରାୟ ୩୫୦ ଜଣଙ୍କ ପ୍ରାଣହାନି ଘଟିଲାଣି। ବିଭିନ୍ନ ସ୍ଥାନରେ ଲୋକମାନେ ବନ୍ୟାପାଣିରେ ଫସି ରହିଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସହାୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ ୨୭୫ ଜଣିଆ ଅଗ୍ନିଶମ ସେବାଦଳକୁ ଶନିବାର ଦୁଇଟି ସ୍ୱତନ୍ତ୍ର ବିମାନ ଯୋଗେ କେରଳକୁ ପଠାଯାଇଛି। ଏଥିସହିତ ୭୬ଟି ପାୱାରବୋଟ୍, ୪୫ଟି ଟାୱାର ଲାଇଟ, ୧୪ଟି ଟର୍ଚ୍ଚ ଲାଇଟ, ୨୩୪ଟି ଲାଇଫ ଜ୍ୟାକେଟ, ୧୩୭ ଲାଇଫ୍ ବୋଟ୍, ୩୧ ଲାଇଫ ଲାଇନ, ୩୦ ସ୍ଲିପିଙ୍ଗ ମ୍ୟାଟ୍, ୨ଟି ଏଗ୍ରିନେଟ, ୬ଟି ଟେଣ୍ଟ କଭର ଏବଂ ୨ଟି କମ୍ପ୍ରେସର ପଠାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ସୂଚନା ଦେଇଛନ୍ତି।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବନ୍ୟାପୀଡିତଙ୍କ ନିମନ୍ତେ ୫ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିସାରିଛନ୍ତି। କେରଳରେ ରହୁଥିବା ବନ୍ୟା ପ୍ରଭାବିତ ଓଡ଼ିଆ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଦେବା ପାଇଁ ସେଠାକାର ସରକାରଙ୍କୁ ଅନୁରୋଧ କରାଯାଇଛି। କେରଳ ବନ୍ୟା ଯୋଗୁ ଅଟକି ରହିଥିବା ଓଡିଆ ଲୋକଙ୍କ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନ(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ହେଲପ୍ ଲାଇନ ନଂ. ୧୦୭୦ ଓ ୦୬୭୪-୨୫୩୪୧୭୭ ଜାରି କରାଯାଇଛି। କେରଳ ବନ୍ୟା ପରିସ୍ଥିତି ଉପରେ ନଜର ରଖାଯାଇଛି। ସେଠାରେ ଫସି ରହିଥିବା ଓଡିଆ ଲୋକଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଉଦ୍ଧାର ପାଇଁ ଯାଇଥିବା ଦଳ ମଧ୍ୟରେ ୨୬୫ ଜଣ ଅଗ୍ନିଶମ କର୍ମଚାରୀ ଥିବା ବେଳେ ୧୫ଜଣ ସୁପରଭାଇଜିଂ ଅଫିସର ଯାଇଛନ୍ତି। ଏହି ଟିମ୍ ସେଠାରେ ପହଞ୍ଚିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଥିବା ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ବରମୁଣ୍ଡା ପଡିଆରେ ଅଗ୍ନିଶମ କର୍ମଚାରୀଙ୍କୁ ଅଗ୍ନିଶମ ଜିଡି ବି.କେ. ଶର୍ମା ସମ୍ବର୍ଦ୍ଧିତ କରିଥିଲେ। ଶର୍ମା କହିଛନ୍ତି, ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହାୟତା କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଅଗ୍ନିଶମ କର୍ମଚାରୀଙ୍କୁ କେରଳ ପଠାଇଛନ୍ତି। ଓଡ଼ିଶା ପାଇଁ ଏହା ଗର୍ବ ଓ ଗୌରବର ବିଷୟ। ଅତୀତରେ ହୁଦ୍‌ହୁଦ୍ ବେଳେ ଓଡ଼ିଶାର ଅଗ୍ନିଶମ କର୍ମଚାରୀ ଆନ୍ଧ୍ରପ୍ରଦେଶ ଯାଇ ଉଚ୍ଚପ୍ରଶଂସିତ ହୋଇଥିଲେ। ଆମ ପାଖରେ ଆଧୁନିକ ଉପକରଣ ଅଛି, ଯଦ୍ୱାରା ଲୋକଙ୍କ ଧନଜୀବନ ସୁରକ୍ଷିତ ହୋଇପାରିବ ବୋଲି ଶର୍ମା କହିଛନ୍ତି।



ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୨୭୫ ଜଣିଆ ଅଗ୍ନିଶମ ସେବାଦଳକୁ ଶନିବାର ସ୍ୱତନ୍ତ୍ର ବିମାନ ଯୋଗେ କେରଳ ପଠାଯାଉଛି।




## ଲୋୟର ପିଏମ୍‌ଜିରେ ଶିକ୍ଷକ, ଅଧ୍ୟାପକ
# ୩ ଦିନ ହେଲାଣି ପିଲାଙ୍କ ପଢ଼ାରେ ଡୋରି

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

- ମିଳିତ ମଞ୍ଚର ଚେତାବନୀ
- ୨୫ରୁ ଆନ୍ଦୋଳନକୁ ବ୍ୟାପକ କରାଯିବ

ଛାତ୍ରୀଛାତ୍ରଙ୍କ ପାଠପଢ଼ା ଛାଡି ପୁଣି ରାଜରାସ୍ତାରେ ବସିଛନ୍ତି ଶିକ୍ଷକ ଏବଂ ଅଧ୍ୟାପକ। ଗତ ୧୬ ତାରିଖରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଧାରଣା ଦେଉଥିବାବେଳେ ଏଥିରେ ସାମିଲ ହୋଇଛନ୍ତି ହଜାର ହଜାର ଶିକ୍ଷକ ଏବଂ ଅଧ୍ୟାପକ। ଫଳରେ ସେମାନେ ଶିକ୍ଷାଦାନ କରୁଥିବା ଅନୁଦାନପ୍ରାପ୍ତ ସ୍କୁଲ ଏବଂ କଲେଜରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଶିକ୍ଷକ ନ ଥିବା ଯୋଗୁ ବିଭିନ୍ନ ହାଇସ୍କୁଲ ଏବଂ କଲେଜର ହଜାର ହଜାର ଛାତ୍ରୀଛାତ୍ରଙ୍କ ପଢ଼ାରେ ଡୋରି ବନ୍ଧା ହେଲାଣି। ପିଲାମାନେ ସ୍କୁଲ, କଲେଜ ଆସୁଛନ୍ତି, କିନ୍ତୁ ପଢ଼ା ହେଉ ନ ଥିବାରୁ ୪ଟା ବାଜିଲେ ଘରକୁ ଫେରୁଛନ୍ତି। ଗତ ୩ ଦିନ ହେବ ରାଜ୍ୟର ବିଭିନ୍ନ ସ୍କୁଲ ଏବଂ କଲେଜରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି।

ଅନ୍ୟପଟେ ଶିକ୍ଷକମାନେ ସରକାରଙ୍କୁ ଯେଉଁଭଳି ଚେତାବନୀ ଦେଇଛନ୍ତି, ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ସେମାନେ ହଟିବେ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ଶନିବାର ମିଳିତ ମଞ୍ଚ ସରକାରଙ୍କୁ ପୁଣି ଚେତାବନୀ ଦେଇଛି। ଆଗକୁ ଆଉ ୫ଦିନ ମିଳିତ ମଞ୍ଚ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବ। ଏହା ଭିତରେ ସରକାର ସେମାନଙ୍କୁ ଡାକି ଆଲୋଚନା ନ କଲେ ଆସନ୍ତା ୨୫ ତାରିଖରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମିଳିତ ମଞ୍ଚର ଆବାହକ ପବିତ୍ର ମହାଲା, ଗୋଲକ ନାୟକ ଏବଂ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି।

ଶିକ୍ଷକଙ୍କ ଦାବି ପୂରଣ କରିବା ପାଇଁ ସରକାର ମିଳିତ ମଞ୍ଚକୁ ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଦାବି ପୂରଣ କରୁନାହାନ୍ତି। ସେଥିପାଇଁ ଶିକ୍ଷକ ଆଜି ରାଜରାସ୍ତାରେ ବୋଲି ୬୬୨ ବର୍ଗ କଲେଜ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ରଞ୍ଜନ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ସରକାର ଚାକିରି ସର୍ତ୍ତାବଳୀ ଏବଂ ପୂର୍ଣ୍ଣଅନୁଦାନ ଦାବି ପୂରଣ କରିବା ପାଇଁ ୨ ମାସ ସମୟ ନେଇଥିଲେ। ହେଲେ ପୂରଣ କଲେ ନାହିଁ। ମିଳିତ ମଞ୍ଚ ୨ମାସ ପରିବର୍ତ୍ତେ ୪ ମାସ ସମୟ ଦେଲା। ଏହା ଭିତରେ ସରକାର ଦାବି ପୂରଣ ସମ୍ପର୍କରେ କିଛି ପଦକ୍ଷେପ ଗ୍ରହଣ କଲେ ନାହିଁ। ତେଣୁ ଶିକ୍ଷକମାନେ ବାଧ୍ୟ ହୋଇ ପୁଣି ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଶିକ୍ଷକମାନେ ଧାରଣାରେ ବସିବେ। ସରକାର ମିଳିତ ମଞ୍ଚର ପ୍ରତିନିଧିଙ୍କୁ ଡାକି ଆଲୋଚନା ନ କଲେ ଶିକ୍ଷକମାନେ ୨୫ରୁ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି ପ୍ରଧାନ କହିଛନ୍ତି। ଧାରଣାରେ ୪୮୮ ବର୍ଗ କଲେଜ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଅଟଳ ବିହାରୀ ବଳ, କୋଷାଧ୍ୟକ୍ଷ ସୁକାନ୍ତ ଦାଶ, ୬୬୨ ବର୍ଗ କଲେଜ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଗଗନ ବେଉରା, ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ ସାମିଲ ହୋଇଛନ୍ତି।


**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2018-19/11, ତା : 16.08.2018

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ। ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

PR-321/J/18-19 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



**INSTITUTE OF RAIL TRANSPORT**
Room No.104, North Central Railway Project Unit, Shivaji Bridge, Behind Shankar Market, Near I.R.W.O. Office, New Delhi - 110001.
Ph. Nos.: 01123416832/23416833
E-mail: irtindia3@gmail.com,
Website: www.irt-india.com, www.irt.indianrailways.gov.in
Apply Online Also

The Institute of Rail Transport (IRT) invites fresh application for the following one year diploma courses by correspondence.

1. MULTI-MODAL TRANSPORT (CONTAINERISATION) & LOGISTICS MANAGEMENT
2. RAIL TRANSPORT AND MANAGEMENT

**Course Fee: ₹ 7,000/- for each course (Including Study Material & Contact Classes).**
**ELIGIBILITY :** Graduate or Three Years Diploma in any Discipline from any recognized University/Institute/State Govt. with relaxation to Central/State Govt. employees/Armed Service Personnel (Serving & Retired), these candidates should have completed Sr. Sec. School with three year working experience.
**EXAMINATION CENTRES:** Delhi, Mumbai, Kolkata, Chennai, Secunderabad, Lucknow, Guwahati and Bhubaneswar. (Subject to sufficient number of students appearing in any centre).
Refer prospectus for details, on **payment of ₹ 200/-** including postal charges by Demand Draft in favour of **Institute of Rail Transport,** payable at **New Delhi**. Write full name and address in capital on the reverse of the draft and the name of the course.
Prospectus also available by cash payment of ₹150/- at the following counters & apart from above counter also:
1. IRT Library and Study Centre, Dy. C. Engg./Bridge Line Office, Near Tilak Bridge Railway Station and Railway Police Post, Mahawat Khan Road, New Delhi-110002, Ph. : 011-23214362
2. IRT office C/o General Manager Office, Rail Sadan, South Block, Chandrashekharpur, Bhubaneswar, Odisha-17

Prospectus and admission is also available on online at **www.irt.indianrailways.gov.in**. The course fee for online Admission is ₹ 6500/-.
The last date for receipt of Application is **28th September, 2018**
**The Institute will remain closed on Saturdays, Sundays & Gazetted Holidays.**
**The Institute has applied for Affiliation with National Rail & Transportation Institute (NRTI), Deemed to be University.**



**ପୂର୍ବ ତଟ ରେଳପଥ**
**ପେନ୍‌ସନ୍ ଅଦାଲତ-2018**

ପୂର୍ବ ତଟ ରେଳପଥ ଏକକାଳୀନ ଭାବେ ଖୋର୍ଦ୍ଧା ରୋଡ଼, ୱାଲ୍ଟିୟର, ସମ୍ବଲପୁର, ମଞ୍ଚେଶ୍ୱର କାରଖାନା, ନିର୍ମାଣ ସଂଗଠନ ଏବଂ ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥ ଜୋନାଲ ମୁଖ୍ୟାଳୟଠାରେ ଏକ ପେନ୍‌ସନ୍ ଅଦାଲତ-2018 ପରିଚାଳନା କରିବ।

ଅବସରପ୍ରାପ୍ତ ରେଳ କର୍ମଚାରୀ/ପ୍ରତିପାଳ୍ୟ, ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିବିଶେଷ ଯେଉଁମାନଙ୍କର ପେନ୍‌ସନ୍/ସେଟଲମେଣ୍ଟ ପାଉଣା (Settlement dues)/ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ ଅଭିଯୋଗମାନ ରହିଛି, ସେମାନେ ନିମ୍ନଲିଖିତ ନିର୍ଦ୍ଧାରିତ ପ୍ରୋଫର୍ମା ଅନୁଯାୟୀ ବିସ୍ତୃତ ବିବରଣୀ ସହିତ ସଂପୃକ୍ତ ରେଳ ପ୍ରାଧିକାରୀମାନଙ୍କୁ ସମ୍ବୋଧନ କରି ଅଭିଯୋଗ ସମ୍ବଳିତ ଲାଫାପାର ଶୀର୍ଷରେ ବିଧିବଦ୍ଧ ରୂପେ "ପେନ୍‌ସନ୍ ଅଦାଲତ-2018" ଉଲ୍ଲେଖ କରି **30 ଅଗଷ୍ଟ 2018** ସୁଦ୍ଧା କିମ୍ବା ତା' ପୂର୍ବରୁ ଆବେଦନ କରିବା ଉଚିତ୍।

| କ୍ରମ ସଂ. | ମଣ୍ଡଳ/କାର୍ଯ୍ୟାଳୟ | କାହା ନିକଟରେ ଆବେଦନ କରାଯିବ |
|---|---|---|
| 1. | ଖୋର୍ଦ୍ଧା ରୋଡ଼ | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସା/ପୋଷ୍ଟ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-752050 ଇମେଲ୍ ଠିକଣା- srdpo@kur.railnet.gov.in, dpoofficekur@gmail.com, ଫ୍ୟାକ୍ସ ନଂ.: 0674-2491198 |
| 2. | ୱାଲ୍ଟିୟର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ଦୋଣ୍ଡାପାର୍ଥୀ, ବିଶାଖାପାଟଣା, ଅନ୍ଧ୍ରପ୍ରଦେଶ-530016 ଇମେଲ୍ ଠିକଣା- srdpowat@rediffmail.com, ଫ୍ୟାକ୍ସ ନଂ.: 0891-2549992 |
| 3. | ସମ୍ବଲପୁର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ପୋଷ୍ଟ: ମୋଦିପଡ଼ା, ସମ୍ବଲପୁର, ଓଡ଼ିଶା-768002 ଇମେଲ୍ ଠିକଣା- dpo_sbp@sbp.railnet.gov.in, dposbp06@gmail.com, ଫ୍ୟାକ୍ସ ନଂ.: 0663-2402501 |
| 4. | ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର | କାରଖାନା କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର, ଭୁବେନଶ୍ୱର-751017 ଇମେଲ୍ ଠିକଣା- cwmmcsw@gmail.com, wpomcs@gmail.com, ଫ୍ୟାକ୍ସ ନଂ.: 0674-2748702 |
| 5. | ନିର୍ମାଣ ସଂଗଠନ | ଉପ ମୁଖ୍ୟ କାର୍ମିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ରେଳ ବିହାର, ଚନ୍ଦ୍ରଶେଖରପୁର, ଭବନେଶ୍ୱର-751023 ଇମେଲ୍ ଠିକଣା- spoconbbs.ecor@gmail.com, ଫ୍ୟାକ୍ସ ନଂ.: 0674-2300437 |
| 6. | ମୁଖ୍ୟାଳୟ/ଭୁବନେଶ୍ୱର | ଉପ ମୁଖ୍ୟ କାର୍ମିକ ଅଧିକାରୀ (IR&W), ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହାଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା- dycpoirecor@gmail.com, ଫ୍ୟାକ୍ସ ନଂ.: 0674-2300031 |

ସେହିମାନଙ୍କୁ ଅନୁରୋଧ କରାଯାଉଅଛି, ଯେଉଁମାନଙ୍କର ବହୁ ଦିନ ଧରି କୌଣସି ପଡ଼ି ରହିଥିବା ପେନ୍‌ସନ୍/ସେଟଲମେଣ୍ଟ ପାଉଣା (Settlement dues)/ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ କୌଣସି ଦେୟ କ୍ଷେତ୍ରରେ ସେମାନେ ସେହି ସଂପୃକ୍ତ କାର୍ମିକ ଅଧିକାରୀମାନଙ୍କ ନିକଟକୁ ସେମାନଙ୍କ ଅଭିଯୋଗଗୁଡ଼ିକୁ ପଠାନ୍ତୁ, ଯାହାଙ୍କ ଅଧିନରେ ସେମାନେ ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ ସମ୍ପାଦନ କରିଥିଲେ।

**ପେନ୍‌ସନ୍ ଅଦାଲତ - 2018 ନିମନ୍ତେ ଅବେଦନ ପ୍ରୋଫର୍ମା**
1. ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ନାମ:
2. ପିତା/ସ୍ୱାମୀଙ୍କ ନାମ:
3. ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ କରିଥିବା ଷ୍ଟେସନ ଏବଂ କାର୍ଯ୍ୟାଳୟ:
4. ଅନ୍ତିମ ପର୍ଯ୍ୟାୟରେ ଅବସ୍ଥାପିତ ପଦବୀର ନାମ ଏବଂ ଗ୍ରେଡ୍ ପେ:
5. ଅବସର/ମୃତ୍ୟୁ/ସ୍ୱେଚ୍ଛାକୃତ ଅବସର/ଟେକ୍‌ନିକାଲ୍ ତ୍ୟାଗପତ୍ର ତାରିଖ:
6. ପି.ପି.ଓ (P.P.O.) ସଂଖ୍ୟା କିମ୍ବା ପେନ୍‌ସନ୍ ମଞ୍ଜୁରୀ ନ ହେବା ସ୍ଥଳେ ପି.ଏଫ୍. (P.F) ଆକାଉଣ୍ଟ ନମ୍ବର, ଷ୍ଟାଫ/ଟିକେଟ ନମ୍ବର:
7. ଅଭିଯୋଗ (ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବା ଆବଶ୍ୟକ)। ଯଦି ଏ ସମ୍ବନ୍ଧରେ ରେଳବାଇ ତରଫରୁ କୌଣସି ପୂର୍ବ ପ୍ରସଙ୍ଗ ଥାଏ, ତେବେ ତାହା ଉଲ୍ଲେଖ କରନ୍ତୁ:
8. ଆବେଦନକାରୀଙ୍କ ନାମ, ଠିକଣା ଏବଂ ଟେଲିଫୋନ୍ ନମ୍ବର:
9. ଆବେଦନକାରୀଙ୍କ ସ୍ୱାକ୍ଷର:

ଦ୍ରଷ୍ଟବ୍ୟ: ଅନୁକମ୍ପାମୂଳକ ନିଯୁକ୍ତି, ରେଲୱେ କ୍ୱାର୍ଟର ଧାରଣ, ଦଣ୍ଡନୀୟ/କ୍ଷତିପୂର୍ତ୍ତି ଭଡ଼ା ଆଦାୟ, ଓଟି (OT), ଟିଏ (TA) ଇତ୍ୟାଦି ଭଳି ମାମଲାଗୁଡ଼ିକ ପେନ୍‌ସନ୍ ଅଦାଲତ ପରିସରଭୁକ୍ତ ହେବ ନାହିଁ।

PR-322/J/18-19 — ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର



See Career Appointment on every Wednesday & Saturday



**ମୌସୁମୀର ବୃଷ୍ଟିପାତ**
ନିଜ ସାଙ୍ଗରେ ଆଣିଥାଏ, ରୋଗ ସହସ୍ରାଧିକ...

ବର୍ଷାଋତୁରେ କୀଟାଣୁ, ବ୍ୟାକ୍ଟେରିଆ, ଭାଇରସ୍ ବଢ଼ିଯାଇଥାନ୍ତି। ଦୁର୍ବଳ ଇମ୍ୟୁନ୍ ସିଷ୍ଟମ୍ ସେଗୁଡ଼ିକୁ ପ୍ରତିରୋଧ କରିପାରେ ନାହିଁ, ତେଣୁ ବର୍ଷାଋତୁରେ ଅନେକ ରୋଗ ହୋଇଥାଏ । ନିଜର ରୋଗ ପ୍ରତିରୋଧକ ଶକ୍ତି (Immunity) ସୁଦୃଢ଼ ରଖନ୍ତୁ ଓ ସହସ୍ରାଧିକ ରୋଗରୁ ସୁରକ୍ଷିତ ରୁହନ୍ତୁ।




ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ

JOLLY **ତୁଳସୀ 51 ଡ୍ରପ୍‌ସ**
ଏକ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
କେବଳ 5 ବୁନ୍ଦା ଦୈନିକ ପିଅନ୍ତୁ, ସୁସ୍ଥ ନୀରୋଗୀ ଜିଅନ୍ତୁ...



ବାସ୍ତବିକ ଅନୁଭବ: ମୁଁ ରାଜ ଗୋସ୍ୱାମୀ, 30 ବର୍ଷ, ଯୋଧପୁର (ରାଜସ୍ଥାନ)ର ବାସିନ୍ଦା। ମୋ ଦୋକାନ ମେନ୍ ରୋଡ୍ ଉପରେ ଅଛି। ପ୍ରଦୂଷଣ ଓ ଧୂଳି ମାଟି କାରଣରୁ ଆଲର୍ଜିରୁ କାଶ, ଥଣ୍ଡା ରହିବାକୁ ଲାଗିଲା, ଅନେକ ଔଷଧ ଖାଇଲି କିନ୍ତୁ କିଛି ପ୍ରଭାବ ପଡ଼ିଲା ନାହିଁ। ବିଗତ ଏକମାସ ଧରି ଜୋଲି ତୁଳସୀ 51 ଡ୍ରପ୍‌ସ ପ୍ରୟୋଗ କରୁଛି ଏବଂ ମୋତେ ପ୍ରଥମ ଦିନରୁ ହିଁ ସକାରାତ୍ମକ ପରିଣାମ ମିଳିଲା । ଏବେ କାଶ, ଥଣ୍ଡା, ଆଲର୍ଜି ଉପରେ ପୁରାପୁରି କଣ୍ଟ୍ରୋଲ ରହିପାରୁଛି ।

"ଜୋଲି ତୁଳସୀ 51 ଡ୍ରପ୍‌ସ"ର ଅଭୂତପୂର୍ବ ଲୋକପ୍ରିୟତା କାରଣରୁ ବଜାରରେ ଏକା ସଦୃଶ ନାମରେ ଅନେକ କେମିକାଲଯୁକ୍ତ ତୁଳସୀ ଡ୍ରପ୍‌ସ ଉପଲବ୍ଧ ହେଉଛି, କିଣିବା ସମୟରେ 'ତୁଳସୀ' ନୁହେଁ ଅସଲି "ଜୋଲି ତୁଳସୀ 51 ଡ୍ରପ୍‌ସ" ହିଁ ମାଗନ୍ତୁ। Helpline» 0161-520-1588
ପ୍ରତ୍ୟେକ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ | Buy Online @ www.jollytulsi51.com



Nagaland State Lotteries
ଶ୍ରୀ SHRI RAKHI BUMPER



MRP ₹ 1000/-
POSTAGE FREE
1st Prize ₹ 2 CRORES
3rd Draw on 27.08.2018
2nd Prize ₹ 1 CRORE (₹ 50 Lakhs x 2 Prizes)
And Many More Attractive Prizes
Issued by: The Director, Nagaland State Lotteries
Tickets will be sent by Regd. Post. Please send BANK DRAFT / MONEY ORDER with full ADDRESS and PIN CODE to the following address
Patrons are requested to give their Mobile nos., So that delivery of tickets are done without hassle
AREA STOCKIST VIRA AGENCY 173 M.G. ROAD, KOLKATA-700007 Ph: 033-22680568 / 9874285573

ଅତିମାନସ ଶକ୍ତି, ଚେତନା ଓ ଆଲୋକର ପୃଥିବୀ ଉପରେ ଅବତରଣ ଆଉ ଏକ ପ୍ରତିଶ୍ରୁତି ହୋଇ ରହିନାହିଁ। କିନ୍ତୁ ଏହା ହୋଇ ଉଠିଛି ଏକ ଜୀବନ୍ତ ସତ୍ୟ ଓ ବାସ୍ତବତା। ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ଏପରି ଦିନ ଆସିବ ଯେତେବେଳେ କି ସବୁଠାରୁ ଦୃଷ୍ଟିହୀନ, ଅଜ୍ଞାନ, ଅଚେତନ ଓ ଅମାନିଆ ଲୋକ ବି ତାକୁ ଚିହ୍ନିପାରିବ।
—ଶ୍ରୀମା

# ଦୁଇ ଅମର ଆତ୍ମା



ଆକାର ପଟେଲ

ନିକଟରେ ଦୁଇ ପ୍ରସିଦ୍ଧ ବ୍ୟକ୍ତିଙ୍କର ପରଲୋକ ଘଟିଛି ଏବଂ ସେମାନଙ୍କ ବିଷୟରେ ଅନେକ କଥା ଲେଖାଗଲାଣି। କେହି ବ୍ୟକ୍ତି ସ୍ୱର୍ଗାରୋହଣ କଲେ ତାଙ୍କର କେବଳ ଭଲ ଗୁଣଗୁଡ଼ିକ ହିଁ ଆଲୋଚନା କରିବା ଆମ ଦେଶର ପରମ୍ପରା। କିନ୍ତୁ ବାସ୍ତବରେ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ନୁହନ୍ତି। ଏ ଦିଗରେ ଆମେ ସଚ୍ଚୋଟତା ଅବଲମ୍ବନ କରିବା ଆବଶ୍ୟକ। ସେହି ଦୃଷ୍ଟିରୁ ପ୍ରୟାତ ଦୁଇ ବ୍ୟକ୍ତିତ୍ୱଙ୍କ କେତେକ ଦିଗ ଉପରେ କିଞ୍ଚିତ୍ ଆଲୋଚନା କରିବା ସମୀଚୀନ ମନେକରେ। ପ୍ରଥମେ ଭି.ଏସ୍. ନୈପଲଙ୍କ ବିଷୟରେ ଆଲୋଚନା କରିବା। ଗତ ୧୧ ତାରଖରେ ୮୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ତାଙ୍କର ପ୍ରଥମ ନାମ ହେଉଛି ବିଦ୍ୟାଧର ଏବଂ ସେ ତ୍ରିନିଦାଦରୁ ଆସିଥିଲେ। ଉକ୍ତ ସ୍ଥାନ ସହ ଭାରତୀୟମାନେ ପରିଚିତ କାରଣ ଏହା ସୁନୀଲ ନାରିଏନ ଓ ଦିନେଶ ରାମଦିନଙ୍କ ପରି ଭାରତୀୟ ବଂଶୋଦ୍ଭବ କ୍ରିକେଟରଙ୍କ ଜନ୍ମସ୍ଥାନ। ଏମାନଙ୍କ ପୂର୍ବପୁରୁଷ ବିହାରର ବାସିନ୍ଦା ଥିଲେ। ପ୍ରାୟ ଦେଢ଼ ଶହ ବର୍ଷ ତଳେ ସେମାନେ ଦାଦନ ଶ୍ରମିକ ଭାବେ ଆଖୁକ୍ଷେତରେ କାମ କରିବା ପାଇଁ ୱେଷ୍ଟଇଣ୍ଡିଜ୍ ଚାଲିଯାଇଥିଲେ। ଚୁକ୍ତି ଅବଧି ସରିଯିବା ପରେ ଘରକୁ ଫେରିବା ପାଇଁ ଆବଶ୍ୟକ ଟଙ୍କା ଅଭାବରୁ ସେମାନେ ଆଉ ଫେରିପାରି ନ ଥିଲେ। ସେଠାରେ ରହି ସେମାନେ ନିଜସ୍ୱ ଇଣ୍ଡୋ-କାରିବିୟାନ୍ ସଂସ୍କୃତିର ବିକାଶ ଘଟାଇଥିଲେ। ନୈପଲ ସ୍ପାନିଶ୍ ଓ ଇଂଲିଶ୍ ଜାଣିଥିଲେ କିନ୍ତୁ କୌଣସି ଭାରତୀୟ ଭାଷା ଜାଣି ନ ଥିଲେ।

ସେ ମେଧାବୃତ୍ତି ପାଇ ଅକ୍ସଫୋର୍ଡରେ ପଢ଼ିବା ପରେ ବିବିସିରେ ଲଣ୍ଡନରେ କାମ କରୁଥିଲେ। ୨୦ରୁ ୩୦ ବର୍ଷ ବୟସ ଭିତରେ ସେ ଉପନ୍ୟାସ ଓ ଭ୍ରମଣ ପୁସ୍ତକ ଲେଖିବାକୁ ଆରମ୍ଭ କରିଥିଲେ। ଏଗୁଡ଼ିକରେ ସେ ବିଭିନ୍ନ ସଂସ୍କୃତି, ସେଥିରେ ଥିବା ପାର୍ଥକ୍ୟ ଓ ଦୋଷତ୍ରୁଟି ବିଷୟରେ ଲେଖିଛନ୍ତି। ତାଙ୍କର ପର୍ଯ୍ୟବେକ୍ଷଣର ଅସମ୍ଭବ କ୍ଷମତା ଥିଲା। ଏହିପରି ପର୍ଯ୍ୟବେକ୍ଷଣ କ୍ଷମତା ଭାରତୀୟଙ୍କର ନାହିଁ ବୋଲି ସେ ମତ ଦେଇଥିଲେ। ଯେଉଁ ଭାରତୀୟମାନେ ବିଦେଶ ଯାଉଛନ୍ତି, ସେମାନେ ସେଠାକାର ସଂସ୍କୃତି ଓ ନିଜ ସଂସ୍କୃତି ମଧ୍ୟରେ ଥିବା ପ୍ରଭେଦ ବାରିପାରୁ ନାହାନ୍ତି। ଅନେକ ଦୃଷ୍ଟିରୁ ସେମାନେ ବିଶ୍ୱ ବିଷୟରେ ଅଜ୍ଞ। ୧୯୬୦ରେ ସେ ଯେତେବେଳେ ଭାରତ ଆସିଲେ, ବୁଝିପାରିଲେ ନାହିଁ ଏହା ଏତେ ଅପରିଚ୍ଛନ୍ନ କାହିଁକି। ଭାରତ ସମ୍ବନ୍ଧରେ ତାଙ୍କର ପ୍ରଥମ ପୁସ୍ତକ 'An Area of Darkness' (ଅନ୍ଧାରି ମୁଲକ)ରେ ସେ ଭାରତରେ ଅଧିକାଂଶ ଜିନିଷ କେମିତି ଖରାପ ସେ ବିଷୟରେ ସେ ଲେଖିଛନ୍ତି। ଭାରତରେ ସେ ଯାହା ଦେଖିଲେ ସେଥିରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, କାରଣ ତାଙ୍କର ମାଆବାପା ଓ ସମ୍ପର୍କୀୟମାନେ ତାଙ୍କ ମନରେ ଏମିତି ଧାରଣା ଦେଇଥିଲେ, ଯେମିତି କି ଭାରତ ଏକ ସ୍ୱପ୍ନପୁରୀ।

ନୈପଲଙ୍କ ବହି ପଢ଼ିଥିବା କୌଣସି ଭାରତୀୟଙ୍କ ନଜରରେ ସେ ମହାନ୍ ହୋଇ ରହିଲେ ନାହିଁ। ଅବଶ୍ୟ ବେଶି ଲୋକ ତାଙ୍କ ବହି ପଢ଼ି ନ ଥିଲେ। ସେମାନେ ଗଣମାଧ୍ୟମରୁ ତାଙ୍କ ବିଷୟରେ ଓ ତାଙ୍କ ବହି ସମ୍ବନ୍ଧରେ ଯାହା ଜାଣିଥିଲେ। ଭାରତୀୟଙ୍କ ବିରୋଧରେ ନୈପଲଙ୍କ ଆଉ ଏକ ଅଭିଯୋଗ ଯେ ସେମାନେ କିଛି ପଢ଼ନ୍ତି ନାହିଁ। ଗାନ୍ଧୀ ଓ ନେହେରୁଙ୍କ ଆତ୍ମଜୀବନୀ ବି ଅଧିକାଂଶ ଭାରତୀୟ ପଢ଼ିନାହାନ୍ତି ବୋଲି ସେ ଦାବି କରନ୍ତି। ବମ୍ବେର କବି ନସ୍ସିମ ଏଜ୍‌କିଏଲ ନୈପଲଙ୍କ ଭାରତବିରୋଧୀ ବହି ପଢ଼ିବା ପରେ ତା'ର ପ୍ରତିକ୍ରିୟାରେ ଲେଖିଲେ 'Naipaul's India And Mine' (ନୈପଲଙ୍କ ଭାରତ ଓ ମୋ ଭାରତ)। ତଥାପି ନୈପଲ ତାଙ୍କର ଭାରତବିରୋଧୀ ଚିନ୍ତାଧାରା ଛାଡ଼ିଲେ ନାହିଁ। ସେ ଏହି ଉପସଂହାରରେ ପହଞ୍ଚିଲେ ଯେ ଶହ ଶହ ବର୍ଷ ଧରି ମୁସଲମାନ ଶାସନାଧୀନ ହୋଇ ହିନ୍ଦୁମାନେ ଦୁର୍ବଳ, ମୂର୍ଖ ଓ ପର୍ଯ୍ୟବେକ୍ଷଣକ୍ଷମତାହୀନ ହୋଇଯାଇଛନ୍ତି। ବାବ୍ରି ମସ୍‌ଜିଦ ବିରୋଧୀ ଆନ୍ଦୋଳନକୁ ସେ ହିନ୍ଦୁମାନଙ୍କ ଉତ୍ଥାନର ସଙ୍କେତ ବୋଲି କହିଥିଲେ। ଏହା କହିବା ସତ୍ତ୍ୱେ ଭାରତରେ ତାଙ୍କୁ ବହୁଲୋକ ଘୃଣା କରନ୍ତି। ଅବଶ୍ୟ ଭାରତ ସମ୍ବନ୍ଧରେ ନୈପଲ ଯାହାସବୁ କହିଛନ୍ତି, ତାହା ସପକ୍ଷରେ ତାଙ୍କ ପାଖରେ କୌଣସି ପ୍ରମାଣ ନାହିଁ, ସେ କେବଳ ଯାହା ଅନୁଭବ କରିଛନ୍ତି ତାହା ଲେଖିଛନ୍ତି।

ଏବେ ଆମେ ଆସିବା ଅନ୍ୟତମ ବିଖ୍ୟାତ ବ୍ୟକ୍ତି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପାଖକୁ, ଯିଏ ନିକଟରେ ଆମକୁ ଛାଡ଼ି ଚାଲିଯାଇଛନ୍ତି। ସମସ୍ତେ ଜାଣନ୍ତି ସେ ଜଣେ ଭଦ୍ରଲୋକ, ତାଙ୍କ ଦଳର ଅନ୍ୟ ସମସ୍ତଙ୍କଠାରୁ ଅଲଗା। ସବୁ ଦଳର ଲୋକ ବାଜପେୟୀଙ୍କ ପ୍ରଶଂସା କରନ୍ତି। ସଂଖ୍ୟାଲଘୁଙ୍କୁ ଟାର୍ଗେଟ୍ କରୁଥିବା ସଂସ୍କାର ଓ ରାଜନୀତିକ ପୃଷ୍ଠଭୂମିରୁ ଆସିଥିଲେ ବି ତାଙ୍କୁ ଜଣେ ଉଦାରବାଦୀ ବୋଲି ବିଶ୍ୱାସ କରାଯାଏ। ତାଙ୍କ ସମୟରେ ଜମ୍ମୁ-କଶ୍ମୀରରୁ ସ୍ୱୟଂଶାସନ ବ୍ୟବସ୍ଥା ଉଠାଇଦେବା ପ୍ରଭୃତି ତିନୋଟି ମୁଖ୍ୟ ରାଜନୈତିକ ପ୍ରସଙ୍ଗ ଉଠିଥିଲା। ସେ ଏସବୁ ପ୍ରସଙ୍ଗ ଆଗକୁ ଆଣିବା ସହ ଏଲ୍.କେ. ଆଡ୍‌ଭାନୀଙ୍କ ସହଯୋଗରେ ଭାରତୀୟ ରାଜନୀତିରେ ଏକ ଶକ୍ତିଶାଳୀ ଧର୍ମଭିତ୍ତିକ ମନୋଭାବ ଭର୍ତ୍ତି କରିପାରିଥିଲେ। ବାଜପେୟୀ ଓ ଆଡ୍‌ଭାନୀଙ୍କ ଏଭଳି କାର୍ଯ୍ୟ ଦ୍ୱାରା ଭାଜପା ଅନ୍ୟତମ ମୁଖ୍ୟ ରାଜନୈତିକ ଦଳର ମାନ୍ୟତା ପାଇପାରିଥିଲା।

ବାଜପେୟୀ ହିନ୍ଦୁତ୍ୱରେ ଗଭୀରଭାବେ ବିଶ୍ୱାସ କରୁଥିଲେ କିନ୍ତୁ ସେ ହିଂସାକୁ ପସନ୍ଦ କରୁ ନ ଥିଲେ। ସେଥିପାଇଁ ଏନ୍‌ଡିଏର ପ୍ରଥମ ପାଳି ସରକାରରେ ଗୋରକ୍ଷକ ହିଂସା ଦେଖାଯାଇ ନ ଥିଲା। ବାଜପେୟୀଙ୍କ ଏହି ଉଦାରବାଦୀ ଚିନ୍ତାଧାରା ଯୋଗୁ ଜର୍ଜ ଫର୍ନାଣ୍ଡିଜ୍ ଓ ମମତା ବାନାର୍ଜୀଙ୍କ ପରି ନେତା ତାଙ୍କ ସରକାରରେ ଯୋଗ ଦେଇଥିଲେ। ଗୋଧ୍ରା ହିଂସାକାଣ୍ଡ ପରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀଙ୍କୁ ବିତାଡ଼ିତ କରିବାକୁ ଚାହିଁଥିଲେ, ଯାହା ଆର୍‌ଏସ୍‌ଏସ୍‌ର କାର୍ଯ୍ୟକର୍ତ୍ତାମାନେ କରାଇଦେଇ ନ ଥିଲେ।

Email: aakar.patel@gmail.com

## su|do|ku ସୁ-ଡୋ-କୁ

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

# ପ୍ରଚାର ବିମୁଖ ସେବା



ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

ନିଜକୁ ଜଣାଇବା ପାଇଁ ଏଠାରେ ଅସମ୍ଭବ ଭିଡ଼। ଜଣେ ଅନ୍ୟ ଜଣଙ୍କୁ ପଛରେ ପକାଇ ଆଗକୁ ମାଡ଼ିଯିବା ପାଇଁ ଯେଉଁ ପାଗଳ ପ୍ରତିଯୋଗିତା ଚାଲିଛି, ତାହା ଦେଖିଲେ ମନେହେବ ଯେ ଏହା ବାହାରେ ନିଜକୁ ଅଜଣା ରଖୁଥିବା କେହି ଲୋକ ନ ଥିବେ। ଶଠତା, ପ୍ରବଞ୍ଚନା ଆଦି ଯାବତୀୟ ଅନାଚାରରେ ନିରନ୍ତର ଘାଣ୍ଟି ହେଉଥିବା ଆମ ସାଂସ୍କୃତିକ ସମାଜ ଅଧୁନା ଯେଉଁ ନୂଆ ବ୍ୟାଧିରେ ସଂକ୍ରମିତ ହୋଇଛି, ତାହା ହେଲା ଆତ୍ମପ୍ରଚାର। ନେତାଙ୍କଠୁ ପ୍ରଶାସକଙ୍କ ଯାଏ କଳାକାରଙ୍କଠୁ ସାହିତ୍ୟିକଙ୍କ ପର୍ଯ୍ୟନ୍ତ ସଭିଏଁ ନିଜ ନିଜକୁ ବିଦିତ କରିବାକୁ ତତ୍ପର। ନିଜ ଆଦର୍ଶ ଓ ଆଚରଣ ମଧ୍ୟରେ ଯେତେ ପ୍ରଭେଦ ଥାଉ ପଛେ ନିଜ ଦର୍ପଣରେ ନିଜ ମୁହଁଟି ଯେତେ ଅସୁନ୍ଦର ଦିଶୁଥାଉ ପଛେ, ଗଣଦର୍ପଣରେ ନିଜର ଏକ ସୁନ୍ଦର ପ୍ରତିଫଳନ ପାଇଁ ସମସ୍ତେ ବ୍ୟଗ୍ର। ତଥାପି ଏହି ପ୍ରଚାର ସର୍ବସ୍ୱ ସଂସାରରେ କାଁ ଭାଁ କେଇଜଣ ଆତଯାତ ହୁଅନ୍ତି, ଯେଉଁମାନେ ଅତ୍ୟନ୍ତ ଅପ୍ରଚାରିତ ଓ ଅପ୍ରକଟିତ ଭାବେ ଏମିତି କିଛି କରନ୍ତି, ଯାହାର ପଟାନ୍ତର ନ ଥାଏ।

ବୟସ ତାଙ୍କର ସତୁରିରୁ ଅଧିକ ହେଲାଣି। ନିପଟ ମଫସଲର ବାସିନ୍ଦା। ଶିକ୍ଷା ବୋଇଲେ ଶ୍ରୀଅକ୍ଷର ବିବର୍ଜିତ। ମଧୁ ଅଜା ନାମରେ ବିଦିତ ଏହି ବୃଦ୍ଧଙ୍କ ପାଇଁ ବୃକ୍ଷରୋପଣ ଏକ ଜୀବନକାଳର ସାଧନା। ସକାଳୁ ଉଠି ହାତରେ କୋଦାଳଟିଏ ଧରି ଯା ବାଡି ତା' ବଗିଚାରେ ପଶି ବିଭିନ୍ନ କିସମର ଚାରାଗଛ ସଂଗ୍ରହ କରି ନିଜ ଗାଁକୁ ସଂଯୋଗ କରୁଥିବା ସଡକ ଧାରରେ ରୋପଣ କରନ୍ତି। କେବଳ ଗଛ ଲଗାଇବାରେ ତାଙ୍କ କାର୍ଯ୍ୟ ସରିଯାଏନାହିଁ। ଗାଈଗୋରୁଙ୍କ ମୁହଁରୁ ତାକୁ ରକ୍ଷା କରିବା ପାଇଁ ସେ ତା' ଚାରିପଟେ ବାଡ ଦିଅନ୍ତି ଓ ଗଛଟି ଚେର ଭିଡିବା ଯାଏ ତା' ମୂଳରେ ପାଣି ଦେଇଚାଲନ୍ତି। ସାମାଜିକ ବନୀକରଣ ସଂସ୍ଥା ଦ୍ୱାରା ପରିଚାଳିତ ନର୍ସରୀରୁ ଚାରା ସଂଗ୍ରହ କରି ମଧୁ ଅଜା କେବଳ ନିଜ ଗାଁ ସଡକ ନୁହେଁ ଆଖପାଖ କେଇଖଣ୍ଡ ଗାଁର ସଡକ ଧାରରେ ଏମିତି କେତେ ଗଛ ଠିଆ କରାଇ ସାରିଲେଣି। ତାହାର ହିସାବ ସେ ନିଜେ ମଧ୍ୟ ରଖିନାହାନ୍ତି।

ବଡ ବିଚିତ୍ର ଏହି ମହାନ୍ ବୃଦ୍ଧଙ୍କର ଜୀବନ ତପସ୍ୟା। ଏକ ବୃକ୍ଷବିହୀନ ପୃଥିବୀର ସମ୍ଭାବ୍ୟ ବିଭୀଷିକା ସମ୍ପର୍କରେ ସେ ଜାଣିଥିବେ ବୋଲି ବିଶ୍ୱାସ ହୁଏନା। ଏ ସମ୍ପର୍କରେ ପ୍ରଚୁର ବିଜ୍ଞତା ହାସଲ କରିଥିବା ଆମ ଭଳି ସଭ୍ୟ, ଶିକ୍ଷିତ, ଆଧୁନିକ ଲୋକମାନେ ସହରର ଡ୍ରଇଂରୁମ୍‌ରେ ବସି ଖବରକାଗଜ ପଢୁଥିଲା ବେଳେ ଏକ ଭୟଙ୍କର ଭବିଷ୍ୟତକୁ ଆଖି ଆଗରେ ଦେଖି ଭୟରେ ଶିହରି ଉଠୁ। ସ୍କୁଲ କଲେଜମାନଙ୍କରେ ବୃକ୍ଷରୋପଣର ବର୍ଣ୍ଣାଢ୍ୟ ସମାରୋହରେ ବକ୍ତୃତା ଦେଇ ଶ୍ରୋତୃମଣ୍ଡଳୀକୁ ଚମକାଇ ଦେଉ। ଭାଷଣପର୍ବ ପରେ ନିଜ ଶ୍ରୀହସ୍ତରେ ଚାରାଟିଏ ରୋପଣ କଲାବେଳେ କ୍ୟାମେରା ଆଡକୁ ଚାହିଁ ମୁହଁରେ ମୃଦୁ ହସ ଖେଳାଉ ଓ ପରେ ପରେ ଫେରିଆସୁ ନିଜ ଗାଡିର କଳାଧୂଆଁ ଛାଡି। ପୂର୍ବରୁ ଛିଡା ହୋଇଥିବା ଆଉ କେତୋଟି ବୃକ୍ଷର ବିନାଶ ନିଶ୍ଚିତ କରି। ପ୍ରତିବର୍ଷ ଏହି ବୃକ୍ଷରୋପଣ ଋତୁରେ ରୋପିତ ହେଉଥିବା ହଜାର ହଜାର ଚାରା ମଧ୍ୟରୁ ସପ୍ତାହେ ବା ଦୁଇ ସପ୍ତାହ ପରେ କେତୋଟି ବଞ୍ଚିଥାଏ, ତାହାର ହିସାବ ରଖିବାକୁ ଆମର ସମୟ କି ସ୍ପୃହା ନ ଥାଏ। ଅଥଚ ଶିକ୍ଷା, ସଭ୍ୟତା ଓ ଆଧୁନିକତାର ମୁକୁଟ ପିନ୍ଧି ବଡ ବୋଲାଉଥିବା ଆମ ଭଳି ସମ୍ଭ୍ରାନ୍ତମାନଙ୍କ ପ୍ରଚାର ସର୍ବସ୍ୱ ପରିଚୟ ଫିକା ପଡିଯାଏ ଏହି ଅସଭ୍ୟ, ଅଶିକ୍ଷିତ ଓ ପ୍ରଚାରବିମୁଖ ଗାଉଁଲି ବୃଦ୍ଧଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଆଗରେ।

ପ୍ରାୟ ଦଶମାସ ତଳୁ ବନ୍ଦ ହୋଇଯାଇଥିବା ଅମିତାଭ ବଚ୍ଚନଙ୍କ କୌନ ବନେଗା କରୋଡପତିର ଶେଷ ପର୍ଯ୍ୟାୟରେ ଗାୟତ୍ରୀ ନାମକ ଜଣେ ତରୁଣୀ ବଚ୍ଚନଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପ୍ରାୟ ପାଞ୍ଚଲକ୍ଷ ଟଙ୍କା ଜିତି ସାରିଲା ପରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା, 'ଏତେ ବିପୁଳ ପରିମାଣର ଅର୍ଥ ନେଇ ତୁମେ କ'ଣ କରିବ'? ଉତ୍ତରରେ ସେ ଯାହା କହିଥିଲେ, ତାହା ଭିତରେ ଲୁଚି ରହିଥିଲା ଉଜ୍ଜୟନୀ ନିକଟସ୍ଥ ଏକ ଛୋଟ ଗାଁରୁ ଆସିଥିବା ଗାୟତ୍ରୀଙ୍କ ବଡ କାମର ବିଶାଳ ଏକ ପରିଚୟ। ଝିଅମାନଙ୍କ ପାଠପଢାକୁ ବରଦାସ୍ତ କରାଯାଉ ନ ଥିବା ଗାଁରେ ଜନ୍ମ ହୋଇଥିଲେ ଗାୟତ୍ରୀ। ବଡ କଷ୍ଟରେ ମାଟ୍ରିକ ପାସ୍ କରିଥିଲେ। ତାଙ୍କ ଯୋଗ୍ୟତା ପାଇଁ ଯେତେବେଳେ ତାଙ୍କୁ ଶିକ୍ଷକତା କରିବାକୁ ସରକାରୀ ନିଯୁକ୍ତି ମିଳିଲା, ପରିବାର ସହିତ ଅନ୍ୟ ସଭିଙ୍କୁ ଚମକାଇ ଦେଇ ସେ ଚାକିରି କରିବାକୁ ନିଜ ଗାଁ ବାହାରକୁ ଯିବେ ନାହିଁ ବୋଲି ନିଷ୍ପତ୍ତି ନେଲେ। ତାଙ୍କ ଆଖି ପଡିଲା ନିଜ ଗାଁର ଝିଅପିଲାଙ୍କ ଉପରେ, ଯେଉଁମାନଙ୍କ ପାଇଁ ବିଦ୍ୟାଳୟ ଥିଲା ଅଲିଖିତ ବାରଣ। ସେମାନଙ୍କୁ ନିଜ ଉଦ୍ୟମରେ ସାକ୍ଷର କରିବାକୁ ସେ ଶପଥ ନେଲେ। ଗାଁର ରୂଢ଼ିବାଦୀ ମୁରବିମାନଙ୍କ ନିର୍ଦ୍ଦେଶ ବିରୋଧରେ ଯାଇ ସେ ସେମାନଙ୍କୁ ପାଠ ପଢାଇଲେ। ନିନ୍ଦା ଅପମାନର ସବୁଯାକ ବିଷ ପିଇ ନୀଳକଣ୍ଠ ସାଜିଲେ।

ଗତ ଛଅବର୍ଷ ହେଲା ଗାୟତ୍ରୀଙ୍କ ଘରଟି ଏକ ବିଦ୍ୟାଳୟରେ ପରିଣତ ହୋଇଛି। ବିଦ୍ୟାଳୟରେ ପାଦ ରଖିବାକୁ ସ୍ୱପ୍ନ ମଣୁଥିବା ଗାଁର ଝିଅମାନଙ୍କୁ ସେ ଅକ୍ଷର ଚିହ୍ନାନ୍ତି, ବହି ପଢି କାହାଣୀ ଶୁଣାନ୍ତି ଓ ସଂଖ୍ୟା ସହ ପରିଚିତ କରାନ୍ତି। ଅକ୍ଷର ଓ ସଂଖ୍ୟା ଘୋଷିବା ବେଳେ ଗାଁର ଶିଶୁକନ୍ୟାମାନଙ୍କ କୋଳାହଳରେ ତାଙ୍କ ଘରଟି ପ୍ରକମ୍ପିତ ହେଉଥାଏ।

ନିଜକୁ ଅଜଣା ରଖି ଅନ୍ୟମାନଙ୍କ ସେବାରେ ସମର୍ପିତ ରହୁଥିବା ଲୋକଙ୍କ ସଂଖ୍ୟା ପ୍ରାୟତଃ ବିରଳ। ଏମାନଙ୍କ ସାଧନା ଭିତରେ ଥାଏ କେବଳ ଅନ୍ୟମାନଙ୍କ ପାଇଁ ସୁଖ ସାଉଁଟିବାର ମୁଗ୍ଧ ଅନୁଭବ। ନିଜର ଏହି ସାଧନା ମଧ୍ୟରେ ଅନ୍ୟ ସମଭାବାପନ୍ନମାନଙ୍କୁ ସାମିଲ କରିବାର ଲକ୍ଷ୍ୟ ନେଇ ଆଜିକାଲି ବହୁ ସ୍ୱେଚ୍ଛାସେବୀ ସଂସ୍ଥା ଗଢି ଉଠିଥିଲେ ସୁଦ୍ଧା ପ୍ରଚାର ଓ ପ୍ରତିଷ୍ଠାର ପ୍ରଲୋଭନରୁ ଏମାନେ କେହି ମୁକ୍ତ ନୁହନ୍ତି। ମାତ୍ର ଏମିତି କେହି କେହି ଅଛନ୍ତି ଯେଉଁମାନଙ୍କ ବାମ ହାତର କାମ ଡାହାଣ ହାତ ଜାଣିପାରେନା। ଏ ସମ୍ପର୍କରେ ଏକ ମାର୍ମିକ କାହାଣୀ।

ରାସ୍ତାକଡର ବିଜୁଳିଖୁଣ୍ଟରେ ଲାଖିଥିବା ଖଣ୍ଡେ କାଗଜରେ ଲେଖାଥିଲା- ''ରାସ୍ତାରେ ଯାଉ ଯାଉ ଏଇଠି କେଉଁଠି ଶହେ ଟଙ୍କାର ନୋଟଟିଏ ହଜାଇ ଦେଇଛି। ମୁଁ ଜଣେ ଅଭାବୀ ଲୋକ। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି କୃପାକରି ଏ ଗଳିର ଶେଷ ମୁଣ୍ଡରେ ଥିବା ମୋ ଘରେ ଦେଇଦେଲେ ମୁଁ ଋଣୀ ରହିବି।'' ରାସ୍ତାରେ ଯାଉଥିବା ଜଣେ ଲୋକଙ୍କ ଦୃଷ୍ଟିରେ ନିବେଦନ ପତ୍ରଟି ପଡିଲା। ଏକ ବ୍ୟସ୍ତ ଚଲାପଥରେ ନୋଟଟି ତାଙ୍କୁ କାହୁଁ ବା ମିଳନ୍ତା। କ'ଣ ଭାବିଲେ କେଜାଣି ଉଲ୍ଲିଖିତ ସେଇ ଘରଟି ନିକଟରେ ପହଞ୍ଚି ଦୁଆର ଖଟ୍ ଖଟ୍ କଲେ। କବାଟ ଖୋଲିଲେ ଜଣେ ଅଶୀତିପର ବୃଦ୍ଧା, ଯାହାଙ୍କ ଚେହେରାରେ ବାର୍ଦ୍ଧକ୍ୟ ସହିତ ଦାରିଦ୍ର୍ୟର ଛାପ ସ୍ପଷ୍ଟ ବାରି ହୋଇ ପଡୁଥିଲା। ଆଗନ୍ତୁକଙ୍କ ହାତରେ ଶହେ ଟଙ୍କାର ନୋଟଟିଏ ଦେଖି ସେ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ। କହିଲେ ମୋର କିଛି ବି ଟଙ୍କା ହଜିନାହିଁ ପୁଅ। କେହି ଜଣେ ସେଇ ବିଜୁଳି ଖୁଣ୍ଟରେ କ'ଣ ଲେଖି କାଗଜଟିଏ ଲଟକାଇ ଦେଇଛି ଯେ ଆଜି ସକାଳୁ ଏ ଯାଏ ବାରଜଣ ଲୋକ ଆସି ମୋ ହଜି ନ ଥିବା ଟଙ୍କା ଫେରାଇ ଚାଲିଛନ୍ତି। ମୁଁ ଯେତେ ମନା କଲେ ବି ସେମାନେ ମାନୁନାହାନ୍ତି। ଆଉ ନୁହେଁ ବାବୁ। ଏତେ ଲୋକଙ୍କ କୃପାର ବୋଝ ମୁଁ ଆଉ ସମ୍ଭାଳି ପାରୁନାହିଁ। ଦୟାକରି ସେହି କାଗଜଟିକୁ ଖୁଣ୍ଟରୁ ହଟାଇ ଦିଅନ୍ତୁ।

ଭଦ୍ରବ୍ୟକ୍ତି ଫେରିଆସିଲେ। ଖୁଣ୍ଟରେ ଲଟକା ହୋଇଥିବା ସେଇ କାଗଜ ଖଣ୍ଡକର କର୍ତ୍ତାଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ମୁଣ୍ଡ ନଇଁ ଆସିଲା। ଅସହାୟା ବୃଦ୍ଧାଙ୍କୁ ସହାୟତା ଦେବା ପାଇଁ ଏପରି ଅଭିନବ ପ୍ରଚେଷ୍ଟା କରିଥିବା ବ୍ୟକ୍ତି ଜଣକ ହୁଅନ୍ତୁ ବା ଫଳ ଖାଇବାର ଆଶା ନ ରଖି ଗଛ ଲଗାଇ ଚାଲିଥିବା ମଧୁଅଜା ହୁଅନ୍ତୁ ଅବା ହୁଅନ୍ତୁ ନିଜ ଗାଁର ଝିଅଙ୍କୁ ସାକ୍ଷର କରିବାକୁ ଶିକ୍ଷୟିତ୍ରୀ ଚାକିରି ଛାଡିଥିବା ମଧ୍ୟପ୍ରଦେଶର ଗାୟତ୍ରୀ, ସବୁରି ଅଲକ୍ଷ୍ୟରେ ଏଇଭଳି କେଇଜଣ ଏ ସଂସାରରେ ଆତଯାତ ହେଉଛନ୍ତି ବୋଲି ତ ଏ ସଂସାର ଏତେ ସୁନ୍ଦର ଲାଗୁଛି।

ମୋ-୮୮୯୫୬୨୪୧୦୫

# ଅଧିନାୟକରୁ ଶାସନକର୍ତ୍ତା

ପାକିସ୍ତାନ କ୍ରିକେଟର ଏକଦା କ୍ୟାପ୍‌ଟେନ ରହି ବିଶ୍ୱରେ ଚହଳ ପକାଇଥିବା ଇମ୍ରାନ୍ ଖାନ୍ ୨୦୧୮ ଅଗଷ୍ଟ ୧୮ରେ ସେହି ଦେଶର ଶାସନ ଭାର ଗ୍ରହଣ କରିଛନ୍ତି। ଆତଙ୍କବାଦ, ଦୁର୍ନୀତି, ଦାରିଦ୍ର୍ୟ ଭଳି ନକାରାତ୍ମକ ଶବ୍ଦକୁ ହଟାଇବା ପାଇଁ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଏହି ନେତା ପାକିସ୍ତାନ ରାଜନୀତିରେ ଦ୍ୱିତୀୟ ଇନିଂସ୍ ଖେଳିବା ଆରମ୍ଭ କରିଛନ୍ତି। କ୍ରିକେଟରେ ସର୍ବାଧିକ ସଫଳତା ପାଇଥିବା ଏହି ରାଜନେତା ବାସ୍ତବ କ୍ଷମତା ରାଜନୀତିରେ ପ୍ରବେଶ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଶ୍ୱବ୍ୟାପୀ ଚର୍ଚ୍ଚାକୁ ଆସିଛି।

ବ୍ୟକ୍ତିତ୍ୱ



ଇମ୍ରାନ୍ ଖାନ୍

ଇମ୍ରାନ୍ ପାକିସ୍ତାନର ଲାହୋରଠାରେ ୧୯୫୨ ଅକ୍ଟୋବର ୫ରେ ଇକ୍ରାମୁଲ୍ଲା ଖାନ୍ ନିଆଜି ଓ ସୌକତ୍ ଖାନୁମ୍‌ଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ପିତା ପସ୍ତୁନ୍ (ପଠାନ୍)ର ନିଆଜି ସମ୍ପ୍ରଦାୟର ଜଣେ ମୁଖିଆ ଥିଲେ। ତାଙ୍କୁ ପଦଚ୍ୟୁତ କରାଯିବା ପରେ ପରିବାର ସହ ଇକ୍ରାମୁଲ୍ଲା ଲାହୋର ପଳାଇ ଆସିଥିଲେ। ଏହା ସତ୍ତ୍ୱେ ଇମ୍ରାନ୍ ନିଜକୁ ଆତ୍ମଜୀବନୀରେ ପଠାନ୍ ଭାବେ ଚିତ୍ରିତ କରିଛନ୍ତି। ଲାହୋରସ୍ଥିତ ଏଚିସନ୍ କଲେଜରୁ ପାଠ ପଢ଼ିବା ପରେ ଇଂଲଣ୍ଡର ରୟାଲ ଗ୍ରାମାର ସ୍କୁଲ ୱର୍ସେଷ୍ଟରରେ ନାମ ଲେଖାଇଥିଲେ। ଅକ୍ସଫୋର୍ଡର କେବ୍‌ଲେ କଲେଜରୁ ୧୯୭୫ରେ ଦର୍ଶନଶାସ୍ତ୍ର, ରାଜନୀତି ଏବଂ ଅର୍ଥନୀତିରେ ଡିଗ୍ରୀ ଅର୍ଜନ କରିଥିଲେ। ତେବେ ଇମ୍ରାନ୍‌ଙ୍କ ଯୁବାବସ୍ଥା ଅତି ରଙ୍ଗିନ୍ ଥିବା ନେଇ ସର୍ବଦା ଚର୍ଚ୍ଚା ହୋଇଥାଏ। ବହୁ ଯୁବତୀଙ୍କ ସହ ସମ୍ପର୍କ ତାଙ୍କୁ 'ପ୍ଲେବୟ'ର ଆଖ୍ୟା ଦେଇଥିଲା। ଭାରତର ଜିନତ୍ ଅମନ୍, ଇମ୍ମା ସର୍ଜେଣ୍ଟ, ସୀତା ହ୍ୱାଇଟ, ଗୋଲ୍‌ଡି ହନ୍, ମେରି ହେଲ୍‌ଭିନ୍‌ଙ୍କ ଭଳି ପ୍ରେମିକାଙ୍କ ନାମ ଗଣିଲେ ତାଲିକା ଲମ୍ବି ଚାଲିବ। କିନ୍ତୁ ୧୯୯୫ରେ ଜେମିମା ଗୋଲ୍‌ଡସ୍ମିଥ୍‌ଙ୍କ ସହ ତାଙ୍କର ପ୍ରଥମ ବିବାହ ହୋଇଥିଲା। ୯ ବର୍ଷ ପରେ ଏହି ସମ୍ପର୍କ ତୁଟି ଯାଇଥିଲା। ଜେମିମାଙ୍କଠାରୁ ତାଙ୍କର ଦୁଇ ପୁଅ ଅଛନ୍ତି। ୨୦୧୫ରେ ସେ ଟିଭି ଆଙ୍କର ରେହାମ୍ ଖାନ୍‌ଙ୍କୁ ବିବାହ କରିଥିଲେ, ଯାହା ମାତ୍ର ୧୦ ମାସ ଯାଏ ରହିଥିଲା। ଚଳିତବର୍ଷ ପ୍ରାରମ୍ଭରେ ତାଙ୍କ ଆଧ୍ୟାତ୍ମିକ ଦିଗ୍‌ଦର୍ଶକ ବୁସ୍‌ରା ମାନେକାଙ୍କୁ ସେ ବିବାହ କରିଥିଲେ।

ବ୍ୟକ୍ତିଗତ ଜୀବନରେ ବିବାଦୀୟ ଥିବା ଇମ୍ରାନ୍ କିନ୍ତୁ କ୍ରିକେଟ ଦୁନିଆରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ୧୯୭୧ରେ ପାକିସ୍ତାନ ପାଇଁ ଟେଷ୍ଟ କ୍ରିକେଟ ଖେଳିବା ସକାଶେ ସୁଯୋଗ ପାଇଥିଲେ। କ୍ରିକେଟରେ ତାଙ୍କ ଲୋକପ୍ରିୟତା ଶୀର୍ଷରେ ପହଞ୍ଚିଥିଲା, ଯେତେବେଳେ ପାକିସ୍ତାନ ୧୯୯୨ରେ ବିଶ୍ୱକପ୍ ଜିତିଥିଲା। ଜଣେ ପେସାଦାର ଖେଳାଳି ଭାବେ ଇମ୍ରାନ୍ କ୍ରିକେଟରେ ସଫଳତା ପାଇବା ପରେ ରାଜନୀତିରେ ପାଦ ଥାପିଥିଲେ। ୧୯୯୬ରେ 'ତେହେରିକ୍-ଇ-ଇନ୍‌ସାଫ୍' (ଯାହାର ଅର୍ଥ ନ୍ୟାୟ ପାଇଁ ଆନ୍ଦୋଳନ) ଦଳ ଗଢ଼ିଥିଲେ। ସାମରିକ ଶାସନ ଭିନ୍ନ ପାକିସ୍ତାନ ରାଜନୀତିରେ ଆଧିପତ୍ୟ ବିସ୍ତାର କରିଥିବା ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ଓ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)କୁ କଡ଼ା ଜବାବ ଦେବା ଲାଗି ଇମ୍ରାନ୍‌ଙ୍କ ଅଭିଯାନ ଜୋରଦାର ହୋଇଥିଲା। ୨୦୦୨ ନିର୍ବାଚନରେ ସେ ଜିତି ପାକିସ୍ତାନ ପାର୍ଲାମେଣ୍ଟର ସଦସ୍ୟ ହୋଇଥିଲେ। ୨୦୧୩ରେ ପୁଣି ସେ ନ୍ୟାଶନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ। ସେତେବେଳେ ତାଙ୍କ ଦଳ ଦ୍ୱିତୀୟ ଲୋକପ୍ରିୟ ଭୋଟ ପାଇ ପାକିସ୍ତାନ ରାଜନୀତିରେ ଚହଳ ପକାଇଥିଲା। ଏହାର ଗୋଟିଏ ବର୍ଷ ପରେ ଇମ୍ରାନ୍ ଅଭିଯୋଗ ଆଣିଥିଲେ ଯେ, ନୱାଜ ଶରିଫ୍‌ଙ୍କ ଦଳ କ୍ଷମତାର ଅପବ୍ୟବହାର କରି ନିର୍ବାଚନ ଜିତିଛି। ସେଥିପାଇଁ ଶରିଫ୍‌ଙ୍କ ଇସ୍ତଫା ଦାବି କରି ଇମ୍ରାନ୍ ତାଙ୍କ ସମର୍ଥକଙ୍କ ସହ ୨୦୧୪ ଅଗଷ୍ଟରେ ଲାହୋରଠାରୁ ଇସ୍‌ଲାମାବାଦ ଯାତ୍ରା କରିଥିଲେ। ସେତେବେଳେ ତାଙ୍କୁ ବିପୁଳ ସମର୍ଥନ ମିଳିଥିଲା। ଏହାର ସୁଯୋଗ ନେଇ ସେ କାନାଡାରେ ବାସ କରୁଥିବା ପାକିସ୍ତାନ ବଂଶୋଦ୍ଭବ ଧର୍ମଗୁରୁ ତାହିର୍-ଉଲ୍-କାଦିରଙ୍କ ସହ ମିଶି ଶରିଫ୍ ସରକାରଙ୍କୁ ବରଖାସ୍ତ କରିବା ଲାଗି ଚାପ ପକାଇଥିଲେ। ଫଳରେ ନିର୍ବାଚନ ରିଗିଂର ତଦନ୍ତ ସକାଶେ ନ୍ୟାୟିକ କମିଶନ ଗଠନ ହୋଇଥିଲା। ତେବେ ପାନାମା ପେପର୍ସରେ ଶରିଫ୍‌ଙ୍କ ନାମ ଆସିବା ଓ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ଇମ୍ରାନ୍‌ଙ୍କ ବିଜୟ ରାସ୍ତା ପ୍ରଶସ୍ତ ହୋଇଯାଇଥିଲା। ୨୦୧୮ ନିର୍ବାଚନରେ ସେ ଦୁର୍ନୀତି ହଟାଇବା, ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଏବଂ ସର୍ବୋପରି ପାକିସ୍ତାନକୁ ଏକ ଇସ୍‌ଲାମିକ୍ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ଆଦି ପ୍ରତିଶ୍ରୁତି ଦେଇଥିଲେ। ଭାରତ ସହ ବାରମ୍ବାର ସମ୍ପର୍କ ତିକ୍ତତା ରହି ଆସୁଥିବାରୁ ପାକିସ୍ତାନ ଜନସାଧାରଣ ସମ୍ଭବତଃ ଇମ୍ରାନ୍‌ଙ୍କ ନେତୃତ୍ୱକୁ ସମ୍ମାନ ଦେଇ ତାଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ଆସୀନ କରିଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ମାତ୍ର ସମାଲୋଚନା ହେଉଛି ଯେ, ଇମ୍ରାନ୍ ଯେଉଁ ନୂଆ ପାକିସ୍ତାନର ଚିନ୍ତା କରିଛନ୍ତି ତା' ପଛରେ ଶକ୍ତିଶାଳୀ ସାମରିକ ବଳ ରହିଛି। ହେଲେ ନିର୍ବାଚନରେ ବିଜୟ ହାସଲ କରିବା ପରେ ଇମ୍ରାନ୍ କହିଛନ୍ତି ଯେ ଭାରତ ସହ ତାଙ୍କ ସରକାର କଶ୍ମୀର ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରସ୍ତୁତ ଅଛି। ଏପରିକି ପାକିସ୍ତାନ ଓ ଆମେରିକା ମଧ୍ୟରେ ଏକ ସନ୍ତୁଳିତ ସମ୍ବନ୍ଧ ଏବଂ ମଧ୍ୟପ୍ରାଚ୍ୟରେ ଦୁଇ ଶତ୍ରୁ ଭାବେ ଜଣାଶୁଣା ଇରାନ୍ ଓ ସୌଦି ଆରବ ସହ ଉତ୍ତମ ସମ୍ପର୍କ ରଖିବାରେ ତାଙ୍କ ସରକାର କାର୍ଯ୍ୟ କରିବ। ଅବଶ୍ୟ ପୂର୍ବତନ ସାମରିକ ଶାସକ ପରଭେଜ୍ ମୁଶରଫ୍ ପାକିସ୍ତାନରେ ନିର୍ବାଚନ ଘୋଷଣା କରିବା ପରେ ଇମ୍ରାନ୍‌ଙ୍କ ଶାସନ କ୍ରମାଗତ ତୃତୀୟ ସରକାର ଭାବେ ଗଣତାନ୍ତ୍ରିକ ପଦ୍ଧତିରେ ଆସୀନ ହୋଇଛି। ୧୯୪୭ରେ ଦେଶ ସ୍ୱାଧୀନ ପରେ ଦୀର୍ଘ ୫୦ ବର୍ଷ ସାମରିକ ବିଦ୍ରୋହ ଯୋଗୁ ଶାସିତ ହୋଇଥିବା ପାକିସ୍ତାନକୁ ପ୍ରଧାନମନ୍ତ୍ରୀ ଇମ୍ରାନ୍ ନୂଆ ଦିଗ୍‌ଦର୍ଶନ ଦେଇ ପରିବର୍ତ୍ତନକାରୀ ହେବେ ବୋଲି ଆଶା ରହିବା ସ୍ୱାଭାବିକ।

—ଜିତେନ୍ଦ୍ର

## ଏଇ ଭାରତରେ

ପୁଣେ ଅଞ୍ଚଳରେ ଜଣେ ବ୍ୟକ୍ତି ଏବଂ ତାଙ୍କ ବାନ୍ଧବୀଙ୍କ ମଧ୍ୟରେ ଛୋଟ ଧରଣର କଳି ଲାଗିବା ପରେ ପ୍ରେମିକାକୁ ବୁଝାଇବାକୁ ଯାଇ ବ୍ୟକ୍ତିଜଣକ ଏକ ଅଭିନବ କାର୍ଯ୍ୟକ୍ରମ କରିଛନ୍ତି। ସେ ମହାରାଷ୍ଟ୍ରର ପିମ୍ପ୍ରି ଚିଞ୍ଚୱାଡ୍ ଅଞ୍ଚଳରେ ଅନେକ ପୋଷ୍ଟର ଲଗାଇଛନ୍ତି, ଯେଉଁଥିରେ ତାଙ୍କ ପ୍ରେମିକାଙ୍କ ନାମ ଲେଖି 'ମୁଁ ଦୁଃଖିତ' ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ତାଙ୍କର ଏହି ନିର୍ବୋଧ କାର୍ଯ୍ୟ ପାଇଁ ସ୍ଥାନୀୟ ପୋଲିସ କ୍ଷୁବ୍ଧ ହୋଇଛି। ପୁଣେ ନିକଟବର୍ତ୍ତୀ ପିମ୍ପ୍ରି ଚିଞ୍ଚୱାଡ୍‌ର ପିମ୍ପଲ୍ ସୌଦାଗର ଅଞ୍ଚଳର ଲୋକମାନେ ଶୁକ୍ରବାର ସକାଳୁ ଉଠିବା କ୍ଷଣି ଅନେକ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ପାଇଥିଲେ। ଏଥିରେ ବ୍ୟକ୍ତି ଜଣକ ବଡ ବଡ ଅକ୍ଷରରେ ତାଙ୍କ ପ୍ରେମିକାଙ୍କ ନାମ ଲେଖି ନିଜେ ଦୁଃଖିତ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହିତ ଲେଖା ପାର୍ଶ୍ୱରେ ଲାଲ୍ ରଙ୍ଗରେ ହୃଦୟର ସଙ୍କେତ ରହିଛି। ବିଶେଷକରି ପ୍ରମୁଖ ଟ୍ରାଫିକ୍ ଛକମାନଙ୍କରେ ଏଭଳି ପୋଷ୍ଟର ଲଗାଯାଇଥିଲା। ଏହି ବ୍ୟକ୍ତି ଜଣକ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ନୀଲେଶ ଖେଡେକର (୨୫)। ତାଙ୍କର ଏଭଳି କାର୍ଯ୍ୟ ପାଇଁ ସେ ସମସ୍ୟାରେ ପଡ଼ିଯାଇଛନ୍ତି। କାରଣ ୱାକାଡ ପୋଲିସ ଏଥିପାଇଁ ପିମ୍ପ୍ରି ଚିଞ୍ଚୱାଡ୍ ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବେଆଇନ ପୋଷ୍ଟର ଲଗାଇବା ଏବଂ ଜନସାଧାରଣଙ୍କ ସମ୍ପତ୍ତି ବିକୃତ କରିବା ଅଭିଯୋଗରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ପୌର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

## ଚିରନ୍ତନୀ

ତାହାରି ସୀମନ୍ତ ଗାର  ଦିଶେ ଚକ୍ରବାଳେ
ଚିତା ସମ ଉଁଏ ତାର  ରବିଶଶି ଭାଳେ
ତାହାରି କୁନ୍ତଳ ଧୋଇ  ସିନ୍ଧୁଜଳ ନୀଳ ହୋଇ
ତାହାରି କ୍ରନ୍ଦନ ପ୍ରତି  ଲହରୀରେ ଢାଳେ
କେଉଁ ଦୂର ମାୟା-ଚକ୍ରବାଳେ !
(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅଗଷ୍ଟ ୧୯୯୩

- ସୁଦାନକୁ ଏକ ସନ୍ତ୍ରାସବାଦୀ ରାଷ୍ଟ୍ରଭାବେ ଘୋଷଣା ପାଇଁ ଆମେରିକାର ନିଷ୍ପତ୍ତି।
- ସଂସଦ ସଦସ୍ୟମାନଙ୍କ ଅଯୋଗ୍ୟକରଣ ନିଷେଧ ସଂଶୋଧନୀ ବିଲ୍ (୧୯୯୩) ରାଜ୍ୟ ସଭାରେ ବାଚନିକ ଭୋଟରେ ଗୃହୀତ।

## ପାଠକ ଶ୍ରେଷ୍ଠ ବିଚାରକ

### ଅତିଥି ଦେବୋ ଭବ

ମହାଶୟ,

ଆକାର ପଟେଲ ଜଣେ ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର। କିନ୍ତୁ ଧରିତ୍ରୀ (୫।୮)ରେ ତାଙ୍କର 'ଅତିଥିଦେବୋ ଭବ' ଲେଖାଟି ଯୁକ୍ତିଯୁକ୍ତ ମନେ ହେଉନାହିଁ। ଅନୁପ୍ରବେଶକାରୀ ସମସ୍ୟାରେ ଜନସଂଖ୍ୟାବହୁଳ ଭାରତବର୍ଷ ଜର୍ଜରିତ। ଯେଉଁ ଦେଶରୁ ଲୋକମାନେ ବଳପୂର୍ବକ ଭାରତକୁ ପଶିଆସୁଛନ୍ତି ସେ ଦେଶର ସରକାର ଧୃଷ୍ଟତା ପ୍ରକାଶ କରି କହୁଛି ଯେ ଭାରତ ମାଟିରେ ଆମର ଜଣେ ହେଲେ ନାଗରିକ ନାହିଁ। ଏହା ଭାରତର ନିଜସ୍ୱ ସମସ୍ୟା। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ 'ଅତିଥି ଦେବୋ ଭବ'/'ବସୁଧୈବ କୁଟୁମ୍ବକମ୍'ର ନୀତିବାଣୀ ଶୁଣାଇବା ଦେଶ ପାଇଁ କେବେ ହିତକର ନୁହେଁ।

ବିପିନ ବିହାରୀ ରାଉତ, ସେକ୍ଟର-୯, ସିଡିଏ, କଟକ

### କଲେଜ ନିର୍ବାଚନ

ରାଜ୍ୟର ପ୍ରତି କଲେଜରେ ଏବେ ନିର୍ବାଚନୀ ହିଂସା ବୃଦ୍ଧି ପାଇବାରେ ଲାଗିଛି। କଲେଜ ନିର୍ବାଚନ ପରିପ୍ରେକ୍ଷୀରେ ଛାତ୍ରସମାଜ ଅଧ୍ୟୟନ ପ୍ରତି ବିମୁଖ ହୋଇ ହିଂସା, ଆକ୍ରମଣ, ବୋମାମାଡ଼ ଆଦି ବିଭିନ୍ନ ଅନୈତିକ ତଥା ଅଗଣତାନ୍ତ୍ରିକ କାର୍ଯ୍ୟକଳାପ ପ୍ରତି ଆକୃଷ୍ଟ ହେବାରେ ଲାଗିଛନ୍ତି। ଫଳରେ କଲେଜ ପରିସରରେ ଅଶାନ୍ତ ବାତାବରଣ ସୃଷ୍ଟି ହେବା ସହ ଅଧ୍ୟୟନ ପ୍ରତି ଛାତ୍ରମାନଙ୍କର ଆଗ୍ରହ କମିବାରେ ଲାଗିଛି ଏବଂ ଶତ୍ରୁତା, ସଂଘର୍ଷ ଓ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସରକାର ଏବଂ କଲେଜ କର୍ତ୍ତୃପକ୍ଷ କଲେଜ ପରି ଏକ ଉଚ୍ଚଶିକ୍ଷା ଅନୁଷ୍ଠାନରେ ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରି ଉଚ୍ଚଶିକ୍ଷାର ପ୍ରସାର ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥ ସମାରୋହରେ ଯୋଗଦେଇ ନବ୍‌ଜୋତ ସିଂ ସିଦ୍ଧୁ ଦେଶ ପ୍ରତି ବିଶ୍ୱାସଘାତକତା କରିଛନ୍ତି। କୌଣସି ଦେଶଭକ୍ତ ତାଙ୍କୁ ଏଥିପାଇଁ କ୍ଷମା ଦେବେ ନାହିଁ।"

- ଅନିଲ ଭିଜ୍, ହରିୟାଣା ସ୍ୱାସ୍ଥ୍ୟମନ୍ତ୍ରୀ



## ସଂକ୍ଷେପରେ

### ସମଗ୍ର ଦେଶ ଦେଖାଇଲା ଦରଦ

**ନୂଆଦିଲ୍ଲୀ,୧୮।୮(ପି.ଟି.):** ବନ୍ୟା ସହ ସଂଘର୍ଷ କରୁଥିବା କେରଳକୁ ଛୁଟି ଆସିଛି ଚାରିଆଡୁ ସହଯୋଗର ହାତ। ଶନିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ୧୦ କୋଟି ଟଙ୍କା କେରଳ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଏଏପିର ସମସ୍ତ ଏମ୍‌ପି ଏବଂ ବିଧାୟକ ନିଜ ନିଜର ମାସକର ଦରମା ମଧ ଦାନ କରିଛନ୍ତି। ତାମିଲନାଡୁ ଆଉ ୫ କୋଟି ସହାୟତା ଘୋଷଣା କରିଛି। ଏହାସାଙ୍ଗକୁ ଖାଦ୍ୟଶସ୍ୟ, ଔଷଧ ସାମଗ୍ରୀ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଇ. ପାଲାନିସାମୀ ଘୋଷଣା କରିଛନ୍ତି। ପୂର୍ବରୁ ମଧ ରାଜ୍ୟ ୫ କୋଟିର ସହାୟତା ଘୋଷଣା କରିଥିଲା। ସେହିପରି ହରିୟାଣା ସରକାର ୧୦ କୋଟି, ମହାରାଷ୍ଟ୍ର ସରକାର ୨୦ କୋଟି, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୧୦ କୋଟି, ଝାଡ଼ଖଣ୍ଡ ସରକାର ୫ କୋଟି, ଗୁଜରାଟ ସରକାର ୧୦ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଭାଜପା ଏମ୍‌ପି ବରୁଣ ଗାନ୍ଧୀ ୨ ଲକ୍ଷ ଟଙ୍କା ଦାନ କରିଛନ୍ତି। ଜମ୍ମୁ-କଶ୍ମୀର ବିଧାୟକ ତଥା ନ୍ୟାଶନାଲ୍ କନ୍‌ଫରେନ୍ସର କାର୍ଯ୍ୟକାରୀ ସଭାପତି ଓମାର ଅବ୍‌ଦୁଲ୍ଲା ନିଜର ଗୋଟିଏ ମାସର ଦରମା କେରଳ ବନ୍ୟାବିପନ୍ନଙ୍କୁ ଦାନ କରିବାକୁ ଘୋଷଣା କରିଛନ୍ତି। କେରଳକୁ ସହଯୋଗ ଘୋଷଣା କରିବା ଲାଗି ସେ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ମାଛ ବିକ୍ରି କରି ଟ୍ରୋଲ୍‌ର ଶିକାର ହୋଇଥିବା କୋଚିର ବିଏସ୍‌ସି ଛାତ୍ରୀ ହନାନ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଦେଢ଼ଲକ୍ଷ ଟଙ୍କା ଦାନ କରିଛନ୍ତି। ଚଳଚ୍ଚିତ୍ର ଜଗତରୁ ମଧ ସହଯୋଗର ହାତ ବଢ଼ିଛି। ଟେଲିଭିଜନ୍ ଦୁନିଆ, ନ୍ୟୁଜ୍ ଚ୍ୟାନେଲ୍ ଏବଂ ସୋସିଆଲ୍ ମିଡିଆରେ ମଧ ସହଯୋଗ କରିବା ଲାଗି ଜନସାଧାରଣଙ୍କୁ ଅନବରତ ଆହ୍ୱାନ କରାଯାଉଛି।

### ଜାତିସଂଘର ଚିନ୍ତା

**ମିଳିତ ଜାତିସଂଘ,୧୮।୮(ପି.ଟି.):** କେରଳ ବନ୍ୟା ସ୍ଥିତିକୁ ନେଇ ଶନିବାର ଚିନ୍ତାବ୍ୟକ୍ତ କରିଛନ୍ତି ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍। ବର୍ଷା ବିପ୍ୟାତରେ ଘଟିଥିବା ଧନଜୀବନ ହାନି ପାଇଁ ସେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସ୍ଥିତି ଉପରେ ଜାତିସଂଘର ବିଭିନ୍ନ ଶାଖା ନଜର ରଖିଥିବା ମହାସଚିବଙ୍କ ମୁଖପାତ୍ର ଷ୍ଟିଫେନ୍ ଦୁରାଜିକ୍ ସୂଚନା ଦେଇଛନ୍ତି। ତେବେ ବନ୍ୟାବିପନ୍ନଙ୍କୁ ଜାତିସଂଘ ପକ୍ଷରୁ କିଛି ସହଯୋଗ କରାଯିବ କି ବୋଲି ପ୍ରଶ୍ନ କରାଯିବା ପରେ ଭାରତ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ଆବେଦନ ହସ୍ତଗତ ହୋଇ ନ ଥିବା ଦୁରାଜିକ୍ ସୂଚନା ଦେଇଛନ୍ତି।

### ଜୟଲଳିଥା ମୃତ୍ୟୁ ଘଟଣା
### ଏମ୍ସ ଡାକ୍ତରଙ୍କୁ ସମନ

**ଚେନ୍ନାଇ,୧୮।୮(ପି.ଟି.):** ଏଆଇଏଡିଏମ୍‌କେ ନେତ୍ରୀ ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ମୃତ୍ୟୁ ମାମଲାର ତଦନ୍ତ କରୁଥିବା ଜଷ୍ଟିସ ଏ. ଅରୁମୁଘସ୍ୱାମୀ କମିଶନ ଶନିବାର ତିନି ଏମ୍ସ ଡାକ୍ତରଙ୍କୁ ସମନ୍ କରିଛନ୍ତି। ଅଗଷ୍ଟ ୨୩ ଏବଂ ୨୪ରେ ହାଜର ହେବା ଲାଗି କମିଶନ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚେନ୍ନାଇର ଆପୋଲୋ ହସ୍ପିଟାଲ୍‌ରେ ଜୟଲଳିଥାଙ୍କ ଚିକିତ୍ସା ଚାଲିଥିବାବେଳେ ଏହି ତିନି ଡାକ୍ତର ତାଙ୍କ ସ୍ୱାସ୍ଥ୍ୟର ଯାଞ୍ଚ କରିଥିଲେ। ତେବେ ଡାକ୍ତରମାନେ ତଦନ୍ତ ପ୍ରକ୍ରିୟାରେ କମିଶନଙ୍କ ଆଗରେ ସାକ୍ଷୀ ଭାବେ ହାଜର ହେବେ ବୋଲି ଜଣାପଡ଼ିଛି। ଜୟାଙ୍କ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା କମିଶନ ଏପର୍ଯ୍ୟନ୍ତ ୭୫ ଜଣ ସାକ୍ଷୀଙ୍କୁ ଜେରା କରିଛନ୍ତି। ସେମାନଙ୍କ ମଧରୁ ୩୦ ଜଣ ସାକ୍ଷୀଙ୍କୁ ଜେଲ୍‌ରେ ଥିବା ଜୟାଙ୍କ ବାନ୍ଧବୀ ଭି.କେ. ଶଶୀକଳାଙ୍କ ଓକିଲ ମଧ ଜେରା କରିଥିଲେ।

### ଇତିହାସର ଆଇନାରେ
### ଅଗଷ୍ଟ ୧୯ର ପ୍ରମୁଖ ଘଟଣା

୨୦୦୫ ଅଗଷ୍ଟ ୧୯ରେ ରାଇନା ଓ ରୁଷିଆ ମିଳିତ ସମରାଭ୍ୟାସ ଆରମ୍ଭ କରିଥିଲେ।

୨୦୧୩ ଅଗଷ୍ଟ ୧୯ରେ ବିହାରର ଧାମରାଘାଟ ରେଳ ଷ୍ଟେଶନ୍‌ରେ ଘଟିଥିଲା ଏକ ବଡ଼ ଧରଣର ଦୁର୍ଘଟଣା। ଏଥିରେ ୩୭ ଜଣ ପ୍ରାଣ ହରାଇଥିଲେ।

# କେରଳରେ ଜଳପ୍ରଳୟ





**ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ, ୧୮।୮(ପି.ଟି.)**

ଅସମ୍ଭାଳ ହୋଇପଡ଼ିଛି କେରଳ ବନ୍ୟା। ୧୦୦ ବର୍ଷର ରେକର୍ଡ ଭାଙ୍ଗି ପ୍ରଳୟ ସୃଷ୍ଟି କରିଛି ବନ୍ୟା। ବର୍ଷାଜନିତ ବିଭିନ୍ନ କାରଣରୁ ୧୯୪ ଜଣ ପ୍ରାଣ ହରାଇଥିବାବେଳେ ୩୬ ଜଣ ଆହତ ହୋଇଛନ୍ତି। ୩.୧୪ ଲକ୍ଷ ଲୋକ ବାସହରା ହୋଇ ବିଭିନ୍ନ ସରକାରୀ ଆଶ୍ରୟସ୍ଥଳୀରେ ରହିଛନ୍ତି। ସ୍ଥଳସେନା, ନୌସେନା, ବାୟୁସେନା, ତଟରକ୍ଷୀ ବାହିନୀ ଏବଂ ଏନ୍‌ଡିଆର୍‌ଏଫ୍‌ର ଯବାନମାନେ ଉଦ୍ଧାରକାର୍ଯ୍ୟରେ ମୁତୟନ ରହିଛନ୍ତି। ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆକାଶ ମାର୍ଗରୁ ରାଜ୍ୟର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଏହାପରେ କୋଚିଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଜରିଆରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ବୈଠକରେ ରାଜ୍ୟରେ ଘଟିଥିବା ବନ୍ୟାଜନିତ କ୍ଷୟକ୍ଷତିର ମଧ ଆକଳନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ୫୦୦ କୋଟି ଟଙ୍କାର ତ୍ୱରିତ ସହାୟତା ଘୋଷଣା କରିଛନ୍ତ। ମୌସୁମୀ ବର୍ଷାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୫୦,୦୦୦ ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଗତ ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ବନ୍ୟାଞ୍ଚଳ ପରିଦର୍ଶନ କରି ୧୦୦ କୋଟି ଟଙ୍କା ସହାୟତା ଘୋଷଣା କରିଥିଲେ। ଶୁକ୍ରବାର ରାତିରେ ମୋଦି ରାଜଧାନୀ ଥିରୁଭାନନ୍ତପୁରମ୍‌ରେ ପହଞ୍ଚିଥିଲେ। ସକାଳୁ କୋଚି ଯାତ୍ରାକରି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୁଭା-ଥ୍ରିସୁର ଅଞ୍ଚଳରେ ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ ବେଳେ ପ୍ରଧାନମନ୍ତ୍ରୀଙ୍କ ସହ କେରଳ ରାଜ୍ୟପାଳ ପି. ସଥାଶିବମ୍, ମୁଖ୍ୟମନ୍ତ୍ରୀ ବିଜୟନ୍, କେନ୍ଦ୍ରମନ୍ତ୍ରୀ କେ.ଜେ. ଆଲ୍‌ଫୋନ୍ସ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ୟା ଯୋଗୁ ଧନଜୀବନ ହାନିକୁ ନେଇ ମୋଦି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଆବଶ୍ୟକତା ମୁତାବକ ଖାଦ୍ୟ ସାମଗ୍ରୀ, ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ତ୍ୱରିତ କ୍ଷୟକ୍ଷତି ଆକଳନ ଏବଂ କ୍ଷତିପୂରଣ ଯୋଗାଇବା ଲାଗି ବୀମା କମ୍ପାନୀଗୁଡ଼ିକୁ ମଧ କ୍ୟାମ୍ପ୍ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି କୃଷକଙ୍କ ପାଇଁ ଫସଲ ବୀମା ଯୋଜନା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ରାସ୍ତାଘାଟ ମରାମତି ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରେ ନଷ୍ଟ ହୋଇଥିବା ମାଟିଘର ପାଇଁ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ରେ ପକ୍କାଘର ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଟିଳ ବନ୍ୟା ସ୍ଥିତି ସହ ସଂଘର୍ଷ କରୁଥିବା କେରଳବାସୀଙ୍କ ମନୋବଳକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ବିପତ୍ତି ସମୟରେ ସମଗ୍ର ଦେଶ ରାଜ୍ୟବାସୀଙ୍କ ସହ ଛିଡ଼ା ହୋଇଥିବା ସେ କହିଛନ୍ତି। ଏଥିରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପାଇଁ ସମବେଦନା ଏବଂ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ପ୍ରଧାନମନ୍ତ୍ରୀ। ସେପଟେ କେରଳ ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ଲାଗି ଶନିବାର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। କେରଳ ବନ୍ୟା ସ୍ଥିତି ଏଭଳି ଜଟିଳ ହୋଇଛି ଯେ ଲକ୍ଷାଧିକ ଜୀବନ, ଗୃହପାଳିତ ପ୍ରାଣୀ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଭବିଷ୍ୟତ ସଙ୍କଟରେ ରହିଛି। ଏଣୁ ଅବିଳମ୍ବେ ଏହାକୁ ରାଷ୍ଟ୍ରୀୟ ବିପର୍ଯ୍ୟୟ ଘୋଷଣା କରିବାକୁ ରାହୁଲ ଦାବି କରିଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ, ବନ୍ୟା ଯୋଗୁ ରାଜ୍ୟରେ ୧୯,୫୧୨ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ବନ୍ୟା ସ୍ଥିତି ସୁଧୁରିବା ପରେ ପ୍ରକୃତ ଆକଳନ ସମ୍ଭବ ହେବ। କ୍ଷୟକ୍ଷତି ପାଇଁ ରାଜ୍ୟ ୨୦୦୦ କୋଟି ଟଙ୍କାର ସହାୟତା ମାଗିଛି।

ସରକାରୀ ସୂଚନା ଅନୁଯାୟୀ, ଏବେ ରାଜ୍ୟରୁ ଟଳିନାହିଁ ବନ୍ୟା ଭୟ। ୧୧ଟି ଜିଲାରେ ପ୍ରବଳ ବର୍ଷା ଏବଂ ବନ୍ୟା ନେଇ ଆଲର୍ଟ ଜାରି କରାଯାଇଛି। ଏଣୁ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ଜୋରସୋରରେ ଉଦ୍ୟମ ଜାରି ରହିଛି। ଏଥିଲାଗି ଏନ୍‌ଡିଆର୍‌ଏଫ୍ କେରଳରେ ସବୁଠାରୁ ବଡ଼ ଅପରେଶନ୍ ଆରମ୍ଭ କରିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଉଚ୍ଚସ୍ଥାନ ତଥା ଛାତ ଉପରେ ଫସି ରହିଥିବା ବିପନ୍ନଙ୍କୁ ଶନିବାର ଉଦ୍ଧାର କରାଯାଇଛି। ପଥାନମ୍‌ଥିଟ୍ଟା ଏବଂ ଚେଙ୍ଗାନୁର ଜିଲାରେ ଅଧିକାଂଶ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଏର୍ନାକୁଲମ୍ ଜିଲ୍ଲାରେ ଅଧିକ କ୍ଷୟକ୍ଷତି ଘଟିଛି। ଜିଲାର ବିଭିନ୍ନ ପ୍ରାନ୍ତରେ ଜଳବନ୍ଦୀ ହୋଇଥିବା ୫୪,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। କୋଚି ନିକଟବର୍ତ୍ତୀ କାଲାଡସ୍ଥିତ ଶ୍ରୀ ଶଙ୍କରାଚାର୍ଯ୍ୟ ବିଶ୍ୱବିଦ୍ୟାଳୟ ଛାତ ଉପରେ ଆଶ୍ରୟ ନେଇଥିବା ୬୦୦ ଛାତ୍ରୀଛାତ୍ରଙ୍କୁ ମଧ ଶନିବାର ଉଦ୍ଧାର କରାଯାଇଛି। ପାଲାକ୍କାଡ ଜିଲା ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି।

### ୫୦୦ କୋଟି ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ

- ରାଜ୍ୟବାସୀଙ୍କ ମନୋବଳକୁ ମୋଦିଙ୍କ ପ୍ରଶଂସା
- ଜାତୀୟ ବିପର୍ଯ୍ୟୟ ଘୋଷଣା ହେଉ: ରାହୁଲ
- ଟଳିନାହିଁ ବିପଦ, ୧୧ ଜିଲା ପାଇଁ ଆଲର୍ଟ



■ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ଇମ୍ରାନ୍

# କ୍ୟାପ୍‌ଟେନ୍‌ଙ୍କ ହାତରେ ଶାସନ

**ଇସ୍‌ଲାମାବାଦ, ୧୮।୮(ପି.ଟି.)**

- ଶପଥ ପାଠ କରାଇଲେ ରାଷ୍ଟ୍ରପତି
- ଠିକ୍‌ଭାବେ ଉର୍ଦ୍ଦୁ କହିପାରିଲେନି
- ଅତିଥିଙ୍କ ଗହଣରେ ସିଦ୍ଧୁ
- ଆଗକୁ ଅନେକ ଚ୍ୟାଲେଞ୍ଜ



କ୍ରିକେଟରରୁ ରାଜନେତା ସାଜିଥିବା ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ୍ ଖାନ୍‌ଙ୍କ ସ୍ୱପ୍ନ ସାକାର ହୋଇଛି। ପାକିସ୍ତାନର ୨୨ତମ ପ୍ରଧାନମନ୍ତ୍ରୀ ଭାବେ ଶନିବାର ସେ ଶପଥ ଗ୍ରହଣ କରିଛନ୍ତି। ଇସ୍‌ଲାମାବାଦର ଐୱାନ୍-ଇ-ସଦର (ରାଷ୍ଟ୍ରପତି ଭବନ)ଠାରେ ରାଷ୍ଟ୍ରପତି ମାମ୍‌ନୁନ୍ ହୁସେନ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଆର୍ଥିକ ସଙ୍କଟ, ପଡ଼ୋଶୀଙ୍କ ସହ ତିକ୍ତତା ଏବଂ ଅନ୍ତର୍ଜାତୀୟ ସହାୟତାରୁ ଦେଶ ବଞ୍ଚିତ ହେବା ଭଳି ପରିସ୍ଥିତି ଉପୁଜିଥିବାବେଳେ ପାକିସ୍ତାନର ଶାସନଭାର ଗ୍ରହଣ କରିଛନ୍ତି ପୂର୍ବତନ କ୍ରିକେଟ କ୍ୟାପ୍‌ଟେନ୍ ଇମ୍ରାନ୍ (୬୫)। ଏବେ ତାଙ୍କୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିବ। ଜୁଲାଇ ୨୫ ସାଧାରଣ ନିର୍ବାଚନରେ ପିଏମ୍‌ଏଲ-ଏନ୍‌କୁ ହରାଇ ଅଧିକ ଆସନ ଜିତିଥିଲେ ସୁଦ୍ଧା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିଲା ଇମ୍ରାନ୍‌ଙ୍କ ଦଳ ପିଟିଆଇ। ଶୁକ୍ରବାର ନ୍ୟାଶନାଲ ଆସେମ୍ବ୍ଲିରେ ୧୭୬ ସଦସ୍ୟଙ୍କ ସମର୍ଥନ ଲାଭ କରି ଇମ୍ରାନ୍ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିଲେ। ଶନିବାର ପୂର୍ବାହ୍ନ ୯ଟା ୩୦ରେ ଶପଥ ସମାରୋହ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏଥିରେ ୪୦ ମିନିଟ୍ ବିଳମ୍ବ ହୋଇଗଲା। ପ୍ରଥମେ ପାକିସ୍ତାନର ଜାତୀୟ ସଙ୍ଗୀତ ଗାନ ହେବା ପରେ ଇମ୍ରାନ୍ ପବିତ୍ର କୋରାନ୍ ଆଧାରରେ ଶପଥପାଠ କରିଥିଲେ। ଏତିକିବେଳେ ତାଙ୍କ ଆଖି ଲୁହ ଛଳଛଳ ହୋଇଯାଇଥିଲା। ଉର୍ଦ୍ଦୁ ଭାଷାରେ ଶପଥ ପାଠ ସମୟରେ ସେ କେତେକ ଶବ୍ଦକୁ ଠିକ୍‌ଭାବେ ଉଚ୍ଚାରଣ କରିପାରୁ ନ ଥିଲେ। ଇମ୍ରାନ୍‌ଙ୍କ ଶପଥ ସମାରୋହରେ ଉପସ୍ଥିତ ହାଇପ୍ରୋଫାଇଲ ଅତିଥିଙ୍କ ଗହଣରେ ଥିଲେ ପାକିସ୍ତାନର ବିଦାୟୀ କାମଚଳା ପ୍ରଧାନମନ୍ତ୍ରୀ ନାସିରୁଲ୍ ମୁଲ୍କ, ନ୍ୟାଶନାଲ ଆସେମ୍ବ୍ଲି ସ୍ପିକର ଅସଦ କୈସର, ସେନା ମୁଖ୍ୟ ଜେନେରାଲ କମର୍ ଜାଭେଦ ବାଜ୍‌ୱା, ଏୟାର ଚିଫ୍ ମାର୍ଶାଲ୍ ମୁଜାହିଦ ଅନୱର ଖାନ, ନୌସେନା ମୁଖ୍ୟ ଆଡ୍‌ମିରାଲ ଜାଫର୍ ମହମ୍ମଦ ଅବ୍ବାସୀ। ସେହିପରି ବହୁ ବିଶିଷ୍ଟ ବ୍ୟକ୍ତି ମଧ ସେଠାରେ ଉପସ୍ଥିତ ଥିଲେ। ବିଦେଶୀ ଅତିଥି ଭାବେ ଯୋଗଦେଇଥିଲେ ଭାରତର ପୂର୍ବତନ କ୍ରିକେଟର ତଥା କଂଗ୍ରେସ ନେତା ନବ୍‌ଜୋତ ସିଂ ସିଦ୍ଧୁ। ପାକିସ୍ତାନରେ ଏକ ନୂଆ ସକାଳ ଆସିଛି। ନୂଆ ସରକାର ଦେଶର ଭବିଷ୍ୟତ ବଦଳାଇପାରିବ ବୋଲି ସିଦ୍ଧୁ କହିଛନ୍ତି। ଇମ୍ରାନ୍‌ଙ୍କ ବିଜୟ ଭାରତ-ପାକିସ୍ତାନ ଶାନ୍ତି ପ୍ରକ୍ରିୟା ଆଗେଇ ନେବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୨୦୧୬ରେ ପାକିସ୍ତାନୀ ଆତଙ୍କବାଦୀମାନେ ଏକାଧିକ ଆକ୍ରମଣ ଘଟାଇବା ପରେ ଭାରତ ସହ ଏହାର ତିକ୍ତତା ବଢ଼ିଯାଇଥିଲା। ଗତବର୍ଷ ଏପ୍ରିଲରେ ଭାରତର ପୂର୍ବତନ ନୌସେନା କର୍ମଚାରୀ କୁଲଭୂଷଣ ଯାଦବଙ୍କୁ ପାକ୍‌ର ସାମରିକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇବା ପରେ ଫାଟ ଆହୁରି ବଢ଼ିଯାଇଛି। ସୀମାରେ ମଧ ଉତ୍ତେଜନା ଲାଗିରହୁଛି। ଏତିକିବେଳେ ଇମ୍ରାନ୍ ଶାସନ ମଙ୍ଗ ଧରିଥିବାରୁ ଆଗକୁ ଦ୍ୱିପାକ୍ଷିକ ସମ୍ପର୍କ କେଉଁ ମୋଡ଼ ନେଉଛି, ତାହା ଦେଖିବାକୁ ଅପେକ୍ଷା।

## ଫୁର୍‌ସତ

# ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣରେ ବିଶ୍ୱ ରେକର୍ଡ

**ଦୁବାଇ/ନୂଆଦିଲ୍ଲୀ:** ଆବୁଧାବିର ଜଣେ ବ୍ୟକ୍ତି ଏବଂ ତାଙ୍କ ୫ବର୍ଷର ପୁତ୍ର ଖୁବ୍ କମ୍ ସମୟ ମଧରେ ଭାରତର ସର୍ବାଧିକ ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ କରିବାରେ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ସେମାନେ ୧୨ଘଣ୍ଟାରୁ କମ୍ ସମୟ ମଧରେ ବିଶ୍ୱ ଐତିହ୍ୟସ୍ଥଳ ମାନ୍ୟତା ପାଇଥିବା ଅନେକ ପର୍ଯ୍ୟଟନସ୍ଥଳ ବୁଲି ପାରିଥିଲେ। ଭାରତରେ ଜନ୍ମିତ ମହମ୍ମଦ୍ ତାହିର (୩୬) ଆବୁଧାବିରେ ଜଣେ ଆଇଟି ପ୍ରଫେଶନାଲ୍। ସେ ତାଙ୍କ ପୁତ୍ରକୁ ନିଜ ଦେଶର କେତେକ ପର୍ଯ୍ୟଟନସ୍ଥଳ ଭ୍ରମଣ କରାଇ ଭାରତୀୟ ସଂସ୍କୃତି ବିଷୟରେ ବୁଝାଇଥିଲେ।



ସେମାନେ ୧୧ ଘଣ୍ଟା ୩୩ ମିନିଟ୍ ୧୮ ସେକେଣ୍ଡ ମଧରେ ପାଖାପାଖି ୩୦୦କିଲୋମିଟର ଯାତ୍ରା କରି ୭ଟି ଐତିହାସିକ ସ୍ଥଳ ପରିଦର୍ଶନ କରିଥିଲେ। ପୂର୍ବରୁ ନେଦରଲାଣ୍ଡରେ ଦୁଇଜଣ ୨୪ଘଣ୍ଟା ମଧରେ କେତେକ ପର୍ଯ୍ୟଟନସ୍ଥଳ ବୁଲି ରେକର୍ଡ ସୃଷ୍ଟି କରିଥିଲେ। ପିତା-ପୁତ୍ର ଏହି ସମୟ ମଧରେ ଉତ୍ତରପ୍ରଦେଶର ତାଜମହଲ, ଆଗ୍ରା ଦୁର୍ଗ ଓ ଫତେପୁର ସିକ୍ରି, ରାଜସ୍ଥାନର କେଓଲାଡୋ ନ୍ୟାଶନାଲ ପାର୍କ ଏବଂ ରାଜଧାନୀ ଦିଲ୍ଲୀରେ ହୁମାୟୁନ ଟମ୍ବ, ରେଡ ଫୋର୍ଟ ଓ କୁତବ ମିନାର ପରିଦର୍ଶନ କରିଥିଲେ। ସେମାନେ ଯାତ୍ରା କରିବା ପାଇଁ ଇଲେକ୍‌ଟ୍ରିକ୍ ରିକ୍ସା, ଅଟୋ, କାବ୍, ଯାତ୍ରୀବାହୀ ବସ୍, ଟ୍ରେନ୍ ଏବଂ ମେଟ୍ରୋ ବ୍ୟବହାର କରିଥିଲେ। କିଛି ବାଟ ଚାଲିଚାଲି ମଧ ଯାତ୍ରା କରିଥିଲେ। ସେମାନଙ୍କ ଯାତ୍ରା ଓ ପରିଦର୍ଶନ ଉପରେ ନଜର ରଖିବା ପାଇଁ ୨୨ଜଣଙ୍କୁ ନିୟୋଜିତ କରାଯାଇଥିଲା। ଭାରତସ୍ଥିତ 'ଏକ୍ସପେଡିଶନ୍ସ ଆଣ୍ଡ ଟ୍ରାନ୍‌ସେଣ୍ଡ ଆଡ୍‌ଭେଞ୍ଚର ଫାର୍ମ' ଦ୍ୱାରା ଏହା ପରିଚାଳନା କରାଯାଇଥିଲା। ସମସ୍ତ ଅଂଶଗ୍ରହଣକରୀ ଭାରତୀୟ ଥିଲେ।

# ବିଲୁପ୍ତ ହେବାକୁ ବସିଛି ବିରଳ ଅଷ୍ଟ୍ରେଲୀୟ ପକ୍ଷୀ

**କାନବେରା:** ବର୍ତ୍ତମାନ ଅଷ୍ଟ୍ରେଲିଆରେ ବିରଳ ପ୍ରଜାତିର ୧୨ଯୋଡ଼ା ପ୍ରଜନନକାରୀ ପକ୍ଷୀ ବଞ୍ଚି ରହିଛନ୍ତି। ନ୍ୟୁ ସାଉଥ୍ ୱେଲ୍‌ସରେ ଆକ୍ରମଣକାରୀ ଫେରାଲ୍ ଫକ୍ସଙ୍କ ଯୋଗୁ ଏମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଏଗୁଡ଼ିକ ସାଧାରଣତଃ ଉପକୂଳ ଅଞ୍ଚଳରେ ଦେଖାଯାଆନ୍ତି। ଷ୍ଟୋନ୍-କର୍ଲ୍ୟୁ ନାମରେ ପରିଚିତ ଏହି ପକ୍ଷୀ ଅଷ୍ଟ୍ରେଲିଆର ସ୍ୱଦେଶୀ ପକ୍ଷୀ। ଉପକୂଳ ବୁଶ୍‌ଲ୍ୟାଣ୍ଡର ଆଦିମ ଅଧିବାସୀ ଏହି ବିରଳ ପକ୍ଷୀଙ୍କ ସୁରକ୍ଷା ଲାଗି କିଛି ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନେ ଫେରାଲ୍ ଫକ୍ସ ଧରିବା ଲାଗି ଯନ୍ତା ବ୍ୟବହାର କରୁଛନ୍ତି। ଭୂମିରେ ବସାବାନ୍ଧି ରହୁଥିବା ଏହି ପକ୍ଷୀଙ୍କ ସଂରକ୍ଷଣ ଓ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। କାରଣ ଏମାନଙ୍କ ସଂଖ୍ୟା ହାତଗଣତି ବୋଲି ଟୁଇଡ୍ ବାଇରନ୍ ଆବୋରିଜିନାଲ୍ ଲ୍ୟାଣ୍ଡ କାଉନସିଲ୍ ମୁଖ୍ୟ ବାନାହମ୍ ସ୍ଲାବ୍ ପ୍ରକାଶ କରିଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୬.୦ |
| ଚାନ୍ଦବାଲି | ୩୩.୫ | ୨୬.୯ |
| କଟକ | ୩୧.୬ | ୨୫.୦ |
| ପାରାଦ୍ୱୀପ | ୩୨.୮ | ୨୬.୨ |
| ଭୁବନେଶ୍ୱର | ୩୪.୨ | ୨୬.୯ |
| ଗୋପାଳପୁର | ୩୪.୨ | ୨୬.୯ |
| ପୁରୀ | ୩୨.୪ | ୨୬.୦ |
| ଅନୁଗୋଳ | ୩୧.୧ | ୨୪.୦ |
| ବାରିପଦା | ୩୩.୬ | ୨୬.୪ |
| ଝାରସୁଗୁଡ଼ା | ୩୪.୫ | ୨୬.୪ |
| କେନ୍ଦୁଝର | ୩୧.୮ | ୨୪.୦ |
| ସମ୍ବଲପୁର | ୩୪.୪ | ୨୪.୩ |
| ସୁନ୍ଦରଗଡ଼ | --- | ୨୦.୦ |
| ହୀରାକୁଦ | ୩୩.୨ | ୨୦.୯ |
| ତାଳଚେର | ୩୩.୬ | ୨୫.୯ |
| ଭବାନୀପାଟଣା | ୩୩.୦ | ୨୪.୦ |
| ବଲାଙ୍ଗୀର | ୩୩.୦ | ୨୫.୮ |
| କୋରାପୁଟ | ୨୩.୦ | ୧୯.୬ |
| ଫୁଲବାଣୀ | ୩୨.୨ | ୨୨.୪ |
| ଟିଟିଲାଗଡ଼ | ୩୩.୫ | ୨୨.୦ |
| ମାଲକାନଗିରି | ୨୫.୦ | ୨୪.୮ |
| ସୋନପୁର | ୩୩.୮ | ୨୪.୦ |
| ଦାରିଙ୍ଗିବାଡ଼ି | ୨୬.୫ | ୨୦.୦ |
| ଢେଙ୍କାନାଳ | ୩୩.୪ | ୨୬.୨ |

ଡିଗ୍ରୀ ସେଲ୍‌ସିୟସ୍

# ମୁମ୍ବାଇରେ ପ୍ରିୟଙ୍କା-ନିକ୍ ନିର୍ବନ୍ଧ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କ ମଧରେ ଶନିବାର ନିର୍ବନ୍ଧ ହୋଇଥିବା ଔପଚାରିକ ଭାବରେ ଘୋଷଣା କରାଯାଇଛି। ଏଥିପାଇଁ ପ୍ରିୟଙ୍କାଙ୍କ ବାସଭବନରେ ଆବଶ୍ୟକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଭୟେ ଗଣମାଧମରେ ଏହି ବିଷୟ ପ୍ରକାଶ କରିବା ପରେ ସେମାନଙ୍କ ସମ୍ପର୍କକୁ ନେଇ ମାସ ମାସ ଧରି ଚାଲିଥିବା କଳ୍ପନା ଜଳ୍ପନାର ପରିସମାପ୍ତି ଘଟିଛି। ପ୍ରିୟଙ୍କା ଉତ୍ସବ ସ୍ଥଳରୁ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ନିକ୍‌ଙ୍କୁ ଆଲିଙ୍ଗନ କରିଥିବା ଦେଖାଯାଉଛି। ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିବା ଫଟୋ ତଳେ 'ପ୍ରାଣ ଓ ହୃଦୟଭରି ଭଲ ପାଉଛି' ବୋଲି ଉଲ୍ଲେଖ କରିଛନ୍ତି। ୨୫ବର୍ଷ ବୟସ୍କ ନିକ୍ ମଧ ଏକାଭଳି ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଲେଖିଛନ୍ତି-'ଆଗାମୀ କାଲିର ଶ୍ରୀମତୀ ଜୋନ୍‌ସ, ମୋ ହୃଦୟ, ମୋ ପ୍ରେମ।' ନିର୍ବନ୍ଧ ସରିଯାଇଥିଲେ ହେଁ ସେମାନଙ୍କର ବିବାହ କେବେ ତାହା ଘୋଷଣା କରିନାହାନ୍ତି। ଗ୍ରହ ଶାନ୍ତି, ଗଣେଶ ପୂଜା, ଆରତି ଆଦି କରାଯାଇଥିଲା। ସେମାନଙ୍କ ସୁଖଶାନ୍ତି ଓ ସମୃଦ୍ଧି ପାଇଁ ଏ ସବୁ କରାଯାଇଥିବା ତାଙ୍କ ପୁରୋହିତ କହିଛନ୍ତି।


**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।

- ଚାଣକ୍ୟ

## ସଂକ୍ଷେପରେ

### ଅଜଣା ଟ୍ରକ୍ ଧକ୍କାରେ ଦୁଇ ଗୁରୁତର

ଦେବଗଡ,୧୮।୮(ସ୍ୱ.ପ୍ର.) ଦେବଗଡ ଥାନା ଅଧୀନ ବାରକୋଟ ବ୍ଲକର ଚନ୍ଦନଖୁଣ୍ଟି ଗ୍ରାମ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ନିକଟରେ ଶନିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ଅଜଣା ଟ୍ରକ୍ ଧକ୍କାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଦେବଗଡ଼ ଥାନା ଅଞ୍ଚଳର ପ୍ରସନ୍ନ ପାତ୍ର ଏବଂ ରାଜେଶ ପାତ୍ର।

### କଣ୍ଢଲ ଏଟିଏମ୍‌ର ସ୍କ୍ରିନ୍ ଭାଙ୍ଗିଦେଲେ ଦୁର୍ବୃତ୍ତ

ଦେବଗଡ,୧୮।୮(ସ୍ୱ.ପ୍ର.) କଣ୍ଢଲ ଗ୍ରାମରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଭିତରେ ସ୍କ୍ରିନକୁ କେହି ଭାଙ୍ଗି ଦେଇଛନ୍ତି। ଗତ କିଛିଦିନ ହେଲା ଅବଶ୍ୟ ଏହି ଏଟିଏମ ଅଚଳ ହୋଇପଡିଛି। ଫଳରେ ଟଙ୍କା ଉଠାଇବା ପାଇଁ ଗ୍ରାହକ ହଇରାଣ ହରକତ ହେଉଛନ୍ତି। ଟଙ୍କା ଉଠାଇ ପାରି ନ ଥିବା କୌଣସି ବ୍ୟକ୍ତି ବିରକ୍ତ ହୋଇ ଭାଙ୍ଗି ଦେଇଥିବା ଅନୁମାନ କରାଯାଉଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବିଶ୍ୱ ଫଟୋଗ୍ରାଫି ଦିବସ
  ସ୍ଥାନ- ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପ
  ସମୟ- ପୂର୍ବାହ୍ନ ସାଢ଼େ ୧୦ଟା।
- ଫଟୋ ପ୍ରଦର୍ଶନୀ
  ସ୍ଥାନ- ସିଟି ସେଣ୍ଟର
  ସମୟ- ପୂର୍ବାହ୍ନ ୧୧ଟା।
- ମହମବତୀ ଶୋଭାଯାତ୍ରା
  ସ୍ଥାନ- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖ
  ସମୟ- ସନ୍ଧ୍ୟା ୬ଟା।
- ମେଗା ଚିତ୍ରାଙ୍କନ ପ୍ରତିଯୋଗିତା
  ସ୍ଥାନ- ଭିଏସଏସ ଷ୍ଟାଡିୟମ
  ସମୟ- ପୂର୍ବାହ୍ନ ୯ଟା।
- ଜ୍ୟୋତିର ବାର୍ଷିକ ଉତ୍ସବ
  ସ୍ଥାନ- ହୀରାକୁଦ କଲୋନୀସ୍ଥିତ ଜ୍ୟୋତି କାର୍ଯ୍ୟାଳୟ
  ସମୟ- ସନ୍ଧ୍ୟା ସାଢ଼େ ୬ଟା।
- ଜିଲା କବାଡି ଚୟନ ଶିବିର
  ସ୍ଥାନ- ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ
  ସମୟ- ସକାଳ ସାଢ଼େ ୬ଟା।

# ଛାତ୍ରୀଛାତ୍ର ନିଶାରୁ ଦୂରେଇ ରୁହନ୍ତୁ

ସମ୍ବଲପୁର,୧୮।୮(ବ୍ୟୁରୋ)

ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲ ସମ୍ମିଳନୀ କକ୍ଷରେ ନିଶା ନିବାରଣ ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଚିକିତ୍ସକ ଡା. ସଚିନ ପରବ ବକ୍ତା ଭାବେ ଯୋଗ ଦେଇଥିଲେ । ସେ କହିଥିଲେ ଯେ, ଯେଉଁମାନେ ନିଶାର କୁପ୍ରଭାବରୁ ନିଜକୁ ମୁକ୍ତି କରିପାରନ୍ତି ନାହିଁ, ସେମାନଙ୍କ ଭିତରେ ମଣିଷର ଚିନ୍ତା ଧାରା ରହିନାହିଁ । ତେଣୁ ଛାତ୍ରୀଛାତ୍ର ନିଶା ସେବନଠାରୁ ଦୂରେଇ ରହିବା ଉଚିତ। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ମନ ଓ ଶରୀର ସୁସ୍ଥ, ସୁନ୍ଦର ରହିବ। ଅଧ୍ୟାପକ ବିଶ୍ୱଜିତ ଗାଙ୍ଗୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ଜୁନିୟର କଲେଜ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ସ୍କୁଲ ଅଧ୍ୟକ୍ଷ ଡ. ବିଜୟ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶୈଳୀ ପାଢ଼ୀ ମଞ୍ଚାସୀନ ଥିଲେ। ବ୍ରହ୍ମାକୁମାରୀ ସ୍ନେହା ଓ ଦୀପା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ବିକାଶ ସ୍କୁଲରେ ନିଶା ନିବାରଣ ଆଲୋଚନାଚକ୍ରରେ ଅତିଥି ଓ ସ୍କୁଲ୍ କର୍ତ୍ତୃପକ୍ଷ ।

# ଖବରଦାତାମାନଙ୍କୁ ଭୁଆଁ ବୁଲାଯାଉଛି

ରେଢାଖୋଲ,୧୮।୮(ଡି.ଏନ.ଏ.)

ଚଳିତବର୍ଷ ରାଜ୍ୟ ସରକାର ଖବରଦାତାଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ଘୋଷଣା କରିଛନ୍ତି। ହେଲେ କେବଳ ସ୍ୱାସ୍ଥ୍ୟ ବୀମାକୁ ଛାଡିଦେଲେ ଅନ୍ୟ କୌଣସି ଘୋଷଣାର କିଛି ମାନେ ନାହିଁ। ସବୁ ପ୍ରହସନ ଚାଲିଛି। ଖବରଦାତାମାନଙ୍କୁ କେବଳ ଭକୁଆ ବନେଇବାକୁ ପ୍ରୟାସ କରାଯାଉଛି। ସ୍ୱାସ୍ଥ୍ୟ ବୀମା ରାଶି ୨ ଲକ୍ଷ ଟଙ୍କା ରହିଛି। ଜଣେ ଖବରଦାତା ନିଜେ ହୁଅନ୍ତୁ ବା ତାଙ୍କ ସ୍ତ୍ରୀ ପିଲା ଏଥିରେ ବର୍ଷକ ଭିତରେ ଚିକିତ୍ସା ସୁବିଧା ପାଇବା ଅସମ୍ଭବ । ଆଜିକାଲି ଯେମିତି କ୍ୟାନସର, ହୃଦ୍‌ରୋଗ, କିଡନୀ ଜନିତ ରୋଗ ହେଉଛି ସେଥିରେ ୨ ଲକ୍ଷ ଟଙ୍କା ଭିତରେ ଚିକିତ୍ସା କରାଇବା କଷ୍ଟକର। ଏଣୁ ଏହି ରାଶିକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ। ଖବରଦାତାମାନଙ୍କ ମା, ବାପାମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଏଣୁ ବୃଦ୍ଧ ବୟସରେ ସେମାନେ ପୁଅ ବୋହୂ ଓ ଝିଅ ଜ୍ୱାଇଁଙ୍କ ଉପରେ ନିର୍ଭରଶୀଳ। ଯେଉଁମାନେ ଖବରଦାତା ଭାବେ କାମ କରୁଛନ୍ତି ସେମାନଙ୍କ ଉପରେ ନିର୍ଭର କରୁଥିବା ବୃଦ୍ଧ ମା' ବାପାମାନେ କୁଆଡେ ଯିବେ। ଏଣୁ ସେମାନଙ୍କୁ ଏଥିରେ ସାମିଲ କରାଯାଉ। ଅନ୍ୟପକ୍ଷେ ରିଆତି ସୁଧରେ ଋଣ ଦେବାକୁ ସରକାର କରିଥିବା ଘୋଷଣା ମିଛ ବୋଲି ପ୍ରମାଣିତ ହୋଇଛି। ଏ ନେଇ କୌଣସି ବ୍ୟାଙ୍କକୁ ନିର୍ଦ୍ଦେଶ ଯାଇନି। ଏଣୁ ବ୍ୟାଙ୍କ ଗୁଡିକୁ ନିର୍ଦ୍ଦେଶନାମା ପଠାଯାଉ। ରାଜ୍ୟରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଲାଗି ନୀତି ପ୍ରଣୟନ ହେଉ। ଦେଶର ବିଭିନ୍ନ ରାଜ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ରାଜ୍ୟ ସରକାରମାନେ ବିଭିନ୍ନ କଲ୍ୟାଣମୂଳକ ଯୋଜନା କରିଛନ୍ତି। ସେ ସବୁ ଅନୁଧ୍ୟାନ କରି ଆମ ରାଜ୍ୟରେ ପ୍ରଣୟନ ହେଉ। ସ୍ଥାନୀୟ ଏନ୍‌ଏସି ସଭା କକ୍ଷରେ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ପ୍ରସନ୍ନ ମହାନ୍ତି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏହି ସବୁ ଦାବି କରିଛନ୍ତି। ଅଶୋକ ନନ୍ଦି, ସଦାଶିବ ସରାଫ, ରାଜୀବ ମହାନ୍ତି, ଅମୂଲ୍ୟ ସ୍ୱାଇଁ, କିଷନ ରାଉତ, ଆଦିତ୍ୟ ମେକାପ, ସୁବ୍ରତ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଶନିବାର ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ ସମ୍ମୁଖରେ ବିଭାଗୀୟ ମୁଖ୍ୟ ଦପ୍ତର ଅଧିକାରୀ ଓ ଅମଲାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି ।

ସମ୍ବଲପୁର,୧୮।୮(ବ୍ୟୁରୋ)

ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ ସମ୍ମୁଖରେ ବିଭାଗୀୟ ମୁଖ୍ୟ ଦପ୍ତର ଅଧିକାରୀ ଓ ଅମଲାମାନେ ଶନିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ସେମାନେ କଲମ ଛାଡ କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆରଡିସି ଅଫିସ ପରିସରରେ ଧାରଣାରେ ବସିଥିଲେ। ସଞ୍ଜୀବ କୁମାର ମିଶ୍ରଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ଏଥିରେ କରୁଣାକର ଶତପଥୀ, ବିକାଶ ଡନସନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରପ୍ରାପ୍ତ କ୍ୟାଡର ପୁନର୍ଗଠନ ଆଦେଶ ପାଳନ କରିବା ସହ ବିଜ୍ଞପ୍ତି ପ୍ରକାଶ ନ କଲେ ଆନ୍ଦୋଳନ ଦୁର୍ବାର ହେବ । ସରକାର ବୈଠକ ମାଧ୍ୟମରେ ମାର୍ଚ୍ଚ ୧୬ ତାରିଖ ବିଭାଗୀୟ ମୁଖ୍ୟ ଦପ୍ତର କ୍ୟାଡର ପୁନର୍ଗଠନ ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରିତାପର ବିଷୟ ଯେ, ଅର୍ଥ ଓ ସାଧାରଣ ପ୍ରଶାସନ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରି ସମୟ ଗଡାଇ ଚାଲିଛି। ସେଥିପାଇଁ ଓଡିଶା ବିଭାଗୀୟ ମୁଖ୍ୟ ସେକ୍ସନ୍ ଅଫିସର ଏବଂ ଓଡିଶା ବିଭାଗୀୟ ମୁଖ୍ୟ ଅମଲା ସଂଘ ସଂପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ କରିଛନ୍ତି

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, କର୍ମକର୍ତ୍ତା ଚୟନ

ଦେବଗଡ,୧୮।୮(ସ୍ୱ.ପ୍ର.) ଦେବଗଡ ମଠସାହି କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ମନୋରମା କ୍ଲବ ପକ୍ଷରୁ ଆଗାମୀ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମଧ ଚୟନ କରାଯାଇଥିଲା। ସୂଚନାଯୋଗ୍ୟ, ୩୪ ବର୍ଷ ହେବ ମଠ ସାହି ଛକରେ ଅସ୍ଥାୟୀ ଭାବେ ମାଁ ପୂଜା ପାଇଆସୁଥିଲେ। କନକ ଦୁର୍ଗା ମନ୍ଦିର ପ୍ରତିଷ୍ଠା ହେବା ପରେ ଉକ୍ତ ପୀଠରେ ନବରାତ୍ର ସହ ଦୁର୍ଗା ପୂଜା ଆୟୋଜନ ହୋଇଆସୁଛି।

# ହୀରାକୁଦ ଡ୍ୟାମ୍‌ର ୪ ଗେଟ୍ ଖୋଲା

ସମ୍ବଲପୁର,୧୮।୮(ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶନିବାର ରାତି ୯ଟା ସୁଦ୍ଧା ୬୧୭.୬୫ ଫୁଟ ରହିଛି। ଉପରମୁଣ୍ଡରେ ବର୍ଷା ପରିମାଣ ବୃଦ୍ଧି ହୋଇଛି। ତେଣୁ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧, ୪୮, ୭୬୧ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ଏହାକୁ ଦୃଷ୍ଟିରେ ରଖି ଜଳ ଭଣ୍ଡାର କର୍ତ୍ତୃପକ୍ଷ ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ ଖୋଲିଛନ୍ତି। ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୪ଟି ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟେରୀ, ପାୱାର ଚ୍ୟାନେଲ ମାଧ୍ୟମରେ ୭୭,୨୫୮ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି । ୨୪ ଘଣ୍ଟାରେ ଯୁଯୁମୁରାରେ ୨୪.୦, ଧନକଉଡାରେ ୩.୩ ମିମି, ମାନେଶ୍ୱରରେ ୧୨.୦, କୁଚିଣ୍ଡାରେ ୧.୨ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।




କେନ୍ଦୁପତ୍ର ଘରୋଇକରଣକୁ ବିରୋଧ କରି ସମ୍ବଲପୁର କାଳିବାଡି ବିଦ୍ୟୁତ କର୍ମଚାରୀ ସଂଘ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା ସୂଚନା ଦେଉଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**SHRIRAM FINANCE L.T.D**
Kharbel Nagar Branch Office building, opposite Shriya Cinema Hall, Kharbel Nagar, Bhubaneswar (Odisha), Unit-3, Pin Code: 751001
CONTACT: 7328873676, 8658687929
Gmail: finance0102018@gmail.com

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913, 7629090472

ଖର୍ଚ୍ଚ ଋଣରୁ କଟିବ
**ଜନଧନ୍ ଫାଇନାନ୍ସ** (Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ ୨% ସୁଧ, ୪୦% ରିହାତି
Contact No.: 94115-02501, 92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**BUSINESS**
ସରକାରୀ ଅନୁମୋଦିତ ନଂ.1 କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଘର ଛାତ, ପ୍ଲଟ୍‌ରେ ସମଗ୍ର ଭାରତର ଯେକୌଣସି ସ୍ଥାନରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ଅଗ୍ରିମ ଆକାରରେ 60 ଲକ୍ଷ, 50,000 ଭଡ଼ା + ମାସିକ 35,000ର ଅନ୍ୟାନ୍ୟ ସୁବିଧାସୁଯୋଗ ପାଆନ୍ତୁ।
Helpline Numbers: 7497033685, 7497800247

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୭, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025, 8860754032

**SMS Marketing**
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
8114353091

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

**ADMISSION OPEN — DEGREE/DIPLOMA**
TRYTOON ACADEMY
Affiliated Utkal University of Culture, Odisha
FASHION DESIGN
INTERIOR DESIGN
ANIMATION VFX
HOTEL MANAGEMENT
Palasuni Hat, Rasulgarh, BBSR
9437000960, 8908942638
9437799550, 06742370713
Last Seats Admission Get Huge Discount

**ADMISSION OPEN 2018-20 — B.Ed.**
Acharya Nagarjuna University
ANUSKA B.Ed ACADEMY
ODISHA'S NO-1 B.Ed. ACADEMY
97% 1ST DIVISION
Rasulgarh, Bhubaneswar 8260277745 / 8260277746
Cuttack: 6370442804
Bhawanipatna: 7982328673
Jajpur/Kendrapara: 9692222120
www.anuskagroup.com

**ADMISSION OPEN FOR 2018-20 — B.Ed CT(D.EL.Ed) & M.Ed**
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639, 8018022748

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691, 07750048332
moneywizz27@gmail.com

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି । କଲ୍ କରନ୍ତୁ SAMIR MONAL
07363008993, 07363008928

**ଫାଇନାନ୍ସ — ଧନଜନ ଯୋଜନା**
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି । 2% ସୁଧ, 50% ରିହାତି (ଠକମାନଙ୍କ ପ୍ରତି ସାବଧାନ)
9634736108, 9634734514

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ –
7496011718, 7496016879

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers: 9983302166, 9983302146


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ସଂକ୍ଷେପରେ

### ମଙ୍ଗଳପୁରରେ ସ୍ୱାସ୍ଥ୍ୟ ଶିବିର

**ରେଙ୍ଗାଲି, ୧୮।୮ (ଡି.ଏନ.ଏ.)**-ରେଙ୍ଗାଲି ବ୍ଲକ ମଙ୍ଗଳପୁରରେ ସ୍ୱାଧୀନ ଏକତା ସଂଗଠନ ଏବଂ ରେଡକ୍ରସ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୮୮ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା । ସଂଗଠନର ସଭାପତି ରାଜୀବ ମିଶ୍ର, ସମ୍ପାଦକ ସରୋଜ ବିଶୋଇ, ରେଡକ୍ରସର ପ୍ରମିଳା ବେହେରା ଶିବିର ପରିଚାଳନା କରିଥିଲେ। ଡା. ସୌମ୍ୟ ଶୋଲେସ, ଡା. କୈଳାସ ମାଝୀ, ଡା. ଅଭିଜିତ ଶର୍ମା ରୋଗୀଙ୍କୁ ଚିକିତ୍ସା କରିଥିଲେ । ପରେ ଜିଲାପାଳ ସମର୍ଥ ବର୍ମା, ରେଙ୍ଗାଲି ବିଡିଓ ବେର୍ଣ୍ଣାଦେଡ଼ୁ ଲାକ୍ରା, ସିଡିଏମଓ ଡା. କେ.କେ. ଗୁପ୍ତା, ରେଙ୍ଗାଲି ବିଧାୟକ ରମେଶ ପଟୁଆ ପ୍ରମୁଖ ସ୍ୱାସ୍ଥ୍ୟ ଶିବିରକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। ଶିବିରକୁ ଯିବା ପୂର୍ବରୁ ଜିଲାପାଳ ରେଙ୍ଗାଲିସ୍ଥିତ ନୂଆଁ ରମ୍ଭେଲା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ । ସେଠାରେ ସେ ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ । ବିଦ୍ୟାଳୟ ପରିସରରେ ଏକ ମିଟିଂ ହଲ୍ ନିର୍ମାଣ ଲାଗି ପ୍ରଧାନ ଶିକ୍ଷୟିତ୍ରୀ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ।

### ସମସ୍ୟାରେ ବୁଡ଼ି ରହିଛି ବୁର୍ଲା

**ସମ୍ବଲପୁର,୧୮।୮(ବ୍ୟୁରୋ)**-ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସରସ୍ୱତୀ ବିହାର ଭାବେ ପରିଚିତ ବୁର୍ଲା ସହର ବିଭିନ୍ନ ସମସ୍ୟାରେ ବୁଡ଼ି ରହିଛି । ଏଥିପ୍ରତି ରାଜ୍ୟ ସରକାର ଓ ଜିଲା ପ୍ରଶାସନର ନିଘା ନାହିଁ। ମୁଖ୍ୟତଃ ଓଭର ହେଡ୍ ପାଣି ଟାଙ୍କି ଓ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନାହିଁ । ଏହାର ନିର୍ମାଣ ଦୀର୍ଘ ବର୍ଷ ହେବ ଚାଲିଛି । ସହରବାସୀ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଜିଲା ଭାଜପାର ଏକ ପ୍ରତିନିଧି ଦଳ ବୁର୍ଲା ଜନସ୍ୱାସ୍ଥ୍ୟ ବିଭାଗ ଏସଡିଏଙ୍କ ସହ ଆଲୋଚନା କରିଥିଲେ । ନିର୍ମାଣାଧୀନ କାମ ଗୁଡିକ ଯଥାଶୀଘ୍ର ସଂପୂର୍ଣ୍ଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦାବିପତ୍ର ପ୍ରଦାନ କରିଛନ୍ତି । ସାଧାରଣ ସମ୍ପାଦକ ଦାମୋଦର କରଙ୍କ ନେତୃତ୍ୱରେ ବୁର୍ଲା ମଣ୍ଡଳ ସଭାପତି ନମ୍ରସ୍କାନ୍ତ ପଟ୍ଟନାୟକ, ସାଧାରଣ ସମ୍ପାଦକ ଚଣ୍ଡୀ ଦାସ, ଯୁବ ମୋର୍ଚ୍ଚା ସଭାପତି ପ୍ରଭାସ ପୃଷ୍ଟେଠ, ରଣଜିତ ରଥ, ଧର୍ମେନ୍ଦ୍ର ଗିରି ସାମିଲ ଥିଲେ।

### ପାବନ ସରୋବରରେ କନ୍ୟା ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୧୮।୮(ବ୍ୟୁରୋ)**-ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଧାନପାଲି ନିକଟସ୍ଥ ପାବନ ସରୋବରରେ କନ୍ୟା ପ୍ରଶିକ୍ଷଣ ଓ ଯୋଗ ଶିବିର ଉଦ୍‌ଘାଟିତ ହୋଇଯାଇଛି । ପୂର୍ବତନ ରାଜ୍ୟ ସଭା ସଦସ୍ୟା ପ୍ରମିଳା ବହିଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ପରିବର୍ତ୍ତନରେ ନାରୀଶକ୍ତିର ପ୍ରମୁଖ ଭୂମିକା ରହିଛି । ନାରୀ ଚାହିଁଲେ ସମାଜକୁ ଗଢ଼ି ପାରିବ, କ୍ଷଣକେ ଧ୍ୱଂସ ମଧ କରିପାରିବ । ତେଣୁ ବାଲ୍ୟ କାଳରୁ କନ୍ୟାମାନଙ୍କୁ ଉପଯୁକ୍ତ ସଂସ୍କାର ଦେବା ବିଧେୟ ବୋଲି ସେ କହିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଲଳିତ ମୋହନ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପଶ୍ଚିମଓଡିଶା ଉପକ୍ଷେତ୍ର ମୁଖ୍ୟ ସଂଚାଳିକା ରାଜଯୋଗୀନୀ ବ୍ରହ୍ମାକୁମାରୀ ପାର୍ବତୀ କନ୍ୟା ପ୍ରଶିକ୍ଷଣ ଓ ଯୋଗ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବ୍ରହ୍ମାକୁମାରୀ ସୁଶୀଳା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବ୍ରହ୍ମକୁମାରୀ ଦୀପା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ପଶ୍ଚିମ ଓଡିଶାର ବିଭିନ୍ନ ପ୍ରାନ୍ତରୁ ୧୫୦ଜଣ କନ୍ୟା ଅଂଶ ଗ୍ରହଣ କରିଥିଲେ।

### ତାରାସିଂପଡାରେ ପାଣି ସମସ୍ୟା

**ହୀରାକୁଦ, ୧୮।୮ (ଡି.ଏନ.ଏ)**- ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୧୦ ନମ୍ବର ୱାର୍ଡର ତାରାସିଂପଡାରେ ପ୍ରାୟ ୨ଶହ ପରିବାର ବସବାସ କରନ୍ତି । ଏହି ଅଞ୍ଚଳର ପ୍ରାୟ ସମସ୍ତ ଲୋକ ଦିନ ମଜୁରିଆ ଓ ଶ୍ରମିକ ଭାବେ କାମ କରନ୍ତି । ସମସ୍ତ ଲୋକ ସକାଳ ୮ଟାରୁ କାମକୁ ଗଲେ ସନ୍ଧ୍ୟା ୫ଟାରେ ଘରକୁ ଆସିଥାନ୍ତି । ଘରକୁ ଆସିଲେ ପାଣି ନ ଥିବାରୁ ଗାଧୋଇବା କି ଶୌଚ କରିବା ପାଇଁ ପାଣି ପାଇ ପାରନ୍ତି ନାହିଁ । ଏପରିକି ପିଇବା ପାଇଁ ମଧ ଅନେକ ଦିନ ପାଣି ନ ଥାଏ। କାରଣ ତାରାସିଂପଡାକୁ ଦିନକୁ ଥରେ ମାତ୍ର ପାଇପରେ ପାଣି ଆସୁଛି। ତାହା ପୁଣି କେଉଁ ଦିନ ଘଣ୍ଟାଏ ତ କେଉଁ ଦିନ ୨ରୁ ୩ ଘଣ୍ଟା। ପାଣି ଯୋଗାଇବା ସମୟ ମଧ ନିର୍ଦ୍ଧାରିତ ହୋଇ ନାହିଁ । ଦିନକୁ ଗୋଟିଏ ଥର ପାଣି ଦେଉଥିବାରୁ ଗରିବ ଲୋକମାନଙ୍କ ପାଖରେ ପାଣି ଗଚ୍ଛିତ ରଖିବା ପାଇଁ କିଛି ଉପକରଣ ନ ଥିବାରୁ ଗୋଟିଏ ଦିନ ବ୍ୟବହାର କରିବା ପାଇଁ ପାଣି ରଖିପାରୁ ନାହାନ୍ତି । ଯାହା ଦ୍ୱାରା ପାଣି ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ସାହାଯ୍ୟ ପାଇଁ ଆସି ହତାଶ

**ସମ୍ବଲପୁର,୧୮।୮(ବ୍ୟୁରୋ)**

**ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ**

- ଗରିବ ପାଖରେ ପହଞ୍ଚି ପାରୁନି ସରକାରୀ ଯୋଜନା
- ଜିଲା ପ୍ରଶାସନକୁ ଗୁହାରି କଲେ ବୃଦ୍ଧ ଦମ୍ପତି
- ମୁଣ୍ଡ ଗୁଞ୍ଜିବା, ଖାଇବା ପାଇଁ ଆଶ୍ରୟ ମାଗିଲେ
- କୌଣସି ବୃଦ୍ଧାଶ୍ରମ ଖାଲି ନ ଥିବା କହିଲା ପ୍ରଶାସନ

ସମ୍ବଲପୁର ମହାନଗର ନିଗମ ସର୍ଲାକାନିର ବୃଦ୍ଧ ଦମ୍ପତି ଲାଲୁ ସୁନା ସ୍ତ୍ରୀ ରୁପସା । ଉଭୟଙ୍କ ବୟସ ପ୍ରାୟ ୭୦ ରୁ ଅଧିକ । ଆଶାବାଡି ସାହାରା। ଜଣେ ଜଣେକୁ ଧରିଲେ ଚାଲୁଛନ୍ତି। ତାହା ପୁଣି ବଡ କଷ୍ଟରେ ପାଦ ପଡୁଛି। ଏବେ ନା ଛି ରହିବା ପାଇଁ ଘର ନା ଖାଇବା ବ୍ୟବସ୍ଥା । ଘର ସଂସାରକୁ ପ୍ରାୟ ୫୦ ବର୍ଷ ବିତିଲାଣି। ହେଲେ ଏ ପରିଣତ ବୟସରେ କୌଣସି ସରକାରୀ ଯୋଜନା ପାଇ ନାହାନ୍ତି। କୁଡିଆ ଘରେ ରହି ଦିନ କଟୁଥିଲା। ହେଲେ ପ୍ରବଳ ବର୍ଷାରେ ତାହା ମଧ ଦଇବ ଛଡେଇ ନେଇଗଲା। ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଖଣ୍ଡିଏ ନାହିଁ । ଆଉ ମାଗି ଆଣି ରୋଷେଇ କରି ଖାଇବା ପାଇଁ ବଳ ବି ନାହିଁ । ଏଣୁ ଥଇଥାନ କରିବାକୁ ଏହି ବୃଦ୍ଧ ଦମ୍ପତି ଶନିବାର ପ୍ରଶାସନର ଦ୍ୱାରସ୍ଥ ହୋଇ ଗୁହାରି କରିଛନ୍ତି। ହେଲେ କେଉଁଠି ବି ବୃଦ୍ଧାଶ୍ରମରେ ଖାଲି ନାହିଁ । ମଙ୍ଗଳବାର ଆସ । କ'ଣ ସୁବିଧା କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଏଣୁ ଏଥିରୁ ଜଣାପଡୁଛି ଯେ ସମ୍ବଲପୁର ବିଧାନସଭାର ମଣ୍ଡଳୀର ବିକାଶରେ କେତେ ସତ୍ୟତା ରହିଛି । ଗରିବ ପାଖରେ ଯୋଜନା ପହଞ୍ଚିପାରୁନାହିଁ।



ଜିଲା ପ୍ରଶାସନ ପାଖକୁ ଗୁହାରି କରି ଆସିଥିବା ବୃଦ୍ଧ ଦମ୍ପତି ।

ଅନେକ ଅଯୋଗ୍ୟ ହିତାଧିକାରୀ ସରକାରଙ୍କ ସମସ୍ତ ଯୋଜନାରେ ଲାଭ ପାଉଛନ୍ତି । ସ୍ଥାନୀୟ ଜନପ୍ରତିନିଧି ମଧ ଏହି ବୃଦ୍ଧ ଦମ୍ପତିଙ୍କୁ ସାହାଯ୍ୟ କରୁନାହାନ୍ତି। ଅନ୍ୟପକ୍ଷେ ଏହି ଦମ୍ପତି ତାଙ୍କ ପରିବାର ସମ୍ପର୍କରେ କହିଛନ୍ତି ଯେ, ଦୁଇଟି ପୁଅ ଅଛନ୍ତି। ହେଲେ ସେମାନେ ବହୁ ବର୍ଷ ହେବ କେଉଁ ଆଡେ ଛାଡି ଚାଲିଯାଇଛନ୍ତି।

# ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ

**ଜମନକିରା,୧୮।୮(ଡି.ଏନ୍.ଏ)**

ଜମନକିରା ବ୍ଲକ୍ ଟିକିଲିପଡ଼ା ବିଜୁ ଯୁବ ବାହିନୀ ପକ୍ଷରୁ ଗାଁର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଟିକିଲିପଡ଼ା ସରପଞ୍ଚ ରଜନୀ କିଷାନ ଯୋଗଦେଇ ଯୁବକମାନଙ୍କୁ ଚାରା ରୋପଣରେ ଉତ୍ସାହିତ କରିବା ସହ ନିଜେ ବୃକ୍ଷ ରୋପଣ କରିଥିଲେ। ବିଜୁ ଯୁବ ବାହିନୀ କମିଟିର ସଭାପତି ଟଙ୍କଧର ପଧାନଙ୍କ ନେତୃତ୍ୱରେ ସୁଶାନ୍ତ ଛତ୍ରିଆ, ମାନସ ଛତ୍ରିଆ, ଚନ୍ଦନ ପାଇକ, ଦଶରଥ ପିଙ୍ଗ, ଲୋକେଶ ମହାକୁଳ, ଦୁର୍ଗା ବାଘ, ମିଶ୍ରା ବାଘ, ସଞ୍ଜୟ ନେତୁର, ମନୋଜ ବାଘ, ଯଶୋବନ୍ତ ପ୍ରଧାନ, ଲାଲୁ ତରିଆ, ସୁଶାନ୍ତ ପଧାନ, ଜିତେନ୍ଦ୍ର ପଧାନ, ଅଭୟ ବାଘ, ଅରୁଣ ପଧାନ, ଅମୂଲ୍ୟ ବାଘ ଏବଂ ଦିପନ ପଧାନ ପ୍ରମୁଖ ବହୁ କର୍ମକର୍ତ୍ତା ୨ ଶହରୁ ଅଧିକ ଚାରା ରୋପଣ କରିଥିଲେ।

**ରେଙ୍ଗାଲି,(ଡି.ଏନ.ଏ)**–ରେଙ୍ଗାଲିସ୍ଥିତ ସୁରଜମଲ ମହାବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁଜିତ କୁମାର ସେନ, ରେଙ୍ଗାଲି ବିଡିଓ ବେର୍ଣ୍ଣାଦେଡ଼ୁ ଲାକ୍ରାଙ୍କ ଉପସ୍ଥିତିରେ ଏହି ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ରେଡକ୍ରସ ସଂସ୍ଥାର ଛାତ୍ରୀଛାତ୍ର ନିଜେ ଗାତ ଖୋଳି ଚାରା ରୋପଣ କରିଥିଲେ। କଲେଜ ପରିସରରେ ପ୍ରାୟ ୨ଶହ ଚାରା ରୋପଣ କରାଯାଇଥିଲା। ଯୁବ ରେଡକ୍ରସ ସଂସ୍ଥା ଦାୟିତ୍ୱରେ ଥିବା ଅଧ୍ୟାପିକା ରଞ୍ଜିତା ପଟ୍ଟନାୟକ, ଅଧ୍ୟାପକ ନରେନ୍ଦ୍ର ବେହେରା, ଅଧ୍ୟାପକ ଓମ୍ ପ୍ରକାଶ ଷଡଙ୍ଗୀ, ଅଧ୍ୟାପିକା ଡ. ମିନତୀ ଶତପଥୀ, ଅଧ୍ୟାପିକା ପ୍ରଣତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**ସମ୍ବଲପୁର,(ବ୍ୟୁରୋ)**–ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଲାୟନ୍ସ କ୍ଲବ ଅଫ୍ ରୟାଲ୍ସ ପକ୍ଷରୁ ମଙ୍ଗଳବାର ଜମାଦାରପାଲିଠାରେ ବୃକ୍ଷରୋପଣ କରାଯାଇଛି । ଲାୟନ୍ସ କ୍ଲବର ପରିବେଶ ବିଭାଗ ଉପାଧ୍ୟକ୍ଷ ସୁରେନ୍ଦ୍ର ବିଶ୍ୱାଳ, ସଭାପତି ଏମଏସଏଚ ବେଗ ଯୋଗ ଦେଇଥିଲେ । ପ୍ରକଳ୍ପ ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ସୁଶାନ୍ତ ପ୍ରଧାନ, କାର୍ତ୍ତିକ କଲେଜ, ରାଜେନ୍ଦ୍ର ବୁଦ୍ଧିଆ, ସୁରେନ୍ଦ୍ର ପ୍ରଧାନ, ସହଦେବ ଓରାମ, ତପନ ନାୟକ, ମଞ୍ଜୁ ଓରାମ, ବୁଲୁ ନାୟକ ସମେତ ଅନ୍ୟ ସଭ୍ୟମାନେ ସାମିଲ ଥିଲେ । ଏହି କାର୍ଯ୍ୟକ୍ରମରେ ଶାଗୁଆନ, ଲିମ୍ବ, କରଞ୍ଜ ଓ ଜାମୁ ବୃକ୍ଷ ରୋପଣ କରାଯାଇଥିଲା ।

**ମାନେଶ୍ୱର,(ଡି.ଏନ.ଏ.)**–ଝୁଝୁମୁରା ବ୍ଲକ ବେହେରାଣିବସା ବନ ସୁରକ୍ଷା ସମିତି ପକ୍ଷରୁ ବୃକ୍ଷ ରୋପଣ କରାଯାଇଛି। ପ୍ରଶାନ୍ତ ପ୍ରଧାନ, ସଦର ରେଞ୍ଜର ଗୌରୀ ଦାସ, ଝୁଝୁମୁରା ଫରେଷ୍ଟର ସୁନିଲ କୁମାର ଖିଲାରୀଙ୍କ ଉପସ୍ଥିତ ଥିଲେ।

**ଦେବଗଡ,(ସ୍ୱ.ପ୍ର.)**–ଭୁବନେଶ୍ୱରର ଡାବର-ବୈତରଣୀ ଇନିସିଏଟିଭ୍ ଏବଂ ଦେବଗଡ ବନାଞ୍ଚଳ ସହଯୋଗରେ ବାରକୋଟ ବ୍ଲକର ଗୁରୁସଙ୍ଗ କଲୋନୀ ପ୍ରକଳ୍ପ ସ୍କୁଲରେ ବୃକ୍ଷରୋପଣ କରାଯାଇଛି। ଠିଆନାଳ ସେକ୍ସନ୍‌ର ବନପାଳ ଘନଶ୍ୟାମ ପାତ୍ର, ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ, ଶିକ୍ଷକ ଝୁଲେଶ୍ୱର ବେହେରା, ଅଙ୍ଗନୱାଡି କର୍ମୀ ବସୁମତୀ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବଂଶୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଠିକା ସଂସ୍ଥାରେ ଶ୍ରମିକ ଅଶାନ୍ତି

**ପଡିଆବାହାଲ,୧୮।୮(ଡି.ଏନ.ଏ.)**

ସମ୍ବଲପୁର-ତିଳେଇବଣି ରାସ୍ତା କାମ କରୁଥିବା ଠିକା ସଂସ୍ଥା ପୁଞ୍ଜ ଏଲଡ ଲିମିଟେଡ ପଡିଆବାହାଲ ଶାଖାରେ ଶ୍ରମିକ ଅଶାନ୍ତି ଦେଖା ଦେଇଛି । ୩ମାସ ହେବ ଦରମା ନ ମିଳିବା, ଦୈନିକ ୮ଘଣ୍ଟା ବଦଳରେ ୧୨ଘଣ୍ଟା କାମରେ ନିୟୋଜିତ କରିବା, ସାପ୍ତାହିକ ଛୁଟି ନ ଦେବା, ଶ୍ରମିକଙ୍କୁ ପରିଚୟ ପତ୍ର ନ ଦେବା, ଟଙ୍କା କାଟି ରଖୁଥିଲେ ସୁଦ୍ଧା ଇଏସ୍‌ଆଇ ସ୍ଲିପ୍ ପ୍ରଦାନ ନ କରିବା ପ୍ରଭୃତି ଦାବି ନେଇ ପୁଞ୍ଜ ଲଏଡର ମୁଖ୍ୟ ଗେଟ ସମ୍ମୁଖରେ ଶ୍ରମିକମାନେ ଆନ୍ଦୋଳନ କରିଛନ୍ତି। ଶ୍ରମିକମାନେ ଅଭିଯୋଗ କରୁଛନ୍ତି ଯେ, ଶ୍ରମ ଅଧିକାରୀ ଏଠାକୁ ଆସୁଥିଲେ ସୁଦ୍ଧା ଶ୍ରମିକମାନଙ୍କ ଆପତ୍ତି ଅଭିଯୋଗ ପ୍ରତି କର୍ଣ୍ଣପାତ ନ କରି ଠିକା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ସଲାସୁତୁରା କରୁଛନ୍ତି। ଏ ସମ୍ପର୍କରେ ପ୍ରକଳ୍ପ ମ୍ୟାନେଜର ଅମିତାଭ ବୋଷ କହିଛନ୍ତି ଯେ, ତୁରନ୍ତ ଦରମା ପ୍ରଦାନ କରିବାକୁ ଉଦ୍ୟମ କରାଯାଉଛି। ଅନ୍ୟ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯିବ।



ସମ୍ବଲପୁର-ତିଳେଇବଣି ରାସ୍ତା କାମ କରୁଥିବା ଠିକା ସଂସ୍ଥାର ପଡିଆବାହାଲ ଶାଖାରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

## ଆଜି 'ଭୋଟ ବ୍ୟାଙ୍କ ରାଜନୀତି, ଗଣମାଧ୍ୟମ' କର୍ମଶାଳା

**ରେଢ଼ାଖୋଲ,୧୮।୮(ସ୍ୱ.ପ୍ର.)**

ରେଢ଼ାଖୋଲ ମହିଳା କଲେଜରେ ରବିବାର ପୂର୍ବାହ୍ନ ୧୧ଟାରେ 'ଭୋଟ ବ୍ୟାଙ୍କ ରାଜନୀତି ଓ ଗଣମାଧ୍ୟମ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହେବ । ଓଡିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ପକ୍ଷରୁ ସମ୍ବଲପୁର ଜିଲା ସାମ୍ବାଦିକ ୟୁନିୟନ ତଥା ରେଢ଼ାଖୋଲ ୟୁନିଟ୍ ପକ୍ଷରୁ ଏହି କର୍ମଶାଳା ଆୟୋଜିତ ହେବ। ଏଥିରେ ବିଭିନ୍ନ ରାଜନୈତିକ ଦଳର ବିଶିଷ୍ଟ ନେତୃବୃନ୍ଦଙ୍କ ସମେତ ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେବେ। ଏହି କର୍ମଶାଳାରେ ଯୋଗଦାନ କରିବାକୁ ସମ୍ବଲପୁର ଜିଲା ଶାଖା ପକ୍ଷରୁ ଅନୁରୋଧ କରାଯାଇଛି ।

## ମୋ ବିଦ୍ୟାଳୟ କାର୍ଯ୍ୟକ୍ରମର କର୍ମଶାଳା, ସମ୍ମିଳନୀ

**ବାମରା, ୧୮।୮ (ସ୍ୱ.ପ୍ର.)**

ବାମରା ବ୍ଲକ ଗଡପୋଷ ସର୍କଲର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନେଇ 'ମୋ ବିଦ୍ୟାଳୟ' ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସମ୍ମିଳନୀର ଆୟୋଜନ ମଧ କରାଯାଇଥିଲା । ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ନରେନ୍ଦ୍ର ପଟେଲ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ କିଶୋରଚନ୍ଦ୍ର ଅର୍କ, ରମେଶଚନ୍ଦ୍ର ନାୟକ ଓ ରମାକାନ୍ତ ମହାନନ୍ଦିଆ ଯୋଗ ଦେଇଥିଲେ। ପିଣ୍ଡାପଥର ସିଆରସିସି ଅଶୋକ କୁମାର ପଟେଲ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ରବଗା ସିଆରସିସି ଧୃବଚରଣ ରୋହିଦାସ ଓ ଗଡପୋଷ ସିଆରସିସି ଦୁଃଖବନ୍ଧୁ ନାଏକ ସହଯୋଗ କରିଥିଲେ । କିନାବଗା ସିଆରସିସି ରାଜକିଶୋର ସାହୁ ଧନ୍ୟବାଦ ଦେଇଥିଲେ ।

# ବୁଡାକଟା କିସାନ ପଡାରେ ଝୁଲୁଛି ବିଦ୍ୟୁତ୍ ତାର

**ସମ୍ବଲପୁର, ୧୮।୮(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନ ୧୨ ନମ୍ବର ୱାର୍ଡ ଅର୍ନ୍ତଗତ ବୁଡାକଟା କିସାନ ପଡାରେ ବିଭିନ୍ନ ସମସ୍ୟା ଲାଗି ରହିଛି । ମୁଖ୍ୟତଃ ଏହି ପଡାରେ ବିଦ୍ୟୁତ ତାର ରାସ୍ତା ଉପରେ ବିପଦପୂର୍ଣ୍ଣ ଭାବେ ଝୁଲୁଛି। ଯାହାକି ପଡାବାସୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ନିକଟରେ ପଡାବାସୀ ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ଏହି ରାସ୍ତାରେ ଭାରି ଯାନ ଯାଉଥିବାବେଳେ ବିଦ୍ୟୁତ ତାରରେ ଘସି ହୋଇଥିଲା । କିନ୍ତୁ ଏହି ସମୟରେ ବିଦ୍ୟୁତ ସରବରାହ ବନ୍ଦ ଥିଲା । ନ ଚେତ ଟ୍ରକଟି ସଂପୂର୍ଣ୍ଣ ଭାବେ ଜଳି ଯାଇଥାନ୍ତା ।

## ଡେଙ୍ଗୁ, ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

**ରେଙ୍ଗାଲି, ୧୮।୮ (ଡି.ଏନ.ଏ.)**

ଠେଲକଲୋଇସ୍ଥିତ କିଷାନପଡା କମ୍ୟୁନିଟି ସେଣ୍ଟରଠାରେ ବ୍ଲକସ୍ତରୀୟ ଡେଙ୍ଗୁ ଏବଂ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶନିବାର ଲଇଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଙ୍ଗନୱାଡି ଏବଂ ଆଶା କର୍ମୀମାନଙ୍କୁ ଗାଁ ଗାଁ ଯାଇ ଲୋକମାନଙ୍କୁ ଡେଙ୍ଗୁ ଏବଂ ମ୍ୟାଲେରିଆ ବିଷୟରେ ସଚେତନ କରିବା ପାଇଁ କୁହାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ରେଙ୍ଗାଲି ବିଡିଓ ବେର୍ଣ୍ଣାଦେଡ଼ୁ ଲାକ୍ରା, ସିଡିପିଓ ଦର୍ଶପି ଏକ୍କା, ଡା. ଆଶିଷ ମାଝି, ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ବିପିଏମ ଜିତେନ୍ଦ୍ର ନନ୍ଦ, ପିଏଚଇଓ ଯଦୁମଣି ଗଣିକ, ଠେଲକଲୋଇ ସରପଞ୍ଚ କୈଳାସିନୀ ସେଠ, ଶଶିଭୂଷଣ ସାହୁ, ବ୍ଲକର ସମସ୍ତ ଆଶା ଏବଂ ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ ଦିଦି, ସ୍ୱାସ୍ଥ୍ୟ କର୍ମୀ ଏବଂ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମର ଏଚଆର ଅଧିକାରୀ ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ ।

# ସରକାରୀ ଚାକିରି ନାଁରେ ଠକାମି

**ସମ୍ବଲପୁର,୧୮।୮ (ବ୍ୟୁରୋ)**

ଗେଲ୍ ଇଣ୍ଡିଆ ନାମକ କମ୍ପାନୀ କୃଷି ବିଭାଗରେ ସରକାରୀ ଚାକିରି ଦେବାକୁ କହି ଠକିଛି। ଏପରି ଏକ ଅଭିଯୋଗ ଆଣିଛନ୍ତି ଗଜପତି ଜିଲାର ଶିବଶଙ୍କର ରାଉତ । ଶିବଶଙ୍କରଙ୍କ ଅଭିଯୋଗ କ୍ରମେ ୧୦ ହଜାର ଟଙ୍କା ରେଜିଷ୍ଟ୍ରେସନ୍ ଫି ଓ ସାଢ଼େ ୭ ହଜାର ଟଙ୍କା ଖାଇବା ଖର୍ଚ୍ଚ ବାବଦକୁ କମ୍ପାନୀ ନେଇଛି। ହେଲେ ଚାକିରି ନ ଦେଇ ବିଭିନ୍ନ କମ୍ପାନୀର ପାଉଡର, କ୍ରିମ, ସାବୁନ, ତେଲ ଆଦି ସାମଗ୍ରୀ ବିକ୍ରି କରିବାକୁ ବାଧ କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷ କୋଠରିରେ ବନ୍ଦ କରି ମାଡପିଟ କରିବା ସହ ଖାଇବା ବନ୍ଦ କରି ଦେଇଛନ୍ତି। ଶନିବାର ଶିବଶଙ୍କରଙ୍କ ସହିତ ଅନ୍ୟ ୫/୬ଜଣ ଯୁବକ ଖସି ଯାଇ ସରକାରୀ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ହେଲେ କମ୍ପାନୀ କର୍ମଚାରୀ ପିଛା କରି ସେମାନଙ୍କୁ ଫେରାଇ ନେବାକୁ ଚେଷ୍ଟା କରିଥିଲେ। ସେମାନେ କିନ୍ତୁ ପାଟି କରିବାରୁ କମ୍ପାନୀ କର୍ତ୍ତୃପକ୍ଷ ପଳାଇ ଯାଇଥିଲେ। ଠକାମିର ଶିକାର ହୋଇଥିବା ଯୁବକମାନଙ୍କ ଅଭିଯୋଗ ଆଧାରରେ ଧନୁପାଲି ପୋଲିସ ଏକ ମାମଲା (ନଂ.୩୦୯/୧୮) ରୁଜୁ କରି କମ୍ପାନୀର ୬ଜଣଙ୍କୁ ଅଟକ ରଖିଛି। ଏସ୍‌ପି ସଞ୍ଜୀବ ଅରୋରାଙ୍କ ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଏହି କମ୍ପାନୀ ନାମରେ ପୂର୍ବରୁ ଅଇଁଠାପାଲି, ସଦର ଓ ଧନୁପାଲି ଥାନାରେ ମାମଲା ରୁଜୁ ହୋଇଛି।

# ୱେସ୍କୋ ଜେଇ ଜିଲା ଉପଭୋକ୍ତା ଫୋରମରେ ଦଣ୍ଡିତ

**ବାମରା,୧୮।୮(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକରେ ଜଣେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପ୍ରତିଶୋଧ ନେବା ୱେସ୍କୋ ଜେଇଙ୍କୁ ମହଙ୍ଗା ପଡିଛି। ମାମଲା ବିଚାର କରି ଜିଲା ଉପଭୋକ୍ତା ଫୋରମ ୱେସ୍କୋ ଜେଇଙ୍କୁ ଦଣ୍ଡିତ କରିଛି।

ଉଚ୍ଚକାପାଟ ପଞ୍ଚାୟତ ଭଗପଡା ଗାଁର ଜଣେ ବିଦ୍ୟୁତ ଉପଭୋକ୍ତା ସ୍ଥାନୀୟ ବାମରା ୱେସ୍କୋ ଜେଇଙ୍କ ନାମରେ ଜିଲା ଉପଭୋକ୍ତା ଫୋରମରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଉପଭୋକ୍ତା ଫୋରମ୍‌ର ସଭାପତି ସୁନ୍ଦରଲାଲ ବେହେରାଙ୍କ ସମେତ ୩ଜଣିଆ ଟିମ୍ ନିଜ ରାୟ ଶୁଣାଇଛନ୍ତି। ଗତ ୧୪ ତାରିଖରେ କେଶ ନଂ. ୬/୧୮ ମୁତାବକ ବିଦ୍ୟୁତ ଉପଭୋକ୍ତା ଭିକାରୀ ପଇଠ କରିଥିବା ମୋଟ ୧୦ ହଜାର ୧୫୦ ଟଙ୍କା ସହିତ ଅଧିକ ୧୦ ହଜାର ଟଙ୍କା ଫେରସ୍ତ କରିବାକୁ ୱେସ୍କୋକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ୧ମାସ ମଧ୍ୟରେ ଏହା ପଇଠ ନ କଲେ ଶତକଡା ୧୦ ପ୍ରତିଶତ ସୁଧ ହାରରେ ପଇଠ କରାଯିବାକୁ କଡା ନିର୍ଦ୍ଦେଶ ରହିଛି । ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ, ଏହି ଗାଁର ବିଦ୍ୟୁତ ସେବା ବରାବର ବ୍ୟାହତ ହେଉଛି। ଲଗାତାର ୩/୪ ଦିନ ଧରି ମଧ ବିଦ୍ୟୁତ କାଟ୍ କରାଯାଉଛି। ଏଣୁ ଭିକାରୀ କେତେକ ଗ୍ରାମବାସୀଙ୍କ ସହ ମିଶି ସ୍ଥାନୀୟ ୱେସ୍କୋ ଅଫିସକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ହେଲେ ପରବର୍ତ୍ତୀ ସମୟରେ ଉଦ୍ଦେଶ୍ୟମୂଳକ ଭାବେ ବିଭାଗୀୟ କର୍ମଚାରୀମାନେ ଭଗପଡାକୁ ଯାଇ ତାଙ୍କ ଘରେ ଅନିୟମିତତା ଦର୍ଶାଇ ୧୦ ହଜାର ୧୫୦ଟଙ୍କା ଜରିମାନା ଲଗାଇ ଥିଲେ । ଏହା ବେଆଇନ ଓ ଭିତ୍ତିହୀନ ଜାଣିବା ସତ୍ତ୍ୱେ ବି ଭିକାରୀ ଜରିମାନା ପଇଠ କରିଥିଲେ। ହେଲେ ପୁଣି ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେବା ପରେ ସେ ବାଧ ହୋଇ ଜିଲା ଉପଭୋକ୍ତା ଫୋରମରେ ଅଭିଯୋଗ କରିଥିଲେ।

## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ୍ୟ ପରିଷଦ ବୈଠକ

**ଧମା, ୧୮।୮ (ଡି.ଏନ.ଏ)**

ପଶ୍ଚିମ ଓଡିଶା ସଂକୀର୍ତ୍ତନ୍ୟ ପରିଷଦର ଏକ ବ୍ଲକସ୍ତରୀୟ ବୈଠକ ନୂଆଁଗାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ବୈଠକରେ ବ୍ଲକ ସମ୍ପାଦକ ସନ୍ତୋଷ ବାରିକ ସଭାପତିତ୍ୱ କରିଥିଲେ। ମାନେଶ୍ୱର ବ୍ଲକର ୧୨ଜଣ ଯାକ ପଞ୍ଚାୟତ ମେମ୍ବର ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ ସଭାପତି ପଦ ପାଇଁ ସଞ୍ଜିତ କୁମାର ବାରିକଙ୍କୁ ମନୋନୀତ କରାଯାଇଛି।

# କୁନି କଣ୍ଠରେ ଗଙ୍ଗାଧର ସଙ୍ଗୀତ

**ସମ୍ବଲପୁର, ୧୮।୮ (ବ୍ୟୁରୋ)**

ଶ୍ରାବଣ ପୂର୍ଣ୍ଣିମା ତିଥିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହେବ। ଏହାକୁ ଦୃଷ୍ଟିରେ ରଖି ସହରରେ ବିବିଧ କାର୍ଯ୍ୟକ୍ରମ ହେଉଛି । ଏହି କ୍ରମରେ ଶନିବାର ଓଡିଶା ସାଂସ୍କୃତିକ ସମାଜ ଦ୍ୱାରା ଆୟୋଜିତ ଗଙ୍ଗାଧର ସଂଗୀତ ଓ ଦେଶାତ୍ମବୋଧ ଗୀତ ପ୍ରତିଯୋଗିତା ହୋଇଥିଲା । ନବ ବିକଶିତ ଫୁଲ ଗନ୍ଧ, ନବ ସରସ କବିତା ଛନ୍ଦ...., ବିଶ୍ୱ ଜୀବନ ହେ ତୁମ୍ଭଙ୍କୁ କରୁଣା ସିନ୍ଧୁ...., ମଙ୍ଗଳେ ଅଇଲା ଉଷା...., ବିଶ୍ୱ ଦେଖ ମଧୁ ମୟରେ ଜୀବନ...., ପ୍ରଭୃତି ସଂଗୀତ ମୂର୍ଚ୍ଛନାରେ ଝୁମି ଉଠିଥିଲା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ । ଏଥିରେ ୧୦ଟି ସ୍କୁଲର ୩୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଗଙ୍ଗାଧର ସଂଗୀତରେ ବୀର ସୁରେନ୍ଦ୍ର ସାଏ ସ୍କୁଲର ମୌସମ ନାୟକ ପ୍ରଥମ, ସେଭେପହିଲ୍ସ ପବ୍ଲିକ ସ୍କୁଲର ସ୍ମୃତିବଲ୍ଲଭୀ ପାଣିଗ୍ରାହୀ ଦ୍ୱିତୀୟ ଓ ମ୍ୟୁନିସିପାଲ ଗର୍ଲ୍ସ ହାଇସ୍କୁଲର ସ୍ନେହଲତା ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଦେଶାତ୍ମବୋଧ ସଂଗୀତରେ ବାଳିକା ବିଦ୍ୟାଳୟର ପ୍ରିୟରତ୍ନ ବଂଶଲ ପ୍ରଥମ, ବିକାଶ ଦ୍ କନସେପ୍ଟ ସ୍କୁଲର ଶୁଭଶ୍ରୀ ବିଶ୍ୱାଳ ଦ୍ୱିତୀୟ ଓ ସାଇସ୍ମିତା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ବିଭୂତିଭୂଷଣ ପଟ୍ଟନାୟକ, ସନ୍ତୋଷ କୁମାର ମିଶ୍ର ଓ ପଦ୍ମିନୀ ଦୋରା ଯୋଗ ଦେଇଥିଲେ। ଆୟୋଜକ ଅନୁଷ୍ଠାନ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ପରିଚାଳନା ଓ ପ୍ରଫୁଲ୍ଲ କୁମାର ହୋତାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ବୋଧରାମ ଦାଶ ସୂଚନା ପ୍ରଦାନ କରିଥିଲେ । ସରୋଜ କୁମାର ଦାଶ ପ୍ରତିଯୋଗିତାର ନୀତି ନିୟମ ସୂଚୀତ କରିଥିଲେ । ସଞ୍ଜୟ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ ଓ ସୁବାସ ଭୋଇ ସହଯୋଗ କରଇଥିଲେ । ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବରେ କୃତୀମାନଙ୍କୁ ପୁରସ୍କୃତ କରିବା କାର୍ଯ୍ୟକ୍ରମ ରହିଛି ।



ଶନିବାର ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ଆୟୋଜିତ ଗଙ୍ଗାଧର ମେହେର ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଆୟୋଜକଙ୍କ ସହ ।





## ଏ ସପ୍ତାହର ପ୍ରଶ୍ନ

୧– ହିନ୍ଦୁ ପ୍ଲେ ରାଇଟ୍ ଆୱାର୍ଡ ୨୦୧୮ର ବିଜେତା..... ?

୨– ଚଳିତବର୍ଷ ୟୁଥ୍ ଡେ’ ଥିମ୍........... ?

୩– ନ୍ୟାଶନାଲ୍ ପଲିସି ଅନ୍ ବାୟୋ ଫୁଏଲ୍ସ ପ୍ରଥମେ........ ରାଜ୍ୟରେ କାର୍ଯ୍ୟକାରୀ ହେଲା ?

୪– ପାକିସ୍ତାନ ହାଇକୋର୍ଟରେ ନିଯୁକ୍ତ ପ୍ରଥମ ମହିଳା ମୁଖ୍ୟ ବିଚାରପତି ....... ?

୫– ଭାରତର ପ୍ରଥମ ଗ୍ରୀନ୍‌ଫିଲ୍ଡ ସ୍କିଲ୍ ଟ୍ରେନିଂ ସେଣ୍ଟର........... ରାଜ୍ୟରେ ପ୍ରଥମେ କାର୍ଯ୍ୟକାରୀ କରାଯିବ ?

## ଗତ ସପ୍ତାହର ଉତ୍ତର

୧ ହୁପି

୨ ପ୍ରୁସିଆ

୩ ଚୁମ୍ବକ

୪ ଏପ୍ରିଲ୍ ୧୦ ତାରିଖ

୫ ଡା. ଖ୍ରୀଷ୍ଟିଆନ୍ ବର୍ନାର୍ଡ

## ଉତ୍ତର ଦାତା



ବାମନ ଚନ୍ଦ୍ର ପୂଜାହାରୀ
କଳାହାଣ୍ଡି



ଅଲେଖ ନାୟକ
ହାଇଦ୍ରାବାଦ



ବିନୋଦ ବିହାରୀ ବେହେରା
କଟକ

## ଟପ୍ ଟେନ୍



ଦି ଭେଣ୍ଟାର୍ ପ୍ଲାଟିନମ୍ ପ୍ଲସ୍

### ପୃଥିବୀର ସବୁଠୁ ବିଳାସପୂର୍ଣ୍ଣ ବସ୍

୧................ ଦି ଭେଣ୍ଟାର୍ ପ୍ଲାଟିନମ୍ ପ୍ଲସ୍
୨................ପ୍ରିନ୍ସ ସୁଲ୍‌ତାନ୍ ବିନ୍ ଫଡ୍’ସ୍ ବସ୍
୩................ ଭକ୍‌ନର୍’ସ୍ ମୋବାଇଲ୍ ପର୍‌ଫର୍ମାନ୍ସ ବସ୍
୪................କଣ୍ଟ୍ରି କୋଚ୍ ମାଗ୍ନା ୬୩୦
୫................ଦି ପ୍ରିଭଷ୍ଟ ଏଚ୍୩–୪୫ ଭିଆଇପି
୬................୨୦୧୫ ଫୋର୍‌ଟ୍ରାଭେଲ୍ ଆଇଏଚ୍–୪୫ ଲକ୍‌ଜୁରୀ ମଟରକୋଚ୍
୭................୨୦୧୪ କଣ୍ଟ୍ରି କୋଚ୍ ପ୍ରିଭଷ୍ଟ
୮................ଦି ନ୍ୟୁମାର୍ କିଙ୍ଗ୍ ଏୟାରେ
୯................ୟୁନିକାଟ୍ ଆମେରିଗୋ ଇଣ୍ଟରନ୍ୟାଶନାଲ୍
୧୦................୨୦୧୫ ମୋନାକୋ ଡିନାଷ୍ଟି ୪୫ପି



# କଥା କୁହେ ଫଟୋ

କୁହାଯାଏ ଗୋଟିଏ ଫଟୋ ହଜାରେଟି ଶବ୍ଦ ସହିତ ସମାନ। ତେବେ ସମ୍ପୂର୍ଣ୍ଣ ବିଷୟବସ୍ତୁକୁ ଫଟୋରେ କଏଦ କରିବା ଲାଗି ପରଫେକ୍ଟ ଆଙ୍ଗେଲ୍‌ରେ ଫଟୋ ଉଠାଇବା ଏତେ ସହଜ ନୁହେଁ। କାରଣ ଫଟୋଗ୍ରାଫି ହେଉଛି ଏକ କଳା। ଯାହାକୁ ସମ୍ମାନ ଦେବା ଲାଗି ବିଶ୍ୱବ୍ୟାପୀ ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖରେ ପାଳନ କରାଯାଉଛି ବିଶ୍ୱ ଫଟୋଗ୍ରାଫି ଦିବସ। ଏହି ଅବସରରେ କେତେଜଣ ଯୁବ ଫଟୋଗ୍ରାଫରଙ୍କୁ ନେଇ ଆମର ବିଶେଷ ଉପସ୍ଥାପନା...

୧୮୩୯ ମସିହାରୁ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ଫଟୋଗ୍ରାଫି ଦିବସ ଭାବେ ଗ୍ରହଣ କରାଯାଇଥିଲେ ହେଁ ୨୦୧୦ ମସିହା ଅଗଷ୍ଟ ୧୯ ତାରିଖରେ ପ୍ରଥମ ଥର ଗ୍ଲୋବାଲ୍ ଅନ୍‌ଲାଇନ୍ ଗ୍ୟାଲେରୀ ଆୟୋଜନ କରାଯାଇଥିଲା। ଯେଉଁଥିରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୨୭୦ ଜଣ ଫଟୋଗ୍ରାଫର ଅଂଶଗ୍ରହଣ କରିଥିଲେ। ଆଉ ସେମାନଙ୍କ ଦ୍ୱାରା ସେୟାର କରାଯାଇଥିବା ଫଟୋକୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦେଶର ଲୋକେ ୱେବ୍‌ସାଇଟ୍ ମାଧ୍ୟମରେ ଦେଖିଥିଲେ। ସେବେଠୁ ଏହି ଦିବସ ଅଧିକ ବିଶ୍ୱବ୍ୟାପୀ ହେବାରେ ଲାଗିଛି। ତେବେ ଏହି ଅବସରରେ କେତେଜଣ ଯୁବ ଫଟୋଗ୍ରାଫରଙ୍କୁ ନେଇ ଉପସ୍ଥାପନା... କ୍ୟାମେରା ସହ ସେମାନଙ୍କର ଦୋସ୍ତି । କ୍ୟାମେରା କ୍ଲିକରେ ସେମାନେ ସୃଷ୍ଟି କରନ୍ତି କିଛି ଭିନ୍ନ କାହାଣୀ । ସେମାନଙ୍କ ଫଟୋ ଯେପରି କଥା କୁହେ ଆଉ ବଖାଣିପାରେ ସମ୍ପୂର୍ଣ୍ଣ ବିଷୟବସ୍ତୁ। ଏହି ଫଟୋଗ୍ରାଫିର ନିଶା ସେମାନଙ୍କୁ ବାଧ କରିଛି ସବୁ କାର୍ଯ୍ୟକୁ ପଛରେ ପକାଇବାକୁ। ପରିବାରର ତାଗିଦ ହେଉ କି ଟଙ୍କାର ଅସୁବିଧା ସେମାନଙ୍କ ଲକ୍ଷ୍ୟ ପଥରେ ସାଜିପାରିନି ବାଧକ। ଏମିତିକି ଏହି ନିଶା କ୍ରମଶଃ ପାଲଟିଯାଇଛି ସେମାନଙ୍କ ପେସା....

**ଦେବେଶ କୁମାର ପଟ୍ଟନାୟକ,** ଭୁବନେଶ୍ୱର

❖ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ ଷ୍ଟ୍ରିଟ୍ ଓ ଟ୍ରାଭେଲ ଫଟୋଗ୍ରାଫର ଦେବେଶ କୁମାର ପଟ୍ଟନାୟକ । ପିଲାଟି ଦିନରୁ ତାଙ୍କର ଆର୍ଟ ପ୍ରତି ରହିଛି ଗଭୀର ଭଲପାଇବା। ଆଉ ଏଥିପାଇଁ ଫଟୋଗ୍ରାଫି ତାଙ୍କର ନିଶା। ତାଙ୍କର ପ୍ରତିଟି ଫଟୋ ପଛରେ ଲୁଚି ରହିଥାଏ କିଛି କାହାଣୀ ଏବଂ କିଛି ଏପରି ମୁହୂର୍ତ୍ତ ଯାହା ଏକ ସାଧାରଣ ବ୍ୟକ୍ତିର ଆଖି ଦେଖିପାରେ ନାହିଁ । ମାତ୍ର ୨୨ବର୍ଷ ବୟସରେ ନିଜ ଫଟୋଗ୍ରାଫିର ଯାଦୁ ଦେଖାଇ ସାଉଁଟି ପାରିଛନ୍ତି ଅନେକ ସଫଳତା । ବିଶ୍ୱ ପ୍ରସିଦ୍ଧ ପ୍ଲାଟଫର୍ମ ନ୍ୟାଶନାଲ ଜିଓଗ୍ରାଫିକ୍ ଚ୍ୟାନେଲ୍‌ରେ ମଧ୍ୟ ତାଙ୍କର ଫଟୋ ପ୍ରକାଶିତ ଓ ସମ୍ମାନିତ ହୋଇଛି । ଆଗକୁ ଲାଇଫ୍‌ଷ୍ଟାଇଲ୍ ଫଟୋଗ୍ରାଫିକୁ ନେଇ କିଛି ନୂଆ ଏକ୍ସପେରିମେଣ୍ଟ କରିବାକୁ ଲକ୍ଷ୍ୟ ରଖିଥିବା ଦେବେଶଙ୍କର ଅନ୍ତଃରାଷ୍ଟ୍ରୀୟ ଫଟୋଗ୍ରାଫି ଆୱାର୍ଡ ‘‘ଥାର୍ଟି ଫାଇଭ୍ ଆୱାର୍ଡ– ୨୦୧୭’’ରେ ମଧ୍ୟ ଏକ ଫଟୋ ସ୍ଥାନ ପାଇଛି। ଯେଉଁଥିପାଇଁ ଆଜି ଦେବେଶ ଓଡିଶାର ଜଣେ ସୁନାମଧନ୍ୟ ଫଟୋଗ୍ରାଫର ଭାବେ ପରିଗଣିତ ହେବା ସହ ଅନେକ ଯୁବପିଢିଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

**ପ୍ରଶାନ୍ତ କୁମାର ସାହୁ,** ଭୁବନେଶ୍ୱର

ଫଟୋଗ୍ରାଫି ଓ ଭିଡିଓଗ୍ରାଫି ତାଙ୍କର ପ୍ୟାସନ୍। ଆଉ ବର୍ତ୍ତମାନ ଏହାକୁ ନିଜର ପେସା ଭାବେ ଗ୍ରହଣ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ପ୍ରଶାନ୍ତ କୁମାର ସାହୁ। ପ୍ରଥମେ ପ୍ରଥମେ ଏଥି ପାଇଁ ତାଙ୍କରେ ଅନେକ ଷ୍ଟ୍ରଗଲ୍ କରିବାକୁ ପଡିଥିଲା । କିନ୍ତୁ ହାର ନ ମାନି ସେ ଆଗକୁ ବଢିଥିଲେ । ସାନ ଭାଇ ଶ୍ରୀକାନ୍ତ ମଧ୍ୟ ଏଦିଗରେ ତାଙ୍କୁ ସହଯୋଗର ହାତ ବଢାଇଥିଲେ। ବର୍ତ୍ତମାନ ଓଡିଶାର ୱେଡିଙ୍ଗ୍ ଓ ଇଭେଣ୍ଟ୍ ଇଣ୍ଡଷ୍ଟ୍ରିରେ ପ୍ରଶାନ୍ତ ଏକ ଜଣାଶୁଣା ଚେହେରା। ଓଡିଶାରେ କୌଣସି ବଲିଉଡ ଷ୍ଟାରଙ୍କ ଇଭେଣ୍ଟ ହେଉ କି ସରକାରୀ କି ବେସରକାରୀ କାର୍ଯ୍ୟକ୍ରମ ସବୁଠି ତାଙ୍କୁ ଦେଖିବାକୁ ମିଳେ । ଏବେ ସେ ଓଲିଉଡ ଇଣ୍ଡଷ୍ଟ୍ରୀରେ ବି ବେଶ ସକ୍ରିୟ । ଏବେ ସେ ନିଜର ଏକ ଟିମ୍ କରି ବିଭିନ୍ନ ୱେଡିଙ୍ଗ ଓ ଇଭେଣ୍ଟରେରେ ଫଟୋଗ୍ରାଫି ସହ ଭିଡିଓଗ୍ରାଫି କରୁଛନ୍ତି । ସେ ସବୁବେଳେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତି । ଲୋକଙ୍କ ଭଲ ପାଇବା ସହ କାମ ପ୍ରତି ନିଷ୍ଠା ନିଜ ସଫଳତାର କାରଣ ବୋଲି ପ୍ରକାଶ କରିଥିବା ପ୍ରଶାନ୍ତ ଆଗକୁ ନିଜର ଏକ ୟୁଟ୍ୟୁବ ଚ୍ୟାନେଲ ଖୋଲିବାକୁ ଇଚ୍ଛା ରଖିଛନ୍ତି।

**ନିହାର ରଞ୍ଜନ ବାରିକ,** ଢେଙ୍କାନାଳ

❖ବିବାହ ଭଳି ଏକ ସୁନ୍ଦର ମୁହୂର୍ତ୍ତକୁ ନିଜ କ୍ୟାମେରା ଲେନ୍ସରେ ବାନ୍ଧି ରଖନ୍ତି ନିହାର ରଞ୍ଜନ ବାରିକ। ଏମିତି ତ ଅନେକେ ଫଟୋଗ୍ରାଫି କରୁଛନ୍ତି ହେଲେ ବିବାହ ସମୟର ହସ କାନ୍ଦର ବିଭିନ୍ନ ସ୍ମରଣୀୟ ମୁହୂର୍ତ୍ତକୁ କିଛି ଭିନ୍ନ ଢଙ୍ଗରେ କଏଦ କରିବାରେ ତାଙ୍କର ଶୈଳୀ ନିଆରା। ଯେଉଁଥିଲାଗି ଜଣେ ଭଲ ୱେଡିଙ୍ଗ୍ ଫଟୋଗ୍ରାଫର ଭାବରେ ସେ କେବଳ ଭୁବନେଶ୍ୱର ନୁହେଁ ଓଡିଶାର ବିଭିନ୍ନ ସ୍ଥାନରେ ହୋଇପାରିଛନ୍ତି ବେଶ୍ ଲୋକପ୍ରିୟ । ଫଟୋଗ୍ରାଫର ହେବାର ଲକ୍ଷ୍ୟ ନ ଥିଲେ ହେଁ ପରିସ୍ଥିତି ଚାପରେ ୨୦୦୪ ମସିହାରେ ହଠାତ୍ ଏ ଲାଇନରେ ପ୍ରବେଶ କରିଥିଲେ। ହେଲେ ନିଜ ବୁଦ୍ଧି, ଫଟୋଗ୍ରାଫିର ପର୍‌ଫେକ୍ଟ ସେନ୍ସ ଏବଂ ସବୁବେଳେ କ୍ୟାମେରା ଓ ଗ୍ୟାଜେଟର ଅପଡେଟ୍ ତଥା ଆଡ୍‌ଭାନ୍ସ ଟେକ୍ନୋଲୋଜିକୁ ନେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରିବାର ନିଶା ତାଙ୍କୁ ଏ ଦିଗରେ ସଫଳତା ଆଣି ଦେଇଛି ବୋଲି ସେ ପ୍ରକାଶ କରନ୍ତି। ୱେଡିଂ ବ୍ୟତୀତ ଅନ୍ୟାନ୍ୟ ଫଟୋଗ୍ରାଫି କରି ସେ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ହାସଲ କରିଛନ୍ତି।

**ମାନସ ରଞ୍ଜନ କର,** ବାରିପଦା

❖ପିଲାବେଳୁ ଫଟୋଗ୍ରାଫି ପ୍ରତି ରୁଚି ରଖନ୍ତି ମାନସ ରଞ୍ଜନ କର । ତେଣୁ ବାପାଙ୍କ ୟାସିକା କ୍ୟାମେରା ଲୁଚେଇ ନେଇ ଫଟୋ ଉଠାଉଥିଲେ ସେ। ଧରାପଡି ମାଡ ମଧ୍ୟ ଖାଇଥିଲେ, କାରଣ ବାପା ଚାହୁଁ ନ ଥିଲେ ତାଙ୍କୁ ଫଟୋଗ୍ରାଫର କରିବାକୁ। ତେଣୁ ସେ ଇଞ୍ଜିନିୟର । ତଥାପି ନିଜ ରୁଚି ଅର୍ଥାତ୍ ଫଟୋଗ୍ରାଫିକୁ ନେଇ କ୍ୟାରିୟର କରିବାକୁ ସେ ଆଗ୍ରହୀ ହେଲେ। ଆଉ ବର୍ତ୍ତମାନ ଜଣେ ଭଲ ଫଟୋଗ୍ରାଫର ଭାବେ ସେ ନାମ ଅର୍ଜନ କରି ପାରିଛନ୍ତି। ପୁଅର ପ୍ରଶଂସା ଶୁଣି ବର୍ତ୍ତମାନ ବାପା ମଧ୍ୟ ଗର୍ବ ଅନୁଭବ କରୁଛନ୍ତି। କ୍ୟାମେରାକୁ ନିଜର ସବୁକିଛି ମାନୁଥିବା ମାନସ ଫଟୋଗ୍ରାଫି ଛଡା ତାଙ୍କୁ ଆଉ କିଛି ବି ଆସେନି ବୋଲି କୁହନ୍ତି। ଆଗକୁ ଜଣେ ଭଲ ଫ୍ୟାଶନ ଫଟୋଗ୍ରାଫର ହେବାକୁ ଲକ୍ଷ୍ୟ ରଖିଥିବା ସେ ପ୍ରକାଶ କରିଛନ୍ତି।

**ସାରଦା ରଞ୍ଜନ ସ୍ୱାଇଁ,** ପୁରୀ

❖ଫଟୋଗ୍ରାଫି ପ୍ରତି ତାଙ୍କର ଅହେତୁକ ଦୁର୍ବଳତା। ଯୁଆଡେ ବି ଯା’ନ୍ତି ସାଥିରେ ଥାଏ ତାଙ୍କର କ୍ୟାମେରା। ପ୍ରକୃତିର ବିଭିନ୍ନ ଦୃଶ୍ୟକୁ କ୍ୟାମେରାରେ କଏଦ୍ କରିବାରେ ସେ ପାଆନ୍ତି ଆନନ୍ଦ। ତେଣୁ +୨ ବିଜ୍ଞାନ ପଢା ସରିବା ପରେ ନିଜ ସ୍ୱପ୍ନକୁ ସାକାର କରିବାକୁ ଯାଇ ବିଜୁ ପଟ୍ଟନାୟକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସିନେମାଟୋଗ୍ରାଫିରେ ଡିପ୍ଲୋମା କରି ଫଟୋଗ୍ରାଫିର ବିଭିନ୍ନ ଦିଗ ବିଷୟରେ ଅନେକ ଜ୍ଞାନ ଆହରଣ କରନ୍ତି। ଆଉ ବର୍ତ୍ତମାନ ନୂଆଦିଲ୍ଲୀଠାରେ ଏ ଦିଗରେ କାର୍ଯ୍ୟରତ ଥିବା ସହିତ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ଓ ୱେଡିଙ୍ଗ ଫଟୋଗ୍ରାଫି ମଧ୍ୟ କରୁଛନ୍ତି। ତେବେ ଭବିଷ୍ୟତରେ ଜଣେ ଦକ୍ଷ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ଭାବେ ନିଜକୁ ପ୍ରତିଷ୍ଠା ଲାଭ କରିବାକୁ ଚାହାନ୍ତି ଏହି ଯୁବ ଫଟୋଗ୍ରାଫର।



ସାରଦା



ନିହାର



ପ୍ରଶାନ୍ତ



ମାନସ



ଦେବେଶ

## ପାଠକଙ୍କ ମତ

■ଦେଶର ବିକାଶରେ ଯୁବପିଢିଙ୍କ ଭୂମିକା ସତରେ ଗୁରୁତ୍ୱପୂର୍ଣ୍ଣ। ଯୁବ ଦିବସ ଅବସରରେ ଯୁବପିଢିଙ୍କର ବିଭିନ୍ନ ସମାଜଧର୍ମୀ କାର୍ଯ୍ୟକୁ ନେଇ ପ୍ରକାଶିତ ପାଠ୍ୟଟି ବେଶ୍ ମନଛୁଆଁ ହୋଇପାରିଛି।

*– ଦିବ୍ୟଲୋଚନ ଭଞ୍ଜ, ଭଦ୍ରକ*

■‘ଅସମୟର ବନ୍ଧୁ ହିଁ ପ୍ରକୃତ ବନ୍ଧୁ’ ଏହି କଥାକୁ ପ୍ରମାଣ କରିଦେଖାଇଲା ଏହି ପୃଷ୍ଠାରେ ପ୍ରକାଶିତ ‘ବନ୍ଧୁ’ପ୍ରସଙ୍ଗରେ ଥିବା ଯୁବତୀଯୁବକଙ୍କ ନିବିଡ ବନ୍ଧୁତ୍ୱ।

*–ରୋସ୍‌ନାରା ବେଗମ୍, ନିଆଳି, କଟକ*

■ଅଫିସ୍‌ରେ ନିଦ ଲାଗୁଥିଲେ ପ୍ରସଙ୍ଗଟିରୁ ଏହି ସମସ୍ୟା ଦୂର କରିବାର ବିଭିନ୍ନ ଉପାୟ ଜାଣିବାକୁ ମିଳିଲା। ଏଭଳି ଉପାଦେୟ ପାଠ ପ୍ରକାଶ ପାଉଥିବାରୁ ଏହି ପୃଷ୍ଠାଟି ମୋର ଖୁବ୍ ପ୍ରିୟ।

*– ଲିଙ୍ଗରାଜ ତରାଇ, ବାଲେଶ୍ୱର*

## ୟୁଥ କ୍ଲବ ସବୁଜ ବାହିନୀ

# ଚା’ କପ୍‌ରୁ ସବୁଜ ଅଙ୍କୁର



ବ୍ରହ୍ମପୁର ସହରର ରାମଲିଙ୍ଗମ୍ ପୋଖରୀ ପାଖ ଚା’ ଦୋକାନ। ଯେଉଁଠି ପ୍ରତି ରବିବାର ଜମା ହୁଅନ୍ତି କେତେଜଣ ଯୁବକ। ହାତରେ ଚା’ କପ୍ ସାଙ୍ଗକୁ ବିଭିନ୍ନ ପ୍ରସଙ୍ଗକୁ ନେଇ ବେଶ୍ ଜମେ ସେମାନଙ୍କ ଖଟି। ଏମିତି ଥରେ କଥା ପଡିଲା ଚା’କୁ ନେଇ। ଜଣେ କହିଲେ ଚା’ର ରଙ୍ଗ ମାଟିଆ ସତ ହେଲେ ସ୍ୱାଦ ଏବଂ ବାସ୍ନା କେତେ ବଢିଆ, ଯାହାକି ସୃଷ୍ଟି ହେଉଛି ସବୁଜ ଚା’ ପତ୍ରରୁ । ସତ୍ତା ହରାଇଥିଲେ ସୁଦ୍ଧା ସବୁଜ ଚା’ ପତ୍ର ଏହି ଯୁବକମାନଙ୍କ ଭିତରେ ଭରିଦେଇଥିଲା ସବୁଜ ସମାଜ ସୃଷ୍ଟି କରିବାର ପ୍ରତିବଦ୍ଧତା । ଆଉ ସେବେଠୁ ଜନ୍ମନେଲା ‘ସବୁଜ ବାହିନୀ’ । ଦିନେ ଚା’ ଖଟିରୁ ଜନ୍ମ ନେଇଥିବା ଏହି ସଂଗଠନ ଆଜି ବୃକ୍ଷରୋପଣ, ପରିବେଶ ସୁରକ୍ଷା, ରକ୍ତଦାନ, ଗୃହପାଳିତ ପଶୁଙ୍କ ଚିକିତ୍ସା ଭଳି ମହତ କାର୍ଯ୍ୟ ପାଇଁ ସୁଦୂର ପ୍ରସାରି ପରିଚୟ ହାସଲ କରିପାରିଛି । ଏହାର ସଭାପତି ଶିବରାମ ପାଣିଗ୍ରାହୀ କୁହନ୍ତି, ବର୍ତ୍ତମାନ ଆମ ବାହିନୀରେ ଥିବା ୨୮ ଜଣ ସକ୍ରିୟ ସଦସ୍ୟଙ୍କ ମଧ୍ୟରେ କଲେଜ ପଢୁଆ ଛାତ୍ରଙ୍କ ସମେତ ବ୍ୟବସାୟୀ ଏବଂ ଅନ୍ୟାନ୍ୟ କାର୍ଯ୍ୟରତ ବ୍ୟକ୍ତିମାନେ ମଧ୍ୟ ରହିଛନ୍ତି । ତେବେ ସର୍ବପ୍ରଥମେ ମୁଁ ଏବଂ ମୋର ସାଙ୍ଗ ରବିନ କୁମାର ସାହୁ, ସନିଆ ଗୌଡ଼, ଶିବରାମ ବେହେରା, ପ୍ରଶାନ୍ତ ଭୂୟାଁ, ଏ. ପ୍ରକାଶ କୁମାର ଏବଂ ଏମ୍. ଦିଲୀପ କୁମାର ପ୍ରମୁଖ ବୃକ୍ଷ ରୋପଣ, ପରିବେଶ ସୁରକ୍ଷା ଏବଂ ରକ୍ତଦାନ ଆଦି ସମାଜଧର୍ମୀ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ୨୦୧୬ ଅକ୍ଟୋବର ୨ ତାରିଖ ବା ଗାନ୍ଧୀ ଜୟନ୍ତୀରେ ସବୁଜ ବାହିନୀ ଗଠନ କରିଥିଲୁ। ସେବେଠୁ ସହର ସାରା ବୁଲିବୁଲି ବୃକ୍ଷ ରୋପଣ କଲୁ। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ ଅନ୍ୟାନ୍ୟ ସଂଗଠନଗୁଡ଼ିକ ମଧ୍ୟ ଏଥିରେ ସହଯୋଗ କଲେ । ଧୀରେ ଧୀରେ ସଦସ୍ୟ ସଂଖ୍ୟା ମଧ୍ୟ ବଢିବାକୁ ଲାଗିଲା। ପରେ ଘରକୁ ଘର ବୁଲି ଚାରା ବଣ୍ଟନ କଲୁ।’ ଏହି କ୍ଲବ୍ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ କାହାର ଜନ୍ମଦିନ, ବିବାହ ଉତ୍ସବ ଭଳି ମାଙ୍ଗଳିକ କାର୍ଯ୍ୟଥିଲେ ସେଥିରେ ବୃକ୍ଷ ରୋପଣ ଭଳି ମହତ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ତେବେ ନାଁ ସବୁଜ ବାହିନୀ ହୋଇଥିଲେ ବି କେବଳ ବୃକ୍ଷ ରୋପଣରେ ସୀମିତ ନ ରହି କ୍ଲବ୍ ପକ୍ଷରୁ ପରିବେଶ ସୁରକ୍ଷା, ପଲିଥିନ୍ ବ୍ୟବହାର ନ କରିବା ଏବଂ ଅନ୍ୟାନ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଯାଉଛି। ସମ୍ପାଦକ ଏମ୍. ଦିଲୀପ କୁମାରଙ୍କ କହିବାନୁଯାୟୀ, ଗ୍ରୀଷ୍ମ ଆରମ୍ଭରୁ ଯେପରି ରକ୍ତ ଭଣ୍ଡାରରେ ରକ୍ତର ଅଭାବ ନ ଦେଖାଦେଇଥାଏ ସେଥିପାଇଁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ଶେଷକୁ ରକ୍ତଦାନ ଶିବିର ଆୟୋଜନ କରାଯାଉଛି । ଏହାସହ ରକ୍ତଦାନ ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇ ଯୁବପିଢିଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରାଯାଉଛି। ଅନ୍ୟପଟେ ଗୃହପାଳିତ ପଶୁଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯାଉଛି।

**–ଆଶୀର୍ବାଦ ରାଉତ**



"ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତା ବେଳେ କଳି କରନ୍ତି।
- ଜି.କେ. ଚେଷ୍ଟାରଟନ୍

# ଏସ୍‌ପି ର୍ୟାଙ୍କ୍‌କୁ ପଦୋନ୍ନତି ପାଇଲେ ୩ ବରିଷ୍ଠ ଓପିଏସ୍

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**

ଏସ୍‌ପି ର୍ୟାଙ୍କ୍‌କୁ ପଦୋନ୍ନତି ପାଇଛନ୍ତି ୩ ବରିଷ୍ଠ ଓପିଏସ୍ ଅଧିକାରୀ। ଏହି ଅଫିସରମାନେ ହେଲେ ସନ୍ତୋଷ ନାୟକ, ରବୀନ୍ଦ୍ର ମହାପାତ୍ର ଓ ବନବିହାରୀ ସାହୁ। ପଦୋନ୍ନତି ପାଇବା ପରେ ସେମାନେ ପୂର୍ବଭଳି ନିଜ ସ୍ଥାନରେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ପଦୋନ୍ନତି ନେଇ ଗୃହ ବିଭାଗ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଥାଉ କି, ସନ୍ତୋଷ କୁମାର ନାୟକ ଏବେ ଢେଙ୍କାନାଳ ଏସ୍‌ପି ଭାବେ ଥିବାବେଳେ ରବୀନ୍ଦ୍ର ମହାପାତ୍ର ଭୁବନେଶ୍ୱର ଏସ୍ଆଇଡବ୍ଲ୍ୟୁ ଏସ୍‌ପି ଏବଂ ବନବିହାରୀ ସାହୁ କଟକ ରେଲୱେ ଏସ୍‌ପି ଅଛନ୍ତି। ବିଗତ ଦିନରେ ଏହି ୩ ଅଫିସରଙ୍କ ଉଚ୍ଚକୋଟୀର କାର୍ଯ୍ୟ ଯୋଗୁ ସେମାନଙ୍କୁ ପଦୋନ୍ନତି ଦିଆଯାଇଥିଲା।

## ଖଣି ଖିଲାପି ସଂସ୍ଥାଙ୍କ ସମ୍ପତ୍ତି ବାଜ୍ୟାପ୍ତି ମାମଲା

# ହାଜର ହେଲେ ୪ ଖଣି ମାଲିକ

**କେନ୍ଦୁଝର, ୧୮।୮ (ସ୍ୱ.ପ୍ର)**



ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅବମାନନା କରି ଜରିମାନା ଦେଇ ନ ଥିବା ଖଣି ଖିଲାପି ସଂସ୍ଥାଗୁଡ଼ିକ ବିରୋଧରେ ଜିଲାପାଳଙ୍କ କୋର୍ଟରେ ସମ୍ପତ୍ତି ବାଜ୍ୟାପ୍ତି ମାମଲା ବିଚାର ଆରମ୍ଭ ହୋଇଛି। ତୃତୀୟ ପର୍ଯ୍ୟାୟରେ ଶନିବାର ୬ ଖଣି ସଂସ୍ଥାକୁ ହାଜର କରି ପକ୍ଷ ରଖିବାକୁ ନୋଟିସ କରାଯାଇଥିଲା। ତନ୍ମଧ୍ୟରୁ ୪ ଖଣି ସଂସ୍ଥା ଓକିଲ ଜରିଆରେ ହାଜର ହୋଇଥିଲେ। ସଂସ୍ଥାଗୁଡ଼ିକ ହେଲେ ବି.ସି.ଦେବ, ଡକ୍ଟର ଏସ. ପ୍ରଧାନ, ଏମଆର ଦାସ, ଓଏମଡିସି। ଅନ୍ୟ ୨ ଖଣି ସଂସ୍ଥା ଅର୍ଜୁନ ଲୋଧା ଓ ଟିବି ଲାଲଙ୍କ ପକ୍ଷରୁ କେହି ଉପସ୍ଥିତ ହୋଇ ନ ଥିବା ଜଣାପଡ଼ିଛି। ଓଏମ୍‌ଡିସି ଠାକୁରାଣୀ ଲୁହା ଖଣି ଓ ଏମ୍‌ଆର୍ ଦାସ ଖଣି ସଂସ୍ଥାକୁ ଆସନ୍ତା ୧ରେ ହାଜର ହେବାକୁ ତାରିଖ ଧାର୍ଯ୍ୟ କରାଯାଇଛି। ସେପ୍ଟେମ୍ବର ୧, ୧୫ ଓ ୨୨ ତାରିଖରେ ଖିଲାପି ଖଣି ସଂସ୍ଥା ଗୁଡିକର ମାମଲା ବିଚାର କରାଯିବ।

ସମୁଦାୟ ୩୧ ଖଣିର ୨୩ ଖିଲାପି ସଂସ୍ଥା ଉପରେ ୬୩୫୦ କୋଟି ଟଙ୍କା ସରକାର ଜରିମାନା ଆଦାୟ କରିବାକୁ ଲକ୍ଷ୍ୟ ରଖିଥିଲେ। ଜରିମାନା ଦେଇ ନ ଥିବା ଖଣି ସଂସ୍ଥା ବିରୋଧରେ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଜିଲାପାଳଙ୍କ କୋର୍ଟରେ ଖଣି ବିଭାଗ କେସ୍ ରୁଜୁ କରିଥିଲା। ପ୍ରଥମ ପର୍ଯ୍ୟାୟ ଜୁଲାଇ ୨୮ରେ ୯ ଖଣି ସଂସ୍ଥାକୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୪ରେ ୮ ଖଣି ସଂସ୍ଥାଙ୍କୁ ନୋଟିସ କରାଯାଇଥିଲା। ସେହିପରି ତୃତୀୟ ପର୍ଯ୍ୟାୟରେ ଅଗଷ୍ଟ ୧୮ରେ ୬ ଖଣି ସଂସ୍ଥାଙ୍କୁ ହାଜର ପାଇଁ ନୋଟିସ କରାଯାଇଥିଲା।

# ୨୨ ଜିଲାରେ ଡେଙ୍ଗୁ

## କଟକରେ ସର୍ବାଧିକ ୨୭୮ ରୋଗୀ

**କଟକ ଅଫିସ, ୧୮।୮**

ରାଜ୍ୟର ୨୨ଟି ଜିଲାରେ ଡେଙ୍ଗୁ କାୟାବିସ୍ତାର କରି ସାରିଲାଣି। ଏହି ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ କଟକ ଜିଲାର ସର୍ବାଧିକ ୨୭୮ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳରୁ ୧୪୬ ଓ ସହରାଞ୍ଚଳରୁ ୧୩୨ ରୋଗୀ ରହିଛନ୍ତି। ଅନ୍ୟ ଜିଲାଗୁଡିକ ମଧ୍ୟରେ ଯାଜପୁରରେ ୬୦ଜଣ ରୋଗୀ ଥିବାବେଳେ ଜଗତ୍‌ସିଂହପୁରରୁ ୫୯, ବାଲେଶ୍ୱରରୁ ୩୨, କେନ୍ଦ୍ରାପଡାରୁ ୩୫, ଭଦ୍ରକରୁ ୨୦, ଢେଙ୍କାନାଳରୁ ୧୮, ନୟାଗଡରୁ ୧୫, କେନ୍ଦୁଝରରୁ ୧୧, ଖୋର୍ଦ୍ଧାରୁ ୧୦, ଅନୁଗୋଳରୁ ୮, ମୟୂରଭଞ୍ଜରୁ ୬, ପୁରୀରୁ ୮, ବଲାଙ୍ଗୀରରୁ ୩, ସୋନପୁରରୁ ୩, ଝାରସୁଗୁଡାରୁ ୧, ସୁନ୍ଦରଗଡରୁ ୩, ସମ୍ବଲପୁରରୁ ୨, ଗଞ୍ଜାମରୁ ୧, କଳାହାଣ୍ଡିରୁ ୧, ରାୟଗଡାରୁ ୧ ଓ ଗଜପତିରୁ ଜଣେ ରୋଗୀ ରହିଛନ୍ତି। ଏହାବାଦ୍ ପଡୋଶୀ ପଶ୍ଚିମବଙ୍ଗରୁ ୩ଜଣ ରୋଗୀ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ବେଳେ ବିହାରରୁ ୩,କ ଉତ୍ତରପ୍ରଦେଶ ଓ ଝାଡଖଣ୍ଡରୁ ଜଣେ ଲେଖାଏଁ ରୋଗୀ ଆସିଛନ୍ତି। ଗତ ଜାନୁୟାରୀ ମାସରୁ ଅଗଷ୍ଟ ୧୮ ମଧ୍ୟରେ ଉପରୋକ୍ତ ଜିଲାର ଡେଙ୍ଗୁରୋଗୀମାନେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିବା ସୂତ୍ରରୁ ଜଣାପଡିଛି। ସେହିପରି ଚଳିତବର୍ଷ ମେଡିକାଲରେ ପରୀକ୍ଷା କରାଯାଇଥିବା ମୋଟ୍ ୩୯୬୬ଟି ରକ୍ତ ନମୁନାରୁ ୬୨୭ଟି ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ଅଦ୍ୟାବଧି ଏସ୍‌ସିବି ମେଡିକାଲରେ ଦୁଇ ଜଣ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ ଓ ପୁରୀ ଜିଲାର ପ୍ରଶାନ୍ତ ମହାରଣା। ତ୍ରୈଲୋକ୍ୟଙ୍କର ଗତ ଜୁନ ୨୪ ତାରିଖରେ ଓ ପ୍ରଶାନ୍ତଙ୍କର ଜୁଲାଇ ୯ ତାରିଖରେ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟା ସୁଦ୍ଧା ମେଡିକାଲରେ ମୋଟ୍ ୮୬ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ମେଡିକାଲ ସୂତ୍ରରୁ ରିପୋର୍ଟ ମିଳିଛି। ସେମାନଙ୍କ ମଧ୍ୟରୁ ଗୁରୁତର ୬ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି।


## The Odisha Small Industries Corporation Ltd.

( A Government of Odisha Undertaking) )
(*An ISO:9001:2008 certified Govt.Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2344992, 2342606 Fax : 0671-2341875 / 2342561
e-mail: osicltd@gmail.com , osicltd@rediffmail.com website: osicltd.in

**Opportunity for "The Innovative Youth of Odisha"**

**APPLICATIONS INVITED**

The OSIC Ltd., Cuttack on behalf of Department of Micro, Small & Medium Enterprises, Government of Odisha invites applications from the eligible Youth of Odisha (age between 13 Yrs. to 35 Yrs.) to avail Financial Assistance under "**Odisha Youth Innovation Fund**" for new ideas / demonstrative products, prototypes, patents, incubated products or services / development of any enterprise based on eligible innovative idea / products / services. The person who has already been awarded under the scheme is not eligible to apply. The pending application will also be considered.

**Financial Assistance**

i) Rs. 50,000 for any new idea.
ii) Rs. 1,00,000 for any demonstrative product, prototypes, patents, incubated products or services.
iii) Rs. 3,00,000 for development of any enterprise / Start up based on eligible innovative idea / products / services as prize money as a part of State Level felicitation.

**How to apply**:

Application in prescribed form is available at Odisha Small Industries Corporation Ltd., Cuttack/ MSME Website / OSIC Website: www.osicltd.in. Duly filled in application along with documents may be submitted to Managing Director, Odisha Small Industries Corporation Ltd., Madhupatna, Cuttack – 753 010 by 18th September'2018.
( Fax No. : 0671-2341875 / 2342561 E-mail: osicltd@gmail.com)

**For details please contact :**
Joint Manager (Admin.), OSIC Ltd., Madhupatna, Cuttack-10,
Mob: 8249094667

**MANAGING DIRECTOR**

## ADVERTISEMENT REGARDING ULTRASOUND CENTRES FUNCTIONING IN JAJPUR DISTRICT

The list of registered Ultrasound Centres of Jajpur district is hereby published for information of Public. It is requested that any place, person, equipment operating beyond this list may be intimated to the Collector-cum-District Appropriate Authority, Jajpur and the Director, Family Welfare-cum-State Appropriate Authority, PC PNDT., Odisha, 3rd Floor, HOD building, Bhubaneswar-751001.

| Sl. No. | Name of the Ultrasound Centre | Address of USG Centre | Name of the Owner | Name of the Performing Doctor(s) | Make and Model of the machine in the registered centre |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Asha Sonography Centre | At/PO- Sukinda, Dist.- Jajpur | Sri Kartik Ch. Senapati | Dr. Rabi Narayan Senapati | SONOACEX6 ULTRASOUND SYSTEM MODEL-USS-SAX6E2C/WR, SL. NO. SOLOM 3HD 50000TK |
| 2 | Jajpur Diagnostic Centre | At/PO- Jajpur Road, Dist.- Jajpur | Dr. Rabindra Kumar Swain | Dr. Rabindra Kumar Swain | GE LOGIQ C2 ULTRASOUND SYSTEM MODEL- 5308619, 3.8C-RC |
| 3 | Anima Nursing Home | At- Ganesh Bazar, PO- Jajpur Road, Dist.- Jajpur | Sri Indu Sekhar Panda | Dr. Sadananda Mohanty / Dr. Dhruba Ch. Satpathy | 1. LOGIC 3 PRO GE MEDICAL SYSTEM 2. VOLUSON S8 CORE, HI END 3D/4D ULTRASOUND SYSTEM |
| 4 | Manishree Diagnostic | At- Kanheipur, Jajpur Road, Jajpur | Mr. Omprakash Swain | Dr. Ranjeeb Rout / Dr. Biswaranjan Kar/ Dr. B.C. Nayak / Dr. Prakash Ch. Mishra | 1. PHILIPS COLOUR DOPPLER, MODEL-CVUE-550, 2. DP-6600 MAKE-MIND RAY WITH CONVEX PROOBS TROLLY |
| 5 | Manishree Diagnostic Centre | At- Kianalikul Chhak, PO/Dist.- Jajpur | Smt. Ranjeeta Swain | Dr. Nagendranath Mohapatra / Dr. Ranjeeb Rout, Dr. Deepankar Mukharjee / Dr. Niranjan Pati | B/W ULTRASOUND SYSTEM LOGIQ-C2 |
| 6 | Om Sai Diagnostic | At- Kanheipur, Jajpur Road, Jajpur | Sri Rabindra Kumar Dakua | Dr. Biranchi Narayan Mohapatra / Dr. Bikramananda Moharana | 1. SONO ACE R5 ULTRASOUND SYSTEM, 2. HS 70A, HI-END ULTRASOUND SYSTEM, SAMSUNG |
| 7 | Grace Point Ultrasound Centre | At- Kumari, PO- Jaraka, Dist.- Jajpur | Sri Ashok Kumar Jena | Dr. Biswa Ranjan Choudhury | GE LOGIQ C5 PREMIUM Color doppler ultrasound system |
| 8 | Life Care Ultrasound Clinic | At- Rani Ramachandrapur, PO/Dist.- Jajpur | Sayeed Modassar Ali | Dr. Barendra Kumar Jena | 1. MAKE-SIUI COLOUR DOPPLER ULTRASOUND SYSTEM, 2. MAKE-MINDRAY MODEL-DP5 |
| 9 | Medica T.S. Hospital | Via- Gobarghati, PO- Madhuban, Jajpur | Sri Sandip Mishra | Dr. Saswat Mohanty, DNB (Radio Diagnosis) | 1. LOGIQ TM P9 COLD MEDICINE (WIPRO), 2. VOLUSON S6, GE-HEALTH CARE |
| 10 | Subhashree Diagnostic | At- Kuakhia, PO- Rasulpur, Jajpur | Sri Bibhuti Bhusan Sahoo | Dr. Biswaranjan Kar | CLOUR DOPPLER ULTRASOUND SYSTEM, MODEL-SONOACE R7 |
| 11 | Manishree Diagnostic Clinic | At/PO- Dangadi, Dist.- Jajpur | Smt. Ranjita Swain | Dr. K.C. Das / Dr. Prakash Mishra / Dr. R.K. Sahu | CLOUR DOPPLER ULTRASOUND SYSTEM, MODEL-SONOACE R7 |
| 12 | Supertech Diagnostic | NH-5, Jaraka, Jajpur, Bhhomika Hospital | Dr. Girish Chandra Mishra | Dr. Girish Chandra Mishra | SAMSUNG, SONOACE, R5, ULTRASOUND SYSTEM |
| 13 | Swasti Diagnostic | At- Rani Ramchandrapur, PO/ Dist.- Jajpur | Sri Arun Kumar Nathsharma | Dr. Nagendranath Mohapatra | MODEL-ALPHA-6, MAKE, HITACHI ALOKA- COLOUR DOPPLER SYSTEM WITH TWO PROBS (CONVEX & TV PROBE) |
| 14 | Gupta Diagnostic Centre | At- Bank Street, Jajpur Road | Sri Anup Kumar Gupta | Dr. Saraswata Mohanty/ Dr. Kabita Chanania | XARI 100 PLANTINIUM TOSHIBA, PREMIUM HIGH END DIGITAL CLOR DOPPLER SYSTEM |
| 15 | Sreema Hospital Pvt. Ltd. | At- Gariapur, PO/ Dist.- Jajpur | Sri Debasis Mohanty | Dr. Niranjan Pati | MINDRAY DC-3, SL NO. MU 16005547 |
| 16 | Divine Health Care | 1st Floor, Block-A, Municipality, Rani Ramachandrapur | Sri Jayaram Panda | Dr. B.N. Mohapatra | VOLUME S8 CORE HI END 3D/4D ULTRASOUND SYSTEM |
| 17 | Jeeban Jyoti Hospital & Diagnostic | At- Rani Ramachandrapur, Municipality, Jajpur | Sri Binod Bihar Rath | Dr. Sudakhina Patnaik | TOSHIBA XARIO 100 MX |

*Sd./- Collector-cum-Dist. Appropriate Authority*
*PC&PNDT, Jajpur*

## OFFICE OF THE SR. GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA

OHPC ISO : 9001, 14001, 18001 Certified
DIST: KALAHANDI-766026, Ph.No. 9437073301,
Fax: 06673-252253, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963

**TENDER CALL NOTICE NO.26/2018-19 DTD.13.08.2018**

**No.CAD-738:** The Unit Head, UIHEP, Mukhiguda invites sealed tenders in two parts from registered Travel Agencies / Vehicle Owners only for the following work.

| Name of Work | Estimated cost In Rs. | EMD in Rs. | Cost of Tender paper in Rs. |
|---|---|---|---|
| Hiring of 01 (one) No. of Scorpio / Tavera / Duster for Unit Head of UIHEP, Mukhiguda for (03) three years. | Rs.10,90,000/- | 1% of quoted amount. | Rs. 7,080/- inclusive of GST |

The sale of tender paper: from **11.00 Hrs. of 21.08.2018 to 13.00 Hrs. of 04.09.2018**
The last date & time of receipt of tenders: **up to 13.00 Hrs of 04.09.2018**
The date & time of opening of Techno Commercial bid : **12.30 Hrs of 06.09.2018**
For details of tender documents, Terms and Conditions, Eligibility Criteria and downloading please visit our website www.ohpcltd.com

**Sd./- Sr. General Manager (El.)**
**UIHEP, Mukhiguda**
32136/11/0036/1819

## ODISHA INDUSTRIAL INFRASTRUCTURE DEVELOPMENT CORPORATION

idco Your power to grow | ODISHA NEW OPPORTUNITIES
(*A Government of Odisha Undertaking*)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
Tender Call Notice No. IDCO/HO/P&C/Est-E-1323/03/2017/16927 Dated:13.08.2018

**NOTICE INVITING REQUEST FOR PROPOSAL THROUGH E-PROCURMENT PORTAL OF GOVERNMENT OF ODISHA**

**Name of the Work:** Operation, Maintenance & Management of Cold Storage, Block Ice Unit, Flake Ice Generator and Reefer Vechicles at Seafood Park, Deras, Khurda, Odisha.
**Period of engagement :** 5 (Five) Years

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (P&C), IDCO, IDCO Towers, Bhubaneswar | Bid Id.No.- P&C/ EST-E-55/18-19 | 16.00 Hours of 17.08.2018 | 16:00 Hours of 13.09.2018 |

Further details can be seen from the e-procurement portal. **www.tendersodisha.gov.in** and **IDCO website.** Corrigendum or Addendum notice if any will not be published in newspapers and can be seen **in e-procurement portal** as well as in **IDCO Website**

**Sd/- Chief General Manager (P&C)**
**IDCO, Bhubaneswar**

## PARADIP PORT TRUST

**e-TENDER NOTICE**

Name of the work : **"Maintenance & repair to W/S, S/I & S/D to Port area (Nuabazar & V point) for the year 2017-18".** Estimated cost **Rs.57,79,844/-**. Last Date & time of submission of bid up to **24/08/2018 upto 17:00 Hrs.** For details please refer our Website : **https://eprocure.gov.in/eprocure/app**

**Executive Engineer (E & CM)**
**PPT/PR/284/18-19 Dt-18/08/18**

## ODISHA STATE ROAD TRANSPORT CORPORATION, BHUBANESWAR

No. 11540/Estate-46/02(Pt-11) Dt. 18.08.2018

**CORRIGENDUM**

The tender notice issued vide No. 10000, dt.21.07.2018 for leasing out of land of Ac. 2.45 belonging to A.T.M.'s Office premises at J.K. Road is extended upto a further period of 10 days, the details is as follows.

1. Tender form will be sold upto **25.08.2018**.
2. The sealed tender paper will be received upto **04.00 PM** on **27.08.2018** and same will be opened at **05.00 PM** on **27.08.2018.**

Other terms and conditions laid down in the tender notice No. 10000, dt.21.07.2018 shall remain unaltered.

By order of Chairman-cum-Managing Director
**Sd./- General Manager (A)**
**OSRTC, Bhubaneswar**

## OFFICE OF THE PANCHAYAT SAMITI, LAXMIPUR

**DIST.- KORAPUT**

**No. 1792/18** **Date: 16.08.18**

**TENDER CALL NOTICE**

Sealed tenders are invited from intended registered contractor for execution of construction work of 12 (Twelve) number of works under Panchayat Samiti, Laxmipur.

The terms and conditions of the tender call notice can be obtained from the official website of Koraput District **www.koraput.nic.in** & DRDA website **drdakoraput.org**. The last date and time of receipt of tender paper is **04.09.2018** during office hours only.

**Sd./- Block Development Officer,**
**Laxmipur**

## ପୂର୍ବ ତଟ ରେଳପଥ

**କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONI BBS2018078, ତା.13.08.2018ରିଖ

**କାର୍ଯ୍ୟର ନାମ :** "କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପ: ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର KR ଲାଇନ୍‌ରେ କି.ମି.61.17 ଠାରୁ କି.ମି.83.06 ପର୍ଯ୍ୟନ୍ତ ଲକ୍ଷ୍ମୀପୁର ରୋଡ୍-ଟିକିରି ଷ୍ଟେସନ (ୟାର୍ଡ଼ ଅନ୍ତର୍ଭୁକ୍ତ) ମଧ୍ୟରେ ରେଳବାଇ ବିନିର୍ଦ୍ଦେଶନ ଅନୁଯାୟୀ ଠିକାଦାରଙ୍କ 97,000 ଘନ ମିଟର ବିଶିଷ୍ଟ କଠିନ ପଥର ଟ୍ରାକ୍ ବାଲାଷ୍ଟକୁ ମେସିନ୍ ଦ୍ୱାରା ଭାଙ୍ଗି ଯୋଗାଣ, ପରିବହନ ଏବଂ ଗଦାମାରିବା।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 1373.34** ଲକ୍ଷ, EMD (ଟଙ୍କାରେ) : **8,36,670/-,** ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : **10,000/-,** କାର୍ଯ୍ୟ ଶେଷ ହେବା ଅବଧି : **12** ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.**14.09.2018** ରିଖ **1200** ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ** : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
ଭୁବନେଶ୍ୱର
**PR-81/CB/18-19**

## 1st CORRIGENDUM

**No.71-MM:-** The last date of submission of tender paper for supply of vermicompost to Phulbani was fixed to 13.08.2018 as per tender call notice No.143 dated 26.07.2018. Now it is extended upto 5 P.M. of 31.08.2018. Further the word "Certificate" mentioned on item No. 6 of documents to be submitted: on Physical Parameters has been replaced by the work "Test Reports".

**Sd./- Divisional Forest Officer**
**Phulbani Forest Division**
08098/11/0005/1819

## ODISHA COMPUTER APPLICATION CENTRE

ocac
**REQUEST FOR PROPOSAL (RFP)**
**Enq. No. : OCAC-TJ-18/2009(VOL.5)/ENQ/18045**

Sealed proposals are invited for appointed as System Integrator for IPv6 implementation in Odisha. Details are available in the websites **www.ocac.in** & **www.odisha.gov.in.** Last date for submission of RFP document is **20.09.2018, 04:00 P.M.** The authority reserves the right to accept / reject any part of or all the proposals without assigning any reason thereof.

**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

## BERHAMPUR MUNICIPAL CORPORATION

No. 13151 Date: 18.08.18

**REQUEST FOR PROPOSAL**

**No. 218-C:-** Sealed RFP are invited to be reached by Speed Post / Registered Post only from reputed agencies / firms for "Selection of Agencies for Operation & Management of Shelter for Urban Homeless under Berhampur Municipal Corporation". The detailed terms & conditions are available at our office website www.berhampur.gov.in. The last date of receipt of tenders in this office by 27.08.2018 by 3.00PM and will be opened on 28.08.2018 at 4.00PM in the office of undersigned.

The authority reserves the right to accept or reject any quotation without assigning any reason thereof.

***Sd./-***
***Commissioner***
***Berhampur Municipal Corporation***
13035/11/0099/1819

NOTICE INVITING TENDER

## OFFICE OF THE NOTIFIED AREA COUNCIL, ODAGAON

**Nayagarh (Odisha), Pin-752081, e-Mail: nacodagaon@gmail.com**
**Tender Call Notice No. 748, dt. 18.08.2018**
**E-Procurement Notice No.: NAC-ODG-2/2018-19**
**Tender ID: 2018_ORULB_48727**

| | | | |
|---|---|---|---|
| 1 | Name of the Works | : | Construction of Stage at Ram Sagar Park, Ward No-7 |
| 2 | No. of Works | : | 1 No. |
| 3 | Value of Work | : | Rs. 15,71,429/- |
| 4 | Class of Contractor | : | D & C |
| 5 | Period of Completion | : | 90 Days |
| 6 | Date of Publication | : | 19.08.2018 |
| 7 | Date and Time of availability of document in the portal | : | From Dt. 19.08.2018 at 2.00 P.M. to Dt. 29.09.2018 upto 5.00 P.M. |
| 8 | Last Date/Time for receipt of bids in portal | | Dt. 29.08.2018 upto 5.00 P.M. |
| 9 | Last date of Submission of original documents in this Office | : | Dt. 03.09.2018 upto 3.00 P.M. |
| 10 | Date and Time of opening of Bid | : | Dt. 03.09.2018 at 4.30 P.M. |
| | Name and address of the inviting bid | | Sd./- Executive Officer, NAC, Odagaon |

Further details can be seen from e-Procurement portal https://tendersodisha.gov.in.

## GOVERNMENT OF ODISHA
## OFFICE OF THE EXECUTIVE ENGINEER, NABARANGPUR (R&B) DIVISION, NABARANGPUR

E-mail ID: eerbngpur@yahoo.com, Tel & Fax -06858-222833 (O)

**e-Procurement Notice**

**Bid Identification No. E.E (R&B)-07/2018-19/NGP**

No. 3757 Date. 08.08.2018

**No. 394-B:-** Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Civil Construction Work as mentioned in DTCN.
2. No. of Work : 01 No.
3. Estimated Cost : Rs. 30.53 lakhs
4. Period of completion : 3 Calendar Months
5. Date & Time of Bidding : From 11.00 hours of 20.08.2018 upto 16.00 hours of 30.08.2018.
6. Last date & time for receipt of bids in portal : 16.00 hours of 30.08.2018.
7. Bids received online shall be opened on : 11.00 hours of 31.08.2018.
8. Name and address of the officer inviting Bid : Executive Engineer, Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in

***Sd./- Executive Engineer***
***Nabarangpur (R&B) Division***
34143/11/0001/1819

## GOVERNMENT OF ODISHA
## OFFICE OF EXECUTIVE ENGINEER
## P.H. DIVISION-I, UNIT-V, BHUBANESWAR

**PHONE/FAX-0674-2390322/e-mail-eephibbsr@gmail.com**

**AUCTION CALL NOTICE NO.20/2018-19 FOR DISPOSAL OF OLD/CONDEMNED/ UNSERVICEABLE MATERIALS**

**No.-217-C:-** Sealed tenders in conformity with detailed tender call notice are invited from the intending firms/ Persons for sale of old/condemned vehicle as per detailed below, on "As is where is basis". The tender schedule containing details of the old/condemned vehicle can be obtained from the Office of the Executive Engineer, P.H. Division-I, Bhubaneswar from 20.08.18 to 03.09.18 during office hours on payment of Rs.400/- which is not refundable. The tender will be dropped in the tender box having identification No. P.H. Division-I, 20/2018-19 in the above mentioned office up to 5.00 P.M. of Dt.03.09.18 and will be opened in the Office of the Executive Engineer, P.H. Division-I, Bhubaneswar by the undersigned on 04.09.18 at 12.30 P.M. in presence of the tenderers or their authorized representatives. After purchase of tender documents the old/condemned vehicle can be inspected at Office of Deputy Executive Engineer, P.H. Sub-Division, High Level Water Tank, Unit-V, Bhubaneswar during office hours from 11.00 A.M. to 4.00 P.M. before submission of the tender. The tender must accompany E.M.D. @5% of the quoted price in shape of K.V.P/ N.S.C/Post office time deposit passbook/Postal savings pass book duly pledged in favour of the Executive Engineer, P.H. Division-I, Bhubaneswar, failing which the tender will be rejected. Attested copies of GST certificate and PAN are required to be attached with the tender, failing which the tender will be liable for rejection.

The authority reserves the right to accept or reject any or all the tenders without assigning any reason thereof.

**Description of Vehicle.**
**Hindustan Motors Make Ambassador Car (Petrol)**
**White colour, Regd. No.OIX-8613.**

**Executive Engineer,**
**P.H.Division-I, Bhubaneswar.**
13021/11/0024/1819




## BRIDE WANTED

Divorcee groom JE 45, Business 39 (caste-no-bar). Contact: 7873374269. D-63475

Divorcee groom BSNL 46, Engineer 41, Scientist 36. Welcome: 9337197338. D-63476

## GROOM WANTED

Beautiful Brahmin girl 1991 5'4" B.Tech, MBA serving Delhi. 9853366347. D-63356

Beautiful Brahmin girl 1987 5'5" MBA divorcee legally separated Sunasansar. 9937512659. D-7932

NGOରେ computer operator 43 ବର୍ଷ ଛାଡ଼ପତ୍ର ପାଇଥିବା ଝିଅ ପାଇଁ ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। 8596978540. D-7939

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Innova 2012 November, excellent running condition. Contact: 9437229326. D-36451




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

**2400 sqft. land sale at Gangapatna, Bhubaneswar near SUM Hospital, direct party. Contact: 7609948661.** D-62774

BDA commercial plot Pitapalli NH-16 ଉପରେ immediate possession ମିଳୁଛି। 9090963952. D-63532

Immediate ready for construction land at Rasulgarh near Hitech square (NH-5) @16,20,000/- 9437976031. D-63576

3BHK first floor brand new flat, parking, partly furnished, G-NEXT Valley near Gita College, Utkal Cultural University. Build 1360 sqft. 40 lakhs. 9437217100. D-7826

**Buy a 3BHK duplex at Balianta, Bhubaneswar @ Rs. 42 lakhs, land area 1450 sqft., builtup 1900 sqft. 9439832902, 8917332119.** D-7924

କେଶୁରାରେ ଘରବାରି corner plot black top roadକୁ ଲାଗି immediate construction suitable with electricity, boundary ସହିତ ମିଳୁଛି। Contact: 8480447967. D-63064

ଉତ୍ତରା ଛକକୁ 5km. ଦୂରରେ ଘରବାରି boundary plot sft. 260/- ମିଳୁଛି। Contact: 8480447967. D-63065

Rasulgarhରୁ 3km. ଦୂର Chakeisiani ରେ yellowzone ଘରବାରି boundary plot ମିଳୁଛି। Contact: 8480447967. D-63066

Gharabari plots available adjacent to NH-5 Hanspal, Pahal sides. Contact: 9438101895. D-7916

Oskarcityରେ yellowzone ଘରବାରି boundary plot immediate construction କରି ରହିବା ପାଇଁ ମିଳୁଛି। Contact: 8480447967. D-63067

**ଭୁବନେଶ୍ୱରର IIT ଅରଗୁଳଠାରେ ପିଚୁରୋଡକୁ ଲାଗିକରି ଘରବାରି ପ୍ଲଟ କିଣନ୍ତୁ ଓ ନିଜ ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। Akshya: 8327748629.** D-63583

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30ft road ଥାଇକି ଅଗ୍ରୀମ boundary wall electry gharabari patta, Temple, ନାମଫଳକ ସହ sqft. 600/- ରେ ଦିଆଯାଉଅଛି। 7008045582, 9078967488. D-7910

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 Lakhs Contact: 9937059891, 8908312315, 8908292617.** D-7925

Readymade duplex and land sale at Patia and Raghunathpur. 9437260818. D-63471

Bhubaneswar yellow zone gharabari plot sale AIIMS, CV Raman NH-5, Infocity-2 600/-, 810/-500/-. 7381482078, 6370-343499. D-63560

**Book on 3BHK flats at OMFED Chandrasekharpur, price- 4800/-. sqft. 7008394927.** D-62771

Pitapalli NHକୁ ଲାଗି BDA yellowzone commercial plot 450/- ମିଳୁଛି। 9090963952. D-63579

2 km. Rasulgarh, 3BHK duplex 1400 sqft. construction 45,00,000/-. Hanspal 3BHK 40,00,000/- Kalinga Studio 3BHK 1300 sqft. construction 38,00,000/- Bank finance available. 7328045626, 9437195134. D-63068

ଭୁବନେଶ୍ୱର ପିତାପଲ୍ଲି NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-7917

Book a 3BHK duplex house in prime location at Patia, Bhubaneswar. Having land area 1300 sqft. and 1900 sqft. construction area price- 78 Lakh. Handover by February 2020 Bank finance available. 9078151122. D-64888

3750 sft GA plot Sum Hospital, Bhubaneswar immediate sale, genuine buyers directly contact Deepak: 9937329999. D-61490

1600 sqft. plot at Udayagiri Vihar, Patrapada, Bhubaneswar. Price- 33.5 Lakh. 7504392698. D-64889

**3BHK full furnished flat with all modern amenities for sale. Ideally located in the heart of the smart city. BMC Bhawani Enclave, residential part of Bhawani Complex, Saheed Nagar, Bhubaneswar. 9337404932.** D-61491

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-62775

Bhubaneswar Kapila Prasadରେ Lingaraj Station ନିକଟରେ 3250 sqft. ଥିବା plotରେ 1450 sqft. (BDA Colony) ଘର urgent sale ହେବ। 8480229650. D-7930

**1500 sqft. gharabari boundary plot at Mancheswar, Bhubaneswar. 9124232466, 9437460564.** D-64891

Gharabari plot Pahal (Gohalo) Benupur, Rangabazar low cost Sudhananda College. 8249994188. D-7933

Companyର Anniversary ଯୋଗୁଁ ସୁଲଭ ମୂଲ୍ୟରେ investment/ commercial plot ମିଳୁଅଛି। 9438355001. D-63589

## PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64887

Immediately wanting duplex, simplex independent house (broker Excuse). Contact: 9668244274. D-48714




Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan– SMPL: 9439483779.** D-7926

For construction of simplex/ duplex/ apartment inside Bhubaneswar. Contact: 9937064680. D-27278

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-63581

## LEASE

Running Diagnostic centre available on lease at Chandin Chowck, Cuttack. Contact: 7008813110. D-7941




Approximately 5000 sqft. area with 7 nos. bedrooms, 4 halls, 6 latrine, 3 kitchen, 3 balcony, 60 feet road side near NH-5 Patrapada. Prefreable for office/ godown/ coaching centre. Contact: 7205752673. D-60920

**Furnished/ semi furnished office accommodation at Bhubaneswar and Puri. Mobile: 9861120421.** D-64006

ଭୁବନେଶ୍ୱର ଫରେଷ୍ଟପାର୍କ ଅଞ୍ଚଳରେ (ପ୍ଲଟ: 961/2415) ଗୋଟିଏ ଘରସହ ଗାଧୁଆଘର ଜଣେ ଲୋକ ରହିବା ପାଇଁ ଦିଆଯିବ। ମାସିକ ଭଡା- ୨୦୦୦ ଟଙ୍କା। 9437008476. D-63354

1 bedroom attach bath, kitchen, Udayagirivihar, Patrapada, Bhubaneswar. 9861061549. D-58687

Average 2000 sqft. for office cum residency and godown near CRP Square. 9938170932. D-58688

3BHK accommodation near Unit-8, DAV School, Bhubaneswar. 9433064102, 8763937765. D-64886

3 Bedroom first floor Aryapalli (KIIT Square) for family only. Contact: 9438669617. D-62773

1200 sqft. commercial space five room & 2 bathroom available at 1st floor Bapuji Nagar for office purpose only. 0674-2597805. D-36450

**Living rooms furnished & exclusive ample parking near AIIMS, BBSR. Call: 7008682059.** D-61019

2 bedroom type Zobra Canal road behind great India roadways. Contact: 9040248812. D-7942




Shivam logistic packers movers. Household/ car relocation countrywide. 9777044177, 9338461133. D-7836




"Ashribad Spa" is reputed ayurvedic clinic provided all type herbal body massage by well trained ladies therapist. Contact: 9040050502. D-64840

Rejuvenate and ayurvedic full body massage by smart therapist. 9114402304. D-64841

Pamper yourself this Mansoon profesional massage contact Purple Orchid. 9776598888. D-64842

Fully refreshed/ relaxed body massage by expert therapist, Shastrinagar. 7377984773. D-64877

Newly opening ayurvedic body massage in joint pains, smart therapist. 9776383819. D-64878

Newly opening ayurvedic body massage smart therapist, Shree Herbal. 7750020754. D-64879

Kasturi massage club, fully relaxed by expert lady, also home service available, enquiry. 9178845612. D-7792A

Experience full body massage with us by experts. Enquiry: 7377048581. D-64884

Herbal full body massage by smart/ expert therapist. Contact: 8338067247. D-64885

Bangkok spa special offer 50% off on all 1hrs any full body massage. 9861688844, 8018739084. D-63582

Opening newly Ayurvedic full body massage ladies and gents. 7873414146, 8117833107. D-63472

Physiotherapy and Herbal massage by trained ladies/ Gents Therapist. 9938811534. D-63473

Madam Monalisa massage club-50% discount full body massage by hiprofile smart lady therapist. 9708545108. D-7902




Earn healthy income through commodity business from home. Contact: 7978704644. D-62772




ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଘଟଣା ଜାଣିବା ଏବଂ ସମସ୍ତ ସମସ୍ୟାର ସରଳ ସମାଧାନ ପାଇଁ ଯୋଗାଯୋଗ କରନ୍ତୁ। 9861040318, 9937354570. D-7912

## AFFIDAVIT

By swearing an affidavit in the court of Sri Soumyakant Soumyadarshi, Executive Magistrate, Bhubaneseswar on Dtd. 08.08.2018, I, Pragnya Parimita Dalei, D/o- Trailokya Bihari Dalei have omitted my surname. As my father has already changed his surname from Dalei to Dasmohapatra by executing an affidavit on 04.01.2000 before the Notary Public K. C. Nandy, Balasore, henceforth I'll be known as Pragnya Parimita D/o- Trailokya Bihari Dasmohapatra for all future purposes. D-7931

I Ch. Niroj Kumar Patra changed my name to Niroj Kumar Patra vide affidavit Date 17 Aug. 18. Sworn before Notary Puskar Sahoo, BBSR-16. D-63070

# CLASSIFIED BOOKING STATIONS

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg, Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Contact Person: Pabitra Ku. Behera, Mobile: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob: 8763174232

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674-2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob-9337180581, 9124380581

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.- 983, Mancheswar, BBSR, Mob : 9938965727

**AMAN ADCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**CUTTACK**

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**BERHAMPUR**

**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**BS COMMUNICATION**
Malipada Fatak, Sambalpur, Contact : Nabin Kumar Dash, Mob : 9776813356

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କିଶୋର ଚନ୍ଦ୍ର ପ୍ରଧାନ**
ବାଘୁଆବୋଲ, ତାଳଚେର
ଆବିର୍ଭାବ: ୧୩।୦୨।୧୯୫୨
ତିରୋଧାନ: ୧୯।୦୮।୨୦୧୧
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି-ଟୁଟୁଲ,ନାତୁଣୀ-ଟ୍ୱିଙ୍କିଲ। ଧ-୭୯୨୯

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରହଲ୍ଲାଦ ଚନ୍ଦ୍ର ପରିଜା**
ବେତାରି, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୧।୦୧।୧୯୩୭
ତିରୋଧାନ: ୦୯।୦୮।୨୦୧୮
ଆପଣଙ୍କ ଅନାବିଳ ସ୍ନେହ, ମମତା, ଶ୍ରଦ୍ଧା, ଭଲପାଇବା ଓ ପରୋପକାରିତା ଆମମାନଙ୍କ ଚିରସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ବି ଥାଆନ୍ତୁ ଭଲରେ ଥାଆନ୍ତୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ପ୍ରତିଭା, ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୬୨୦୩୮

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଇଂ ପ୍ରଭାତ କୁମାର ପଣ୍ଡା**
ପଳାସପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୦।୦୪।୧୯୬୦
ତିରୋଧାନ: ୩୦।୦୭।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଧର୍ମପତ୍ନୀ: ଟାଇନି, ପୁତ୍ର: ନିଷ୍ଠନ, କନ୍ୟା-ଜାମାତା: ତଲୀନା-ଆଶୀଷ୍ ଅନ୍ୟ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୩୩୫୫

**ଏକାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନିକୁଞ୍ଜ ବିହାରୀ ପାଇକରାୟ**
ଶିଶୁପାଳଗଡ଼, ଭୁବନେଶ୍ୱର-୨
ଆପଣଙ୍କ ସ୍ପଷ୍ଟବାଦିତା, ସତ୍ୟ, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ। ଧ-୬୩୦୭୧



| | |
|---|---|
| Dollar 26 | 70.16 |
| Sensex 284.32 | 37,947.00 |
| Nifty 85.70 | 11,470.00 |
| Gold ₹ 90 | 30,250.00 |
| Silver ₹ 0 | 38,000.00 |



ଡଲାର ତୁଳନାରେ ଭାରତୀୟ ମୁଦ୍ରା ଏବେ ବି ଠିକ୍ ସ୍ତରରେ ରହିଛି। ଏହା ୭୧ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଲେ ମଧ୍ୟ ଗ୍ରହଣଯୋଗ୍ୟ।

– କୌସିକ୍ ବସୁ, ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱ ବ୍ୟାଙ୍କ



ଉପା ସରକାରଙ୍କ ଶେଷ ୪ ବର୍ଷ ତୁଳନାରେ ମୋଦି ସରକାରଙ୍କ ୪ବର୍ଷର ଶାସନ କାଳରେ ଜିଡିପି ଅଭିବୃଦ୍ଧି ଅଧିକ ରହିଛି।

– ରାଜୀବ କୁମାର, ଉପାଧ୍ୟକ୍ଷ, ନୀତି ଆୟୋଗ

# ବ୍ୟାଙ୍କ ଋଣ ଅସୁଲିରେ ସୁଧାର

ନୂଆଦିଲ୍ଲୀ, ୧୮–୮

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଅନାଦାୟ ଋଣ(ଏନ୍‌ପିଏ) ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏହା ହ୍ରାସ ହେବାର ନାଁ ଧରୁ ନାହିଁ। ମାତ୍ର ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକର ଋଣ ଅସୁଲ ଧାରା ଉନ୍ନତ ରହିଛି। ୨୦୧୬–୧୭ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକ ୭୪,୫୬୨ କୋଟି ଟଙ୍କାର ଋଣ ଅସୁଲ କରିଥିଲେ। ମାତ୍ର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଉକ୍ତ ଧାରା ଉନ୍ନତି ରହିଛି। ୨୦୧୮–୧୯ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ବ୍ୟାଙ୍କଗୁଡିକ ୩୬,୫୦୦ କୋଟି ଟଙ୍କାର ଋଣ ଅସୁଲ କରିଛନ୍ତି। ବ୍ୟାଙ୍କଗୁଡିକ ପକ୍ଷରୁ ଋଣ ଅସୁଲ ଲାଗି ଗ୍ରହଣ କରାଯାଉଥିବା କଡା କାର୍ଯ୍ୟାନୁଷ୍ଠାନ ଯୋଗୁ ସ୍ଥିତିରେ ଉନ୍ନତି ଆସିଥିବା ଜଣାଯାଇଛି।



- ପ୍ରଥମ ତ୍ରୈମାସରେ ୩୬,୫୦୦ କୋଟି
- ଗତ ବର୍ଷ ଆଦାୟ ହୋଇଥିଲା ୭୪,୫୬୨ କୋଟି
- ପିଏନ୍‌ବି, ଇଣ୍ଡିଆନ୍ ବ୍ୟାଙ୍କରେ ପରିବର୍ତ୍ତନ ଧାରା

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଉତ୍ଥାନ ହୋଇପାରିଲେ ଏହା ଦେଶ ଲାଗି ଇଞ୍ଜିନ ସଦୃଶ କାର୍ଯ୍ୟ କରିବ ବୋଲି ଅର୍ଥ ସେବା ସଚିବ ରାଜୀବ କୁମାର କହିଛନ୍ତି।

ଏହି ସମୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଏବଂ ଇଣ୍ଡିଆନ୍ ବ୍ୟାଙ୍କର ଅସୁଲ ଧାରାରେ ବିଶେଷ ଭାବେ ପରିବର୍ତ୍ତନ ଆସିଛି। ସେହିଭଳି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରରେ ମଧ୍ୟ ଏହା ଉନ୍ନତ ରହିଛି। ଏସ୍‌ବିଆଇ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୨,୪୨୬ କୋଟି ଟଙ୍କା ଆଦାୟ କରିଛି। ଗତ ଆର୍ଥିକ ବର୍ଷ ସାରା ଏହା ୫,୩୩୩ କୋଟି ଟଙ୍କା ରହିଥିଲା। ସେହିଭଳି ଇଣ୍ଡିଆନ ବ୍ୟାଙ୍କ ଗତବର୍ଷ ୫୭୫ କୋଟି ଟଙ୍କା ଆଦାୟ କରିଥିବା ବେଳେ ଚଳିତ ବର୍ଷ ପ୍ରଥମ ତ୍ରୈମାସରେ ୬୯୮ କୋଟି ଟଙ୍କା ରହିଛି। ଗତ ଆର୍ଥିକ ବର୍ଷରେ ପିଏନ୍‌ବି, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଯଥାକ୍ରମେ–୫୬୧୭କୋଟି,୪୦୩୯ କୋଟି, ୪,୪୧୭ କୋଟି ଏନ୍‌ପିଏ ସଂଗ୍ରହ କରିଥିଲେ। ଏହା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଯଥାକ୍ରମେ –୮୪୪୫ କୋଟି, ୨୬୯୯ କୋଟି, ୨୫୮୯ କୋଟି ଟଙ୍କା ରହିଥିବା ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି।

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଉତ୍ଥାନ ହୋଇପାରିଲେ ଏହା ଦେଶ ଲାଗି ଇଞ୍ଜିନ ସଦୃଶ କାର୍ଯ୍ୟ କରିବେ ବୋଲି ଅର୍ଥ ସେବା ସଚିବ ରାଜୀବ କୁମାର କହିଛନ୍ତି। ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ, ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ ଭଳି ବିଭିନ୍ନ ପଦକ୍ଷେପ ଯୋଗୁ ଋଣ ଅସୁଲରେ ଉନ୍ନତି ଆସୁଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ମଧ୍ୟ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଚଳିତ ଆର୍ଥିକ ବର୍ଷରେ ଏସ୍‌ବିଆଇ ୫୦,୦୦୦ କୋଟି ଋଣ ଅସୁଲ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୨୦,୦୦୦ କୋଟି ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିଛି।

## ସାପ୍ତାହିକ ସମୀକ୍ଷା

# ସେନ୍‌ସେକ୍ସରେ ୭୮ ପଏଣ୍ଟ ବୃଦ୍ଧି

ମୁମ୍ବାଇ, ୧୮–୮



ଲଗାତର ୪ ସପ୍ତାହ ପାଇଁ ସେନସେକ୍ସରେ କାରବାର ଉନ୍ନତ ରହିଛି। ଚଳିତ ସପ୍ତାହରେ ସେନସେକ୍ସରେ ୭୮.୬୫ ପଏଣ୍ଟ ବୃଦ୍ଧି ଘଟି କାରବାର ୩୭,୯୪୭.୮୮ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ରେକର୍ଡ ସ୍ତର ୧୧,୪୭୦.୭୫ ପଏଣ୍ଟ ଛୁଇଁବାକୁ ସକ୍ଷମ ହୋଇଛି। ଏଥିରେ ୪୧.୨୫ ପଏଣ୍ଟ ବୃଦ୍ଧି ଘଟିଛି। ବିଶ୍ୱ ବଜାର ପ୍ରଭାବ ଯୋଗୁ ଟଙ୍କାର ମୂଲ୍ୟ ବିଶେଷ ଭାବେ ଚଳିତ ସପ୍ତାହରେ ହ୍ରାସ ଘଟିଛି। ଏହାର ପ୍ରଭାବ ଶେୟାର ବଜାର ଉପରେ ମଧ୍ୟ ପରିଲକ୍ଷିତ ହୋଇଛି। ତୁର୍କୀର କରେନ୍ସି ଲିରା ପ୍ରଭାବିତ ହେବା ଯୋଗୁ ଭାରତୀୟ ଟଙ୍କା ୭୦.୪୦ ସ୍ତର ଛୁଇଁଥିଲା। ଅପରପକ୍ଷରେ ନିବେଶକଙ୍କ ମଧ୍ୟରେ ଉତ୍ସାହ ହ୍ରାସ, ବାଣିଜ୍ୟ ନିୟନ୍ତ୍ରଣ, ଚାଇନାରେ ଅର୍ଥନୈତିକ ସ୍ଥିତି ଘରୋଇ ପୁଞ୍ଜି ବଜାର ଉପରେ ପଡିଥିଲା।

ସେନସେକ୍ସ ୩୭,୬୯୩.୧୯ ପଏଣ୍ଟରୁ କାରବାର ଆରମ୍ଭ କରିଥିବା ବେଳେ ଏହା ସର୍ବୋଚ୍ଚ ସ୍ତର ୩୮,୦୨୨.୩୨ ସ୍ତର ଛୁଇଁଥିଲା। ସେନସେକ୍ସର ନ୍ୟୁନ ସ୍ତର ୩୭,୫୫୯.୨୬ ପଏଣ୍ଟ ରହିଥିବା ବେଳେ ଏହା ୩୭,୯୪୭.୮୮ ସ୍ତରରେ ବନ୍ଦ ହୋଇଛି। ଏଥିରେ ୭୮.୬୫ ପଏଣ୍ଟ(୦.୨୧%) ବୃଦ୍ଧି ଘଟିଛି। ସୂଚନା ଯୋଗ୍ୟ ଗତ ତିନି ସେସନରେ ୧,୩୭୨.୮୬ ପଏଣ୍ଟ (୩.୭%) ବୃଦ୍ଧି ଘଟିଛି। ସେହିଭଳି ନିଫ୍ଟିର କାରବାର ୧୧,୪୮୬.୪୫ ଏବଂ ୧୧,୩୪୦.୩୦ ମଧ୍ୟରେ ରହିଥିଲା। ଏଥିରେ ୪୧.୨୫(୦.୩୬%) ବୃଦ୍ଧି ଘଟି ୧୧,୪୭୦.୭୫ ସ୍ତରରେ କାରବାର ବନ୍ଦ ହୋଇଛି।

## ଖବର ଏଇ ସପ୍ତାହ

### ଲୋକଙ୍କୁ ସଚେତନ କରାଇବ ୟୁଆଇଡିଏଆଇ

ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଅଧକ୍ଷ ରାମ ସେବକ ଶର୍ମା ଟୁଇଟରରେ ନିଜ ଆଧାର ନମ୍ବର ଶେୟାରିଂ ସହ ହ୍ୟାକରଙ୍କୁ ଚ୍ୟାଲେଞ୍ଜ କରିବା ପରେ ଉକ୍ତ ପ୍ରସଙ୍ଗ ବିବାଦୀୟ ହୋଇ ପଡିଥିଲା। ଏହା ପରେ ପରେ ଜଣେ ହ୍ୟାକର ତାଙ୍କର ବିଭିନ୍ନ ତଥ୍ୟ ପ୍ରଦାନ କରିବା ପରେ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଏହାକୁ ନେଇ ବିବୃତି ରଖିଥିଲା। ଆଧାରକୁ ନେଇ କୌଣସି ବିପଦ ନ ଥିବା ଏହା ସଫେଇରେ କହିଥିଲା। ମାତ୍ର ବର୍ତ୍ତମାନର ସ୍ଥିତିକୁ ଧ୍ୟାନରେ ରଖି ଆଧାର ନମ୍ବର ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବାକୁ ୟୁଆଇଡିଏଆଇ ଯୋଜନା ରଖିଛି। ଆଧାର ବାୟୋମେଟ୍ରିକ ଶେୟାରିଂକୁ ନେଇ କଣ କରିବାକୁ ହେବ ଏବଂ କଣ ନାହିଁ ତାକୁ ନେଇ ଲୋକଙ୍କୁ ସଚେତନ କରାଯିବ।

### ବହିଷ୍କୃତ ହେଲେ ଉଷା

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରେ ୧୪,୦୦୦ କୋଟି ଟଙ୍କାର ମହାଘୋଟାଲା ମାମଲାରେ ବର୍ତ୍ତମାନ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡିକ ତନାଘନା ଜାରି ରଖିଛନ୍ତି। ଉକ୍ତ ମାମଲାରେ ଉଷା ଅନନ୍ତସୁବ୍ରମଣ୍ୟନ ଏବଂ ସଞ୍ଜୀବ ଶରଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାଯାଇଛି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି କେନ୍ଦ୍ର ସରକାର ସୋମବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଅନୁମତି ଦେଇଛନ୍ତି। ଅପରପକ୍ଷରେ ଆଲ୍ଲାହାବାଦ ବ୍ୟାଙ୍କର ସିଇଓ ଥିବା ଉଷାଙ୍କୁ ସୋମବାର ଚାକିରିରୁ ବରଖାସ୍ତ କରାଯାଇଛି। ଏ ନେଇ ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

### ଖୁଚୁରା ମୁଦ୍ରାସ୍ଫୀତି ୪.୧୭%

ଜୁଲାଇ ମାସରେ ମୁଦ୍ରାସ୍ଫୀତି ଭିତ୍ତିକ ଖାଉଟି ମୂଲ୍ୟ ସୂଚୀ(ସିପିଆଇ) ୪.୧୭% ରହିଛି। ସୋମବାର ସରକାର ଏ ନେଇ ସୂଚନା ଦେଇଛନ୍ତି। ଜୁନ୍ ମାସରେ ୫ ମାସର ସର୍ବୋଚ୍ଚ ସ୍ତର ୫%ରେ ଖୁଚୁରା ମୁଦ୍ରାସ୍ଫୀତି ରହିଥିଲା। ମୁଦ୍ରାସ୍ଫୀତି ୪.୫୧% ରହିବ ବୋଲି ରଏଟର ଅର୍ଥନୀତିଜ୍ଞଙ୍କର ଏକ ଦଳ ପୂର୍ବାନୁମାନ କରିଥିଲେ। ଏହି ସମୟରେ ଖାଦ୍ୟ ମୁଦ୍ରାସ୍ଫୀତି ୧.୩୭% ରହିଛି। ଡାଲି, ପନିପରିବା, ଚିନି ଦର ନିମ୍ନରେ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଡାଲି ଉପରେ ମୁଦ୍ରାସ୍ଫୀତି ନିମ୍ନରେ ରହିବା ସହ ଗତ ବର୍ଷ ସମାନ ସମୟ ତୁଳନାରେ ଏହା -(୮.୯୧%) ରହିଛି।

### ଋଣ ଭାରରେ ୫୦%ରୁ ଊର୍ଦ୍ଧ୍ୱ ଚାଷୀ ପରିବାର

ଗ୍ରାମୀଣ ପରିବାରଗୁଡିକ ବ୍ୟାଙ୍କ ସେବା ଲାଭ କରୁଥିବା ବେଳେ ସଞ୍ଚୟ ମଧ କରୁଛନ୍ତି। ଅପରପକ୍ଷରେ ନିବେଶ ସ୍ତର, ପେନସନ ଏବଂ ବୀମା କ୍ଷେତ୍ରରେ ଗ୍ରାମୀଣ ପରିବାରଗୁଡିକ ଏବେ ମଧ ପଛରେ ରହିଛନ୍ତି। ଜାତୀୟ କୃଷି ଏବଂ ଗ୍ରାମୀଣ ଉନ୍ନତୀକରଣ ବ୍ୟାଙ୍କ(ନାବାର୍ଡ) ପକ୍ଷରୁ ହୋଇଥିବା ଆର୍ଥିକ ଅନ୍ତର୍ଭୁକ୍ତି ସର୍ଭେରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଗ୍ରାମାଞ୍ଚଳରେ ପରିବାରଗୁଡିକର ଋଣ ଭାର ଅତି ଉଚ୍ଚରେ ରହିଛି। ଏହି ପରିବାରଗୁଡିକର ବାର୍ଷିକ ଆୟ ସେମାନଙ୍କ ଉପରେ ରହିଥିବା ଋଣ ସହ ସମାନ ବୋଲି ଜାତୀୟ ଆର୍ଥିକ ଅନ୍ତର୍ଭୁକ୍ତି ସର୍ଭେରେ ଏହା ପ୍ରକାଶ ପାଇଛି। ଗ୍ରାମାଞ୍ଚଳରେ କୃଷି ସହ ଜଡିତ ପରିବାରଗୁଡିକ ଅଣ କୃଷି ପରିବାର ତୁଳନାରେ ଅଧିକ ଆୟ କରୁଛନ୍ତି। ଗ୍ରାମୀଣ ପରିବାରଗୁଡିକର ବାର୍ଷିକ ହାରାହାରି ଆୟ ୯୬,୭୦୮ ଟଙ୍କା ରହିଛି। ସେହିଭଳି କୃଷି ସହ ଜଡିତ ପରିବାରଗୁଡିକର ବାର୍ଷିକ ହାରାହାରି ଆୟ ୧.୦୭ ଲକ୍ଷ ଟଙ୍କା ରହିଛି। ଏହା ଅଣକୃଷି ପରିବାର କ୍ଷେତ୍ରରେ ୮୭,୨୨୮ ଟଙ୍କା ରହିଛି।

## ଆଧାର ଅପବ୍ୟବହାରରେ ଜରିମାନା ଲାଗୁ: ସ୍ନୋଡେନ

ନୂଆଦିଲ୍ଲୀ, ୧୮–୮

ସରକାରୀ ସେବା ବାଦ୍ ଆଧାର ତଥ୍ୟକୁ ଅନ୍ୟ କ୍ଷେତ୍ରରେ ବ୍ୟବହାର ହେଉଥିବା ଦେଖା ଯାଉଛି। ଏପରିସ୍ଥିତିରେ ଆଧାର ଅପବ୍ୟବହାର ଉପରେ ସରକାର କାର୍ଯ୍ୟାନୁଷ୍ଠାନ ପୂର୍ବକ ଜରିମାନା ଲାଗୁ କରିବାକୁ ଦାବି ହୋଇଛି। ଯଦି କୌଣସି ବ୍ୟକ୍ତି ସେବା ବାଦ୍ ଅନ୍ୟତ୍ର ଆଧାରର ଅପବ୍ୟବହାର କରନ୍ତି ତେବେ ତାଙ୍କ ବିରୋଧରେ ସରକାର ଜରିମାନା ଲାଗୁ କରନ୍ତୁ ବୋଲି ହ୍ୱିସିଲ ବ୍ଲୋୟର ଏଡୱାର୍ଡ ସ୍ନୋଡେନ କହିଛନ୍ତି। ଭାରତ ସରକାର ଯଦି ଲୋକଙ୍କ ହିତ ଲାଗି ଆଧାରକୁ କାର୍ଯ୍ୟକାରୀ କରାଇବାକୁ ସତରେ ଯତ୍ନବାନ ତେବେ ଏହାର ଅପବ୍ୟବହାରକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଭିଡିଓକନଫରେନ୍ସି ଯୋଗେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସ୍ନୋଡେନ ଏହା କହିଛନ୍ତି।

## ନୂଆ ଉତ୍ପାଦ

### ଏମ୍‌ଆଇ ଏ୨



ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ସାଓମି ପକ୍ଷରୁ ବଜାରକୁ ଆସିଛି ନୂଆ ଏମ୍‌ଆଇ ଏ୨। ମଡେଲଟି ବଜାରରେ ୧୬,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ଫୋନଟି ଏମ୍‌ଆଇ ଷ୍ଟୋର ସମେତ କମ୍ପାନୀର ୱେବସାଇଟ ତଥା ପ୍ରମୁଖ ଇ–କମର୍ସ ସାଇଟଗୁଡିକରେ ଉପଲବ୍ଧ ହେବ। ଏଥିରେ ୧୨ ଓ ୨୦ ମେଗା ପିକ୍ସେଲର ରିୟର ଏଏଲ୍ ଡୁଆଲ କ୍ୟାମେରା, ୨୦ ଏମ୍‌ପିର ସାମ୍ନା କ୍ୟାମେରା ରହିଛି। କ୍ୱାଲକମ୍ ସ୍ନାପଡ୍ରାଗନ ୬୬୦ ଏସ୍‌ଓସି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଅତ୍ୟାଧୁନିକ ଫିଚର ଗ୍ରାହକମାନେ ଲାଭ କରିବାକୁ ସକ୍ଷମ ହେବେ। ୩୦୧୦ ଏମ୍‌ଏଏଚ୍ ବ୍ୟାଟେରୀକ୍ଷମତା, ୪ ଜିବି ଓ ୬ ଜିବି ଆଭ୍ୟନ୍ତରିଣ ଷ୍ଟୋରେଜ କ୍ଷମତା ଏଥିରେ ରହିଛି। ଏହା ୪ଟି ରଙ୍ଗରେ ଉପଲବ୍ଧ ହେଉଛି।

### ନୋକିଆ ଆଣିଲା ୩ ନୂଆ ମଡେଲ



ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ଏହାର ପ୍ରମୁଖ ମଡେଲ ନୋକିଆର ୩ ନୂଆ ଆଣ୍ଡ୍ରଏଡ ଫୋନ ବଜାରକୁ ଆସିଛି। ଉକ୍ତ ମଡେଲଗୁଡିକ ମଧ୍ୟରେ ନୋକିଆ ୫.୧, ନୋକିଆ ୩.୧, ନୋକିଆ ୨.୧ ରହିଛି। ଉକ୍ତ ମଡେଲଗୁଡିକ ଉଭୟ ଅନଲାଇନ ଏବଂ ଅଫଲାଇନରେ ଉପଲବ୍ଧ ହେବ। ମଡେଲଗୁଡିକ ୬ ହଜାରରୁ ୧୫ ହଜାର ମଧ୍ୟରେ ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ଗୋଦରେଜର ପ୍ରୋଟେକ୍ଟ ମିଷ୍ଟର ମ୍ୟାଜିକ




ଗୋଦରେଜ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ ପକ୍ଷରୁ ପ୍ରୋଟେକ୍ଟ ମିଷ୍ଟର ମ୍ୟାଜିକକୁ ଉନ୍ମୋଚନ କରାଯାଇଛି। ଏହାର ବଜାର ଦର ୧୫ ଟଙ୍କା ରହିଛି। ପାଉଡରରୁ ଲିକ୍ୟୁଡରେ ପରିଣତ ହେଉଥିବା ଏହା ଏକ ହ୍ୟାଣ୍ଡୱାସ। କମ୍ପାନୀର କମ୍ବି ପ୍ୟାକର ମୂଲ୍ୟ ୩୫ ଟଙ୍କା ରହିଛି। ଏହା ବୋତଲରେ ଉପଲବ୍ଧ ହେଉଥିବା ହ୍ୟାଣ୍ଡୱାଶ ତୁଳନାରେ ସୁଲଭ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ହିରୋ ଏକ୍ସଟ୍ରିମ ୨୦୦ ଆର୍



ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋ କର୍ପ ପକ୍ଷରୁ ବଜାରକୁ ଆସିଛି ନୂଆ ଏକ୍ସଟ୍ରିମ ୨୦୦ ଆର୍। ଏହା ଆସନ୍ତା ସପ୍ତାହଠାରୁ ବଜାରରେ ଉପଲବ୍ଧ ହେବ। ମଡେଲଟିର ଏକ୍ସଶୋରୁମ ମୂଲ୍ୟ ୮୯,୯୦୦ ଟଙ୍କା ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂଆ ମଡେଲରେ ଆଣ୍ଟି ଲକ୍ ବ୍ରେକ୍ ସିଷ୍ଟମ, ୨୦୦ ସିସି ଏୟାର କୁଲଡ ଇଞ୍ଜିନ, ବିଏସ୍ ମାନକ ଭଳି ବିଭିନ୍ନ ବୈଶିଷ୍ଟ୍ୟ ରହିଥିବା କମ୍ପାନୀ ସୂଚନା ଦେଇଛି।

### ମାଇକ୍ରୋସଫ୍ଟର ସରଫେସ ଲାପଟପ୍




ମାଇକ୍ରୋସଫ୍ଟ ପକ୍ଷରୁ ଏହାର ସରଫେସ ଫ୍ୟାମିଲରେ ନୂଆ ୱିଣ୍ଡୋଜ ଡିଭାଇସ ସରଫେସ ବୁକ୍ ୨ ତଥା ସରଫେସ୍ ଲାପଟପର ବଜାର ପ୍ରବେଶ ହୋଇଛି। ଏହା ପୂର୍ବରୁ କମ୍ପାନୀ ସରଫେସ ପ୍ରୋ ଲାପଟପ୍ ବଜାରକୁ ଛାଡିଥିଲା। ଏଥିରେ ୱିଣ୍ଡୋଜ ୧୦ ବୈଶିଷ୍ଟ୍ୟ ସହ ଅନ୍ୟାନ୍ୟ ଫିଚର ରହିଥିବା କମ୍ପାନୀ ପ୍ରକାଶ କରିଛି।

## ଇସ୍ତଫା ଦେଲେ ଇନ୍‌ଫୋସିସ୍ ସିଏଫ୍‌ଓ



ନୂଆଦିଲ୍ଲୀ, ୧୮–୮

ପ୍ରମୁଖ ଆଇଟି କମ୍ପାନୀ ଇନ୍‌ଫୋସିସର ମୁଖ୍ୟ ବିତ୍ତ ଅଧିକାରୀ(ସିଏଫ୍‌ଓ) ଏମ୍.ଡି ରଙ୍ଗନାଥ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏ ନେଇ କମ୍ପାନୀ ପକ୍ଷରୁ ସୂଚନା ରହିଛି। ପୂର୍ବତନ ସିଏଫ୍‌ଓ ରାଜୀବ ବଂଶଲ ୨୦୧୫ରେ କମ୍ପାନୀ ଛାଡିବା ପରେ ରଙ୍ଗନାଥ ତାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଥିଲେ। ସେ ଚଳିତ ବର୍ଷ ନଭେମ୍ବର ୧୬ ଯାଏ କମ୍ପାନୀ ସହ ଜଡିତ ରହିବେ ବୋଲି ଜଣାଯାଇଛି। ନୂତନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ କମ୍ପାନୀ ଛାଡୁଥିବା ସୂଚନା ରହିଛି। ତାଙ୍କ ପରେ କିଏ ସିଏଫ୍‌ଓ ପଦବୀରେ ଅବସ୍ଥାପିତ ହେବେ ସେ ନେଇ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କମ୍ପାନୀ କହିଛି। ସେ ୩ ବର୍ଷ ସିଏଫଓ ପଦବୀରେ ରହିଥିବା ବେଳେ ଇନଫୋସିସରେ ମୋଟ ୧୮ ବର୍ଷ କାର୍ଯ୍ୟ କରିଛନ୍ତି। ନୂଆ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଯୋଜନା ରହିଥିବା ରଙ୍ଗନାଥ ସୂଚନା ଦେଇଛନ୍ତି। ଇନଫୋସିସର ଅଭିବୃଦ୍ଧି କ୍ଷେତ୍ରରେ ରଙ୍ଗନାଥଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଇନଫୋସିସ ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନୀ କହିଛନ୍ତି। ରଙ୍ଗନାଥ ଇନଫୋସିସର ଲିଡରଶିପ ଟିମ୍‌ରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି।

## ସେପ୍ଟେମ୍ବର ୧୫ରୁ ୟୁଆଇଡିଏଆଇ ଆଣିବ ନୂଆ ବୈଶିଷ୍ଟ୍ୟ

# ଚେହେରାରୁ ଯାଞ୍ଚ ହେବ ପରିଚୟ

ନୂଆଦିଲ୍ଲୀ,୧୮–୮

ପରିଚୟ ଜାଣିବା ପାଇଁ ଆଧାରର ନିୟାମକ ସଂସ୍ଥା ଭାରତୀୟ ଏକକ ପରିଚୟପତ୍ର କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ଏକ ନୂତନ ଫିଚର ଆରମ୍ଭ କରିବ। ଆଙ୍ଗୁଠି ଛାପା ବା ଦୃଷ୍ଟି ପଟଳ ବଦଳରେ ମୁହଁକୁ ଚିହ୍ନି ପରିଚୟ ଜାଣି ହେବ। ଏହାକୁ ଫେସ୍ ରେକଗ୍‌ନାଇଜେଶନ ଫିଚର କୁହାଯିବ। ଏହି ବ୍ୟବସ୍ଥା ଚଳିତ ବର୍ଷ ଜୁଲାଇରୁ ଆରମ୍ଭ କରାଯିବ ବୋଲି ୟୁଆଇଡିଏଆଇ ପୂର୍ବରୁ ପ୍ରକାଶ କରିଥିବା ବେଳେ ଏଥିରେ ବିଳମ୍ବ ହୋଇଛି। କିନ୍ତୁ ଆଉ ଏଥିରେ ବିଳମ୍ବ ହେବ ନାହିଁ।




ଅତି କମ୍‌ରେ ପର୍ଯ୍ୟାୟକ୍ରମେ ଆସନ୍ତା ସେପ୍ଟେମ୍ବର ୧୫ରୁ ଏହି ବ୍ୟବସ୍ଥାକୁ ଆରମ୍ଭ କରାଯିବା ନେଇ ୟୁଆଇଡିଏଆଇ ଶନିବାର ପ୍ରକାଶ କରିଛି। ପ୍ରଥମେ ଟେଲିକମ୍ ସେବାପ୍ରଦାନକାରୀ ସଂସ୍ଥା କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେବ। ଯେତେବେଳେ କୌଣସି ଗ୍ରାହକ ନୂଆ ମୋବାଇଲ୍ ସିମ୍ କ୍ରୟ କରିବେ ଉକ୍ତ ସମୟରେ ତାଙ୍କ ପରିଚୟ ଜାଣିବା ପାଇଁ ଏହି ଫେସିଆଲ୍ ରେକଗ୍‌ନାଇଜେଶନ ଫିଚର ବ୍ୟବହାର କରାଯିବ। ସିମ୍ କ୍ରୟ ବେଳେ ଗ୍ରାହକଙ୍କୁ ଆଧାର ପ୍ରଦର୍ଶନ କରିବାକୁ ପଡ଼ିବ। ଉକ୍ତ ସମୟରେ ଆଙ୍ଗୁଠିଛାପା ଓ ଦୃଷ୍ଟି ପଟଳ ଆଧାରରେ ଯାଞ୍ଚ କରାଯିବ। ଯେଉଁମାନଙ୍କର ଏଥିରେ କୌଣସି ଅସୁବିଧା ଥିବ ଉକ୍ତ ସମୟରେ କେବଳ ଚେହେରା ବା ମୁଖମଣ୍ଡଳ ଆଧାରରେ ପରିଚୟ ଯାଞ୍ଚ କରାଯିବ। ଗ୍ରାହକ ଆଧାରକୁ ନିଜ ପରିଚୟ ଭାବେ ବ୍ୟବହାର କରିଥିଲେ ଯାଇ ଏହା କାର୍ଯ୍ୟକାରୀ ହୋଇ ପାରିବ ବୋଲି ୟୁଆଇଡିଏଆଇ ପ୍ରକାଶ କରିଛି।

## ଡଲାର ତୁଳନାରେ ମୁଦ୍ରା

# ୬୯ରୁ ତଳକୁ ଖସିବନି ଟଙ୍କା

କଲିକତା, ୧୮–୮

ଏକ ଡଲାର ଆମେରିକୀୟ ବିନିମୟ ମୂଲ୍ୟ ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୬୮ ଟଙ୍କାରୁ ୬୯ ଟଙ୍କା ମଧ୍ୟରେ ରହିବ। ଏହାଠାରୁ ଆଉ ନିମ୍ନ ସ୍ତରକୁ ଖସିବ ନାହିଁ। ଅର୍ଥାତ ଆମେରିକାର ୧ ଡଲାର ପାଇଁ ଭାରତକୁ ୬୮ରୁ ୬୯ ଟଙ୍କା ବହନ କରିବାକୁ ପଡିବ। ଆଉ ଅଧିକ ଟଙ୍କା ଦେବାକୁ ପଡ଼ିବ ନାହିଁ। ଅର୍ଥନୈତିକ ବ୍ୟାପାର ସଚିବ ସୁବାସ ଚନ୍ଦ୍ର ଗର୍ଗ ଶନିବାର ଏହା କହିଛନ୍ତି। ତୁର୍କୀରେ ଅର୍ଥନୈତିକ ମାନ୍ଦାବସ୍ଥା ପ୍ରଭାବରେ ଭାରତୀୟ ମୁଦ୍ରା ପ୍ରଭାବିତ ହୋଇ ଗତ ମଙ୍ଗଳବାର ସର୍ବକାଳୀନ ନିମ୍ନ ସ୍ତରକୁ ଖସି ଆସିଥିଲା। ଉକ୍ତ ଦିନ ଡଲାର ତୁଳନାରେ ମୁଦ୍ରାର ମୂଲ୍ୟ ୭୦ ଟଙ୍କା ୧୦ ପଇସାକୁ ଖସି ଆସିଥିବା ବେଳେ ବର୍ତ୍ତମାନ ସମଗ୍ର ଏସିଆ ମହାଦେଶର ବିନିମୟ ମୂଲ୍ୟ ତୁଳନାରେ ମୁଦ୍ରା ଅତି ଦୟନୀୟ ସ୍ଥିତିରେ ରହିଛି ବୋଲି ଗର୍ଗ କହିଛନ୍ତି। କିନ୍ତୁ ଏହି ସ୍ଥିତି ଆଉ ନିମ୍ନସ୍ତରକୁ ଖସିବ ନାହିଁ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଯଦି ଆଗକୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ମୂଲ୍ୟ ବର୍ତ୍ତମାନ ତୁଳନାରେ ବୃଦ୍ଧି ନ ପାଏ ତେବେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ନାହିଁ ବୋଲି ଗର୍ଗ ସୂଚନା ଦେଇଛନ୍ତି।

## ୱାଲ୍‌ମାର୍ଟ–ଫ୍ଲିପ୍‌କାର୍ଟ ଚୁକ୍ତି ଶେଷ

ନୂଆଦିଲ୍ଲୀ,୧୮–୮

ଆମେରିକାଭିତ୍ତିକ ରିଟେଲ୍ କର୍ପୋରେଶନ ୱାଲ୍‌ମାର୍ଟ ଭାରତର ପ୍ରମୁଖ ଇ–କମର୍ସ କମ୍ପାନୀ ଫ୍ଲିପ୍‌କାର୍ଟର ୭୭% ଅଂଶ ନିଜ ଅକ୍ତିଆରୁ ନେଇଛି। ପାଖାପାଖି ୨ ବିଲିୟନ ଡଲାର ମୂଲ୍ୟର ଏହି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି ବୋଲି ୱାଲ୍‌ମାର୍ଟ ଶନିବାର ସୂଚନା ଦେଇଛି। ଫଳରେ ଫ୍ଲିପ୍‌କାର୍ଟର ବାକି ୨୩% ଅଂଶ ଫ୍ଲିପ୍‌କାର୍ଟର ସହ ପ୍ରତିଷ୍ଠାତା ବିନି ବଂଶଲଙ୍କ ସମେତ ମାଇକ୍ରୋସଫ୍ଟ କର୍ପୋରେଶନ, ଟାଇଗର ଗ୍ଲୋବାଲ୍ ଆଦି କେତେକ କମ୍ପାନୀ ଅଧୀନରେ ରହିବ।

# ଘରୋଇ ବଜାରରେ ପ୍ରବେଶ କରିପାରେ ଆଲିବାବା

ନୂଆଦିଲ୍ଲୀ, ୧୮–୮

ଚାଇନାର ସର୍ବବୃହତ୍ ଇଣ୍ଟରନେଟ ଓ ଇ–କମର୍ସ କମ୍ପାନୀ ଆଲିବାବା ଘରୋଇ ବଜାରରେ ପ୍ରବେଶ କରିପାରେ। ଉକ୍ତ କମ୍ପାନୀର ନଜର ଏବେ ଭାରତୀୟ ରିଟେଲ ବଜାର ଉପରେ ରହିଛି। ଏଥିଲାଗି ଆଲିବାବା ଘରୋଇ ବଜାରର ପ୍ରମୁଖ କମ୍ପାନୀଙ୍କ ସହ ଆଲୋଚନା ଆରମ୍ଭ କରିଥିବା ଜଣାଯାଇଛି। କମ୍ପାନୀ ନିକଟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧକ୍ଷ ମୁକେଶ ଅମ୍ବାନୀ, ଫ୍ୟୁଚର ଗ୍ରୁପ ଅଧକ୍ଷ କିଶୋର ବିୟାନି ଏବଂ ଟାଟା ଗ୍ରୁପ ସହ ଆଲୋଚନା କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ କମ୍ପାନୀ ଟାଟା ଗ୍ରୁପ ସହ ଆଲୋଚନାରେ ସାମିଲ ହୋଇଥିବା ବେଳେ ମୁକେଶ ଅମ୍ବାନୀଙ୍କ ସହ ନୂଆ କରି ଆଲୋଚନାରେ ସାମିଲ ହୋଇଛି। ରିଲାଏନ୍ସ, ଟାଟା ଏବଂ ଫ୍ୟୁଚର ଗ୍ରୁପ ଘରୋଇ ବଜାରର




- ଦେଶର ପ୍ରମୁଖ କମ୍ପାନୀଙ୍କ ସହ ଆଲୋଚନା
- ସହଭାଗିତାରେ ସାମିଲ ପାଇଁ ଯୋଜନା
- ରିଟେଲ ବଜାର ଉପରେ ନଜର

ରିଟେଲ କ୍ଷେତ୍ରରେ ପ୍ରମୁଖ ସ୍ଥାନରେ ଅଛନ୍ତି। ଆଲିବାବା ମଧ୍ୟ ରିଟେଲ କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କରିବାକୁ ପ୍ରୟାସ କରୁଥିବା ଜଣାଯାଇଛି।

ଚାଇନାରେ ଆଲିବାବାର ଅନଲାଇନ୍ ଟୁ ଅଫଲାଇନ ମଡେଲକୁ ବିଶେଷ ଭାବେ ସଫଳ କରାଇଛି। ଦେଶର କୌଣସି ଏକ ପ୍ରମୁଖ କମ୍ପାନୀ ସହ ଚୁକ୍ତିରେ ସାମିଲ ହେବାକୁ ଆଲିବାବା ଯୋଜନା ରଖିଛି। ଏକ ବିଦେଶୀ ସଂସ୍ଥା ସହ ଚୁକ୍ତିରେ ସାମିଲ ହେବା ନେଇ ନିକଟରେ କିଶୋର ବିୟାନି ସୂଚନା ଦେଇଥିଲେ। ମାତ୍ର କେଉଁ କମ୍ପାନୀ ସହ ଚୁକ୍ତି ହେବ ସେ ନେଇ ବିୟାନି କୌଣସି ସୂଚନା ଦେଇନାହାନ୍ତି। ଆଲିବାବାର ପ୍ରତିଦ୍ୱନ୍ଦ୍ୱୀ ଆମାଜନ ସହ ଫ୍ୟୁଚର ଗ୍ରୁପ ସହଭାଗିତାରେ ସାମିଲ ହୋଇ ପାରେ ବୋଲି ଗଣମାଧ୍ୟମରେ ରିପୋର୍ଟ ଆସିଛି। ରିଲାଏନ୍ସ ଗ୍ରୁପ ଏବଂ ଟାଟା ଗ୍ରୁପ ପକ୍ଷରୁ ଡିଲ୍ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ପାରି ନାହିଁ। ସୂଚନା ଯୋଗ୍ୟ, ଆଲିବାବା ପେଟିଏମ୍ ମଲରେ ଅଂଶୀଦାର ରହିଛି। ଏହା ସହ ଘରୋଇ ବଜାରର ଅନ୍ୟ କେତେକ ସଂସ୍ଥାରେ ମଧ ଆଲିବାବାର ଅଂଶଧନ ମଧ୍ୟ ରହିଛି।



ଗୋଟିଏ ମଞ୍ଚରେ ଦକ୍ଷିଣ କୋରିଆ ପ୍ରଧାନମନ୍ତ୍ରୀ ଲି ନାକ୍-ୟୋନ(ବାମ) ଓ ଉତ୍ତର କୋରିଆ ଉପପ୍ରଧାନମନ୍ତ୍ରୀ ରି ର୍ୟୋଙ୍ଗ ନାମ୍।



ଆତସବାଜି କାର୍ଯ୍ୟକ୍ରମ।



ଦୁଇ କୋରିଆ ଦଳର ମିଳିତ ମାର୍ଚ୍ଚପାଷ୍ଟ।

# ପାରମ୍ପରିକ ନୃତ୍ୟଗୀତରେ ଝୁମିଲେ ଦର୍ଶକ

**ଜାକର୍ତ୍ତା, ୧୮।୮(ପି.ଟି.)**

ଏସିଆ ମହାଦେଶର ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଏସିଆନ ଗେମ୍ସର ୧୮ତମ ସଂସ୍କରଣ ମହା ସମାରୋହରେ ଉଦ୍‌ଘାଟିତ ହୋଇଛି। ଜାକର୍ତ୍ତାର ଗେଲୋରା ବଙ୍ଗ କାର୍ନୋ (ଜିବିକେ) ମୁଖ୍ୟ ଷ୍ଟାଡିୟମରେ ଏହି କ୍ରୀଡ଼ାର ରଙ୍ଗାରଙ୍ଗ ଉଦ୍‌ଘାଟନ ହୋଇଛି। ଏହି ଉତ୍ସବରେ ଇଣ୍ଡୋନେସିଆର ସାଂସ୍କୃତିକ ଐତିହ ଓ ପରମ୍ପରାର ଅତି ମନମୋହକ ଝଲକ ଦେଖିବାକୁ ମିଳିଥିଲା। ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଏମ ମୋଟର ସାଇକେଲ ସହ ଷ୍ଟାଡିୟମକୁ ପ୍ରବେଶ କରିଥିଲେ। ସେ ଜାକର୍ତ୍ତାର ତଥାକଥିତ ଅଲୋଡା ଟ୍ରାଫିକ ଜାମ୍ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଷ୍ଟାଡିୟମରେ ଲଗାଯାଇଥିବା ବୃହତ୍ ପର୍ଦ୍ଦାରେ ଏକ ଫୁଟେଜ ପ୍ରଦର୍ଶିତ ହୋଇଥିଲା। ୱିଡୋଡୋ କିପରି ଠିଆ ହୋଇଥିବା ବିଭିନ୍ନ ଗାଡି ଓ ସରୁ ରାସ୍ତାକୁ ଅତିକ୍ରମ କରି ଷ୍ଟାଡିୟମରେ ପ୍ରବେଶ କରିଥିଲେ ତାହା ଦେଖିବାକୁ ମିଳିଥିଲା। ହେଲମେଟ ପିନ୍ଧି ଷ୍ଟାଡିୟମରେ ରାଷ୍ଟ୍ରପତି ପହଞ୍ଚିବା ପରେ ସାରା ଷ୍ଟାଡିୟମରେ ଉପସ୍ଥିତି ଦର୍ଶକ ଝୁମି ଉଠିଥିଲେ। କୋରିଆ ଉପଦ୍ୱୀପର ଦୁଇ ଦେଶ ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ପୁଣି ବନ୍ଧୁତ୍ୱ ସୃଷ୍ଟି ହେବା ବିଶ୍ୱ ଶାନ୍ତି ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଗତ ଶୀତକାଳୀନ ଅଲିମ୍ପିକ୍ସ ପରେ ଏସିଆନ୍ ଗେମ୍ସରେ ମଧ୍ୟ ଦୁଇଦେଶର ମିଳିତ ପ୍ରତିନିଧି ଦଳ ଜାକର୍ତ୍ତା ଆସିଛନ୍ତି। ୩ଟି ଇଭେଣ୍ଟରେ ଦୁଇ କୋରିଆ ଦେଶ ମିଳିତ ଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଲାଇଟ ୱେଟ ରୋଇଂ, ଡ୍ରାଗନ ବୋଟ୍ ରେସିଂ ଓ ମହିଳା ୫X୫ ବାସ୍କେଟ ବଲ ଇଭେଣ୍ଟରେ ଉତ୍ତର ଓ ଦକ୍ଷିଣ କୋରିଆ ମିଳିତ ଭାବେ ଅଂଶଗ୍ରହଣ କରିବେ। ବିଭିନ୍ନତା ଓ ବିବିଧାକୁ ନେଇ ଉତ୍ସବ ମନାଇବାକୁ ଆମେ ଏକାଠି ହୋଇଛୁ ବୋଲି ଆୟୋଜକ କମିଟି ଅଧ୍ୟକ୍ଷ ଏରିକ୍ ତୋହିର ତାଙ୍କ ବକ୍ତବ୍ୟରେ କହିଛନ୍ତି।

ଯୁବ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ପରେଡ୍‌ରେ ତ୍ରିରଙ୍ଗା ବହନ କରି ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ନୀଳ ରଙ୍ଗର ସୁଟ୍ ପରିଧାନ କରି ଭାରତୀୟ ଆଥଲେଟମାନେ ଛୋଟ ଛୋଟ ପତାକା ଧରି ଦର୍ଶକମାନଙ୍କୁ ହାତ ହଲାଇ ଅଭିବାଦନ କରିଥିଲେ। ବାସନ୍ଦ ଉଠିବା ପରେ କୁଏତ୍ ଆଥଲେଟମାନେ ନିଜ ଦେଶର ପତାକା ସହ ପରେଡରେ ଭାଗ ନେଇଥିଲେ। ପରେଡର ଅନ୍ତିମ ପର୍ଯ୍ୟାୟରେ ଆୟୋଜକ ଇଣ୍ଡୋନେସିଆ ଦଳ ଷ୍ଟାଡିୟମରେ ପ୍ରବେଶ କରିଥିଲା ଓ ଏତିକି ବେଳେ ସାରା ଷ୍ଟାଡିୟମ୍ ଖୁସିରେ ଝୁମି ଉଠିଥିଲା। ତାରକା ସନ୍ତରଣକାରୀ ଗେଡେ ସିମାନ ସୁଦାରତାୱା ଓ ବାସ୍କେଟବଲ ଖେଳାଳି ଅରକି ୱସ୍ଥୁ ଇଣ୍ଡୋନେସିଆ ଦଳର ନେତୃତ୍ୱ ନେଇଥିଲେ। ଅଲିମ୍ପିକ୍ କାଉନସିଲ ଅଫ୍ ଏସିଆ ଅଧ୍ୟ ସେଖ ଅହମ୍ମଦ ଅଲ- ସବାହ ମଧ୍ୟ ଏହି ଅବସରରେ ନିଜର ବକ୍ତବ୍ୟ ରଖିଥିଲେ। ମୋ ନିଜ ଦେଶ କୁଏତ୍ ଏହି କ୍ରୀଡ଼ା ମହାକୁମ୍ଭରେ ଅଂଶଗ୍ରହଣ କରିଥିବାର ସୁଯୋଗ ହାସଲ କରିଥିବାରୁ ମୁଁ ଅନନ୍ଦିତ ବୋଲି ସେ କହିଥିଲେ। ଦୁଇ କୋରିଆ ଦେଶ ମଧ୍ୟ ପୁଣି ବନ୍ଧୁତା ସୃଷ୍ଟି ହୋଇଥିବାରୁ ସେ ଏହାକୁ ପସନ୍ଦ କରିଥିଲେ। ଏହାପରେ ଏସିଆନ ଗେମ୍ସ ଆରମ୍ଭ ହେଲା ବୋଲି ରାଷ୍ଟ୍ରପତି ୱିଡୋଡୋ ଘୋଷଣା କରିଥିଲେ।

ଦ୍ୱିତୀୟ ଆୟୋଜକ ସହର ପାଲେମବାଙ୍ଗରେ ଆଥଲେଟମାନେ ଫୁଟବଲ ଏରିନାରେ ଲଗାଯାଇଥିବା ବଡ଼ ପର୍ଦ୍ଦାରେ ଉଦ୍‌ଘାଟନୀ ଉତ୍ସବ ଦେଖିଥିଲେ ଓ ଏହାକୁ ମନଭରି ଉପଭୋଗ କରିଥିଲେ। ଜାକର୍ତ୍ତା ଓ ବାନଡଙ୍ଗ, ପଶ୍ଚିମ ଜାଭାର କଳାକାରମାନେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପର୍ବତ ପରିବେଷ୍ଟିତ ଏକ ବଡ଼ ମଞ୍ଚରେ ଦେଶର ଅନନ୍ୟ ବୃକ୍ଷ ଓ ଫୁଲ ଦେଖିବାକୁ ମିଳିଥିଲା।

ପାରମ୍ପରିକ ନୃତ୍ୟ 'ସାମାନ' ସହ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଥିଲା। ମାନବିକତାର ନିର୍ଦ୍ଦଶନ ସ୍ୱରୂପ ଏହି ନୃତ୍ୟକୁ ୟୁନିସ୍କୋ ମାନ୍ୟତା ପ୍ରଦାନ କରିଛି। ଆସେହ ପ୍ରୋଭିନ୍ସରେ ରହୁଥିବା ଗାୟୋ ଆଦିବାସୀଙ୍କର ଏହି ନୃତ୍ୟକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ପାଖାପାଖି ୨୨୦୦ ସ୍କୁଲ ଛାତ୍ରୀଛାତ୍ର ମଧ୍ୟ କାର୍ଯକ୍ରମ ପରିବେଷଣ କରିଥିଲେ। ୪୫ଟି ଦେଶ ଅଂଶଗ୍ରହଣ କରୁଥିଲେ ମଧ୍ୟ ଅଲିମ୍ପିକ୍ସ ପରେ ଏହି କ୍ରିଡା ମହାକୁମ୍ଭକୁ ଦ୍ୱିତୀୟ ସର୍ବବୃହତ ବିବେଚନା କରାଯାଉଛି। ଆଥଲେଟମାନଙ୍କୁ ଏମାନେ ସ୍ୱାଗତ କରିଥିଲେ।

ଦୁଇ ସପ୍ତାହଧରି ଚାଲିବାକୁ ଥିବା ଏହି କ୍ରୀଡ଼ାରେ ୧୧,୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଆକର୍ଷଣ ଥିଲା ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ। ଇଣ୍ଡୋନେସିଆର ପ୍ରସିଦ୍ଧ ଗାୟକ ଅନଗୁନ୍ ସିପଟା ସାସମି ସମସ୍ତଙ୍କର ମନୋରଞ୍ଜନ କରିଥିଲେ। ଅନଗୁନଙ୍କ ସହ ଜଣାଶୁଣା ସଂଗୀତକାର ରାଇସା, ଟୁଲୁସ, ଇଡୋ କୋଣ୍ଡୋଲୋଗିଟ, ପୁଟ୍ରି ଆୟୁ, ପାଟିନ, ଜିଏସି, କାମାସନ ଓ ଭିଆ ଭାଲେନ ଆଖି ଝଲସିଆ ମଞ୍ଚ ଉପରେ ସଂଗୀତ ପରିବେଷଣ କରି ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିଥିଲେ। ଇଣ୍ଡୋନେସିଆର କିମ୍ବଦନ୍ତୀ ଆଥଲେଟମାନେ ଏହି କ୍ରୀଡ଼ାର ଜ୍ୟୋତିକୁ ଦେଶ ସରା ବୁଲାଇଥିଲେ ଓ ଶେଷରେ ଏହି ଜ୍ୟୋତି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ଏଥିପାଇଁ ଆୟୋଜକ ମାନେ ୫୫ ମିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରିଥିଲେ। ନୂଆଦିଲ୍ଲୀ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରୁ ଏହି ଟର୍ଚ୍ଚ ରିଲେ ଆରମ୍ଭ ହୋଇ ଜାକର୍ତ୍ତାରେ ଶେଷ ହୋଇଥିଲା। ଗତ ଏକମାସ ମଧ୍ୟରେ ଦେଶର ୫୩ଟି ସହରକୁ ଏହି ରିଲେ ଅତିକ୍ରମ କରିଥିଲା।

୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ମହିଳା ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପୂର୍ବତନ ଶୁଟର ସୁସି ସୁସାନ୍ତି ଶିଖା ପ୍ରଜ୍ୱଳନ କରିଥିଲେ ଓ ଏହା ପରେ ଆତସବାଜୀ ଆରମ୍ଭ ହୋଇଥିଲା। ସମ୍ପୂର୍ଣ୍ଣ ଉଦ୍‌ଘାଟନୀ ଉତ୍ସବରେ ଇଣ୍ଡୋନେସିଆର ଐତିହ, ସଂସ୍କୃତି, ପରମ୍ପାର, ନୃତ୍ୟ ଓ ଗୀତର ଝଲକ ଦେଖିବାକୁ ମିଳିଥିଲା ଓ ଏହା ବିଶ୍ୱବ୍ୟାପୀ କ୍ରୀଡ଼ା ପ୍ରଶଂସକଙ୍କ ମନ ମୋହିବାରେ ସଫଳ ହୋଇଛି।

## ଉଦ୍‌ଘାଟନୀ ଝଲକ

ଏସିଆନ ଗେମ୍ସର ୧୮ତମ ସଂସ୍କରଣ ଜାକର୍ତ୍ତାର ଗେଲୋରା ବଙ୍ଗ କାର୍ନୋ ଷ୍ଟାଡିୟମରେ ଶନିବାର ଉଦ୍‌ଘାଟିତ ହୋଇଛି। ଉକ୍ତ ଉତ୍ସବରେ ଇଣ୍ଡୋନେସିଆର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାର ଝଲକ ଦର୍ଶକଙ୍କ ମନ ମୋହିଛି।



ମଶାଲ ଯାତ୍ରାର ଅନ୍ତିମ ପର୍ଯ୍ୟାୟ।



ସାଂସ୍କୃତିକ କାର୍ଯ୍ୟକ୍ରମ।



ମାସ୍କଟ।

ଜଣେ ପ୍ରଫେଶନାଲ ଫୁଟ୍‌ବଲର ହେବା ଲାଗି ମୋର ସାମର୍ଥ୍ୟ ରହିଛି ବୋଲି ପ୍ରମାଣିତ କରିବାକୁ ମୁଁ ଚାହେଁ ।
–ଉଷେନ ବୋଲ୍ଟ, ଆଥ୍‌ଲେଟ ସୁପରଷ୍ଟାର



କୌଣସି ପ୍ରତିଯୋଗିତାରେ ଏକ ସ୍ୱର୍ଣ୍ଣ ପଦକ ଜିତିବା ତୁଳନାରେ ଜଣଙ୍କ ଜୀବନ ବଞ୍ଚାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ ।
– ମାଇକେଲ୍ ଫେଲ୍‌ପ୍ସ, ବିଶିଷ୍ଟ ସନ୍ତରଣକାରୀ



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

**ନୂଆଦିଲ୍ଲୀ, ୧୮।୮(ପି.ଟି.):** ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଏସିଆନ ଗେମ୍ସର ଅଷ୍ଟାଦଶ ସଂସ୍କରଣରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ପ୍ରଦାନ କରିଛନ୍ତି। 'ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳକୁ ମୋର ଶୁଭେଚ୍ଛା। ଭାରତୀୟ ଆଥ୍‌ଲେଟ୍‌ଙ୍କ ପାଇଁ ଗର୍ବିତ ଏବଂ ନିଶ୍ଚିତ ଅଛି ଏହି କ୍ରୀଡ଼ାରେ ସେମାନେ ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରଦାନ କରିବେ' ବୋଲି ମୋଦି ତାଙ୍କ ଅଫିସିଆଲ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି। ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତା ସମେତ ପାଲେମବାଙ୍ଗଠାରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କ୍ରୀଡ଼ାରେ ୪୫ଟି ଦେଶର ପାଖାପାଖି ୧୧ ହଜାର ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି।

### ବିପ୍ଳବଙ୍କ ବିରୋଧରେ ଅଭିଯୋଗ

**କଟକ ଅଫିସ,୧୮।୮:** ଓଡ଼ିଶା ରଣ୍‌ଜୀ ଦଳର ପୂର୍ବତନ ଅଧିନାୟକ ତଥା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ସଫଳ ଓଡ଼ିଆ କ୍ରିକେଟର ଭାବେ ଖ୍ୟାତି ଅର୍ଜନ କରିଥିବା ବିପ୍ଳବ ସାମନ୍ତରାୟଙ୍କ ନାମରେ ସଙ୍ଗିନ ଅଭିଯୋଗ ଉଠିଛି । ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) କାର୍ଯ୍ୟାଳୟରେ ଚାକିରି କରୁଥିବା ବିପ୍ଳବ ଜାଲ୍ ସାର୍ଟିଫିକେଟ ଦେଖାଇ ଏହି ନିଯୁକ୍ତି ପାଇଛନ୍ତି ବୋଲି ଅଭିଯୋଗ ହୋଇଛି । ଫଳରେ ଏଜି ପକ୍ଷରୁ ବିପ୍ଳବଙ୍କୁ ଏକମାସ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ଜାଲ ସାର୍ଟିଫିକେଟ ଦାଖଲ ସମ୍ପର୍କିତ ଅଭିଯୋଗକୁ ବିପ୍ଳବ ଏକ ମାସ ମଧ୍ୟରେ ସମାଧାନ ନ କଲେ ତାଙ୍କୁ ଚାକିରିରୁ ଛଟେଇ ହେବା ଭଳି ପରିସ୍ଥିତି ମଧ୍ୟ ଉପୁଜିପାରେ ବୋଲି କୁହାଯାଉଛି । ବିପ୍ଳବ ମଧ୍ୟ ନିଜ ପକ୍ଷରୁ ଆବଶ୍ୟକୀୟ ସମସ୍ତ ରିପୋର୍ଟ ପ୍ରଦାନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ସୂଚନା ଥାଉକି, ବିପ୍ଳବ ୨୦୧୩ରେ ଏଜିରେ ନିଯୁକ୍ତି ପାଇଥିଲେ । ସେ ଆସାମର ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ସ୍ନାତକରେ ଉତ୍ତୀର୍ଣ୍ଣ ହୋଇଥିବା ସାର୍ଟିଫିକେଟ ଦାଖଲ କରିଥିଲେ। ମାତ୍ର ଏହି ଶିକ୍ଷାନୁଷ୍ଠାନ ପରବର୍ତ୍ତୀ ସମୟରେ କେତେକ କାରଣରୁ ବନ୍ଦ ହୋଇ ଯାଇଥିଲା। ଯାହାଫଳରେ ଅଭିଯୋଗକାରୀ ଉକ୍ତ ଶିକ୍ଷାନୁଷ୍ଠାନରେ ବିପ୍ଳବଙ୍କ ପାଠପଢ଼ାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ତେବେ ଶିକ୍ଷାନୁଷ୍ଠାନ ବନ୍ଦ ହେବା ଯୋଗୁ ତାଙ୍କ ସ୍ନାତକ ପାଠପଢ଼ାକୁ ନେଇ ପ୍ରଶ୍ନ ଉଠାଯିବା ଅଯୁକ୍ତିକର ବୋଲି ବିପ୍ଳବ ନିଜ ପ୍ରତିକ୍ରିୟାରେ କହିଛନ୍ତି । କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏହିଭଳି ଅଭିଯୋଗ ଉଠାଉଛନ୍ତି। କେବଳ ଏହି ଅଭିଯୋଗ ନୁହେଁ ତାଙ୍କ ସମ୍ପର୍କରେ ଆହୁରି ଭିତ୍ତିହୀନ ଅଭିଯୋଗ ବାରମ୍ବାର କରାଯାଉଛି ବୋଲି ରାଜ୍ୟର ଏହି ପ୍ରତିଭାବାନ ରଣ୍‌ଜୀ ତାରକା ଜଣଙ୍କ କହିଛନ୍ତି ।

### ଓସିଏ ସମ୍ବିଧାନ ସଂଶୋଧନ ପାଇଁ ସଜବାଜ

**କଟକ ଅଫିସ,୧୮।୮:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ପକ୍ଷରୁ ଓସିଏ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ଡକାଯାଇଥିଲା। ଉକ୍ତ ବୈଠକରେ ଆସୋସିଏଶନର ସମ୍ବିଧାନ ସଂଶୋଧନ ନିମନ୍ତେ କେଉଁ ସମସ୍ତ ପ୍ରକ୍ରିୟା କିପରି ଭାବେ ଗ୍ରହଣ କରାଯିବ ସେ ନେଇ ଯୋଜନା କରାଯାଇଛି । କମିଟିର ଅଧକ୍ଷ ଧୀରେନ ପଲାଇଙ୍କ ଅଧକ୍ଷତାରେ ଉକ୍ତ ବୈଠକ ଡକାଯାଇଥିଲା । ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ବିଭିନ୍ନ ରାଜ୍ୟ ଆସୋସିଏଶନ ଗୁଡ଼ିକର ସମ୍ବିଧାନ ସଂଶୋଧନ ନିମନ୍ତେ ଚିଠି ଆସିବ । ଉକ୍ତ ଚିଠି ପାଇବାର ଏକ ମାସ ମଧ୍ୟରେ ଓସିଏ ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଡକାଯାଇ ସମ୍ବିଧାନ ସଂଶୋଧନ କମିଟି ଗଠନ କରାଯିବ । ପରେ ସଂଶୋଧନ ରିପୋର୍ଟ ଅକ୍ଟୋବର ୭ରୁ ୨୨ ତାରିଖ ମଧ୍ୟରେ କମିଟି ଅଫ ଆଡ୍‌ମିନିଷ୍ଟ୍ରେଶନ(ସିଓଏ) ନିକଟକୁ ପଠାଯିବ ବୋଲି ଧୀରେନ କହିଛନ୍ତି । ତେବେ ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ବିଧାନ ସଂଶୋଧନ କରାଯିବା ପାଇଁ ପ୍ରସ୍ତୁତ ରହିଛି ବୋଲି ଧୀରେନ କହିଥିଲେ । ଉକ୍ତ ବୈଠକରେ କମିଟିର ଆବାହକ ରବିଶଙ୍କର ପ୍ରତିହାରୀ, ସଦସ୍ୟ ଜନାର୍ଦ୍ଦନ ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ, ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କୋହଲି-ରାହାନେଙ୍କ ଶତକୀୟ ଭାଗୀଦାରି



୯୭ ରନ୍‌ର ଇନିଂସ ଅବସରରେ ବିରାଟ କୋହଲି।

**ନଟିଂହାମ୍ ୧୮।୮**

ଟ୍ରେଣ୍ଟବ୍ରିଜ୍‌ଠାରେ ଶନିବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେଙ୍କ ମଧ୍ୟରେ ଶତକୀୟ ଭାଗୀଦାରି ଯୋଗୁ ଭାରତ ଏକ ସମ୍ମାନଜନକ ସ୍କୋର ଆଡକୁ ଅଗ୍ରସର ହେଉଛି। ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୩୦୭ ରନ କରିଛି। ରିଷଭ ପନ୍ତ ୨୨ରନ କରି ଅପରାଜିତ ରହିଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତଠାରୁ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ଦଳ ଏକଦା ବିନା କୌଣସି ଉଇକେଟରେ ୬୦ ରନ କରିଥିଲା। ମାତ୍ର କ୍ରିସ୍ ଓକ୍ସଙ୍କ ଚମତ୍କାର ବୋଲିଂ ଯୋଗୁ ଆଉ ୨୨ରନରେ ଭାରତ ୩ଟି ଉଇକେଟ ହରାଇଥିଲା। ଦଳର ସ୍କୋର ୬୦ ଥିବାବେଳେ ଓପନର ଶିଖର ଧାୱନ (୩୫) ପ୍ରଥମ ଖେଳାଳି ଭାବେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେ ଓକ୍ସଙ୍କ ବଲ୍‌ରେ ଜୋସ୍ ବଟଲରଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଭାରତର ସ୍କୋର ୬୫ ଥିବାବେଳେ ଦ୍ୱିତୀୟ ଉଇକେଟର ପତନ ଘଟିଥିଲା। ବାହାରକୁ ଯାଉଥିବା ଏକ ବଲ୍‌କୁ ଖେଳିବାକୁ ଯାଇ ଲୋକେଶ ରାହୁଲ ଓକ୍ସଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ଚେତେଶ୍ୱର ପୂଜାରା ପୁଣି ଓକ୍ସଙ୍କ ବିପକ୍ଷରେ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଆଡିଲ ରସିଦଙ୍କ ଦ୍ୱାରା କ୍ୟାଚ ଆଉଟ ହେବା ପୂର୍ବରୁ ସେ ୩୧ ବଲ୍‌ରେ ମାତ୍ର ୧୪ ରନ କରିଥିଲେ। ଭାରତ ୮୨ ରନରେ ୩ଟି ଉଇକେଟ ହରାଇ ସାରିଥିଲା। ତେବେ ଚତୁର୍ଥ ଉଇକେଟରେ ଅଧିନାୟକ କୋହଲି ଓ ରାହାନେଙ୍କ ମଧ୍ୟରେ ୧୫୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ରାହାନେ କ୍ରିସ୍ ବ୍ରଡ୍‌ଙ୍କ ବଲ୍‌ରେ ଆଲିଷ୍ଟର କୁକ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହେବା ପୂର୍ବରୁ ୮୧ ରନ (୧୩୧ ବଲ୍, ୧୨ ଚୌକା) କରିସାରିଥିଲେ। ତାଙ୍କ ପରେ କୋହଲିଙ୍କ ସହିତ ହାର୍ଦ୍ଦିକ ପାଣ୍ଡ୍ୟା ଯୋଗ ଦେଇଥିଲେ। ଏହି ଯୋଡ଼ିଙ୍କ ଭାଗୀଦାରି ବେଶୀ ସମୟ ତିଷ୍ଠି ପାରି ନ ଥିଲା। କୋହଲି ୯୭ ରନ (୧୫୨ ବଲ୍, ୧୧ ଚୌକା) କରି ଖେଳୁଥିବାବେଳେ ଆଡିଲ ରସିଦଙ୍କ ବଲ୍‌ରେ ବେନ୍ ଷ୍ଟୋକ୍ସଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ।

ଭାରତ ଏହି ମ୍ୟାଚ ପାଇଁ ଦଳରେ ୩ ପରିବର୍ତ୍ତନ କରିଛି। ମୁରଲୀ ବିଜୟଙ୍କ ସ୍ଥାନରେ ଧାୱନ, କୁଲଦୀପ ଯାଦବଙ୍କ ସ୍ଥାନରେ ଯଶପ୍ରୀତ ବୁମ୍‌ରା ଏବଂ ଭେଟେରାନ ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ରିଷଭ ପନ୍ତ୍ ପଦାର୍ପଣ ଟେଷ୍ଟ ମ୍ୟାଚ ଖେଳିବା ସୁଯୋଗ ପାଇଛନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡ ଦଳରେ ଏକ ମାତ୍ର ପରିବର୍ତ୍ତନ ହୋଇଛି। ସାମ୍ କୁରାନଙ୍କ ସ୍ଥାନରେ ବେନ୍ ଷ୍ଟୋକ୍ସ ପ୍ରତ୍ୟାବର୍ତ୍ତନ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୩୦୭/୬ (କୋହଲି–୯୭, ରାହାନେ–୮୧, କ୍ରିସ୍ ଓକ୍ସ–୩/୭୫, ଷ୍ଟୁଆର୍ଟ ବ୍ରଡ୍–୧/୬୪, ଆଡିଲ ରସିଦ–୧/୪୬, ଜେମ୍ସ ଆଣ୍ଡରସନ–୧/୫୨)।

### କଳା ଫିତା ପିନ୍ଧିଲେ ଭାରତୀୟ ଖେଳାଳି

ନଟିଂହାମ,୧୮।୮–ଶନିବାରଠାରୁ ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ୩ୟ କ୍ରିକେଟ ଟେଷ୍ଟରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଖେଳାଳିମାନେ ହାତରେ କଳା ଫିତା ପରିଧାନ କରି ପଡ଼ିଆକୁ ଓହ୍ଲାଇଥିଲେ। ପରଲୋକଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପୂର୍ବତନ କ୍ରିକେଟ ଅଧିନାୟକ ଅଜିତ ୱାଦେକରଙ୍କ ସମ୍ମାନାର୍ଥେ ସେମାନେ ଏହା କରିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୂଚନା ଦିଆଯାଇଛି। ବାଜପେୟୀଙ୍କର ଅଗଷ୍ଟ ୧୬ରେ ଦେହାନ୍ତ ହୋଇଛି। ଅନ୍ୟପକ୍ଷରେ ପ୍ରଥମ ଭାରତୀୟ ଅଧିନାୟକ ଭାବେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍‌ରେ ଟେଷ୍ଟ ସିରିଜ୍ ଜିତିଥିବା ୱାଦେକର ଗତ ବୁଧବାର ମୁମ୍ବାଇର ଏକ ମେଡିକାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।

## ■୧୫ ବର୍ଷରୁ କମ୍ ବାଳିକା ଫୁଟ୍‌ବଲ
# ଭାରତ ଚାମ୍ପିୟନ

**ଥିମ୍ପୁ (ଭୁଟାନ), ୧୮।୮(ପି.ଟି.)**

୧୫ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ଚାଲିଥିବା ସାଫ୍ ଚାମ୍ପିୟନଶିପ୍ (୧୫ ବର୍ଷରୁ କମ୍) ଫୁଟ୍‌ବଲ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଚାଙ୍ଗଲି ମିଥାଙ୍ଗ୍ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ୧–୦ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ବାଂଲାଦେଶକୁ ପରାସ୍ତ କରିଛି। ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାର ପ୍ରାରମ୍ଭରୁ ଭାରତୀୟ ଦଳ କେତୋଟି ଭଲ ସୁଯୋଗ ପାଇଥିଲେ ମଧ୍ୟ ଗୋଲ କରିବାରେ ବିଫଳ ହୋଇଥିଲା। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍‌ର ୬୭ତମ ମିନିଟ୍‌ରେ ସୁନୀତା ମୁଣ୍ଡାଙ୍କ ଗୋଲ ବଳରେ ଭାରତ ଟାଇଟଲ ହାସଲ କରିବାରେ ସଫଳ ହୋଇଥିଲା। ଅନ୍ତିମ ମୁହୂର୍ତ୍ତରେ ଭାରତୀୟ ଗୋଲକିପର ମନୀଷା ଚମତ୍କାର ପ୍ରଦର୍ଶନ କରି ବାଂଲାଦେଶର କେତୋଟି ପ୍ରୟାସକୁ ବୃଥା ହେବାକୁ ଦେଇଥିଲେ। ପ୍ରତିଯୋଗିତାରେ ଭାରତ ୪ଟି ମ୍ୟାଚ୍ ଖେଳି ମୋଟ୍ ୧୬ଟି ଗୋଲ କରିଛି।

### ଫାଓ ପକ୍ଷରୁ ପୁରସ୍କାର ଘୋଷଣା

ସାଫ୍ ଚାମ୍ପିୟନ୍‌ଶିପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଚାମ୍ପିୟନ ହେବାପରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ୧୫ ବର୍ଷରୁ କମ୍ ଭାରତୀୟ ବାଳିକା ଦଳକୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଚାରି ଓଡ଼ିଆ ଖେଳାଳି ଜ୍ୟୋତି କୁମାରୀ (ସାଇ, କଟକ), ସରିତା ସୋରେଙ୍ଗ ଓ ମଞ୍ଜୁ ଗଞ୍ଜୁ (ଉଭୟ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ) ଏବଂ ସଙ୍ଗୀତା ଦାସ (ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ) ଚାମ୍ପିୟନ ଭାରତୀୟ ଦଳର ସଦସ୍ୟା ରହିଥିଲେ। ପୂର୍ବରୁ ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି କଟକର ବାରବାଟୀ ଷ୍ଟାଡିୟମରେ ଜୁଲାଇ ୧୫ରୁ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ କ୍ୟାମ୍ପ୍ ଅନୁଷ୍ଠିତ ହୋଇଥିଲା। ଫାଓ ସମ୍ପାଦକ ସଞ୍ଜୟ ବେହେରା ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ୪ ଖେଳାଳିଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

# ଅଶୋକ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର, ୧୮।୮(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ଶନିବାର କ୍ରୀଡ଼ା ଖବରଦାତା ଡ.ଅଶୋକ ପଟ୍ଟନାୟକଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଭଞ୍ଜକଳାମଣ୍ଡପସ୍ଥିତ ରାଜ୍ୟ ଜୁଡୋ ହଲ୍‌ରେ ଅନୁଷ୍ଠିତ ହୋଇ ଯାଇଛି। ଓସ୍‌ଜା ସମ୍ପାଦକ ସନାତନ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରାଦ୍ଧସଭାରେ ଅନୁଷ୍ଠାନର ଅନେକ ସଭ୍ୟ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଓଡ଼ିଶାରେ କ୍ରୀଡ଼ା ସାମ୍ବାଦିକତାକୁ ବୃତ୍ତିଭାବେ ଗ୍ରହଣ କରିବାରେ ଅନ୍ୟତମ ଅଗ୍ରଜ ଅଶୋକ ପଟ୍ଟନାୟକ ରାଜ୍ୟ ସଙ୍ଗଠନର ପ୍ରମୁଖ ବ୍ୟକ୍ତିଥିଲେ ବୋଲି ମତପ୍ରକାଶ ପାଇଥିଲା। ସ୍ମୃତିସଭାରେ ଓଡ଼ିଶା ରାଜ୍ୟ ଜୁଡୋ ସଂଘର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୀତାଞ୍ଜଳି ପଣ୍ଡାଙ୍କ ସମେତ ଓସ୍‌ଜା କୋଷାଧ୍ୟକ୍ଷ ହିମାଂଶୁ ପତିମିଶ୍ର, ସୁରେଶ ସ୍ୱାଇଁ, ସୂର୍ଯ୍ୟପ୍ରସାଦ ରଥ, ବିଜୟ ରଣା, ସୁଜିତ ଦାସ, ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ସନ୍ତୋଷ କୁମାର ମହାନ୍ତି, ଦେବୀ ପ୍ରସନ୍ନ ପାଣିଗ୍ରାହୀ, ବେଣୁଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ନଭେମ୍ବର–ଡିସେମ୍ବରରେ ହକି ବିଶ୍ୱକପ ଅବସରରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ଯୁବ କ୍ରୀଡ଼ା ଖବରଦାତା କର୍ମଶାଳାକୁ ରାଜ୍ୟ ସରକାରଙ୍କ ସବୁଜ ସଙ୍କେତ ମିଳିଥିବା ସମ୍ପାଦକ ସନାତନ ସୂଚନା ଦେଇଥିଲେ।

# ଆନ୍ତଃ ସ୍କୁଲ ଫୁଟ୍‌ବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୮।୮(ସ୍ପୋର୍ଟ୍ସ ବ୍ୟୁରୋ)**

ୟୁନିଟ୍–୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୨୯ତମ ୟୁନିଲାଇଟ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ମଦର ପବ୍ଲିକ ସ୍କୁଲ ଓ ଡିଏଭି (ୟୁନିଟ୍–୮) ବିଜୟୀ ଲାଭ କରିଛି। ଦିବସର ପ୍ରଥମ ମ୍ୟାଚ୍‌ରେ ମଦର ପବ୍ଲିକ ସ୍କୁଲ ୧–୦ ଗୋଲରେ ଡିଏଭି ସ୍କୁଲ (ଚନ୍ଦ୍ରଶେଖରପୁର)କୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ସୁବାଶିଷ ଚୌଧୁରୀ ଏକମାତ୍ର ଗୋଲସ୍କୋର କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ଡିଏଭି ସ୍କୁଲ (ୟୁନିଟ୍–୮) ୨–୦ ଗୋଲରେ ଫ୍ୟୁଚର ସ୍କୁଲକୁ ପରାସ୍ତ କରିଥିଲା। ଶୁଭମ ସମୀର ଓ ସାଗର ବାରିକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଦିଲୀପ କୁମାର ସାମନ୍ତରାୟ (ଏମ୍‌ଡି, ଅନୁଗୋଳ–ସୁକିନ୍ଦା ରେଲ୍‌ୱେ), ତପନ କୁମାର ମହାନ୍ତି, ଅକ୍ଷୟ କୁମାର ଦାସ, ବାବି ମିଶ୍ର, ନରେନ୍ଦ୍ର ସେଠୀ, ପ୍ରଣବ କିଶୋର ସ୍ୱାଇଁ, ଅମୀୟ କାନ୍ତ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଦିଲୀପ ଦାସ ଅତିଥି ଭାବେ ଉପସ୍ଥିତ ରହିଥିଲେ। ମ୍ୟାଚ୍ ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଓ ପୂର୍ବତନ କ୍ରିକେଟର ଅଜିତ୍ ୱାଦେକରଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପାର୍ଥନା କରାଯାଇଥିଲା। ରବିବାର କେନ୍ଦ୍ରୀୟ ବିଦ୍ୟାଳୟ–୨ ଓ ଅରବିନ୍ଦ ସ୍କୁଲ (ଗଣ୍ଡରପୁର) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଆନ୍ତଃ ସ୍କୁଲ ଫୁଟବଲ ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ଅତିଥିଙ୍କ ସହ।

### ସିନ୍‌ସିନ୍ନାଟି ମାଷ୍ଟର୍ସ: ସେମିରେ ଜୋକୋଭିଚ୍, ଫେଡେରର

**ସିନ୍‌ସିନ୍ନାଟି,୧୮।୮(ଏଏଫ୍‌ପି)**

ପୁରୁଷ ସିଙ୍ଗଲ୍ସ ବର୍ଗର ଦୁଇ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ନୋଭାକ ଜୋକୋଭିଚ୍ ଓ ରୋଜର ଫେଡେରର ଚଳିତ ଏଟିପି ସିନସିନ୍ନାଟି ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍ ୭–୫, ୪–୬, ୬–୩ ସେଟ୍‌ରେ ମିଲୋସ ରାଓନିକଙ୍କୁ ହରାଇ ଦେଇଛନ୍ତି। ଏହା କାନାଡାର ରାଓନିକଙ୍କ ବିପକ୍ଷରେ ସର୍ବିଆ ଖେଳାଳିଙ୍କ କ୍ରମାଗତ ୯ମ ବିଜୟ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଫେଡେରର ୬–୭(୭/୨), ୭–୬(୮/୬), ୬–୨ ସେଟ୍‌ରେ ଷ୍ଟାନ ୱାରିଙ୍କାଙ୍କୁ ପରାସ୍ତ କରିଛନ୍ତି। ଫଳରେ ସୁଇଜରଲାଣ୍ଡର ଖେଳାଳି ଫେଡେରର ନିଜ ସାଥୀ ଖେଳାଳିଙ୍କ ବିପକ୍ଷରେ ବିଜୟ–ପରାଜୟ ରେକର୍ଡକୁ ୨୧–୩କୁ ବୃଦ୍ଧି କରିଛନ୍ତି। ୨ୟ ର୍‍ୟାଙ୍କଧାରୀ ଖେଳାଳି ସେମି ଫାଇନାଲରେ ଡେଭିଡ୍ ଗଫିନଙ୍କୁ ଭେଟିବେ।

# ୩ ବର୍ଷୀୟ ବାଳିକାଙ୍କ ତୀରନ୍ଦାଜୀରେ ଗିନିଜ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟ

**ଚେନ୍ନାଇ, ୧୮।୮**

ସ୍ଥାନୀୟ ୩ ବର୍ଷୀୟ ବାଳିକା ତୀରନ୍ଦାଜୀରେ ଏକ ଗିନିଜ ୱାର୍ଲ୍ଡ ରେକର୍ଡ ଭାଙ୍ଗିବାକୁ ପ୍ରୟାସ କରିଥିଲେ। ସେ ୮ ମିଟର ଦୂରରେ ଥିବା ଲକ୍ଷ୍ୟକୁ ୧,୧୧୧ ଥର ତୀର ମାରିଥିଲେ। ସ୍ଥାନୀୟ କିଣ୍ଡରଗାର୍ଟେନ ସ୍କୁଲ ଛାତ୍ରୀ ପି. ସାଞ୍ଜନା ସାଢ଼େ ତିନି ଘଣ୍ଟା ମଧ୍ୟରେ ଏତେ ସଂଖ୍ୟକ ତୀର ମାରିଥିଲେ। ଖୁବ କମ୍ ଥର ସେ ଲକ୍ଷ୍ୟ ଭେଦ କରିବାରେ ବିଫଳ ହୋଇଥିଲେ। ପ୍ରତ୍ୟେକ ଘଣ୍ଟା ପରେ ୫ ମିନିଟ୍ ପାଇଁ ବିରତି ନେଉଥିଲେ। ଦୁଇ ଘଣ୍ଟା ପରେ ସେ କ୍ଲାନ୍ତ ଜଣାପଡୁଥିଲେ, ମାତ୍ର ସେ ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ତାଙ୍କ କୋଚ୍ ଶିହାନ ହୁସାଇନି କହିଛନ୍ତି। "ଏହା ତା'ର ଇଚ୍ଛା ଶକ୍ତି ଓ ଷ୍ଟାମିନା ଯୋଗୁ ସମ୍ଭବ ହେଇପାରିଛି। ସେ ଭବିଷ୍ୟତରେ ଜଣେ ଅଲିମ୍ପିଆନ ହେବେ ଏଥିରେ କୌଣସି ସନ୍ଦେହ ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର ତାଙ୍କୁ ସମ୍ପୂର୍ଣ୍ଣ ସହାୟତା ଦେବା ଦରକାର" ବୋଲି କୋଚ୍ ଶିହାନ କହିଛନ୍ତି।

# ଫାଓ ପ୍ରଥମ ଡିଭିଜନ ଲିଗ୍ ଆରମ୍ଭ

**କଟକ ଅଫିସ,୧୮।୮**

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଶନିବାରଠାରୁ ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ର ଚଳିତ ସଂସ୍କରଣ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ସିଲଭର–ଏ ଲିଗର ଏକ ମ୍ୟାଚ୍‌ରେ ସାଇ ବିଜୟୀ ହୋଇଥିବା ବେଳେ ଗୋଲ୍ଡ ଲିଗ୍‌ର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ଅମୀମାଂସିତ ରହିଛି।।

ସିଲଭର ଲିଗ୍‌ରେ ସ୍ଥାନ ପାଇଥିବା ସାଇ ଓ ଓଜିପି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସାଇ ଏକତରଫା ଭାବେ ବିଜୟୀ ହୋଇଛି । ପ୍ରଥମାର୍ଦ୍ଧରେ ହିଁ ସାଇ ପକ୍ଷରୁ ୩ଟି ଗୋଲ ହୋଇଥିଲା। ୯ମ ମିନିଟ୍‌ରେ ପ୍ରଭର ଦଣ୍ଡସେନା ପ୍ରଥମ ଗୋଲ ଦେଇଥିବା ବେଳେ ୨୯ ଓ ୩୧ତମ ମିନିଟ୍‌ରେ ରାଜେଶ ନାୟକ ୨ଟି ଗୋଲ ସ୍କୋର କରିଥିଲେ । ପ୍ରଥମାର୍ଦ୍ଧକୁ ୩–୦ରେ ଅଗ୍ରଣୀ ରଖିଥିବା ସାଇ ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ସ୍କୋର କରି ନଥିଲା । ଅନ୍ୟପକ୍ଷରେ ଓଜିପି ଗୋଲ ସୁଝି ନ ପାରି ୦–୩ ଗୋଲରେ ପରାଜୟ ବରଣ କରିଥିଲା। ଗୋଲ୍ଡ ଲିଗ୍‌ରେ ସ୍ଥାନ ପାଇଥିବା ମଙ୍ଗଳାକ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ମ୍ୟାଚ୍‌ଟି ୧–୧ ଗୋଲରେ ଡ୍ର ରହିଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ୟଙ୍ଗ ଉତ୍କଳ କ୍ଲବ ଦ୍ୱିତୀୟାର୍ଦ୍ଧର ୫୫ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲା। ରାକେଶ ସାହୁ ଏହି ଗୋଲ ସ୍କୋର କରିଥିଲେ। ପରେ ୬୪ତମ ମିନିଟ୍‌ରେ ମଙ୍ଗଳା କ୍ଲବର ଅଜିତ ରାଉତ ଏକ ଗୋଲ ଦେବା ଫଳରେ ସ୍କୋର ସମାନ ସ୍ଥିତିରେ ପହଞ୍ଚିଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କୌଣସି ଗୋଲ ନ ହେବା ଯୋଗୁ ମ୍ୟାଚ୍‌ଟି ଡ୍ର ରହିଥିଲା । ସୂଚନା ଥାଉକି ଗତ ୧୭ ତାରିଖ ଅର୍ଥାତ ଶୁକ୍ରବାର ଠାରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଥିବା ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ବିୟୋଗ ଯୋଗୁ ପ୍ରଥମ ଦିବସ ମ୍ୟାଚ୍ ବାତିଲ ହୋଇଥିଲା । ପ୍ରଥମ ଦିବସରେ ଖେଳାଯିବାକୁ ଥିବା ପୂର୍ବତଟ ରେଲୱେ ଓ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ମ୍ୟାଚ୍‌ଟି ପରବର୍ତ୍ତୀ ସମୟରେ ଖେଳାଯିବ ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି ।



ଫାଓ ଲିଗ୍: ମଙ୍ଗଳା କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଅଗଷ୍ଟ ୧୯/୨୦୧୮ Sambalpur, Sunday, August 19/ 2018

## ସଂକ୍ଷେପରେ

### କାର୍ କାଚ ଭାଙ୍ଗି ଲକ୍ଷେ ଟଙ୍କା ଲୁଟ୍

**ବାରିପଦା ଅଫିସ,୧୮।୮**-ବାରିପଦା ସହର କଚେରୀ ରୋଡ ସ୍ଥିତ ପିଡବ୍ଲୁଡିର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରୁ ଶନିବାର ଏକ କାର କାଚକୁ ଭାଙ୍ଗି ଲୁଟେରାମାନେ ଲକ୍ଷେ ଟଙ୍କା ଲୁଟି ନେଇଛନ୍ତି। ମାତ୍ର ପୋଲିସ ଆସିବାରେ ବିଳମ୍ବ ହେବାକୁ କେନ୍ଦ୍ର କରି ଉତ୍ତେଜନା ସୃଷ୍ଟି ହୋଇଥିଲା। ଶନିବାର ମଧ୍ୟାହ୍ନ ସମୟରେ ବାରିପଦା ବଡବଜାର ଅଞ୍ଚଳର ଠିକାଦାର ବିଭାସ ଚନ୍ଦ୍ର ବେହେରା କେଏମବିଏମ ରୋଡ ସ୍ଥିତ ଏକ ବ୍ୟାଙ୍କରୁ ଲକ୍ଷେ ଟଙ୍କା ଉଠାଇ ପିଡବ୍ଲୁଡି କାର୍ଯ୍ୟାଳୟକୁ ଯାଇଥିଲେ। ସେ କାର୍ଯ୍ୟାଳୟ ଭିତରକୁ ଯାଇଥିବା ବେଳେ ୩ ଯୁବକ ଗାଡିର କାଚକୁ ଭାଙ୍ଗି ଟଙ୍କା ବ୍ୟାଗ ନେଇ ବାଇକ୍ ଯୋଗେ ଫେରାର ହୋଇ ଯାଇଥିଲେ। ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ ସୁଦ୍ଧା ଅଧ ଘଣ୍ଟା ପରେ ପିସିଆର ଗାଡି ଆସିଥିଲା। ସେଥିରେ ୩ ରୁ ୪ ଜଣ ପୋଲିସ କର୍ମଚାରୀ ଥିବା ବେଳେ କୌଣସି ଅଧିକାରୀ ନଥିଲେ। ଏ ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରାଯିବା ପରେ ଦିନ ପ୍ରାୟ ଗୋଟାଏ ବେଳେ ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ପହଞ୍ଚିଥିଲେ। ଠିକାଦାରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୯୧/୧୮) ରୁଜୁ କରି ସିସି ଟିଭି ଫୁଟେଜକୁ ଆଧାରରେ ତଦନ୍ତ କରୁଛି।

■ ସାର ବିକ୍ରିରେ ଅନିୟମିତତା

# ୪୫ ରିଟେଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ବରଗଡ଼ ଅଫିସ,୧୮।୮**

ବରଗଡ଼ ଜିଲାରେ ଖରିଫ ଚାଷ କାମ ଜୋର ଧରିଛି । ଏଥିପାଇଁ ରାସାୟନିକ ସାରର ଚାହିଦା ମଧ୍ୟ ବଢ଼ିଛି । ଏଭଳିସ୍ଥଳେ ସାରର କଳାବଜାର ପାଇଁ ବେପାରୀମାନେ ତତ୍ପର ହୋଇପଡିଛନ୍ତି । ସରକାରୀ ନିୟମକାନୁନକୁ ଉଲ୍ଲଂଘନ କରି କେତେକ ଲାଇସେନ୍ସପ୍ରାପ୍ତ ରିଟେଲର ସାର ବିକୁଥିବାବେଳେ ଆଉ କେତେକ ଅଣଲାଇସେନ୍ସପ୍ରାପ୍ତ ବେପାରୀ ଚଢ଼ାଦରରେ ଏହା ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏହି ଅଭିଯୋଗକୁ ଭିତ୍ତିକରି ବରଗଡ଼ ଜିଲା କୃଷି ବିଭାଗ ଇତିମଧ୍ୟରେ ଜିଲାର ୪୫ ଲାଇସେନ୍ସପ୍ରାପ୍ତ ରିଟେଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଥିବାବେଳେ ଅନ୍ୟ ୧୬ଜଣ ରିଟେଲରଙ୍କ ଲାଇସେନ୍ସ ବାତିଲ ପାଇଁ ଜିଲା କୃଷି ଅଧିକାରୀଙ୍କୁ ସୁପାରିସ କରାଯାଇଛି। ସେହିପରି ଆଉ ୩ ରିଟେଲରଙ୍କ ସାର

**ବରଗଡ଼ ଜିଲା**



■ ୪ଜଣଙ୍କ ଲାଇସେନ୍ସ ବାତିଲ
■ ୧୬ଜଣଙ୍କ ଲାଇସେନ୍ସ ବାତିଲ ପାଇଁ ସୁପାରିସ
■ ୩ ରିଟେଲରଙ୍କ ସାର ବିକ୍ରି ସ୍ଥଗିତ
■ ୨୨ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ

ବିକ୍ରିବଟାକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ୨୨ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧ତାରିଖରୁ ଜିଲାରେ ଖରିଫ ଚାଷ ପାଇଁ ସାର ଯୋଗାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଶନିବାର ସୁଦ୍ଧା ଜିଲାରେ ୧୪ହଜାର ୭୮୨.୫୭ ମେଟ୍ରିକ ଟନ୍ ୟୁରିଆ, ୯ହଜାର ୫୫୫.୭୫ ମେଟ୍ରିକ ଟନ୍ ଡିଏପି, ୩ହଜାର ୮୫୦.୬ ମେଟ୍ରିକ ଟନ୍ ଏମଓପି ଏବଂ ୧୫ହଜାର ୬୯.୫୪ ମେଟ୍ରିକ ଟନ୍ କମ୍ପ୍ଲେକ୍ସ ସାର ଚାଷୀଙ୍କୁ ଯୋଗାଇ ଦିଆଯାଇଛି । ଜିଲାରେ ରହିଥିବା ୬୩ ହୋଲସେଲର, ୪୬୩ ରିଟେଲରଙ୍କ ମାଧ୍ୟମରେ ଚାଷୀମାନେ ସାର କିଣୁଛନ୍ତି। ସାର ବିକ୍ରିବଟାରେ ସ୍ୱଚ୍ଛତା ଆଣିବା ପାଇଁ ଏଥର ପ୍ରଥମଥର ପାଇଁ ପୋସ୍(ପଏଣ୍ଟ ଅଫ୍ ସର୍ଭିସ) ମେଶିନ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି । କୃଷି ବିଭାଗ ପକ୍ଷରୁ ସମସ୍ତ ହୋଲସେଲର, ରିଟେଲରମାନଙ୍କୁ ତାହା ଯୋଗାଇ ଦିଆଯାଇଛି । ଏହା ସହିତ ସାରକ୍ରୟ ସମୟରେ ଚାଷୀଙ୍କ ପାଇଁ ଆଧାର କାର୍ଡ଼, ଭୋଟର ପରିଚୟ ପତ୍ର ଏବଂ କିଷାନ କ୍ରେଡ଼ିଟ କାର୍ଡ଼ ବାଧ୍ୟତାମୂଳକ କରାଯାଇଛି ।

ସାରବିକ୍ରି ପାଇଁ ଏଭଳି ସରକାରୀ ନିର୍ଦ୍ଦେଶନାମା ରହିଥିବାବେଳେ ଅନେକ ରିଟେଲର ତାକୁ ବେଖାତିର କରୁଥିବା ନଜରକୁ ଆସିବା ପରେ କୃଷି ବିଭାଗ ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ପୋସ୍ ମେଶିନ ବ୍ୟବହାର କରି ସାର ବିକୁ ନ ଥିବାରୁ ପଦ୍ମପୁରର ଗୋବିନ୍ଦ ବେହେରା, ସମଲେଶ୍ୱରୀ ଫର୍ଟିଲାଇଜର, ଭଟଲିର ଶ୍ରୀ ଶ୍ୟାମଜୀ ଟ୍ରେଡ଼ିଂ ଏବଂ ଅମ୍ବାଭୋନାର ଲୋକନାଥ ସାହୁଙ୍କ ଲାଇସେନ୍ସକୁ ବାତିଲ କରାଯାଇଛି । ସେହିପରି ନିର୍ଦ୍ଧାରିତ ପରିମାଣଠାରୁ କେତେକ ଚାଷୀଙ୍କୁ ଅଧିକ ସାର ଯୋଗାଇଥିବାରୁ ବରପାଲିର ଓଡ଼ିଶା ଟ୍ରେଡ କମ୍ବାଇନ, ଶ୍ରୀ ଶ୍ରୀ ଉମାଶଙ୍କର ଷ୍ଟୋର ଏବଂ ବିଷ୍ଣୁ ଟ୍ରେଡ଼ିଂର ସାର ବିକ୍ରିକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଲାଇସେନ୍ସ ଥିବା ସତ୍ତ୍ୱେ ସାର ବିକ୍ରିବଟା କରୁ ନ ଥିବାରୁ ୧୬ ରିଟେଲରଙ୍କ ଲାଇସେନ୍ସ ବାତିଲ ପାଇଁ ସୁପାରିସ କରିବାକୁ ଜିଲା କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ରିଟେଲରଙ୍କ ମଧ୍ୟରେ ବିଜେପୁରର ଠାକୁର ମେହେର, ଭେଡ଼େନର ଶିବଶକ୍ତି ଫର୍ଟିଲାଇଜର, ଅଗ୍ରୱାଲା କୋ, ପାତ୍ର ଫର୍ଟିଲାଇଜର୍ସ, ଜୟ ଜଗନ୍ନାଥ ଫର୍ଟିଲାଇଜର୍ସ ଆଣ୍ଡ୍ ପେଷ୍ଟିସାଇଡ୍ସ, ଭୋଇ ଫର୍ଟିଲାଇଜର୍ସ ଆଣ୍ଡ୍ ପେଷ୍ଟିସାଇଡ୍ସ, ଆଶିଷ ଫାର୍ମସ ନିଡ୍ସ, ଭୋଇ ଫର୍ଟିଲାଇଜର୍ସ, ସାଇନାଥ ଟ୍ରେଡର୍ସ ରହିଛି । ଏହା ସହିତ ଅମ୍ବାଭୋନାର କମଳାକାନ୍ତ ପ୍ରଧାନ, ପଦ୍ମପୁରର ସାହୁ କୃଷି ଭଣ୍ଡାର, ଅତାବିରାର ମାଁ ପେଷ୍ଟିସାଇଡ୍ସ ଆଣ୍ଡ୍ ଫର୍ଟିଲାଇଜର, ହର୍ଷିତା ଟ୍ରେଡର୍ସ, ମାଁ ସମଲେଶ୍ୱରୀ ଟ୍ରେଡର୍ସ, ବିଶ୍ୱାଳ ଟ୍ରେଡର୍ସ, ସୂର୍ଯ୍ୟା ଟ୍ରେଡର୍ସ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଅନ୍ୟ ୨୨ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ସାରବିକ୍ରିକୁ ଶୃଙ୍ଖଳିତ ତଥା ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଡୋସ୍ ମେଶିନ ବ୍ୟବହାର କରାଯାଉଛି । ଫଳରେ ଚାଷୀମାନେ ଆଧାର କାର୍ଡ଼, ଭୋଟର ପରିଚୟ ପତ୍ର କିମ୍ବା କିଷାନ କ୍ରେଡ଼ିଟ କାର୍ଡ଼ ଦେଖାଇ ରିଟେଲରମାନଙ୍କଠାରୁ ସାର କିଣିବା ପାଇଁ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ ପରାମର୍ଶ ଦେଇଛନ୍ତି ।

## କେରଳ ବନ୍ୟା: ଫସି ରହିଛନ୍ତି କନ୍ଧମାଳର ୧୫୦୦ ଯୁବକ

**ଫୁଲବାଣୀ ଅଫିସ,୧୮।୮**

ତୁମୁଡିବନ୍ଧ, କୋଟଗଡ ବ୍ଲକରୁ ଦାଦନ ଖଟିବାକୁ ଯାଇଥିବା ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଯୁବକ କେରଳ ବନ୍ୟାରେ ଫସି ରହିଛନ୍ତି।। ସେମାନଙ୍କ ମଧ୍ୟରୁ ବହୁ ଲୋକ ବନ୍ୟା ଘେରରେ ରହିଥିବା ବେଳେ ପାଖାପାଖି ୪୦ ଜଣ ରିଲିଫ କ୍ୟାମ୍ପରେ ଥିବା ଜଣାପଡିଛି। ସୂଚନା ଅନୁସାରେ, ତୁମୁଡିବନ୍ଧ ପଞ୍ଚାୟତର ମାଲିପାଡା, ବେନରବାହାଲ, ବୁଡାପଡା, ଡିମିରିପଡା, ଲାଇନପଡା, ଭାଲିଆପାଣି, ମଖିସାହି, ମୁଣ୍ଡିଗଡ ପଞ୍ଚାୟତର ଦଳିତସାହି, କେନ୍ଦୁପଡା ଓ ସାସାରିଗାଁ ଆଦି ୧୧ ପଞ୍ଚାୟତର ପ୍ରାୟ ୧ ହଜାର ଲୋକ, କୋଟଗଡ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୫୦୦ରୁ ଊର୍ଦ୍ଧ୍ୱ ଯୁବକ ବନ୍ୟା ଘେରରେ ରହିଛନ୍ତି। ରିଲିଫ କ୍ୟାମ୍ପରେ ମାଲିପଡା, ଡିମିରିପଡା, ହାଟପଦାର ୧୫ରୁ ଊର୍ଦ୍ଧ୍ୱ ରହିଥିବା ପରିବାର ସୂତ୍ରରୁ ଜଣାପଡିଛି। ସେମାନଙ୍କ ମଧ୍ୟରୁ ପରିବାର ନେଇ ରହୁଥିବା ଡିମିରିପଡାର ଜଣେ ଯୁବକଙ୍କ ସ୍ତ୍ରୀଙ୍କୁ ପ୍ରସବ ପାଇଁ ରିଲିଫ କ୍ୟାମ୍ପରୁ ମେଡିକାଲକୁ ନିଆଯାଇଛି। ସ୍ୱାମୀ ରାଜ କୁମାର ମାନସେଟ୍ ଏହି ବିଷୟରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି । ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ରଞ୍ଜନ କିଶୋର ବେହେରାଙ୍କୁ ପଚାରିବାରୁ ଜିଲାର ୪୦ ଜଣ ବନ୍ୟାରେ ଫସି ରହିଛନ୍ତି।

## ଉଦ୍ଧାର କରିବାକୁ ଯାଇ ଭାସିଗଲେ ଯୁବକ

**ପଦ୍ମପୁର,୧୮।୮(ଡି.ଏନ.ଏ.)**

ଭଦ୍ରକ ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତ ହରିପୁର ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ସୂର୍ଯ୍ୟକାନ୍ତ ବାରିକ ନାମକ ଯୁବକ ନଦୀରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ବଳିଦାସ ସାହି ନିକଟ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତିହିଡ଼ି ଥାନା ଅଧୀନ ବଉଳପାଳ ଗ୍ରାମର ସୂର୍ଯ୍ୟକାନ୍ତ ଶୁକ୍ରବାର ତାଙ୍କ ସମ୍ପର୍କୀୟଙ୍କ ଘର ହରିପୁର ଅଞ୍ଚଳକୁ ଯାଇଥିଲେ। ସନ୍ଧ୍ୟାରେ ସେହି ଅଞ୍ଚଳର ନାବାଳିକା ଅଣ୍ଡରାଇ ବଜାରରୁ ଟ୍ୟୁଶନ ସାରି ସୂର୍ଯ୍ୟକାନ୍ତଙ୍କ ସହ ସାଇକେଲରେ ଫେରୁଥିଲେ। ସ୍ଥାନୀୟ ଧନୁତ୍ରୀ ନଦୀର ବାଡ଼ ନ ଥିବା ପୋଲ ନିକଟରେ ଛାତ୍ରୀ ଜଣଙ୍କ ସାଇକେଲରୁ ଭାରସାମ୍ୟ ହରାଇ ନଦୀକୁ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ସୂର୍ଯ୍ୟକାନ୍ତ ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରି ରାତିରେ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ହେଲେ ସୂର୍ଯ୍ୟକାନ୍ତଙ୍କ ପତ୍ତା ମିଳି ନ ଥିଲା। ଏ ସମ୍ପର୍କରେ ସୂର୍ଯ୍ୟକାନ୍ତଙ୍କ ବାପା ସାବରଙ୍ଗ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଗ୍ନିଶମ କର୍ମଚାରୀ ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ନଦୀରେ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ନ ଥିଲେ। ଶନିବାର ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ, ସାବରଙ୍ଗ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଦାସ, କନଷ୍ଟେବଲ ଗଗନ କୁମାର ସେନ ପ୍ରମୁଖ ପହଞ୍ଚି ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ। ପରେ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସାବରଙ୍ଗ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୭୮/୧୮) ରୁଜୁ ହୋଇଛି।

## ଚିତ୍ର ଆଁକି ପରଶଁସା ସାଉଁଟିଲେ ରାମପ୍ରସାଦ

**ଲୋଇସିଂହା,୧୮।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ୍ ସାନଟିକା ଗାଁର ରାମ ପ୍ରସାଦ ବିଶ୍ୱାଳ ଜାତୀୟ ସ୍ତରରେ କେମଲିନ ଆର୍ଟ ଫାଉଣ୍ଡେସନ ମୁମ୍ବାଇ ତର୍ଫୁ ହେଇଥିବାର ଇଉରୋ ଆର୍ଟ-୨୦୧୮ ପର୍ତିଯୋଗିତାରେ ଭାଗ୍‌ନେଇ ନିଜର ହାତର କମାଲ ଦେଖେଇଛନ୍। ଗଲା ୧୪ ଜୁଲାଇରୁ ୨୬ ଜୁଲାଇ ତକ୍ ଇଉରୋପ ମହାଦେଶ୍‌ର ନେଦରଲାଣ୍ଡ, ରୋମ, ଫ୍ରାନ୍ସ ଆର୍ ପ୍ୟାରିସ ସହର ବୁଲି ଚିତ୍‌ର ଆଁକି ବହୁତ୍ ପର୍‌ଶଁସା ସାଉଁଟିଛନ୍। ତାଁକର ଇ ସଫଲ୍‌ତା ବାବ୍‌ଦେ ଜାନ୍‌ଲା ଉତାରୁ ଅଂଚଲ୍‌ରେ ଗୁଟେ ଖୁସିର ମାହୋଲ ଦେଖ୍‌ବାକେ ମିଲୁଛେ।

ସୂଚ୍‌ନା ହିସାବେ, ଆଗଲପୁର ବ୍ଲକ୍ ନଅଗାଁ(ଖ) ପଁନ୍‌ଚେତ୍ ଅଧିନ୍ ସାନଟିକା ଗାଁର ପ୍ରାମୋଦିନୀ ବିଶ୍ୱାଳ ଆର୍ ଅଙ୍ଗଦ ବିଶ୍ୱାଳକଁର ବଡ଼ଖା ପୁଓ ହେଉଛନ୍ ରାମ ପ୍ରସାଦ। ସେ ଗାଁରେ ପ୍ରାଥମିକ୍ ଆର୍ ନଅଗାଁ(ଖ)ରେ ହାଇସ୍କୁଲ ଶିକ୍ଷା ସାରିଥିଲେ। ତା'ପରେ ବିଲାଇସର୍ଡା କଲେଜରେ ଯୁକ୍ତଦୁଇ ସାରି ଗଞ୍ଜାମ ଜିଲା ଖଲିକୋଟରେ ଥିବାର ଆର୍ଟ ଏଣ୍ଡ କ୍ରାଫ୍ଟରେ ପଢ଼ିଥିଲେ। ରାମ ପ୍ରସାଦ ଗଲା ଏପ୍ରିଲରେ ମୁମ୍ବାଇ କେମଲିନ ଆର୍ଟ ଫାଉଣ୍ଡେସନ ତର୍ଫୁ ହେଇଥିବାର ଗୁଟେ ପର୍ତିଯୋଗିତାରେ ଭାଗ୍ ନେଇଥିଲେ। ଇ ପର୍ତିଯୋଗିତାରେ ରାମ ପ୍ରସାଦ ଗାଁ ଗଁଲିର କୃଷିଭିତିକ୍ ଚିତ୍‌ର ଆଁକି(ୱାଟରପେଣ୍ଟ) ପୁରସ୍କୁରୁତ୍ ହେଇ ଇଉରୋ ଟୁର୍ ଲାଗି ବଛାଯାଇଥିଲେ। ଇ ବିଦେଶ ଯାତ୍‌ରାରେ ଭାରତରୁ ୮ ଝନ୍ ପର୍ତିଯୋଗୀ ଭାଗ୍ ନେଇଥିଲା ବେଲେ ଓଡ଼ିଶାରୁ ଖାଲି ରାମ ପ୍ରସାଦ ଥିଲେ। ଜନାଯାଇଛେ ଯେ, ରାମ ପ୍ରସାଦକଁର ବାପା ଝନେ ରାଜମିସ୍ତ୍ରୀ। ଘର ସମେତ ଦେଉଲ କାମ୍‌ମାନ୍‌କେ ସେ ଭିନେ ଭିନେ ପର୍‌କାର ଚିତ୍‌ର ଆଁକ୍‌ସନ୍। ପିଲାଦିନୁ ଚିତ୍‌ରକଲା ଉପ୍‌ରେ ରୁଚି ରଖିଥିବାର କହିଛନ୍ ରାମ ପ୍ରସାଦ। ସେ ସ୍କୁଲ୍‌ରେ ପଢ଼ଲା ବେଲେ ସେ ପଢ଼ାରେ ମନ୍ ନାଇଁ ଦେଇକରି ଚିତ୍‌ର ଆଁକୁଥିଲେ। ଦିନେ କ୍ଲାସ୍ ଚାଲିଥିଲା ବେଲେ ରାମ ପ୍ରସାଦକଁର ଚିତ୍‌ର ଅଁକା ଶିକ୍ଷକକଁର ନଜର୍‌କେ ଆସିଥିଲା। ଶିକ୍ଷକ୍ ତାକର ପାସ୍‌କେ ଆସି ପାଠ୍‌ପଢ଼ାରେ ମନ୍ ଦେବାକେ କହିଥିଲେ। ଇ ସମିଆରେ ରାମ ପ୍ରସାଦ କାଣା ଗୁଟେ ଲୁକାବାର ଚେଷ୍ଟା କରୁଥିବାର ଶିକ୍ଷକ୍ ଦେଖିବାକେ ପାଇଥିଲେ। ସେଟାକେ ଶିକ୍ଷକ୍ ତାକର ହାତୁ ଘିଚିଆନି ଦେଖି ଆବାକାବା ହେଇଯାଇଥିଲେ। ରାମ ପ୍ରସାଦ ସେ କାଗଜ୍‌ଥି ଶିକ୍ଷକ୍‌କଁର ଫଟୁ ଆଁକୁଥିଲେ, ଶିକ୍ଷକ୍ ନିଜର ଫଟୁଦେଖି ଆଶିରିଯ୍ ହେଇଯାଇଥିଲେ। ଶିକ୍ଷକ୍ ରାମ ପ୍ରସାଦକୁଁ ସାବାସି ଦେଇଥିଲେ ଆର ପାଠ୍‌ପଢ଼ା ସଂଗେ ଚିତ୍‌ର ଆଁକ୍‌ବାର ବି ଜାରିରହୁ ବଲି କହିଥିଲେ। ଶିକ୍ଷକ୍‌କଁରନୁ ପେର୍‌ନା ପାଇ ରାମ ପ୍ରସାଦକଁର ଚିତ୍‌ର ଆଁକ୍‌ବାର ରୁଚି ବଢ଼ି ଯାଇଥିଲା। ପୁଓର ଇ କାମ୍‌ରେ ବାପା ଅଙ୍ଗଦ ବି ଖୁସ୍ ହେଇଥିଲେ। ରାମ ପ୍ରସାଦ ଇଉରୋପ ମହାଦେଶ ବୁଲି ସେଠାନୁ ବହୁତ୍ କଥା ଶିକ୍ଷିବାକେ ମିଲିଥିଲା ବଲି କହିଛନ୍।



ରାମ ପ୍ରସାଦ ଆଁକିଥିବାର ଗୁଟେ ଚିତ୍‌ରକଲା।



ରାମ ପ୍ରସାଦ ବିଶ୍ୱାଳ।




## ପୋଲିସର ଦାଦାଗିରି, ଘରେ ପଶି ମହିଳାଙ୍କୁ ଗାଳିଗୁଲଜ

■ ହୋମଗାର୍ଡ଼ ଗିରଫ, କନ୍‌ଷ୍ଟେବଲ ଫେରାର

**ଗାଇସିଲେଟ୍,୧୮।୮(ଡି.ଏନ.ଏ)**

ବରଗଡ଼ ଜିଲା ଗାଇସିଲେଟ ଥାନାରେ କାର୍ଯ୍ୟରତ କନଷ୍ଟେବଲ ପୁରନ୍ଦର ସରାଫ ଏବଂ ହୋମଗାର୍ଡ଼ ଉତ୍ତମ ସୁନା ଅନ୍ୟ ୩ ଯୁବକଙ୍କୁ ସାଙ୍ଗରେ ନେଇ ଶୁକ୍ରବାର ଶରଧାପାଲି ଗ୍ରାମର ରାଜକୁମାର ସାହୁଙ୍କ ଘରେ ପଶି ପରିବାର ଲୋକଙ୍କୁ ଭୟଭୀତ ଓ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ଏ ନେଇ ରାଜକୁମାର ଗାଇସିଲେଟ ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତ କନଷ୍ଟେବଲ ପୁରନ୍ଦର ଓ ହୋମଗାର୍ଡ଼ ଉତ୍ତମଙ୍କ ସମେତ ବୁରୋମୁଣ୍ଡା ଗ୍ରାମର କ୍ଷେତ୍ର ପ୍ରଧାନ, ମୁକେଶ ସାହୁ ଏବଂ ଗାଇସିଲେଟର ମଣ୍ଟୁ ନନ୍ଦଙ୍କ ବିରୋଧରେ ୪୫୧, ୩୨୩, ୨୯୪, ୩୮୪, ୪୨୭, ୩୪ ଆଇପିସିରେ ଏକ ମାମଲା (ନଂ.୧୧୨/୧୮) ରୁଜୁ କରିଛି । ପୋଲିସ କେବଳ ହୋମଗାର୍ଡ଼ ଉତ୍ତମଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅନ୍ୟ ୪ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ସୂଚନା ଅନୁସାରେ, ଶୁକ୍ରବାର ଅଭିଯୁକ୍ତମାନେ ରାଜକୁମାରଙ୍କ ଘରକୁ ଯାଇ ନିଜକୁ ପୋଲିସ ବୋଲି ପରିଚୟ ଦେଇଥିଲେ ଏବଂ ଘରେ ଗଞ୍ଜେଇ ରହିଛି ଏବଂ ଖାନତଲାସୀ କରିବୁ ବୋଲି ଧମକ ଦେଇଥିଲେ । ପରିବାର ଲୋକେ ଗଞ୍ଜେଇ ନ ଥିବା କହିଥିଲେ ମଧ ସେମାନେ କିଛି ନ ଶୁଣି ଓଲଟା ଘରେ ଥିବା ମହିଳାଙ୍କୁ ଧମକଚମକ ଦେବା ସହିତ ଗାଳିଗୁଲଜ କରିଥିଲେ । ସେଥିରେ ଭୟଭୀତ ହୋଇ ପରିବାର ଲୋକେ ୧ହଜାର ଟଙ୍କା ଦେବା ପରେ ଅଭିଯୁକ୍ତମାନେ ତାହା ନେଇ ସେଠାରୁ ଚାଲିଯାଇଥିଲେ । ପରେ ରାଜକୁମାର ଥାନାରେ ଏତଲା ଦେଇଥିଲେ ।

## ସମୁଦ୍ରରେ ଭାସିଯାଇ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ

**ଭୋଗରାଇ,୧୮।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଉଦୟପୁର ବେଳାଭୂମିରୁ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଶନିବାର ପୂର୍ବାହ୍ନରେ ଅଚେତ୍ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ତୁରନ୍ତ ଦୀଘା ଜେନେରାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ସୁମନ ପାଲ (୨୯)। ଘର କଲିକତା ଦମ୍‌ଦମ୍ ଥାନା ଅଞ୍ଚଳରେ। ସମୁଦ୍ର ଉତ୍ତାଳ ଥିବା ବେଳେ ସେ ତାଙ୍କ ସାଥୀଙ୍କ ସହିତ ଗାଧୋଇବା ପାଇଁ ଯାଇ ସମୁଦ୍ର ଜୁଆରରେ ଭାସିଯାଇଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ଅନ୍ୟ ଏକ ଡଙ୍ଗାରେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

**ସ୍କୁଲ ଯିବାକୁ ଅମଙ୍ଗ**

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଅନ୍ତର୍ଗତ ଜାମଟିକ୍ରା ଗ୍ରାମ ରାସ୍ତା ଅବସ୍ଥା ଏପରି ହୋଇଛି ବର୍ଷା ଦିନେ ପିଲାମାନେ ପାଠ ପଢ଼ିଯିବାକୁ ମଙ୍ଗୁ ନାହାନ୍ତି ।

# ବର୍ଷା ଦିନେ ସ୍କୁଲ ଯାଉନାହାନ୍ତି ଛାତ୍ରୀଛାତ୍ର

ଜାମଟିକ୍ରା, ୧୮।୮ (ଡି.ଏନ.ଏ)

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଅନ୍ତର୍ଗତ ଜାମଟିକ୍ରା ଗ୍ରାମ ରାସ୍ତା ଅବସ୍ଥା ଏପରି ହୋଇଛି ବର୍ଷା ଦିନେ ପିଲାମାନେ ପାଠ ପଢ଼ିଯିବାକୁ ମଙ୍ଗୁ ନାହାନ୍ତି । ଏହି ଗାଁର ମହଲପଡା, ସଁହରାପଡା, ପ୍ରଧାନପଡା ଓ ଚମାରପଡାର ରାସ୍ତା ଶୋଚନୀୟ ହୋଇପଡିଥିବାରୁ କେହି ଗୁରୁତର ଅସୁସ୍ଥ ହେଲେ ଡାକ୍ତର ଗାଁ ନା ଶୁଣି ଆସିବାକୁ ନାକ ଟେକନ୍ତି । ବାରମ୍ବାର ଅଭିଯୋଗ କଲେ ମଧ୍ୟ କାହାରି ଶୁଭ ଦୃଷ୍ଟି ଉକ୍ତ ରାସ୍ତା ଉପରେ ପଡୁନାହିଁ । ଏହି ଗାଁରେ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି । ଭଲ ରାସ୍ତାଟିଏ ନ ଥିବାରୁ ଲୋକଙ୍କୁ ଯାତାୟାତରେ ବହୁ ଅସୁବିଧା ହେଉଛି । ରାସ୍ତାର ଆଣ୍ଠୁଏ କାଦୁଅ ଭିତରେ ପଶି ପିଲାଙ୍କୁ ଗାଁ ସ୍କୁଲ ଓ କୁଲୁଣ୍ଡା, ଅତାବିରା ଉଚ୍ଚ ବିଦ୍ୟାଳୟ ଯିବାକୁ ପଡୁଛି । ଏଭଳି ସ୍ଥିତିରେ ବର୍ଷା ଋତୁରେ ବହୁ ପିଲା ପଢ଼ି ଯିବାକୁ ମଙ୍ଗୁ ନାହାନ୍ତି । କେବଳ ପିଲାମାନେ କଣ ଗ୍ରାମର ଉକ୍ତ ପଡାବାସୀ ସମସ୍ତେ ବର୍ଷା ଋତୁରେ ଏକ ପ୍ରକାର ବନ୍ଦୀ ଜୀବନ ବିତାଉଛନ୍ତି । କେହି ରୋଗରେ ପଡିଲେ ଖଟିଆରେ ବୋହି ଅତାବିରା ଡାକ୍ତରଖାନାକୁ ନେବାକୁ ପଡିଥାଏ । ଗ୍ରାମ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରିବାକୁ ଦାବି କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗାଁର ରାସ୍ତା ଏନ୍ତା ହେଇଛେ ଯେ, ନାଏ କହନ ଆଜ୍ଞା । ଆମେ ଯେନ୍ତା ହିସାବେ ଚଲୁଛୁଁ ଆମର ମନ ଯାନୁଛେ ବୋଲି ଭରତ ପ୍ରଧାନ କୁହନ୍ତି । ଇ ରାସ୍ତା ଥିଁ ମୁଇଁ ସବୁ ଦିନ ଯା ଆସ୍ କରୁଛେଁ । ରାସ୍ତା ମରାମତି ଲାଗି ମୁଇଁ ସବୁ ଗ୍ରାମ ସଭା, ପଲ୍ଲିସଭା ମିଟିଂଥି ଇ କଥା ପକାଉଛେ । ହେଲେ ଇଓ କି ସରପଞ୍ଚ କେହି ନାଏ ଶୁନ୍‌ବାର ମୋର କଥା ବୋଲି ୱାର୍ଡ ମେମ୍ବର ଶୁକ୍ରୁ ପଧାନ କହିଛନ୍ତି । ଇ ରାସ୍ତା ସମସ୍ୟା ମୋ ନଜରକେ ଆସିଛେ ଖୁବ୍ ଶୀଘ୍ର ରାସ୍ତା ମରାମତି କର୍‌ବାର୍ କେ ମୁଇଁ ଚେଷ୍ଟା କରମି ବୋଲି ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଟ ମତ ଦେଇଛନ୍ତି ।

**ରାସ୍ତା ଅବସ୍ଥା ଶୋଚନୀୟ**



ଜାମଟିକ୍ରା ଗାଁ ରାସ୍ତା କର୍ଦ୍ଦମାକ୍ତ ହୋଇପଡିଛି ।

**ସଂକ୍ଷେପରେ**

## ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୧୮।୮: ବରଗଡ଼ର ସାମାଜିକ କର୍ମୀ ସୁବ୍ରତ କୁମାର ବିର୍ତ୍ତିଆଙ୍କୁ ଭୁବନେଶ୍ୱର ସ୍ଥିତ ପାର୍ବତୀ ଗିରି ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଦାନ୍ୟ ବନ୍ଧୁର ମୁଖ୍ୟ ଭାବେ ଜିଲାର ବିଭିନ୍ନ ସ୍ଥାନରେ ଚାରାରୋପଣ, ଅସହାୟଙ୍କୁ ସହାୟତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ସୁବ୍ରତଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯାଇଥିଲା । ରାଷ୍ଟ୍ରୀୟ ଶିକ୍ଷା ବିକାଶ ସଂସ୍ଥାନର ପଶ୍ଚିମାଞ୍ଚଳ ପ୍ରଭାରୀ ସୁରେନ୍ଦ୍ର ମୋହନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କୁ ମାନପତ୍ର ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୋନାଲି ପ୍ରଧାନ, ସସ୍ମିତା ନାୟକ, ଗାୟତ୍ରୀ ମିଶ୍ର, ସୁମିତ୍ରା ସାହୁ, ସରୋଜିନୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



ବିଜ୍ଞାନ ମେଳାରେ ପ୍ରକଳ୍ପଗୁଡିକୁ ପ୍ରଦର୍ଶନ କରାଯାଇଛି ।

# ବିଜ୍ଞାନ ମେଳାରେ ୪୧ ପ୍ରକଳ୍ପ ସ୍ଥାନିତ

ସରଣ୍ଡା, ୧୮।୮ (ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପତ୍ରାପାଲି ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ନରେଶ କୁମାର ପ୍ରଧାନଙ୍କ ଦ୍ୱାରା ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପାଞ୍ଜଳି ଅର୍ପଣ କରି ମେଳା ଆରମ୍ଭ କରାଯାଇଥିଲା । ଏଥିରେ ୪୧ଟି ପ୍ରକଳ୍ପ ସ୍ଥାନୀତ ହୋଇଥିଲା । ଗରିଆଟିକ୍ରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦୀନେଶ କୁମାର ମହାକୁର ଓ କୁଲୁଣ୍ଡା ଏସ୍‌ଭିଏମ ଉଚ୍ଚ ବିଦ୍ୟାଳୟର ସୁବାଷ ଚନ୍ଦ୍ର ରଣା ବିଚାରକ ଭାବେ ଯୋଗ ଦେଇଥିଲେ । ସ୍କୁଲର ବିଜ୍ଞାନ ଶିକ୍ଷକ ଟୁନା କର୍ଣ୍ଣ ଓ ଗଣିତ ଶିକ୍ଷକ ସତ୍ୟବାନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ ।

# ନାଟକ ପେଟ୍ ମଞ୍ଚସ୍ଥ

ବରଗଡ଼ ଅଫିସ୍,୧୮।୮

ବରଗଡ଼ ସୌଖୀନ କଳାକାର ସଂଘର କଳାକାରଙ୍କ ଦ୍ୱାରା ନାଟକ ପେଟ୍ ମଞ୍ଚସ୍ଥ ହୋଇଛି । ଅଶୋକ ବେହେରାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ପେଟ ପାଇଁ ମଣିଷ କିଭଳି ନାଟ କରୁଛି, ତାକୁ କଳାକାରମାନେ ନିଖୁଣ ଭାବେ ନିଜ ଅଭିନୟରେ ପରିବେଷଣ କରିଥିଲେ । ଦୀପାଂଶୁ ଆଚାର୍ଯ୍ୟ, ଅଶୋକ ବେହେରା, ବିଜୟ ବେହେରା, ସ୍ୱରୂପ ପଟ୍ଟନାୟକ, କାହ୍ନୁ ପୃଷ୍ଟି, ତ୍ରିନାଥ ପୃଷ୍ଟି, ପ୍ରଶାନ୍ତ ଆଚାର୍ଯ୍ୟ, କେତନ ବଗାର, ମୋହିତ ଭୋଇ, ବିରେନ୍ଦ୍ର ବାଗ, ଚୂଡ଼ାମଣି ସିଂ, ମନୋଜ ସାହୁ ଅଭିନୟ କରିଥିଲେ । ଗୋପାଳ ମିଶ୍ର ସଙ୍ଗୀତ ପରିଚାଳନା କରିଥିଲେ । କଳାକାର ସ୍ୱର୍ଗତ ବିଭୂତି ପାଢ଼ୀ ଏବଂ ଅଶୋକ କୁମାର ପାତ୍ରଙ୍କ ସ୍ମୃତିରେ କଣ୍ଠ ସଙ୍ଗୀତ, ଏକକ ଅଭିନୟ, ବାଦ୍ୟଯନ୍ତ୍ର ଆଦି ପ୍ରତିଯୋଗିତା ହୋଇଥିଲା । ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ, ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । କଳାକାର ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉପସଭାପତି ଅନନ୍ତ ମଜୁମଦାର ସ୍ୱାଗତ ଭାଷଣ ଏବଂ ସମ୍ପାଦକ ପ୍ରଭାସ ରଞ୍ଜନ ମହଲା ବିବରଣୀ ପାଠ କରିଥିଲେ ।

■ ପାର୍ବତୀ ଗିରିଙ୍କ ପୁଣ୍ୟତିଥି ସମାରୋହ

# ଆତ୍ମୀୟତାରୁ ହିଁ ମିଳେ ଆନନ୍ଦ

ବିଜେପୁର/ପାଇକମାଳ, ୧୮।୮ (ଡି.ଏନ.ଏ)

ପରକୁ ଆପଣାର ଅନୁଭବ କଲେ ଯାଇ ମନ ମଧ୍ୟରୁ ହଟିଯାଏ ଦୁଃଖର କଳା ବାଦଲ । ସୁତରାଂ ଆତ୍ମୀୟତାରୁ ହିଁ ମିଳେ ଆନନ୍ଦ । ବରଗଡ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବିଲେଇପାଲିରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ପାର୍ବତୀ ଗିରିଙ୍କ ପୁଣ୍ୟତିଥି ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି । ପାର୍ବତୀ ଗିରି ବୃଦ୍ଧାଶ୍ରମର ସମ୍ପାଦକ ଜଳନ୍ଧର ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ପୂର୍ବତନ ସରପଞ୍ଚ ପାଣ୍ଡବ ସାହୁ, ଜିଲ୍ଲା ସାହୁ, ଅକ୍ଷୟ କୁମାର ବାରିକ, ସମିତି ସଭ୍ୟା ପୁଷ୍ପାଞ୍ଜଳି ଲୁହା, ସତ୍ୟବାନ ସାହୁ, ଶଙ୍କର୍ଷଣ ସାହୁ, ଉପେନ୍ଦ୍ର ମହାପାତ୍ର, ନିବାର କୁମାରିଆ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ବହ୍ନିକନ୍ୟାଙ୍କ ତୈଳଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବୃଦ୍ଧାଶ୍ରମ ପରିସରରେ ଚାରା ରୋପଣ କରାଯାଇଥିଲା । ଦେବାନନ୍ଦ ପଧାନ, ପ୍ରଫୁଲ୍ଲ ସେଠ, ସନୁ ଲୁହା, ଗ୍ରନ୍ଥ ଲୁହା, ନାରାୟଣ ପଟେଲ, ଉପେନ୍ଦ୍ର ବାହାବଳ ଉପସ୍ଥିତ ଥିଲେ । ଯଶୋବନ୍ତୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

**ପାଇକମାଳ,(ଡି.ଏନ.ଏ):** ପାଇକମାଳ ସ୍ଥିତ କସ୍ତୁରବା ଗାନ୍ଧୀ ମାତୃନିକେତନରେ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀ ଗିରିଙ୍କ ୨୪ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି । ଏହି ଅବସରରେ ଶୁକ୍ରବାର ସକାଳ ୫ଟାରୁ ପ୍ରଭାତ ଫେରି ଓ ୮ଟା ସମୟରେ ନୃସିଂହନାଥର ପାପହାରିଣୀ ଝରଣାରେ ତିଳତର୍ପଣ କରାଯାଇଥିଲା । ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ପାର୍ବତୀ ଗିରି ସ୍ମୃତି କମିଟି ସଭାପତି ହରିବନ୍ଧୁ ଜେନା ସଭାପତିତ୍ୱ କରିଥିଲେ । ଜନାର୍ଦ୍ଦନ ପଣ୍ଡା, ଚିତ୍ତ ରଞ୍ଜନ ସରାଫ, ପ୍ରେମ ସାଗର ଫୌଜଦାର, ଦେବେନ୍ଦ୍ର ସାହୁ, ବିଜୟ ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ପାର୍ବତୀ ଗିରିଙ୍କ ସ୍ମୃତିଚାରଣ କରିଥିଲେ । ରାଜକିଶୋର ପୁରୋହିତ, ଶୁଭ୍ରା ନାୟକ, ଯଶୋବନ୍ତୀ ଭୋଇ, ସୁରଭି ବାରିକ ସହଯୋଗ କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ନିର୍ମଳ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।



ବିଲେଇପାଲି ବୃଦ୍ଧାଶ୍ରମରେ ବହ୍ନିକନ୍ୟାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ।

# ଏସ୍‌ଏଚ୍‌ଜି ବିକାଶରେ ବ୍ୟାଙ୍କର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବରଗଡ଼ ଅଫିସ୍,୧୮।୮

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ବ୍ୟାଙ୍କର୍ସ ଏବଂ ବ୍ଲକ ଅଧିକାରୀଙ୍କ ପାଇଁ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଜୀବିକା ମିଶନ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଜାତୀୟସ୍ତରୀୟ ରିସୋର୍ସ ପର୍ସନ ଉମାକାନ୍ତ ମହାନ୍ତି ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଜୀବନ ଜୀବିକା ପାଇଁ ଆର୍ଥିକ ଅନ୍ତର୍ଭୁକ୍ତିର ଭୂମିକା ଉପରେ ବୁଝାଇଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ କିଭଳି ବ୍ୟାଙ୍କ ସହିତ ସଂଯୋଗୀକରଣ ହୋଇ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ ସୁବିଧାର ଲାଭ ନେଇ ପାରିବେ ତାହା ଉପରେ ଦୃଷ୍ଟିପାତ କରିଥିଲେ । ନିର୍ଦ୍ଧାରିତ ଗୋଟିଏ ଦିନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସବୁ ସୁବିଧା ଯୋଗାଇ ଦେବା ପାଇଁ ମହାନ୍ତି ଉପସ୍ଥିତ ବ୍ୟାଙ୍କର୍ସମାନଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ କର୍ମଶାଳାରେ ଜୀବିକା ମିଶନ ତରଫରୁ ଦିଆଯାଉଥିବା ସମସ୍ତ ଆର୍ଥିକ ସହାୟତା ଉପରେ ଆଲୋକପାତ କରାଯାଇଥିଲା । କର୍ମଶାଳାରେ ଏଲଡିଏମ ସୀତାରାମ ମେହେର, ଓଡ଼ିଶା ଜୀବିକା ମିଶନର ଏଫଆଇସି କିଶୋର ଚନ୍ଦ୍ର ପଣ୍ଡା, ପ୍ରକଳ୍ପ ଅଧିକାରୀ ରାଜଗୋପାଳ ଦାଶଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲାପାଳ ତ୍ରିପାଠୀ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଜୀବନ ଜୀବିକାର ଉନ୍ନତି କରିବାରେ ବ୍ୟାଙ୍କର୍ସମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । କିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସମସ୍ୟା ଘେରରେ ଗାନ୍ଧୀ ଏମ୍‌ଇ ସ୍କୁଲ

ଜାମଟିକ୍ରା, ୧୮।୮ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗାନ୍ଧୀ ଏମ୍‌ଇ ସ୍କୁଲ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ୧୯୭୦ ମସିହାରେ ସ୍ଥାପିତ ଏହି ସ୍କୁଲରେ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆସର ଜମୁଛି । ସ୍କୁଲ ପରିବେଶରେ ଛାତ୍ରୀଛାତ୍ରଙ୍କୁ ସାପ ଭୟ ରହିଛି । କିଛି ଦିନ ତଳେ କାଠ ଅଭାବ ଦର୍ଶାଇ ପ୍ରଧାନଶିକ୍ଷକ ନିଜେ ହିଟରରେ ମଧ୍ୟାହ୍ନ ଭୋଜନ ରାନ୍ଧିଥିଲେ । ଫଳରେ ଭାତ ଭଲ ହୋଇ ନ ଥିବାରୁ କେତେକ ଛାତ୍ରୀଛାତ୍ର ଭାତ ନ ଖାଇ ମୁଢ଼ି ଖାଉଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସନ୍ତୋଷ ଭୁଏଁଙ୍କୁ ପଚାରିବାରୁ ଧାନ ପହ୍ଲାରୁଆ ପରେ ସମସ୍ତ ସମସ୍ୟା ସମାଧାନ ହୋଇଯିବ । ତେବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ ରାଜାରାମ ମେହେର କୁହନ୍ତି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**SHRIRAM FINANCE L.T.D**
Kharbel Nagar Branch Office building, opposite Shriya Cinema Hall, Kharbel Nagar, Bhubaneswar (Odisha), Unit-3, Pin Code: 751001
CONTACT:
7328873676
8658687929
Gmail: finance0102018@gmail.com

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

ଖର୍ଚ୍ଚ ଋଣରୁ କଟିବ
**ଜନଧନ୍ ଫାଇନାନ୍ସ** (Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ
୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ ।

**BUSINESS**
ସରକାରୀ ଅନୁମୋଦିତ ନଂ.1 କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଘର ଛାତ, ପ୍ଲଟ୍‌ରେ ସମଗ୍ର ଭାରତର ଯେକୌଣସି ସ୍ଥାନରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ଅଗ୍ରିମ ଆକାରରେ 60 ଲକ୍ଷ, 50,000 ଭଡ଼ା + ମାସିକ 35,000ର ଅନ୍ୟାନ୍ୟ ସୁବିଧାସୁଯୋଗ ପାଆନ୍ତୁ ।
Helpline Numbers
7497033685
7497800247

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ । ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ । **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ । **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍ । **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ । **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩ । **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ । **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ । **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ । **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ । **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍ । **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ । **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ । **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍ । **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ । **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍ । **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ । **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ । **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ । **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍ । **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ ।

**TARIFF — MORE SPACE • SAME PRICE**

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ADMISSION OPEN**
DEGREE/DIPLOMA
TRYTOON ACADEMY
Affiliated Utkal University of Culture,Odisha
FASHION DESIGN
INTERIOR DESIGN
ANIMATION VFX
HOTEL MANAGEMENT
Palasuni Hat,Rasulgarh,BBSR
9437000960,8908942638
9437799550,06742370713
Last Seats Admission
Get Huge Discount

**ADMISSION OPEN 2018-20**
B.Ed.
Acharya Nagarjuna University
ANUSKA B.Ed ACADEMY
ODISHA'S NO-1 B.Ed. ACADEMY
97% 1ST DIVISION
Rasulgarh, Bhubaneswar 8260277745 / 8260277746
Cuttack: 6370442804
Bhawanipatna: 7982328673
Jajpur/Kendrapara: 9692222120
www.anuskagroup.com

**ADMISSION OPEN FOR 2018-20**
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**Get Instant Cash Against Gold**
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ । ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**SMS Marketing**
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
8114353091

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ । 2% ସୁଧ 40% ରିହାତି । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି ।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ । 2% ସୁଧ 40% ରିହାତି ।
Helpline Number:
7302107165
odishafinance55@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ । 1% ସୁଧ, 50% ଛାଡ଼ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି ।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି । ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ ।
Helpline Numbers
9983302166
9983302146

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ ।
7682891639
8018022748

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ । (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି ।
କଲ୍ କରନ୍ତୁ SAMIR MONAL
07363008993
07363008928

**ଫାଇନାନ୍ସ ଧନଜନ ଯୋଜନା**
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି ।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।

- ସାରଳା ଦାସ



## ସଂକ୍ଷେପରେ

### ୩ ୱାରେଣ୍ଟି ଗିରଫ

**ଉଲୁଣ୍ଡା, ୧୮।୮(ଡି.ଏନ.ଏ.):** ଉଲୁଣ୍ଡା ଥାନା ପୋଲିସ ୩ ପୁରୁଣା ୱାରେଣ୍ଟିଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ୨୦୦୨ ମସିହାରେ ଏକ ଡକାୟତି ମାମଲାରେ ଫେରାର ଥିବା ସିଣ୍ଡୋଲ ଗ୍ରାମର ସୌମିତ୍ରୀ ଦୀପଙ୍କୁ ବୁର୍ଲାରୁ ଗିରଫ କରାଯାଇଛି। ସେହିପରି ୨୦୧୨ର ଏକ ମାମଲାରେ ଫେରାର ଥିବା ସିନ୍ଧ୍ରିଆବାହାଲ ଗ୍ରାମର ମୁନୁ ମହାନନ୍ଦଙ୍କୁ ମଧ ବୁର୍ଲାରୁ ପୋଲିସ ଗିରଫ କରିଛି। ଅନୁରୂପ ୨୦୧୪ରେ ହୋଇଥିବା ଏକ ଅଭିଯୋଗରେ କ୍ଷେମାଲୋଏ ଗ୍ରାମର ଜୟନ୍ତ ବାଘଙ୍କୁ ଗିରଫ କରାଯାଇଛି। ଉପରୋକ୍ତ ତିନି ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍ଆଇ ଏସ. ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

### ତୃତୀୟ, ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା

**ଗୁଡଭେଲା,୧୮।୮(ଡି.ଏନ.ଏ.):** ଗୁଡଭେଲା ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟର ୩ୟ ଓ ୫ମ ଶ୍ରେଣୀର ବୃତ୍ତି ପରୀକ୍ଷା ତୁଷୁରା ବାଳିକା ନୋଡାଲ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ୩ୟ ଶ୍ରେଣୀର ୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୭ଜଣ ଓ ୫ମ ଶ୍ରେଣୀର ୭୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୩ୟ ଓ ୫ମ ଶ୍ରେଣୀର ୬ ଜଣ ଲେଖାଏଁ ଅନୁପସ୍ଥିତ ଥିବା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଧର ପ୍ରସାଦ ବେହେରାଙ୍କଠାରୁ ପ୍ରକାଶ।

### ନୀଳକଣ୍ଠେଶ୍ୱର ମନ୍ଦିରରେ ମହାଜଳଶାୟୀ

**ତରଭା, ୧୮।୮(ଡି.ଏନ.ଏ.):** ତରଭା ସହରର ସର୍ବପୁରାତନ ଶୈବପୀଠ ନୀଳକଣ୍ଠେଶ୍ୱର ମନ୍ଦିରରେ ମହାଦେବଙ୍କ ମହାଜଳଶାୟୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୪ଟାରେ ନୀଳକଣ୍ଠେଶ୍ୱର ମହାପ୍ରଭୁଙ୍କ ପାରମ୍ପରିକ ପୂଜାନୀତି ପରେ ମହାଜଳଶାୟୀ କାର୍ଯ୍ୟ ଆରମ୍ଭ ହୋଇଥିଲା। ତରଭା ସଂଲଗ୍ନ ନିବୃତ୍ତି ଯୋରର କନିଆ ଦରହ ଘାଟଠାରୁ ପୂଜା ବିଧି ପରେ ସହସ୍ରାଧିକ ମହିଳା, ପୁରୁଷ ଓ ବୋଲବମ ଭକ୍ତ ପୂର୍ଣ୍ଣ କଳସରେ ଜଳ ଆଣି ଶିବଲିଙ୍ଗରେ ଅର୍ପଣ କରିଥିଲେ। ପୂର୍ବାହ୍ନ ୧୧ଟାରେ ମହାଜଳଶାୟୀ ପୂର୍ଣ୍ଣ ହେବାପରେ ଭକ୍ତମାନେ ମହାଦେବଙ୍କ ମହାଜଳଶାୟୀ ଦର୍ଶନ କରିଥିଲେ। କର୍ତ୍ତା ଭାବେ ରତନଲାଲ ଅଗ୍ରୱାଲ ଦମ୍ପତି କାର୍ଯ୍ୟ ତୁଲାଇଥିଲେ। ଜନାର୍ଦ୍ଦନ ଥନାପତି, କୁଳମଣି ଥନାପତି, ଗୋବର୍ଦ୍ଧନ ଥନାପତି, ଆଭାସ ଥନାପତି ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଝାରବଲାଙ୍ଗୀରର ସୁବାଷିନୀ ମିଶ୍ର ଓ ତାଙ୍କ ସାଥୀଙ୍କ ଦ୍ୱାରା ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁ, ସନ୍ସିତ ସାହୁ, ଶଙ୍କର ସାହୁ, ଗୁଞ୍ଜୁରୁ ଗୁରୁ, ବିକ୍ରମ ନାଏକ ସହଯୋଗ କରିଥିଲେ।

### ବ୍ଲକ କଂଗ୍ରେସ ବୈଠକ

**ଉଲୁଣ୍ଡା, ୧୮।୮(ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ କଂଗ୍ରେସର ଏକ ବୈଠକ ସ୍ଥାନୀୟ କଲେଜ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ଉପସଭାପତି ସନ୍ତୋଷ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଏଆଇସିସି ସଭ୍ୟ ସୁରଜ ବାଘ ଏବଂ ଜିଲା କଂଗ୍ରେସ ସେଲର ସଭାପତି ସ୍ୱପ୍ନେଶ୍ୱର ପୃଷ୍ଟି ଯୋଗଦେଇଥିଲେ। ଦଳକୁ କିପରି ସୁଦୃଢ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜୋନସ୍ତରୀୟ କଂଗ୍ରେସ କୃଷକ ସେଲର ସଭାପତି ଚୟନ କରାଯାଇଥିଲା। ନରସିଂହ ପଧାନ ଜୋନ ୧ ଏବଂ ଦଶରଥ କ୍ଷେତି ଜୋନ ୨ର ସଭାପତି ଭାବେ ମନୋନୀତ ହୋଇଥିଲେ। ସେହିପରି ନାରାୟଣ ପଧାନ ଏବଂ ଦାଶରଥି ପଣ୍ଡାଙ୍କୁ ଜିଲା କୃଷକ ସେଲର ସଦସ୍ୟ ଭାବେ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

ଅଗଷ୍ଟ ୧୫କୁ କଷ୍ଟ ପୂରିଲା

# ସୁବର୍ଣ୍ଣପୁର ଓଡିଏଫ୍ ହେଲାନି

■ ବର୍ଷା ସାଜିଛି ବାଧକ

■ ଏବେ ବି ୨୦ହଜାର ୩୨୯ ଗ୍ରାମୀଣ ପରିବାରରେ ପାଇଖାନା ନାହିଁ

**ସୋନପୁର,୧୮।୮(ନି.ପ୍ର.)**

ଅଗଷ୍ଟ ୧୫ ସୁଦ୍ଧା ସୁବର୍ଣ୍ଣପୁର ଜିଲା ଓଡିଏଫ ହେବ। ଜିଲା ପ୍ରଶାସନ ଏହି ଲକ୍ଷ୍ୟ ରଖିଥିଲା। ମାତ୍ର ତାହା ପୂରଣ ହୋଇ ପାରିନି। କଷ୍ଟ ପୁରିଥିଲେ ହେଁ ଜିଲା ବାହ୍ୟ ମଳମୁକ୍ତ(ଓଡିଏଫ) ହୋଇ ପାରିଲାନି। କୌଣସି ଗୋଟିଏ ବ୍ଲକ ବି ଓଡିଏଫ୍ ହୋଇନି। ପ୍ରାରମ୍ଭରେ ସୋନପୁର ଓ ବୀରମହାରାଜପୁର ବ୍ଲକକୁ ଓଡିଏଫ କରିବା ପରେ ଜୁଲାଇ ୩୧ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ଜିଲାକୁ ଓଡିଏଫ ପାଇଁ ପ୍ରଶାସନର ଲକ୍ଷ୍ୟ ଥିଲା। ତାହା ସମ୍ଭବ ନ ହେବାରୁ ପୁଣି ଅଗଷ୍ଟ ୧୫କୁ ସମୟ ଘୁଞ୍ଚିଥିଲା। କିନ୍ତୁ ବର୍ଷା ବାଧକ ସାଜୁଛି। କାମ କରିବା ପାଇଁ ଏଜେନ୍ସି ମିଳୁ ନାହାନ୍ତି। ତଥାପି ଅଗଷ୍ଟ ମାସରେ ବର୍ଷା ସତ୍ତ୍ୱେ ପ୍ରାୟ ୮ ହଜାରଟି ନିର୍ମାଣ ହୋଇଛି। ଉଲୁଣ୍ଡା ଓ ତରଭା ବ୍ଲକରେ ପାଇଖାନା ନିର୍ମାଣ କଚ୍ଛପ ଗତିରେ ଚାଲିଛି। ପ୍ରାକ୍ତନ ଜିଲାପାଳଙ୍କ ବଦଳି ସହିତ ତୃଣମୂଳସ୍ତରରେ ପାଇଖାନା ନିର୍ମାଣ କ୍ଷେତ୍ରରେ ସମସ୍ୟା ହେଉଛି। ଏବେ ବି ଜିଲାର ୨୦ହଜାର ୩୨୯ଟି ଗ୍ରାମୀଣ ପରିବାରରେ ପାଇଖାନା ନାହିଁ। ଗତ ଅଢେଇ ମାସ ଧରି ପ୍ରାକ୍ତନ ଜିଲାପାଳ ଦାଶରଥି ଶତପଥୀ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ବିପିନ ବିହାରୀ ଦାଶଙ୍କ ସମେତ ବିଡିଓ, ତହସିଲଦାର, ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ମାନେ ଗାଁଗାଁ ବୁଲି ଲୋକଙ୍କୁ ପାଇଖାନା ନିର୍ମାଣ ଓ ବ୍ୟବହାର କରିବା ପାଇଁ ସଚେତନ କରିଥିଲେ। ବିନିକା, ଡୁଙ୍ଗୁରିପାଲି, ସୋନପୁର ଓ ବୀରମହାରାଜପୁର ଭଳି ବ୍ଲକରେ ସ୍ଥିତିରେ ଯଥେଷ୍ଟ ଉନ୍ନତି ହୋଇଛି। ତେବେ ଚାଷ କାର୍ଯ୍ୟ ସମୟରେ ହିତାଧିକାରୀମାନେ ପାଇଖାନା ନିର୍ମାଣରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ପ୍ରଶାସନ କିନ୍ତୁ ରାଜ୍ୟର ପଞ୍ଚମ କିମ୍ବା ଷଷ୍ଠ ଜିଲା ଭାବେ ସୁବର୍ଣ୍ଣପୁରକୁ ଓଡିଏଫ ଜିଲା ଘୋଷଣା ପାଇଁ ଅଣ୍ଟା ଭିଡିଛି।

ଜିଲାରେ ୧ଲକ୍ଷ ୩୫ହଜାର ୬୨୦ଟି ପରିବାର ଅଛନ୍ତି। ସେଥିମଧ୍ୟରୁ ଅଗଷ୍ଟ ୧୭ତାରିଖ ଶୁକ୍ରବାର ସୁଦ୍ଧା ୧ଲକ୍ଷ ୧୫ହଜାର ୨୯୫ ପରିବାରରେ ଅର୍ଥାତ ୮୫.୧% ଘରେ ପାଇଖାନା ନିର୍ମାଣ ହୋଇପାରିଛି। ବୀରମହାରାଜପୁର ବ୍ଲକରେ ସର୍ବାଧିକ ୯୪.୧୫% ଘରେ ପାଇଖାନା ନିର୍ମାଣ ହୋଇଛି। ସ୍ୱଚ୍ଛ ଭାରତ ଯୋଜନାରେ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ପାଇଁ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ବାହ୍ୟ ମଳମୁକ୍ତ ଜିଲା ପାଇଁ ଜିଲା ପ୍ରଶାସନ ସମସ୍ତଙ୍କୁ ଏଲଓପି(ଲେଟର ଅଫ ପରମିଶନ) ପ୍ରଦାନ କରିଛନ୍ତି। ବିନିକା ବ୍ଲକରେ ୨୧୪୮ଟି ପାଇଖାନା ନିର୍ମାଣ ବାକି ଥିବା ବେଳେ ବୀରମହାରାଜପୁରରେ ୧୨୯୩, ଡୁଙ୍ଗୁରିପାଲିରେ ୪୩୬୩, ସୋନପୁରରେ ୧୩୭୭, ତରଭାରେ ୫୧୩୭ ଓ ଉଲୁଣ୍ଡା ବ୍ଲକରେ ୬୦୧୧ଟି ପାଇଖାନା ନିର୍ମାଣ ବାକି ଅଛି। ମିଳିତ ଉଦ୍ୟମରେ ଏହା ହାସଲ କରିହେବ। ଜନସାଧାରଣ ସଚେତନ ହେବା ଆବଶ୍ୟକ। ରବିବାର ଜିଲାପାଳ ମଧୁସୂଦନ ମିଶ୍ର ସ୍ଥିତିର ଅନୁଧ୍ୟାନ ସହିତ ଅଗ୍ରଗତି ପାଇଁ ପଛରେ ପଡିଥିବା ତରଭା ଓ ଉଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମ ଗସ୍ତ କରି ଲୋକଙ୍କୁ ସଚେତନ କରିବେ ବୋଲି ସୂଚନା ଦେଇଛନ୍ତି। ସୁବର୍ଣ୍ଣପୁର ଜିଲାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଥିଲା। ସଚେତନତାର ଅଭାବ ଏବଂ ଅଭ୍ୟାଶବଶତଃ ଲୋକେ ଖୋଲାରେ ଶୌଚ ଯିବା ଯୋଗୁଁ ଜିଲାକୁ ଅନେକ ସମୟରେ ଅପଦସ୍ଥ ହେବାକୁ ପଡୁଛି। ଜଳସେଚିତ କେନାଲ ଅଞ୍ଚଳରେ ରାସ୍ତା କଡରେ ଶୌଚ ଯିବା ଦ୍ୱାରା ରାସ୍ତାଘାଟରେ ଯିବା ଆସିବା ମଧ ଲଜ୍ଜାକର ହୋଇ ପଡିଥାଏ। କେନାଲ, କଟା, ବନ୍ଧ ଓ ନଦୀ ଆଡିରେ ମଧ ଶୋଚନୀୟ ଅବସ୍ଥା ଦେଖିବାକୁ ମିଳେ। ଏଥିଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକାର ରୋଗ ବ୍ୟାପୁଥିଲା। ୨୦୧୪ରେ ଏହି ଜିଲାର ମାତ୍ର ୩% ପରିବାରରେ ପାଇଖାନା ଥିଲା। ଗ୍ରାମୀଣ ସ୍ୱଚ୍ଛ ଭାରତ ଯୋଜନା ପ୍ରଣୟନ ପରେ ଏ କ୍ଷେତ୍ରରେ ସଫଳତା ମିଳିଛି। କିନ୍ତୁ ଏବେ ବି ବହୁ ଲୋକ ବାହାରେ ମଳ ତ୍ୟାଗ କରୁଛନ୍ତି। ପାଇଖାନା ଥାଇ ବି ବ୍ୟବହାର କରୁନାହାନ୍ତି। ଅଧିକାଂଶ ବିଦ୍ୟାଳୟର ପାଇଖାନା ଗୃହରେ ତାଲା ପଡୁଛି। କେନ୍ଦ୍ରୀୟ ଟିମ୍ ସ୍ୱଚ୍ଛ ଭାରତ ସର୍ବେକ୍ଷଣ ସମୟରେ ଏହି ତଥ୍ୟ ସାମ୍ନାକୁ ଆସିଛି।

# ୩କେଜି ଗଞ୍ଜେଇ, ବାଇକ୍ ଜବତ: ଅଭିଯୁକ୍ତ ନାବାଳକ ଅଟକ

**ମନମୁଣ୍ଡା,୧୮।୮(ଡି.ଏନ.ଏ.)**

ମନମୁଣ୍ଡା ପୋଲିସକୁ ଗଞ୍ଜେଇ ଚୋରା ଚାଲାଣ ଦିଗରେ ଆଉ ଏକ ସଫଳତା ମିଳିଛି। ଶୁକ୍ରବାର ଗଞ୍ଜେଇ ସହ ଏକ ବାଇକ ଜବତ କରିଛି। ସେଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ଅଟକ ରଖିଛି। ମନମୁଣ୍ଡା ଥାନା ଗଞ୍ଜେଇର ଭୂସ୍ୱର୍ଗ କୁହାଯାଉଥିବା ଶଗଡା ଅଞ୍ଚଳରୁ ଗଞ୍ଜେଇ ଚୋରା ଚାଲାଣ ହେବାକୁ ଥିବା ଆଇଆଇସି ଭାବାନନ୍ଦ ପ୍ରଧାନ ସୂଚନା ପାଇଥିଲେ। ତାଙ୍କ ନିର୍ଦ୍ଦେଶମତେ ଶୁକ୍ରବାର ଏସଆଇ ବିଷ୍ଣୁ ପ୍ରସାଦ ଗୌଡଙ୍କ ନେତୃତ୍ୱରେ ଏସଆଇ ଗୌରି ମଲ୍ଲିକ, ଏଏସଆଇ ପାଣ୍ଡବ ଜେନା, ଶଗଡ଼ା ଫାଣ୍ଡି ଅଧିକାରୀ କିଶୋର ମହାକୁଡ, କନଷ୍ଟେବଲ ଶାନ୍ତିସ୍ୱରୂପ ବିଶ୍ୱାଳ, ପଞ୍ଚୁ ନାଏକ, କ୍ଷମାନିଧି ସାହୁ ଅଞ୍ଚଳକୁ ପେଟ୍ରୋଲିଂରେ ଯାଇଥିଲେ। ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଖଣ୍ଡିକନପା ବାରକୁଡୁଲି ଜଙ୍ଗଲ ରାସ୍ତାରେ ଏକ ବାଇକ ନଂ (ଓଡି ୧୩ ଏ– ୫୫୧୭) ଦ୍ରୁତଗତିରେ ଯାଉଥିବା ଦେଖି ପୋଲିସ ଅଟକାଇ ତନଖି କରିବାରେ ଗଞ୍ଜେଇ ପାଇଥିଲା। ଚୋରା ଚାଲାଣ କରୁଥିବା ନାବାଳକଙ୍କୁ ପୋଲିସ ଅଟକ ରଖିଛି। ଓଜନ କରିବାରେ ଜବତ ଗଞ୍ଜେଇ ୩ କେଜି ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଶନିବାର ଅଟକ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ବୌଦ୍ଧରେ ହାଜର କରାଯାଇଛି।

# ମୋ ସ୍କୁଲ ଅଭିଯାନ

**ବାଉଁଶୁଣୀ,୧୮।୮(ଡି.ଏନ୍.ଏ.)**

ଗୁରୁବାର ୧୬ ତାରିଖରେ ସରକାରୀ ନୋଡ଼ାଲ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ମୋ ସ୍କୁଲ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ବୃକ୍ଷର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଫୁଲ୍ଲ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁରେନ୍ଦ୍ର ନାଥ ଦାସ, ଉପେନ୍ଦ୍ର ପ୍ରଧାନ, କାନିଜ ସୋଲେହା ବୁଖାରୀ, ପଞ୍ଚାନନ ମିଶ୍ର, ସଚଳା ଗୁରୁ, ଖଗେଶ୍ୱର ମେହେର, ସନ୍ତୋଷ ହାତି, ପଙ୍କଜିନୀ ପୃଷ୍ଟି, ସୀମାବାୟୀ ତରିଆଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ/ଶିକ୍ଷକ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

**ମନମୁଣ୍ଡା,୧୮।୮(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବୌଦ୍ଧ ଜିଲା ପରିଷଦ ଅଧକ୍ଷା ଜ୍ୟୋସ୍ନା ଭୋଇଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସ୍ୱାଧୀନତା ଦିବସ ଅବସରରେ ଲୋକାର୍ପିତ ହୋଇଯାଇଛି। ଏହି କେନ୍ଦ୍ରରେ ମୁଖ୍ୟତଃ ଡାଇବେଟିସ, ହୃଦଘାତ, ରକ୍ତଚାପ ତଥା କର୍କଟ ରୋଗ ଚିହ୍ନଟୀକରଣ ସହ ଆରୋଗ୍ୟ ନିମନ୍ତେ ପଦକ୍ଷେପ ନିଆଯିବ। ଆଶାକର୍ମୀମାନେ ଘରକୁ ଘର ବୁଲି୩୦ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାମାନଙ୍କ ରୋଗ ଚିହ୍ନଟ କରିବେ। ଏହି ଉଦଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ମଲ୍ଲିକ, ମୁଣ୍ଡାପଡ଼ା ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ସିଡିଏମଓ ଡା. ବିଜନ କିଶୋର ମହାନ୍ତି, ପରିବାର କଲ୍ୟାଣ ଅଧିକାରୀ ଡା. ବନଲତା ଦେବୀ, ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ବେହେରା, ମୁଣ୍ଡାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରାଜୀବ ରଞ୍ଜନ ନାଏକ, ଜିଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶନୀ ପ୍ରମୁଖ ଯୋଗ ଦେଇଥିଲେ ବିପିଏମ ଅରୁଣ ପାଢ଼ୀ ପରିଚାଳନା କରିଥିଲେ।

ନିରଞ୍ଜନଙ୍କ ନୂତନ ପିସିସି ଟିମ୍

# ବିନୋଦ ସାଧାରଣ ସମ୍ପାଦକ, ଜିତେନ୍ଦ୍ର ସମ୍ପାଦକ



ବିନୋଦ ପାତ୍ର



ଜିତେନ୍ଦ୍ର ପଟ୍ଟନାୟକ

**ସୋନପୁର,୧୮।୮(ନି.ପ୍ର.)**

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କ ର ନୂତନ ଟିମ୍ ଗଠନ କରିଛନ୍ତି। ଏହି ଟିମ୍‌ରେ ସୁବର୍ଣ୍ଣପୁର ଜିଲାର ଦୁଇ ପୁରୁଖା ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିଛି। ସୋନପୁରର ପ୍ରାକ୍ତନ ବିଧାୟକ ବିନୋଦ କୁମାର ପାତ୍ର ରାଜ୍ୟ ସାଧାରଣ ସମ୍ପାଦକ ଓ ପିସିସି ସଭ୍ୟ ଯୁବ ନେତା ଜିତେନ୍ଦ୍ର ପଟ୍ଟନାୟକ ସମ୍ପାଦକ ହୋଇଛନ୍ତି। ବିନୋଦ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସୋନପୁର ସଂରକ୍ଷିତ ନିର୍ବାଚନମଣ୍ଡଳୀର ବିଧାୟକ ଥିଲେ। ଜିଲା କଂଗ୍ରେସ କମିଟି ସଭାପତି ମଧ୍ୟ ଥିଲେ। ସୋନପୁର ବିଧାନସଭା କ୍ଷେତ୍ରଟି ଅଣସଂରକ୍ଷିତ ହେବା ପରେ ସେ ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ହୋଇଥିଲେ। ସେହିପରି ଜିତେନ୍ଦ୍ର ପଟ୍ଟନାୟକ ଛାତ୍ରାବସ୍ଥାରୁ କଂଗ୍ରେସ ସଙ୍ଗଠନ ସହ ଜଡିତ ଅଛନ୍ତି। ୧୯୯୭ ରୁ ୨୦୦୨ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲା ଛାତ୍ର କଂଗ୍ରେସ ସଭାପତି ଥିଲେ। ୨୦୦୨ ରୁ ୨୦୧୨ ପର୍ଯ୍ୟନ୍ତ ଜିଲା ଯୁବ କଂଗ୍ରେସର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୯ରେ ଜିତେନ୍ଦ୍ର ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଉଭୟଙ୍କ ନୂତନ ନିଯୁକ୍ତି ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଆଣିଛି।

ଗଞ୍ଜେଇ ଚୋରାଚାଲାଣ ମାମଲା :

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୧୮।୮(ନି.ପ୍ର.)**

ବୌଦ୍ଧ ଜିଲା ଦୌରାଜଜ ତଥା ସ୍ୱେଶାଲ ଜଜ ଅରବିନ୍ଦ କୁମାର ଗୁରୁ ଶନିବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାକୁ ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ, ଗତ ୩୧।୭।୧୬ରେ ବୌଦ୍ଧ ଅବକାରୀ ବିଭାଗ ଚାରିଛକଠାରେ ପାଟ୍ରୋଲିଂ କରୁଥିବା ସମୟରେ ବଜାର ନିକଟ ଫାୟାର ଷ୍ଟେଶନ ସମ୍ମୁଖ ରାସ୍ତାରେ ଡିପୋ ସାହିର ଚିତ୍ରରେଖା ସାହୁ(୩୬) ଏକ ଜରି ବ୍ୟାଗ ଧରି ଠିଆ ହୋଇଥିଲେ। ସନ୍ଦେହ ହେବାରୁ ଅବକାରୀ କର୍ମଚାରୀ ତାଙ୍କୁ ଅଟକ ରଖି ତଲାସି ନେଇଥିଲେ। ତାଙ୍କ ଠାରୁ ୨ କେଜି ଗଞ୍ଜେଇ ଜବତ କରିଥିଲେ। ଏ ନେଇ ଅବକାରୀ କେସ ନମ୍ବର ୭/୧୬–୧୭ ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲେ। ଏହି ମାମଲାଟି ଜିଲା ଦୌରାଜଜଙ୍କ ଅଦାଲତରେ କେସ ନଂ ୯/୧୬ରେ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୪ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଶନିବାର ମାମଲାର ଶୁଣାଣି ଚାଲିଥିବା ବେଳେ ପ୍ରମାଣ ଅଭାବରୁ ଜିଲା ଦୌରାଜଜ ଅଭିଯୁକ୍ତ ଚିତ୍ରରେଖା ସାହୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଅଶୋକ କୁମାର ମିଶ୍ର ଓ ବିବେକାନନ୍ଦ ଦେହୁରୀ ପରିଚାଳନା କରୁଥିଲେ।



ବୀରମହାରାଜପୁର ସରକାରୀ ହାଇସ୍କୁଲ କେନ୍ଦ୍ରରେ ପ୍ରାଥମିକ ବୃତ୍ତି ପରୀକ୍ଷା ଚାଲିଛି।

# ସରିଲା ପ୍ରାଥମିକ ବୃତ୍ତି ପରୀକ୍ଷା

## ୨୭ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବୀରମହାରାଜପୁର, ୧୮।୮ (ଡି.ଏନ.ଏ)**

ମାଧ୍ୟମିକ ଶିକ୍ଷାପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ଶିକ୍ଷାବର୍ଷର ପ୍ରାଥମିକ ବୃତ୍ତି ପରୀକ୍ଷା ଶନିବାର ସମ୍ପନ୍ନ ହୋଇଛି। ଏଥର ବୀରମହାରାଜପୁର ବ୍ଲକ ପାଇଁ ସ୍ଥାନୀୟ ସରକାରୀ ହାଇସ୍କୁଲଠାରେ ପରୀକ୍ଷା କେନ୍ଦ୍ର ନିରୂପଣ ହୋଇଥିଲା। ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସମୁଦାୟ ୧୧୨ଜଣ ଏବଂ ତୃତୀୟ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ମେଧାବୃତ୍ତି ପରୀକ୍ଷାରେ ୧୨୦ଜଣ ପରୀକ୍ଷାର୍ଥୀ ଥିବା ଜଣାଯାଇଛି। ଅଧୀକ୍ଷକ ବୈଦ୍ୟନାଥ କର୍ଣ୍ଣଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ପଞ୍ଚମ ବୃତ୍ତି ପରୀକ୍ଷା ପାଇଁ ୧୨୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫ ଏବଂ ତୃତୀୟ ବୃତ୍ତି ପରୀକ୍ଷା ପାଇଁ ମନୋନୀତ ୧୩୨ଜଣଙ୍କ ମଧ୍ୟରୁ ୧୨ପରୀକ୍ଷାର୍ଥୀ ଅନୁପସ୍ଥିତି ରହିଥିଲେ। ବୀରମହାରାଜପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗରୁଡଧ୍ୱଜ ମୁଦୁଲି ବୋର୍ଡ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକ ଭାବେ ପରୀକ୍ଷା ପରିଚାଳନାର ତଦାରଖ କରିଥିଲେ। କଡା ସୁରକ୍ଷା ମଧ୍ୟରେ ଆୟୋଜିତ ଉକ୍ତ ବୃତ୍ତି ପରୀକ୍ଷା ସୁରୁଖୁରୁରେ ସମାପିତ ହୋଇଥିବା ପ୍ରକାଶ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ

**ବୌଦ୍ଧ,୧୮।୮(ନି.ପ୍ର.)**

ବୌଦ୍ଧ ସହରର ଖଲିଆବଗିଚାରେ ଗତ ୧୩ ତାରିଖରେ ଘରେ ପଶି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘରେ କେହି ନଥିବାର ସୁଯୋଗ ନେଇ ଜଣେ ଯୁବକ ଏଭଳି ଘଟଣା ଘଟାଇଥିଲା ବେଳେ ପୋଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି।

ପୋଲିସ ସୂଚନାନୁଯାୟୀ, ଖଲିଆବଗିଚାର ଚନ୍ଦ୍ର ଦଳବେହେରା ଶ୍ରାବଣ ମାସ ପାଇଁ ପାଣି ଢାଳିବାକୁ ପୁରୀ ଲୋକନାଥ ଯାତ୍ରାରେ ଯାଇଥିଲେ। ଘରେ ନବ ବିବାହିତା ପତ୍ନୀ କଲ୍ୟାଣୀଙ୍କ ସହ ୨ ଭଉଣୀ ଓ ଅନ୍ୟ ପରିବାର ସଦସ୍ୟ ଥିଲେ। ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ମନ୍ଦ ଉଦ୍ଦେଶ୍ୟ ରଖି ଅଭିଯୁକ୍ତ ଯୁବକଜଣକ ଚନ୍ଦ୍ରଙ୍କ ଘରେ ପଶିଥିଲେ। ଏଥିରେ କଲ୍ୟାଣୀ ପାଟି କରିବାରୁ ତାଙ୍କ ମୁହଁକୁ ଚାପି ଧରିବା ସହିତ ଧାରୁଆ ଅସ୍ତ୍ରରେ ତାଙ୍କର ଛାତି ଓ ଗୋଡକୁ ହାଣି ଦେଇଥିଲେ। ପରେ ସେଠାରୁ ଫେରାର୍ ହୋଇଯାଇଥିଲେ। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ଯୁବକ ବୌଦ୍ଧ ଖଲିଆବଗିଚା ଗମ୍ଭାରିପଦର ଗ୍ରାମର ପାର୍ଥ ଷାଣ୍ଡକୁ ଶନିବାର ସକାଳେ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି। ଏ ନେଇ ତଦନ୍ତକାରୀ ଅଧିକାରୀ ସରୋଜ ରାଉତଙ୍କୁ ପଚାରିବାରେ ଥାନାରେ ଏକ ମାମଲା (ନଂ. ୧୭୧/୧୮) ରୁଜୁ ହୋଇଛି।

# ଧାରଣା ସମର୍ଥନରେ ବାହାରିଲା ଆଦିବାସୀ ସଂଘ

**ସିଂଘିଯୁବା,୧୮।୮ (ଡି.ଏନ୍.ଏ)**

ବିନିକା ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର ପାଇଁ ସାମ୍ବାଦିକ ସଂଘ ତରଫରୁ ଚାଲିଥିବା ଧାରଣାକୁ ଶନିବାର ୧୩ ଦିନ ପୂରିଛି। ବ୍ଲକ ଆଦିବାସୀ କଲ୍ୟଣ ସଂଘ ଧାରଣାକୁ ସମର୍ଥନ କରିଛି। ସଂଘ ସଭାପତି ବିରଞ୍ଚି ନାରାୟଣ କୁଅଁର ଓ ନଗର ସଭପତି କରିତ ଭୋଇଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ସହରରେ ଏକ ରାଲି କରିଥିଲେ। ସେହିପରି ତ୍ରିରଙ୍ଗା ୟୁଥ୍ କ୍ଲବ ସଭାପତି ଆନନ୍ଦ ବାରିକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଧାରଣାସ୍ଥଳକୁ ଆସିଥିଲା। କୌଡ଼ିଆମୁଣ୍ଡା ଆଜାଦ୍ ୟୁଥକ୍ଲବର କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ। ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ ଧାରଣାସ୍ଥଳକୁ ଆସି ସାମ୍ବାଦିକ ସଂଘର ଦାବିକୁ ସମର୍ଥନ ଜଣାଇଥିଲେ। କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ମୁଖ୍ୟ ସଂଯୋଜକ ପ୍ରମୋଦ କୁମାର ମିଶ୍ର ଯୋଗଦେଇ ସାମ୍ବାଦିକ ସଂଘ ଚଳାଇଥିବା ଆନ୍ଦୋଳନକୁ କୋଶଳ ରାଏଜ ସମନ୍ୱୟ ସମିତି ଦୃଢ଼ ଭାବରେ ସମର୍ଥନ କରୁଛି ବୋଲି କହିଥିଲେ। ଇଞ୍ଜିନିୟର ଆଶ୍ରୟ ମହାନନ୍ଦ, ଜିଲା ସାମ୍ବାଦିକ ସଂଘ ସଦସ୍ୟ ରାମଶଙ୍କର ଭୋଇ, ଭାଜପା ନେତା ଶରତ କୁମାର ଶତପଥୀ, କୋଶଳ ରାଜ୍ୟ ସମନ୍ୱୟ ସମିତିର ଯୁଗ୍ମ ସଂଯୋଜକ କିଶୋର ହୋତା. ସାମାଜିକ କର୍ମୀ ବିଶ୍ୱମ୍ଭର ମିଶ୍ର, ଯୁବ କଂଗ୍ରେସ ନେତା ପ୍ରଦୀପ ସେଠୀ, ଜିଲା ଏବିଭିପି ସମ୍ପାଦକ ବିଶ୍ୱଜିତ ମିଶ୍ର ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ୱେସ୍କୋର ଅବହେଳା ନେଲା ଗର୍ଭିଣୀ ଗାଈର ଜୀବନ

**ବୀରମହାରାଜପୁର, ୧୮।୮ (ଡି.ଏନ.ଏ)**



ବିଦ୍ୟୁତ୍ ଆଘାତପ୍ରାପ୍ତ ଗୋରୁ।

## ୩ଗୋରୁ ଅକର୍ମଣ୍ୟ

■ ଗୋପାଳନ ଦ୍ୱାରା ପରିବାର ଚଳାଉଥିଲେ ଚାଷୀ

■ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି କଲେ ଗ୍ରାମବାସୀ

ବିଦ୍ୟୁତ କମ୍ପାନୀ ୱେସ୍କୋର ଅବହେଳା ଯୋଗୁଁ ଜଣେ ଗରିବ ଚାଷୀଙ୍କୁ ରୋଜଗାର ହରାଇବାକୁ ପଡିଛି। ଗୋପାଳନ କରି ତହିଁରୁ ପରିବାର ଚଳାଉଥିବା ଏହି ଚାଷୀ ଜଣକ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟବର୍ତ୍ତୀ ବିକଳପାଲି ଗାଁର ବାବୁଲାଲ ହେତା। ସେ ରଖିଥିବା ୪ଟି ଛୋଟ ବଡ ଗାଈଙ୍କ ମଧ୍ୟରୁ ବଡ ଗାଈ ଥିଲା ଗର୍ଭିଣୀ। ତେବେ ସବୁତକ ଗୋରୁ ବିଦ୍ୟୁତ୍ ଜନିତ ଆଘାତର ଶିକାର ହେବା ଫଳରେ ଏବେ କ୍ଷତିଗ୍ରସ୍ତ ମାଲିକଙ୍କୁ ଚିନ୍ତା ମାଡି ବସିଛି। ବାହାରକୁ ଚରିବା ପାଇଁ ଯାଇଥିବା ବାବୁଲାଲଙ୍କ ଏହି ଛୋଟ ଗୋରୁ ପଲ ସନ୍ଧ୍ୟା ବେଳେ ଗୁହାଳକୁ ଫେରିବା ବେଳେ ଗାଁ ଦାଣ୍ଡ ସ୍ଥିତ ଏକ ବିଦ୍ୟୁତ ଖମ୍ବରେ ପିଟି ହୋଇଥିଲେ। ତେବେ ଉକ୍ତ ଖମ୍ବରେ ବିଦ୍ୟୁତ କରେଣ୍ଟ ଥିବାରୁ ତାହାର ସଂସ୍ପର୍ଶରେ ଆସି ଗର୍ଭିଣୀ ଗାଈଟି ଲଟକି ଯାଇଥିଲା। ଅନତିଦୂରରେ ଉପସ୍ଥିତ କେତେ ଜଣ ଗ୍ରାମବାସୀ ତତ୍‌କ୍ଷଣାତ୍ ବୁଦ୍ଧି ଖଟାଇଥିଲେ। ଦଉଡିରେ ବାନ୍ଧି ସେମାନଙ୍କୁ ଟାଣିବାରୁ ୩ଗୋରୁ ବର୍ତ୍ତି ଯାଇଥିଲେ। ହେଲେ ଗର୍ଭିଣୀ ଗାଈଟିର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ ମଧ ସେହି ବିଦ୍ୟୁତ ଖମ୍ବରେ ଅନୁରୂପ ଘଟଣା ଘଟିଥିବା ନେଇ ୱେସ୍କୋ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଏଥିପ୍ରତି କୌଣସି ଧ୍ୟାନ ଦିଆଗଲା ନାହିଁ। ପ୍ରତିକାର ବ୍ୟବସ୍ଥାର ଅଭାବ ଯୋଗୁଁ ଜଣେ ଗରିବ ଚାଷୀଙ୍କୁ ତାହାର ପରିଣାମ ଭୋଗିବାକୁ ପଡିଛି। ଗର୍ଭିଣୀ ଗାଈ ଜୀବନ ହରାଇଥିବା ବେଳେ ଅନ୍ୟ ୩ଟି ବର୍ତ୍ତି ଯାଇଥିଲେ ସୁଦ୍ଧା ପ୍ରାୟତଃ ଅକର୍ମଣ୍ୟ ହୋଇ ପଡିଛନ୍ତି। ଘଟଣା ସଂକ୍ରାନ୍ତରେ କ୍ଷତିଗ୍ରସ୍ତ ଚାଷୀ ବାବୁଲାଲ ହୋତାଙ୍କ ସମେତ ବହୁ ଗ୍ରାମବାସୀ ବୀରମହାରାଜପୁର ଥାନାକୁ ଯାଇ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ପୋଲିସ ପକ୍ଷରୁ ଏନେଇ ଏକ ମାମଲା ରୁଜୁ ହେବା ସହ ପ୍ରାଣୀ ଚିକିତ୍ସକ ଡା. ସୁବ୍ରତ କୁମାର ପୁରୋହିତଙ୍କ ଦ୍ୱାରା ଗର୍ଭିଣୀ ଗାଈର ବ୍ୟବଚ୍ଛେଦ କରାଯାଇଛି। ବିଦୁତ ଆଘାତ ପାଇଥିବା ଅନ୍ୟ ଗୋରୁଙ୍କର ଚିକିତ୍ସା ଜାରି ରହିଛି। ଗୋପାଳକ ବାବୁଲାଲ କ୍ଷୀରବିକ୍ରି କରି କୁଟୁମ୍ବ ଚଳାଉଥିବାରୁ ଏବେ ତାଙ୍କ ପାଇଁ ପରିବାର ବୋଝ ମାଡି ବସିଛି। ତାଙ୍କୁ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୯ ଅଗଷ୍ଟ, ୨୦୧୮



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ ନେଲେ ୭୬ଛାତ୍ରୀ

**ଲୋଇସିଂହା,୧୮।୮(ଡି.ଏନ.ଏ):** ଲୋଇସିଂହା ବ୍ଲକ କୁଶଙ୍ଗସ୍ଥିତ ଆଞ୍ଚଳିକ ଯୁକ୍ତଦୁଇ କଲେଜରେ ଦୁଇ ସପ୍ତାହଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଲବାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଡିଏଲସି ତଥା ରେଭେନସା ମହାବିଦ୍ୟାଳୟ ପ୍ରଧ୍ୟାପକ ଦେବେନ ମିଶ୍ର ମୁଖ୍ୟ ଅତିଥି, ଜିଲା ସଂଯୋଜକ ଧନଞ୍ଜୟ ସେଠ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ଆତ୍ମରକ୍ଷା ସୁରକ୍ଷାର ଉପାୟ ଅବଲମ୍ବନ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାରେ ପ୍ରାଶିକ୍ଷାର୍ଥୀ ଛାତ୍ରୀ ବର୍ଷା ରାଣୀ ମିଶ୍ର ଏବଂ ପୂଜାରାଣୀ ପଧାନ ଶବିରର ଅନୁଭୂତି ପ୍ରକାଶ କରିଥିଲେ। ଅଧ୍ୟାପକ ତଥା ରେଡକ୍ରସ ପରାମର୍ଶଦାତା ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ପରିଚାଳନାରେ ସବନମ୍ ବାନୋ ୭୬ ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ।

### ନିର୍ମାଣ ଶ୍ରମିକ ସଚେତନତା ଶବିର

**ଲୋଇସିଂହା,୧୮।୮(ଡି.ଏନ.ଏ):** ଲୋଇସିଂହାସ୍ଥିତ ସଂହରାପଡାଠାରେ ନିର୍ମାଣ ଶ୍ରମିକଙ୍କୁ ନେଇ ଏକ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ନିର୍ମାଣ ଶ୍ରମିକ କଂଗ୍ରେସ ସଭାପତି କୃଷ୍ଣଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ରହିଥିବା ସରକାରୀ ସୁବିଧା ଓ ଲାଭ ସମ୍ପର୍କରେ ସେ ଅବଗତ କରିଥିଲେ। ଉପସ୍ଥିତ ପ୍ରାୟ ଦେଢଶହ ଅଣପଞ୍ଜୀକୃତ ଶ୍ରମିକ କିପରି ଜିଲା ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇ ସୁବିଧା ହାସଲ କରି ପାରିବେ ସେ ଦିଗରେ ଅବଗତ କରିଥିଲେ। ଶିବିରର ଅନ୍ୟମାନଙ୍କ ମଧ୍ୟରେ ଶିବ କୁମାର ଅଗ୍ରୱାଲ, ସୁବାଷ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ୱାରେଣ୍ଟି ଗିରଫ

**ଉଲୁଣ୍ଡା, ୧୮।୮(ଡି.ଏନ.ଏ.):** ଉଲୁଣ୍ଡା ଥାନା ପୋଲିସ ୩ ପୁରୁଣା ୱାରେଣ୍ଟିଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ୨୦୦୨ ମସିହାରେ ଏକ ଡକାୟତି ମାମଲାରେ ଫେରାର ଥିବା ସିଣ୍ଡୋଲ ଗ୍ରାମର ସୌମିତ୍ରୀ ଦୀପଙ୍କୁ ବୁର୍ଲାରୁ ଗିରଫ କରାଯାଇଛି।

ଦେଓଗାଁରେ ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବି

# ପ୍ରତିଶ୍ରୁତି ପୂରଣ ହେଲାନି, ଆନ୍ଦୋଳନ ଚେତାବନୀ

**ଦେଓଗାଁ,୧୮।୮(ଡି.ଏନ,ଏ)**

ବଲାଙ୍ଗୀର ଦେଓଗାଁ ରେଳ ଷ୍ଟେଶନରେ ଗତ କିଛିଦିନ ହେଲା ଏକ୍ସପ୍ରେସ ଟ୍ରେନ ରହଣି ଦାବିକୁ ନେଇ ଆନ୍ଦୋଳନ ଜୋର ଧରିଛି। ଗତ ୨୦୦୨ରୁ ଅଞ୍ଚଳବାସୀଙ୍କ ଦାବି ଉପରେ ସମ୍ପୃକ୍ତ ବିଭାଗ ଦୃଷ୍ଟି ଦେଉ ନ ଥିବା ବେଳେ ଚଳିତ ମାସ ୩ ତାରିଖରେ ଦେଓଗାଁ, ଗୁଡଭେଲା ତଥା ଆଖପାଖ ଅଞ୍ଚଳର ଜନସାଧାରଣ ଏହି ଦାବି ପୂରଣକୁ ନେଇ ରେଳରୋକୋ କରିଥିଲେ। ଏଥିରେ ଦଳମତ ନିର୍ବିଶେଷରେ ସମସ୍ତେ ଉପସ୍ଥିତ ଥିଲେ। ଦୀର୍ଘ ୬ ଘଣ୍ଟା ଧରି ଇସ୍ପାତ ଟ୍ରେନକୁ ଅଟକ ରଖିବା ପରେ ଦେଓଗାଁ ରୋଡରେ ତପସ୍ୱିନୀ ଏକ୍ସପ୍ରେସ ୭ ଦିନ ମଧ୍ୟରେ ଅଟକିବ ବୋଲି ଡିଆରଏମ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଇସ୍ପାତ ଏକ୍ସପ୍ରେସ ରହଣି ପାଇଁ ରେଲୱେ ବୋର୍ଡକୁ ପ୍ରସ୍ତାବ ପଠାଯାଇଥିବା ସୂଚନା ଦେଇଥିଲେ। ପରେ ଡିଆରଏମ ଦେଓଗାଁରୁ ଏକ ପ୍ରତିନିଧି ଦଳକୁ ସମ୍ବଲପୁର କାର୍ଯ୍ୟାଳୟକୁ ଡାକି ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ତପସ୍ୱିନୀ ଟ୍ରେନ ଦେଓଗାଁ ରୋଡରେ ୭ ଦିନ ମଧ୍ୟରେ ଅଟକିବା ପାଇଁ ପ୍ରତିନିଧି ଦଳକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅଦ୍ୟାବଧି ଡିଆରଏମ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ପୁଣି ଏକ ବଡଧରଣର ରେଳରୋକୋ ଆନ୍ଦୋଳନ କରିବା ପାଇଁ ଅଞ୍ଚଳବାସୀ ସଜବାଜ ହେଉଥିବା ଗ୍ରାମ୍ୟ କମିଟି ସଭାପତି ଡ.ଶଶୀଭୂଷଣ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏଥିସହ ରେଲରୋକୋ ଆନ୍ଦୋଳନ ତଥା ଡିଆରଏମଙ୍କ ପ୍ରତିଶ୍ରୁତି ଦେବାର ୭ଦିନ ସ୍ଥାନରେ ଆଜକୁ ୧୪ଦିନ ବିତିଯାଇଥିଲେ ମଧ ତପସ୍ୱିନୀ ଏକ୍ସପ୍ରେସ ରହଣିର କୌଣସି ଅଗ୍ରଗତି ଉପରେ ସୂଚନା ମିଳି ପାରି ନ ଥିବାରୁ ଦେଓଗାଁ ବଣିକ ସଂଘ ତଥା ଗ୍ରାମ୍ୟ ଉନ୍ନୟନ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଏ ଦିଗରେ ରେଲୱେ ବିଭାଗ ଅବିଳମ୍ବେ ପଦକ୍ଷେପ ନ ନେଲେ ଏକ ଜନ ଆନ୍ଦୋଳନ ହେବା ସମ୍ଭାବନା ରହିଛି।

# ସାନଗୁର୍ଜିଭଟା ଅଙ୍ଗନୱାଡି କେନ୍ଦ୍ରର ପାଚେରି ନାହିଁ

**ଲାଠୋର,୧୮।୮(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଅଙ୍ଗନୱାଡି କେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଅଙ୍ଗନୱାଡି କେନ୍ଦ୍ର ଅଧିନରେ ଗର୍ଭବତୀ, ପ୍ରସୂତି ମହିଳା ଏବଂ ୬ ବର୍ଷ ପର୍ଯ୍ୟନ୍ତ ଶିଶୁ ମିଶି ୧୧୧ ହିତାଧିକାରୀ ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ନେଉଛନ୍ତି। କେନ୍ଦ୍ରର ନିଜସ୍ୱ ଗୃହ ରହିଥିଲେ ମଧ ସୁରକ୍ଷା ପାଇଁ ପାଚେରିର ବ୍ୟବସ୍ଥା ନାହିଁ। କେନ୍ଦ୍ର ନିକଟରେ ଏକ ପୋଖରି ରହିଛି। ଫଳରେ ପ୍ରି-ସ୍କୁଲ ଶିଶୁଙ୍କୁ କେନ୍ଦ୍ରକୁ ପଠାଇବାକୁ ଅଭିଭାବକମାନେ ସୁରକ୍ଷିତ ମଣୁନାହାନ୍ତି। ପାଚେରି ନିର୍ମାଣ ପାଇଁ ୨୦୧୭ ଗ୍ରାମସଭାରେ ୱାର୍ଡମେମ୍ବର ସୁଶାନ୍ତ ନାଗ ଦାବି କରିଥିଲେ। ତାଙ୍କ ଦାବିକୁ ନଜରରେ ରଖି ପଞ୍ଚାୟତ ପକ୍ଷରୁ ଆକ୍ସନ ପ୍ଲାନ ପଠାଯାଇଥିଲେ ମଧ ଆଜି ଯାଏ ସେଠାରେ ପାଚେରି ନିର୍ମାଣ ହୋଇ ପାରିଲା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ କରୁଆଁଝର ସରପଞ୍ଚ ବିଜୟଲକ୍ଷ୍ମୀ ବାଗଙ୍କୁ ପଚାରିବାରୁ କହିଛନ୍ତି ଯେ, ଆମେ ଆକ୍ସନ ପ୍ଲାନ ପଠାଇ ସାରିଛୁ। ଯଥାଶୀଘ୍ର ଫାଇଲ ଖୋଲି କାମ ଆରମ୍ଭ କରିବାର ବ୍ୟବସ୍ଥା କରିବୁ।

ରୁଗୁଡ଼ିପଡ଼ା ଦୁର୍ଗାପୂଜା କମିଟି ବୈଠକ

# ଲଳିତ ସଭାପତି, ହରି ନାରାୟଣ ସମ୍ପାଦକ

**ବଲାଙ୍ଗୀର ଅଫିସ,୧୮।୮**

ବଲାଙ୍ଗୀର ରୁଗୁଡ଼ିପଡ଼ା ଦୁର୍ଗାପୂଜା କମିଟିର ବୈଠକ ସ୍ଥାନୀୟ ମଣ୍ଡପରେ ଅନୁଷ୍ଠିତ ହୋଇଛି। ସଭାପତି ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସମ୍ପାଦକ ହରି ନାରାୟଣ ପୂଜାରୀ ଗତବର୍ଷ ପୂଜର ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ସଭାରେ ଚଳିତବର୍ଷ ପୂଜାକୁ କିଭଳି ମନୋରମ ଓ ଅଧିକ ଆକର୍ଷଣୀୟ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ନିଜ ନିଜ ମତ ରଖିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ଶ୍ରମିକ ନେତା ତଥା ସାମାଜିକ କର୍ମୀ ଲଳିତ କୁମାର ନାୟକଙ୍କୁ ନିର୍ବାଚିତ କରାଯାଇ ଥିବାବେଳେ ଉପସଭାପତି ଚେତନାନନ୍ଦ ପଣ୍ଡା, ସଞ୍ଜୀବ ଶତପଥୀ ମନୋନୀତ ହୋଇଥିଲେ। ସମ୍ପାଦକ ହରି ନାରାୟଣ ପୂଜାରୀ, ସହସମ୍ପାଦକ ଦେବବ୍ରତ ବରର୍ଗ୍ତି, ବିଜୟାନନ୍ଦ ବାଗ, କୋଷାଧ୍ୟକ୍ଷ ଦେବାଶିଷ ମହାକୁଡ, ଅଡିଟର ଭାବେ ସୁଧୀର କୁମାର ନନ୍ଦ ଓ ଚନ୍ଦ୍ରଚୂଡ ପଣ୍ଡା ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ଲକ୍ଷ୍ମୀ ମହାରଣା, ବିଷ୍ଣୁଦତ୍ତ ହୋତା, ନୟନ ମହାନ୍ତି, ସଞ୍ଜୟ ପୂଜାରୀ, ଅରୁଣ ନାୟକ, ଶିବାନନ୍ଦ ବାଗ, ହିମାଂଶୁ ଶେଖର ପାଢୀ, ମନୋରଞ୍ଜନ ଯୋଶୀ, ଶ୍ରୀକାନ୍ତ ରାଉତ, ଜୀବନ ବାଙ୍କ, ପ୍ରଦୀପ ପଟ୍ଟନାୟକ, ଶିବପ୍ରସାଦ ବେହେରା, ସନ୍ତୋଷ ପଣ୍ଡା, ଭାଗିରଥୀ ମହାକୁଡ, ରମେଶ ଚନ୍ଦ୍ର ଘିବେଲା, ପଞ୍ଚଜନ୍ୟ ପଣ୍ଡା, ତାପସ ମହାନ୍ତି ପ୍ରମୁଖ ରହିଛନ୍ତି। ଆଡଭୋକେଟ ଅଶୋକ ମହାନ୍ତିଙ୍କୁ ପୂଜା କମିଟିର ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ବୈଠକରେ ପୂଜା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଓଏସ୍ଆରଟିସି କର୍ମଚାରୀ ସଂଘର ବୈଠକ



ଓଡିଶା ରାଜ୍ୟ ସଡକ ପରିବହନ ନିଗମ କର୍ମଚାରୀ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

**ବଲାଙ୍ଗୀର ଅଫିସ, ୧୮।୮**

ଓଡିଶା ରାଜ୍ୟ ସଡକ ପରିବହନ ନିଗମ କର୍ମଚାରୀ ସଂଘ(ଓଏସ୍ଆରଟିସି) ବଲାଙ୍ଗୀର ଜୋନ୍‌ର ସାଧାରଣ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଆଡଭୋକେଟ୍ ଅମନ ନାଗ ସଭାପତି, ଭଗତ ନନ୍ଦ ଉପସଭାପତି, ମଧୁସୂଦନ ବହିଦାର ସାଧାରଣ ସମ୍ପାଦକ, ଦିଲୀପ ପୂଜାରୀ ସହସମ୍ପାଦକ, ସନ୍ତୋଷ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ, ବିକାଶ ମହାପାତ୍ର କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଏଥିରେ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ରମେଶ ଚନ୍ଦ୍ର ସିଂ, ବିପିନ ବେହେରା, ସୁବାସ କୁଅଁର, ସୁବ୍ରତ କୁମାର ମହାନ୍ତି, ସୁଧୀର କୁମାର ଦାଶ, ସତ୍ୟନାରାୟଣ ଛୁରିଆ, ରାମ ନାରାୟଣ ବ୍ରହ୍ମା, ସୁରେନ୍ଦ୍ର ମେହେର, ସୁଶାନ୍ତ କୁମାର ବହିଦାର, ଟେକପ୍ରଭା ବହିଦାର ମନୋନୀତ ହୋଇଛନ୍ତି। ଧବଳେଶ୍ୱର ପଣ୍ଡା, ଭଗବାନ ଯୋଷୀ, ନରସିଂହ ପଣ୍ଡା ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ଆଇନ ଉପଦେଷ୍ଟା ଭାବେ ପ୍ରଶାନ୍ତ କୁମାର ସେନାପତି, ବାସୁଦେବ ରଥ, ଜଗଦୀଶ ପ୍ରଧାନ, ଭବାନୀ ଶଙ୍କର ଶତପଥି ମନୋନୀତ ହୋଇଛନ୍ତି। ବୈଠକରେ ସଂଘର କାର୍ଯ୍ୟକ୍ରମ ଓ ଉନ୍ନତି ଦିଗରେ ଆଲୋଚନା କରାଯାଇଥିଲା।

### ଶିବିରରେ ୧୧୨ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ସଇଁତଲା, ୧୮।୮ (ଡି.ଏନ.ଏ.)**

ସଇଁତଲା ବ୍ଲକ ଡେଙ୍ଗ ପଞ୍ଚାୟତ ଅନ୍ତଗତ ବୁର୍ଡା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଫ୍ଏଚ୍‌ଡି ଇଣ୍ଡିଆ, ଗୁଡ୍ ନିୟୁଜ୍ ହେଲଥ୍ କେୟାର ସର୍ଭିସ ତଥା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଫ୍ଏଚ୍‌ଡି ଇଣ୍ଡିଆର ଡାଇରେକ୍ଟର ବିଲହନ୍ ସାଗର, ଡାକ୍ତର ସୁଜାତା ପରିଚ୍ଛା, ଡା. ବିଶ୍ୱଜିତ ମିଶ୍ର, ଡା. ନିହାର ରଞ୍ଜନ ପଟ୍ଟନାୟକ ଶିବିରରେ ଅତିଥିଭାବେ ଯୋଗଦେଇଥିଲେ। ଅନୁଗ୍ରହ ନନ୍ଦ ସଭା ପରିଚାଳନା କରି ଥିବା ବେଳେ ଶିକ୍ଷକ ନାରାୟଣ ଜାଲ ଧନ୍ୟବାଦ ଦେଇଥିଲେ। ତିନିଜଣ ଡାକ୍ତରଙ୍କ ଦ୍ୱାରା ୧୧୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧ଜଣଙ୍କୁ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ବୋଲି ଚିହ୍ନଟ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ରାମନାରାୟଣ ଦାସ ପରିଚାଳନା କରିଥିଲେ। ପୁରୁଷୋତ୍ତମ ସାହୁ, ଅପରାଜିତା ମିଶ୍ର, ସୁବତୀ ଭୋଇ, ସଂଜୀବ କୁମାର ଦାଶ, ଗୁରୁବାରୀ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**SHRIRAM FINANCE L.T.D**
Kharbel Nagar Branch Office building, opposite Shriya Cinema Hall, Kharbel Nagar, Bhubaneswar (Odisha), Unit-3, Pin Code: 751001
CONTACT:
7328873676
8658687929
Gmail: finance0102018@gmail.com

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

ଖର୍ଚ୍ଚ ଋଣରୁ କଟିବ
**ଜନଧନ୍ ଫାଇନାନ୍ସ**
(Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ
୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**BUSINESS**
ସରକାରୀ ଅନୁମୋଦିତ ନଂ.1 କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଘର ଛାତ, ପ୍ଲଟ୍‌ରେ ସମଗ୍ର ଭାରତର ଯେକୌଣସି ସ୍ଥାନରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ଅଗ୍ରିମ ଆକାରରେ 60 ଲକ୍ଷ, 50,000 ଭଡ଼ା + ମାସିକ 35,000ର ଅନ୍ୟାନ୍ୟ ସୁବିଧାସୁଯୋଗ ପାଆନ୍ତୁ।
Helpline Numbers
7497033685
7497800247

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-।। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

| TARIFF | MORE SPACE • SAME PRICE | | | | | | | *GST 5% Extra |
|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | |
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
**DEGREE/DIPLOMA**
TRYTOON ACADEMY
Affiliated Utkal University of Culture,Odisha
FASHION DESIGN
INTERIOR DESIGN
ANIMATION VFX
HOTEL MANAGEMENT
Palasuni Hat,Rasulgarh,BBSR
9437000960,8908942638
9437799550,06742370713
Last Seats Admission
Get Huge Discount

ADMISSION OPEN 2018-20
**B.Ed.**
Acharya Nagarjuna University
ANUSKA B.Ed ACADEMY
ODISHA'S NO-1 B.Ed. ACADEMY
97% 1ST DIVISION
Rasulgarh, Bhubaneswar
8260277745 / 8260277746
Cuttack: 6370442804
Bhawanipatna: 7982328673
Jajpur/Kendrapara: 9692222120
www.anuskagroup.com

ADMISSION OPEN FOR 2018-20
**B.Ed**
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 1% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**SMS Marketing**
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
8114353091

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146

GET INSTANT CASH AGAINST GOLD
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ। ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି।
କଲ୍ କରନ୍ତୁ SAMIR MONAL
07363008993
07363008928

**ଫାଇନାନ୍ସ**
ଧନଜନ ଯୋଜନା
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପଦଯାତ୍ରା ପାଇଁ ସ୍ୱାଗତ କମିଟି ଗଠିତ

**ବଙ୍ଗୋମୁଣ୍ଡା,୧୮।୮ (ଡି.ଏନ୍.ଏ.):** ଶିକ୍ଷା ଅଧିକାର ସଂଘର୍ଷ ସମିତି ପକ୍ଷରୁ ଆସନ୍ତା ଅକ୍ଟୋବର ୨ଗାନ୍ଧୀ ଜୟନ୍ତୀଠାରୁ ନୂଆପଡା ଜିଲା ସିନାପାଲି ବ୍ଲକଠାରୁ ଭୁବନେଶ୍ୱରକୁ ପଦଯାତ୍ରା ଯିବ। ସେଂାରେ ବିଭିନ୍ନ ଦାବି ନେଇ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯିବ । ସରକାରୀ କର୍ମଚାରୀ ଏବଂ ଜନପ୍ରତିନିଧିଙ୍କ ୬ରୁ ୧୪ ବର୍ଷର ଶିଶୁ ଙ୍କୁ ସରକାରୀ ବିଦ୍ୟାଳୟରେ ବାଧତାମୂଳକ ଭାବେ ପଢାଇବା ଏବଂ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟସ୍ଥଳରେ ବାସଗୃହ ଯୋଗାଇ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିବ। ପଦଯାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ବଙ୍ଗୋମୁଣ୍ଡାରେ ଏକ ସ୍ୱାଗତ କମିଟି ଗଠନ କରାଯାଇଛି। ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାଗତ କମିଟି ସଭାପତି ସରପଞ୍ଚ ସୁଶାନ୍ତ କୁମାର ଯୋଷୀ, ସମ୍ପାଦକ ଡ. ନାରାୟଣ ମିଶ୍ର, ଆନନ୍ଦ କୁମାର ଅଗ୍ରୱାଲ, ପବନ କୁମାର ଜୈନ, ମାମରାଜ ଜୈନ, ଅନିଲ କୁମାର ଜୈନ, ଉଜ୍ୱଳ ସିଂ ଭୋଇ, ସୁଧା ଦାସ, ଜଗଦୀଶ ସିଂ ଭୋଇ, ଡିଙ୍ଗର ଭୋଇ, ସୁରେଶ ଭୋଇ, ହୁଲେଶ୍ୱର ହଂସ ପ୍ରମୁଖ ସଦସ୍ୟ ରହିଛନ୍ତି ।



### ଗଞ୍ଜେଇ ଜବତ, ଯୁବକ ଗିରଫ

**ଗୁଡଭେଲା,୧୮।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଓ ବଲାଙ୍ଗୀର ଅବକାରୀ ବିଭାଗର ମୋବାଇଲ ଟିମ ଶନିବାର ଏକ ବାଇକରେ ଚାଲାଣ ହେଉଥିବାବେଳେ ୨କେଜି ୭୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏହାକୁ ଚାଲାଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଉକ୍ତ ଯୁବକ ଜଣକ ହେଲେ ବୌଦ୍ଧ ଜିଲା କଣ୍ଟାମାଲ ଥାନା ଅନ୍ତର୍ଗତ ଗୋଛାଗେରା ଗ୍ରାମର ସୁରେନ୍ଦ୍ର ମହାରଣା(୩୦)। ତୁଷୁରା ସହର ଦେଇ ସେ ବାଇକ ନମ୍ବର ଓଡି୩୧ଡି ୫୯୨୬ରେ ଯାଉଥିବା ବେଳେ ଗଞ୍ଜେଇ ଥିବା ସନ୍ଦେହ କରି ଅବକାରୀ ପାଟ୍ରୋଲିଂ ଅଧିକାରୀମାନେ ତାଙ୍କୁ ଅଟକାଇ ଥିଲେ। ଗାଡି ନ ଅଟକାଇ ସେ ଦ୍ରୁତଗତିରେ ପଳାଇବାକୁ ଚେଷ୍ଟା କରିଥିବା ବେଳେ ଅବକାରୀ ବିଭାଗ କର୍ମଚାରୀମାନେ ଧାନଘରାଠାରେ ତାଙ୍କୁ ଗାଡି ସହ ଧରିଥିଲେ। ମାଜିଷ୍ଟ୍ରେଟ ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କରାଯାଇଥିଲା। ଏ ନେଇ ଏକ ମାମଲା(ନଂ୩୭/୧୮-୧୯)ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ବଲାଙ୍ଗୀର କୋର୍ଟରେ ହାଜର କରାଯାଇଥିବା ତୁଷୁରା ଅବକାରୀ ବିଭାଗ ଅଧିକାରିଣୀ ଅନ୍ନପୂର୍ଣା ରଥ ପ୍ରକାଶ କରିଛନ୍ତି। ପାଟ୍ରୋଲିଂ ଦଳରେ ଏସଆଇ ଶଶୀକାନ୍ତ ଦତ୍ତ, ଏଏସଆଇ ଜୟନାରାୟଣ ଯୋଶୀ, ରାମଚନ୍ଦ୍ର ପଟ୍ଟନାୟକ, ମଳୟ ପ୍ରଧାନ, ଜିତେନ୍ଦ୍ର ମଲ୍ଲୀକ, ରାମାଶୁ ଷଡ଼ଙ୍ଗୀ ସାମିଲ ଥିଲେ ।

# ଫସଲ ବୀମା ରାଶି ମିଳୁନି

**ଟିଟିଲାଗଡ଼,୧୮।୮ (ଡି.ଏନ.ଏ.)**

**ଟିଟିଲାଗଡ ଉପଖଣ୍ଡ**

- ଚାଷୀଙ୍କ ସହ ଆଲୋଚନା କଲା ପ୍ରଶାସନ
- ବାହାରି ପାରିଲାନି କୌଣସି ନିଷ୍କର୍ଷ
- ୨୪ରେ ପୁଣି ଥରେ ବସିବ ବୈଠକ



ଟିଟିଲାଗଡ ବାଳକ ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀ ଓ ଚାଷୀ ।

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡ ଅଞ୍ଚଳର ଚାଷୀ ଗତ ୨୦୧୬-୧୭ ଏବଂ ୨୦୧୭-୧୮ ଖରିଫରେ ମରୁଡି ଜନିତ ଫସଲହାନୀ ନେଇ ବୀମା ସହାୟତାରୁ ବଞ୍ଚିତ ରହିଛନ୍ତି। ଉପଜିଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ସ୍ଥାନୀୟ ବାଳକ ହାଇସ୍କୁଲ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ସହ ଚାଷୀଙ୍କ ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଆସନ୍ତା ୨୪ତାରିଖରେ ପୁଣି ଥରେ ବୈଠକ ବସିବ ବୋଲି ଚାଷୀଙ୍କୁ ଆଶ୍ୱାସନ ଦିଆଯାଇଛି।

ବୀମା ସହାୟତା ନେଇ ଟିଟିଲାଗଡ ବ୍ଲକର ଚାଷୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆମରଣ ଅନଶନ ଆନ୍ଦୋଳନ ଜାରି ରଖିଥିଲେ। ବର୍ଷାଭାବ ଯୋଗୁଁ ୨୦୧୬ ଖରିଫରେ ମରୁଡି ନେଇ ମଧ୍ୟ ବୀମା ରାଶି ଅଦ୍ୟାବଧି ମିଳି ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ୨୦୧୭ରେ ଖରିଫ ଫସଲ ହାନୀ ନେଇ ବ୍ଲକ ଅନ୍ତର୍ଗତ ପ୍ରାୟ ୧୨ଟି ପଞ୍ଚାୟତର ଚାଷୀଙ୍କୁ ନାମ ମାତ୍ର ବୀମା ରାଶି ଘୋଷଣା କରାଗଲା। ଏପରିକି ୧୮୦୦ ଟଙ୍କା ବୀମା ପ୍ରିମିୟମ ଭରଣା କରିଥିବା ଚାଷୀ ୪୦୦ ଟଙ୍କାର ବୀମା ସହାୟତା ପାଇବା ଯୋଗ୍ୟ ବିବେଚିତ ହୋଇଥିବା ଅଭିଯୋଗରୁ ଜଣାଯାଇଛି। ପ୍ରଶାସନ ପକ୍ଷରୁ ଚଳିତ ମାସ ୭ ତାରିଖ ଏଭଳି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କୃଷି ତଥା ରାଜସ୍ୱ ବିଭାଗ ଅଧିକାରୀ କ୍ଷୟକ୍ଷତି ରିପୋର୍ଟ ଦେଖାଇ ପାରି ନ ଥିଲେ। ତେବେ ଆଜି ଚାଷୀଙ୍କ ଆଗରେ କ୍ରପକଟିଙ୍ଗ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏଥିରେ ଅତ୍ୟନ୍ତ କମ ପରିମାଣର ଧାନ ଅମଳ ଉଲ୍ଲେଖ ରହିଥିବା ବେଳେ ବୀମା କମ୍ପାନୀ କିଭଳି ଚଞ୍ଚକତା କଲେ ତାହା ଚାଷୀ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ସଇଁନ୍ତଲା ବ୍ଲକ ଚାଷୀ ଜାତୀୟ ରାଜପଥ ଅବରୋଧ କରି ନିଜ ପ୍ରତିବାଦ ଜଣାଇଥିବା ବେଳେ ପ୍ରଶାସନ ପକ୍ଷରୁ ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ବ୍ଲକର ୭ ଗ୍ରାମ ପଞ୍ଚାୟତର ଚାଷୀ ଫସଲ କ୍ଷୟକ୍ଷତି ନେଇ ଅତ୍ୟନ୍ତ ନଗଣ୍ୟ ବୀମା ସହାୟତା ପାଇବାକୁ ଥିବା ଘୋଷଣାକୁ ଚାଷୀମାନେ ବିରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ଟିଟିଲାଗଡ ଉପଜିଲାପାଳଙ୍କ ସମ୍ମୁଖରେ ଶନିବାରର ବୈଠକରେ ସଇଁନ୍ତଲା ତହସିଲ ଏବଂ କୃଷି ଅଧିକାରୀ କ୍ଷୟକ୍ଷତି ରିପୋର୍ଟ ପ୍ରଦର୍ଶନ କରିପାରି ନ ଥିବା ଚାଷୀ ମହଲରେ ଗଭୀର ଅସନ୍ତୋଷ ପରିଲକ୍ଷିତ ହୋଇଥିଲା। ବୈଠକରେ ପ୍ରଶାସନ ପକ୍ଷରୁ ଟିଟିଲାଗଡ ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ଅତିରିକ୍ତ ତହସିଲଦାର ନରେନ୍ଦ୍ର ପ୍ରଧାନ, ଉପଖଣ୍ଡ ସୁଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲା ଷ୍ଟାଟିଷ୍ଟିକ ସହାକରୀ ନିର୍ଦ୍ଦେଶକ ଅନୁପ ପଣ୍ଡା, ସହକାରୀ ଜିଲାପାଳ ଦେବାଶିଷ ସାମଲ, ସଇଁନ୍ତଲା ତହସିଲଦାର ସ୍ୱଦୀପ ଟପ୍ପୋ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝୀ, ମୁରିବାହାଲ ତହସିଲଦାର ଜୟେନ୍ଦ୍ର ସେଠୀ, କୃଷି ଜିଲା ଅଧିକାରୀ ବାଲକୃଷ୍ଣ ଗୌଡ, ଡିଆରସିଏସ ବଙ୍କିମ ଚନ୍ଦ୍ର ମୁଣ୍ଡ ଓ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକର ସହକାରୀ କୃଷି ଅଧିକାରୀ, କୃଷି ବିଭାଗ ଗ୍ରାମସେବକ, ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ। ଚାଷୀ ନେତା ରାଜୁ ନାଏକ, ବାଲକୃଷ୍ଣ ଷାଣ୍ଢ, ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ନଗର କଂଗ୍ରେସ ସଭାପତି ପ୍ରଭାସ ବହିଦାର, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ବୀରେନ୍ଦ୍ର ବାଗ, ଘିନୁ ଆଡୟୁଆଡ, ଝସକେତନ ଛତର, ପିତାମ୍ବର ବେହେରା, ଶିବ ବିଶି, ଅଭୟ ସାହୁ, ସୁରେଶ ଭୋଇ, ଆଇନଜୀବୀ କାର୍ତ୍ତିକେଶ୍ୱର ଛତର, ସରପଞ୍ଚ କପିଳ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ତୁରନ୍ତ ଚାଷୀ ସମସ୍ୟାର ସମାଧାନ ନେଇ ଉପଯୁକ୍ତ ବୀମା ରାଶି ପ୍ରଦାନ କରିବାକୁ ଚାଷୀ ମହଲରେ ଦାବି ହୋଇଛି।

### ଲୁହାସିଂହା ଅଞ୍ଚଳରେ ଫାଣ୍ଡି ଖୋଲିବାକୁ ଦାବି

**ଖପ୍ରାଖୋଲ ୧୮।୮(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଅଞ୍ଚଳରେ ପୋଲିସ ଫାଣ୍ଡି ଖୋଲିବାକୁ ଦାବି ହେଉଛି। ଲୁହାସିଂହା, ଦମେଇପାଲି, ବାଘମୁଣ୍ଡ, ଚଂଗରିଆ ପ୍ରଭୃତି ପଞ୍ଚାୟତର ସମସ୍ତ ଗାଁ ନବଗଠିତ ଲରମ୍ବା ଥାନା ଅଧିନରେ ରହିଛି। ପୂର୍ବରୁ ପାଟଣାଗଡ ଥାନା ଅଧିନରେ ଗାଁଗୁଡିକ ଥିବା ବେଳେ ଲରମ୍ବାରେ ଫାଣ୍ଡି ରହିଥିଲା। ହେଲେ ଲରମ୍ବା ଫାଣ୍ଡି ଉନ୍ନୀତ ହୋଇ ଥାନାରେ ପରିଣତ ହେଲା ପରେ ଦମେଇପାଲି ପଞ୍ଚାୟତର କେତେକ ଗାଁ ପୂର୍ବରୁ ଖପ୍ରାଖୋଲ ଥାନାରେ ଥିଲେ ବି ତାହା ଲରମ୍ବା ଥାନାରେ ମିଶିଛି। ଦମେଇପାଲି ଶେଷ ସୀମାରୁ ଲରମ୍ବା ଥାନାର ଦୂରତା ୩୫ରୁ ୪୦ କି.ମି. ହେଉଥିବା ବେଳେ ଲୁହାସିଂହା ଅଞ୍ଚଳରୁ ବି ଅନେକ ଦୂର ପଡୁଛି। ଏପରି କି ପୋଲିସ ଠିକ୍ ସମୟରେ ଏହି ଗାଁମାନଙ୍କରେ ପହଞ୍ଚି ପାରୁ ନ ଥିବାରୁ ଚୋରି, ଡକାୟତି, ସହିତ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏପରିକି ଥାନା ଅନେକ ଦୂର ହେଉଥିବାରୁ ଗରିବ ଅସହାୟ, ପୀଡିତ ନିଜ ଦୁଃଖ ଜଣାଇବାକୁ ଥାନାକୁ ଯାଇପାରୁ ନାହାନ୍ତି। ଅନେକ ଛୋଟବଡ ଘଟଣା ଘଟୁଥିଲେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଠିକ୍ ହେଉ ନ ଥିବା ଅଭିଯୋଗ ହେଉଛି। ସମସ୍ୟା ସମାଧାନ ପାଇଁ ଲୁହାସିଂହା ଅଞ୍ଚଳରେ ଏକ ଫାଣ୍ଡି ଖୋଲିବାକୁ ସରପଞ୍ଚ ରଞ୍ଜିତା ସୁନା ଦାବି କରିଛନ୍ତି।

## ୨୦ରେ ବେଲଗ୍ରେଡଠାରେ ଅନ୍ତର୍ଜାତୀୟ ସମବାୟ କର୍ମଶାଳା

**ବଲାଙ୍ଗୀର ଅଫିସ,୧୮।୮**



ଲକ୍ଷ୍ମଣ କୁମାର ମେହେର

ଆସନ୍ତା ୨୦ ତାରିଖରୁ ୫ଦିନ ଧରି ସର୍ବିଆର ବେଲଗ୍ରେଡଠାରେ ଆନ୍ତର୍ଜାତୀୟ ସମବାୟ କର୍ମଶାଳା ଅନୁଷ୍ଠିତ ହେବ । କର୍ମଶାଳାରେ ବିଭିନ୍ନ ରାଷ୍ଟ୍ରର ୭୦୦ ପ୍ରତିନିଧି ଯୋଗଦେବେ। ଏହି ଆର୍ନ୍ତଜାତୀୟ କର୍ମଶାଳାରେ ଭାରତରୁ ୪୬ ଜଣିଆ ପ୍ରତିନିଧି ଦଳ ଯୋଗଦେବେ। ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଏହି ୪୬ ଜଣ ପ୍ରତିନିଧିଙ୍କୁ ମନୋନୀତ କରି ପଠାଇଛନ୍ତି । ଏହି ପ୍ରତିନିଧି ଦଳରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେବେ । ଏଥିପାଇ ସେ ବେଲଗ୍ରେଡ ଗସ୍ତ କରିଛନ୍ତି । ଉକ୍ତ କର୍ମଶାଳାର ଦ୍ୱିତୀୟ ଦିନରେ ହେବାକୁ ଥିବା ସମବାୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ରରେ ସେ ଅଭିଭାଷଣ ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି । ସମବାୟ କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ଅନୁଭୂତି ଓ କେବିକେ ଅଞ୍ଚଳରେ ସମବାୟ ବ୍ୟାଙ୍କର ଭୂମିକା ଉପରେ ସେ ତଥ୍ୟାତ୍ମକ ଆଲୋଚନା ଉପସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି। ଏହି କର୍ମଶାଳାରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି ମଧ୍ୟ ଅଭିଭାଷଣ ରଖିବେ। ଏହି ପ୍ରତିନିଧି ଦଳରେ ମେହେରଙ୍କ ସହ ଓଡିଶାର ୫ଜଣ ସଦସ୍ୟ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ମହାନ୍ତି, କଟକ, କଳାହାଣ୍ଡି ଓ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିମାନେ ମଧ୍ୟ ଭାଗ ନେଉଥିବା ଜଣାପଡିଛି। ଶନିବାର ଏହି ଟିମ ଭୁବନେଶ୍ୱର ବିମାନ ବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାଇଛନ୍ତି। ରବିବାର ସେମାନେ ଋଷର ମସ୍କୋ ଦେଇ ବେଲଗ୍ରେଡଠାରେ ପହଞ୍ଚିବେ ବୋଲି ମେହେର ସୂଚନା ଦେଇଛନ୍ତି।

### ରୋଟାରୀ, ଇନରହ୍ୱିଲ କ୍ଲବର ଅଧିଷ୍ଠାନ ଉତ୍ସବ

**ବଲାଙ୍ଗୀର ଅଫିସ,୧୮।୮**

ସ୍ଥାନୀୟ ତେରାପନ୍ଥ ଭବନଠାରେ ବଲାଙ୍ଗୀର ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ କ୍ଲବ ସଭାପତି ସୁଶୀଲ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଓ ପୂର୍ବତନ ରୋଟାରୀ ଗଭର୍ନର ୩୨୬୨ର ରବି ନାରାୟଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ରୋଟାରୀ କ୍ଲବର ନୂତନ ସଭାପତି ଭାବେ ଡା. ଆକାଶ ଜୈନ ବିଦାୟୀ ସଭାପତି ଅଗ୍ରୱାଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ସେହିପରି ସମୀର ଅଗ୍ରୱାଲ ନୂଆ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ। ଇନରହ୍ୱିଲ କ୍ଲବ ସଭାପତି ଭାବେ ଖୁସି ଜୈନ ବିଦାୟୀ ସଭାପତି ସୁନୀତା ବନ୍‌ସଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱଟି ଅଗ୍ରୱାଲ ସମ୍ପାଦିକା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ବରିଷ୍ଠ ରୋଟାରିଆନ୍ ବିଷ୍ଣୁ ପ୍ରସାଦ କେଡିଆ ଅତିଥି ପରିଚୟ ସହ ସଭା ସଂଯୋଜନା କରିଥିଲେ। ନୂତନ ସଦସ୍ୟ ଭାବେ ଡ. ଦୀନେଶ ଅଗ୍ରୱାଲଙ୍କୁ ମୁଖ୍ୟବକ୍ତା ନନ୍ଦ ରୋଟାରୀ ପିନ୍ ପ୍ରଦାନ କରିଥିଲେ। ଶୀତଳ ଅଗ୍ରୱାଲ ଓ ରେଣୁ ବନସଲ ଇନରହ୍ୱିଲ କ୍ଲବର ସଦସ୍ୟତା ଗ୍ରହଣ କରିଥିଲେ । ରାୟପୁର ରୋଟାରୀ କ୍ଲବର ସଭ୍ୟ ତଥା ସମାଜସେବୀ ମନୋଜ ଅଗ୍ରୱାଲଙ୍କୁ ମୁଖ୍ୟଅତିଥି ଜିଲାପାଳ ଡାକୁଆ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବଲାଙ୍ଗୀର ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।




ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ରାଲି ସହର ପରିକ୍ରମା କରୁଛି ।

## ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ରାଲି

**ବଲାଙ୍ଗୀର ଅଫିସ, ୧୮।୮**

ବଲାଙ୍ଗୀର ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ ରାଲି କରାଯାଇଥିଲା । ଗତ ୯ ତାରିଖ ଦିନ ଦିଲ୍ଲୀର ଯନ୍ତରମନ୍ତର ଠାରେ କେତେକ ସମ୍ବିଧାନ ବିରୋଧୀ ଓ ଆରକ୍ଷଣ ବିରୋଧୀ ସଂଗଠନର ବ୍ୟକ୍ତିବିଶେଷ ଭାରତୀୟ ସମ୍ବିଧାନକୁ ଜଳାଇ ଦେବା ପ୍ରତିବାଦରେ ମଞ୍ଚ ତରଫରୁ ଏହି ପ୍ରତିବାଦ ରାଲି କରାଯାଇଥିଲା । ମଞ୍ଚ ଆବାହକ ଦିନେଶ ନାଗଙ୍କ ନେତୃତ୍ୱରେ କୋଶଲ କଳାମଣ୍ଡଳ ପଡିଆରୁ ଏକ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ପ୍ରଥମେ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ସମ୍ବିଧାନର ଗରିମା ଓ ଅଖଣ୍ଡତା ପ୍ରତି ଦେଖାଯାଇଥିବା ବିପଦ ଉପରେ ବକ୍ତାମାନେ ମତ ରଖିଥିଲେ । ଯେଉଁମାନେ ଭାରତୀୟ ସମ୍ବିଧାନକୁ ଜଳାଇଛନ୍ତି ତାଙ୍କ ବିରୋଧରେ ରାଜଦ୍ରୋହ ଅପରାଧରେ ଦଣ୍ଡିତ କରିବା ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଉଚ୍ଚତମ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଞ୍ଚ ତରଫରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ତା' ସହିତ ଜିଲାପାଳଙ୍କ ମାଧ୍ୟମରେ ସଂସଦ ମାର୍ଗ ପୋଲିସ ଥାନା ଦିଲ୍ଲୀଙ୍କୁ ଏକ ଏଫ୍ଆଇଆର ମଧ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମଞ୍ଚର ନଟରାଜ ନାଗ, ପ୍ରକାଶ ଚନ୍ଦ୍ର ଦୀପ, ଅଭୟବୀର, ସୁଧାଂଶୁ, ଦ୍ରୋଣ କୁମ୍ଭାର, ରାଜୁ କୁମ୍ଭାର, ବିଜୟ ବାରିକ, ସୁଜିତ କୁମାର ଦୀପ, ପରଦେଶି ବିଶ୍ୱାଳ, ସତ୍ୟ ଭୋଇ, ମାହୁ ନାଗ, ରଣ ନାଗ, ସତ୍ୟା ସୁନା, ବିଶ୍ୱାମିତ୍ର କୁମ୍ଭାର, ନିଳାଞ୍ଚଳ ନନ୍ଦ, ସୁରେନ୍ଦ୍ର ଗରୁଡ, ମାଳତୀ ମହାନନ୍ଦ, ସ୍ୱର୍ଣ୍ଣପ୍ରଭା ବାରିକ ମତ ରଖିଥିଲେ ।




ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ କରାଯାଉଛି।

## ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ

**ଗୁଡଭେଲା,୧୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ବୀରାମୁଣ୍ଡା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଓ ଗ୍ରାମ ପଞ୍ଚାୟତ ପରିସରରେ ଶନିବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଭାପତି ସତ୍ୟପ୍ରିୟ କର୍ମଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହେଇଥିଲା। ଗୁଡଭେଲା ବିଡିଓ ବିଜ୍ଞାନ କୁମ୍ଭାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବୀରାମୁଣ୍ଡା ସରପଞ୍ଚ ଭାଗ୍ୟଶ୍ରୀ ଭୋଇ, ସମିତି ସଭ୍ୟ ବିଶ୍ୱନାଥ ଭୋଇ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ପାଦକ ଅନ୍ତର୍ଯ୍ୟାମୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାନନ ରଣା, ସୁଶାନ୍ତ ନାଏକ, ଶଙ୍କର ସାହୁ, ବିଘ୍ନରାଜ ନାଏକ, ବିଶ୍ୱନାଥ ଭୋଇ, ସତ୍ୟପ୍ରିୟ ପୁଟା, ମହନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

■ ରାମଲୀଳା ଉତ୍ସବ ଉଦ୍‌ଯାପିତ

## ସାମାଜିକ ବାର୍ତ୍ତା ଦିଏ ଲୀଳା ନାଟକ

**ବଲାଙ୍ଗୀର ଅଫିସ, ୧୮।୮**

- ମନ ମୋହିଲା ନାଟକ ସୀତା ଚୋରି, ଶ୍ରବଣ କୁମାର
- ଆୟୋଜନ କରିଥିଲା ଦୁଲଦୁଲି କଳା ପରିଷଦ



ଉଦ୍‌ଯାପନୀ ଉତ୍ସବରେ ଲୀଳା ନାଟକ ଶ୍ରବଣକୁମାରର ଏକ ଦୃଶ୍ୟ ।

ବଲାଙ୍ଗୀରର ଦୁଲଦୁଲି କଳା ପରିଷଦ ତରଫରୁ ଆୟୋଜିତ ଏବଂ ସଙ୍ଗୀତ ନାଟକ ଏକାଡେମୀ ଓ ସଂସ୍କୃତି ବିଭାଗ, ନୂଆଦିଲ୍ଲୀର ସହଯୋଗିତା ତଥା ନାଟ୍ୟଗ୍ରାମର ମିଳିତ ସହାୟତାରେ ଦୁଇଦିନ ଧରି ଅନୁଷ୍ଠିତ ରାମଲୀଳା ଉତ୍ସବ-୨୦୧୮ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ବଲାଙ୍ଗୀର ସଦର ବ୍ଲକ ବରକାନୀ ପଞ୍ଚାୟତ ଅନ୍ତର୍ଗତ ବରପଦର ଗାଁରେ ଅନୁଷ୍ଠିତ ଏହି ଉତ୍ସବକୁ ସହସ୍ରାଧିକ ଦର୍ଶକ ମନଭରି ଉପଭୋଗ କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ନାଟ୍ୟ ଅଭିନେତା, ନିର୍ଦ୍ଦେଶକ ତଥା ରାମଲୀଳା ଗବେଷକ ଡ.ସୁଧାଂଶୁ ଶେଖର ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଫେସର ପ୍ରଭାସ ପାଣିଗ୍ରାହୀ, କଳାକାର ଡ.ଶଶୀଭୂଷଣ ସାହୁ, ବରକାନୀ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ହୋତା, ନାଟ୍ୟଗ୍ରାମର ଟ୍ରଷ୍ଟି ସୌମେନ୍ଦ୍ର ପଟ୍ଟନାୟକ ମଞ୍ଚାସୀନ ଥିଲେ । ଅତିଥି ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ କଳାକାର ବାସୁଦେବ ସା ସମ୍ମାନିତ କରିଥିଲେ । ସାମାଜିକ ବାର୍ତ୍ତା ଦେବାରେ ଲୀଳା ନାଟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି । ଶହଶହ ବର୍ଷ ଧରି ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୀଳାନାଟକ ଆମର ସାମାଜିକ, ସାଂସ୍କୃତିକ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି । ସାମାଜିକ ନୈତିକତା, ଜୀବନର ଅସଲ ମୂଲ୍ୟବୋଧ ସହ ସହାବସ୍ଥାନ ସୃଷ୍ଟିରେ ଲୀଳାନାଟକ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛି ବୋଲି ବକ୍ତାମାନେ ମତ ଉପସ୍ଥାପନ କରିଥିଲେ। ସରଳ ମଣିଷର ଭାବାବେଗକୁ ଲୀଳା ନାଟକ ବହୁ ଭାବରେ ଆନ୍ଦୋଳିତ କରି ଆସିଛି । ଏହି ଧାରାରେ ରାମଲୀଳ ଆମ ସାଂସ୍କୃତିକ ଐତିହ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଯାଇଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଉଦ୍‌ଯାପନୀ ସଭା ପରେ ମାଙ୍କଡଚୁଆଁ ଗ୍ରାମର ନାଟକ ସୀତା ଚୋରି, ତଣ୍ଡାମୁଣ୍ଡା ଗ୍ରାମର ନାଟକ ସୀତା ଚୋରି ଓ ବରପଦର ଗ୍ରାମର ନାଟକ ଶ୍ରବଣ କୁମାର ପରିବେଷଣ କରାଯାଇଥିଲା । ୩ଟି ଲୀଳା ନାଟକକୁ ସହସ୍ରାଧିକ ଦର୍ଶକ ମନଭରି ଉପଭୋଗ କରିଥିଲେ। ଉଦ୍‌ଯାପନୀ ସଭାରେ ଆୟୋଜକ ରାଜୀବ ଲୋଚନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୌମେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ସଂକ୍ଷେପରେ



### କିଞ୍ଜିରିକେଲା ଫୁଟବଲ କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୁନ୍ଦରଗଡ଼,୧୮।୮(ଡି.ଏନ୍.ଏ)-** କିଞ୍ଜିରିକେଲା ଏନ୍.ଜି କ୍ଲବ ଆନୁକୂଲ୍ୟରେ କିଞ୍ଜିରିକେଲା ଫୁଟବଲ କପ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ବିଜେଡି ସମ୍ପାଦକ ସୁଦାମ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଉଧପଡ଼ା ଏବଂ ଗୋସାଇଁପଡ଼ା ମଧରେ ମ୍ୟାଚ ଖେଳାଯାଇଥିଲା। ସଞ୍ଜୟ ନାଏକ, ସୁରଥ ଦଣ୍ଡସେନା, ବିକାଶ ନାଏକ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ୨୨ତାରିଖ ପର୍ଯ୍ୟନ୍ତ ଚାଲିବ।

# ହାଇୱା ଧକ୍କାରେ ଛାତ୍ରୀଙ୍କ ମୃତ୍ୟୁ

**ଲହୁଣୀପଡ଼ା,୧୮।୮ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ କଲେଇପୋଷ-ବାହାଡାପଷି ୧୦ନମ୍ବର ରାଜ୍ୟ ରାଜପଥ ସିହିଡିହା ଗ୍ରାମ ବିଏସ୍ଏନ୍ଏଲ୍ ଛକ ନିକଟରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଏକ ହାଇୱା ଧକ୍କାରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଶ୍ମି ଗିରି(୧୪)। ଅନ୍ୟପକ୍ଷେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା।

- **କ୍ଷତିପୂରଣ ଦାବିରେ ରାସ୍ତାରୋକୋ, ଉତ୍ତେଜନା**
- **ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ**

ମିଳିଥିବା ସୂଚନା ମୁତାବକ, ଧୋକାମୁଣ୍ଡା ଗ୍ରାମର ରଶ୍ମି ଗିରି ଖୁଣ୍ଟିଗାଁ ପିବିଡିଏ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢନ୍ତି। ଶନିବାର ସକାଳେ ସେ ଏକ ଅଟୋ ଯୋଗେ ସିହିଡିହା ବିଦ୍ୟାଳୟରେ ପଢୁଥିବା ତାଙ୍କ ଭାଇଙ୍କୁ ଦେଖା କରିବାକୁ ଯାଉଥିଲେ। ସେ ସିହିଡିହା ଗ୍ରାମ ବିଏସ୍ଏନ୍ଏଲ୍ ଛକ ନିକଟରେ ଅଟୋରୁ ଓହ୍ଲାଇ ରାସ୍ତା ପାରି ହେଉଥିବା ବେଳେ ବାହାଡାପଷି ଆଡୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା(ନଂ. ଓଡି-୧୪ ଏନ୍-୪୨୧୧) ଭାରସାମ୍ୟ ହରାଇ ରଶ୍ମିଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ରଶ୍ମିଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରି ରାସ୍ତା ଅବରୋଧ କରିଥିଲେ। ଏପରିକି ଛକରେ ସ୍ପିଡବ୍ରେକର ଲଗାଇବାକୁ ସ୍ଥାନୀୟ ଲୋକ ଦାବି କରିଥିଲେ। ଖବର ପାଇ ମହୁଲପଦା ଥାନା ଅଧିକାରୀ ଜୟନ୍ତ କୁମାର ବେହେରା ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ବଣେଇ ଏସ୍‌ଡିପିଓ ଅବକାଶ ରାଉତରାୟ, ମାଜିଷ୍ଟ୍ରେଟ ଭାବେ ବଣେଇ ସହକାରୀ ଜିଲାପାଳ ରବୀନ୍ଦ୍ର କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ପରିବାର ଲୋକଙ୍କୁ ବୁଝାଶୁଝା କରି କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।



ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ସମୃଦ୍ଧି ପକ୍ଷରୁ ଶିଶୁଙ୍କୁ ପାଠ୍ୟ ଉପକରଣ ପ୍ରଦାନ

**ରାଉରକେଲା ଅଫିସ, ୧୮।୮**

ରାଉରକେଲାର ଅନ୍ୟତମ 'ସମୃଦ୍ଧି' ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ବସ୍ତି ଅଞ୍ଚଳର ଶିଶୁଙ୍କ ମୁହଁରେ ହସ ଫୁଟାଇବା ପାଇଁ ଅଭିନବ ପ୍ରୟାସ କରିଛନ୍ତି। ସେମାନଙ୍କ ସହ ସ୍ୱାଧୀନତା ଦିବସ ପାଳନ ସହ ପାଠ୍ୟ ଉପକରଣ ବଣ୍ଟନ କରିଛନ୍ତି। ରାଉରକେଲା ମହାନଗର ନିଗମ ସିଭିଲ ଟାଉନସ୍ଥିତ ୱାର୍ଡ ନଂ. ୪ସ୍ଥିତ ଅଙ୍ଗନୱାଡି ସେଣ୍ଟରଠାରେ ସମୃଦ୍ଧି ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ କାର୍ଲା ବରୁଆ ଅତିଥି ଭାବେ ଉପସ୍ଥିତ ଥିଲେ। ସମୃଦ୍ଧିର ସଭାପତି ଗୌତମ ମହାରଣାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନ ପକ୍ଷରୁ ଅଙ୍ଗନୱାଡି ସେଣ୍ଟରରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଅଙ୍ଗନୱାଡି ସେଣ୍ଟରରେ ଫ୍ୟାନ ନ ଥିବା ଦେଖି ସଙ୍ଗଠନର ସଦସ୍ୟମାନେ ତୁରନ୍ତ ଏକ ଫ୍ୟାନର ବ୍ୟବସ୍ଥା କରିଥିଲେ। ସଙ୍ଗଠନ ପକ୍ଷରୁ ସଦସ୍ୟ ଜୟପ୍ରକାଶ ଶର୍ମା ଅଙ୍ଗନୱାଡି ସେଣ୍ଟର ଶିଶୁଙ୍କ ବ୍ୟବହାର ପାଇଁ ଏହି ଫ୍ୟାନ ବରୁଆଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସାଧାରଣ ସମ୍ପାଦକ ବିଶ୍ୱଜିତ ସାହୁ, ଉପସଭାପତି ପ୍ରସନଜିତ ଦାସ, କ୍ଷୀରୋଦ ଦାସ, ସୁଜମ ଆଲାମ, ଆଲୋକ କୁମାର, ରାଜେଶ ସାହା, ସର୍ବଜିତ ମହାନ୍ତି, ପଙ୍କଜ ସାମନ୍ତରାୟ ଉପସ୍ଥିତ ଥିଲେ।



ଅଙ୍ଗନୱାଡି କର୍ମୀ କାର୍ଲା ବରୁଆଙ୍କୁ ଫ୍ୟାନ ପ୍ରଦାନ କରାଯାଉଛି।

# ଜନପ୍ରତିନିଧି ସଚେତନ ହେଲେ ଯୋଜନା ସଫଳ ହେବ



ଶନିବାର ସୁନ୍ଦରଗଡ଼ ବିକାଶ ଭବନଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

**ସୁନ୍ଦରଗଡ଼,୧୮।୮ (ଡି.ଏନ୍.ଏ.)**

ଜିଲା ପ୍ରଶାସନ, ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ସରକାରୀ ଯୋଜନା, ସଚେତନତା କାର୍ଯ୍ୟକ୍ରମ ଏବଂ ଓଡ଼ିଶା ଲୋକସଭା ଅଧିକାର ଅଧିନିୟମ ଉପରେ ୨ଦିନିଆ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅତିରିକ୍ତ ଜିଲାପାଳ ଭାସ୍କରଚନ୍ଦ୍ର ତୁରୁକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ ସକାଶେ ଜନପ୍ରତିନିଧିମାନେ ସଚେତନ ହେବା ନିହାତି ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସରକାରଙ୍କ ଦ୍ୱାରା ପ୍ରଣୟନ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ଲୋକସଭା ଅଧିକାର ଅଧିନିୟମ ସମ୍ପର୍କରେ ଭୁବନେଶ୍ୱରରୁ ଆସିଥିବା ସାଧାରଣ ପ୍ରଶାସନ ଡେପୁଟି ସେକ୍ରେଟେରି ବିଭାଗର ଦେବବ୍ରତ ମଲ୍ଲିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଜ୍ୟରେ ୨୫ଟି ବିଭାଗର ୩୪୧ପ୍ରକାରର ସେବା ଜନସାଧାରଣଙ୍କୁ ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ। ଦ୍ୱିତୀୟ ଦିବସରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସାଧାରଣ ପ୍ରଶାସନ (ପ୍ରଶାସନିକ ସଂସ୍କାର) ବିଭାଗର ବ୍ୟବସ୍ଥା ସଞ୍ଚାଳକ ରଶ୍ମି ରଞ୍ଜନ ସାହୁ ଲୋକସେବା ଅଧିକାର ଉପରେ ପର୍ଯ୍ୟବସିତ ଅନ୍‌ଲାଇନ୍ କେନ୍ଦ୍ରୀୟ ପରିଚାଳନା ପଦ୍ଧତି ଉପରେ ବିଭାଗୀୟ ଅଧିକାରୀମାନଙ୍କୁ ବୁଝାଇ ଥିଲେ। ଶିବିରରେ ସୂଚନା ଅଧିକାର ଆଇନ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ, ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ, ପରିବହନ ବିଭାଗ, ଜଙ୍ଗଲ ପରିବେଶ ବିଭାଗ ସମେତ ବିଭିନ୍ନ ବିଭାଗର ପ୍ରଦତ୍ତ ସେବାଗୁଡିକ ସମ୍ପର୍କରେ ଜନପ୍ରତିନିଧିମାନଙ୍କୁ ପ୍ରଶିକ୍ଷଣ କରାଯାଇଥିଲା। ଡେପୁଟି କଲେକ୍ଟର ଲୀନା କୁମାରୀ ଖେସ ଧନ୍ୟବାଦ ଦେଇଥିଲେ। ଜିଲା ସଂଯୋଜିକା ମିନତି ପଟେଲ ଶିବିର ପରିଚାଳନା କରିଥିଲେ।

# ମାସେ ନ ପୂରୁଣୁ ଫାଟିଲା ଓଭରହେଡ୍ ଟାଙ୍କି

**ବାଲିଶଙ୍କରା,୧୮।୮ (ଡି.ଏନ୍.ଏ.)**

ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତ ଅଧୀନ ଖଡିଆପଡାଠାରେ ୧୫ ଦିନ ତଳେ ସୋଲାର ଓଭର ହେଡ୍ ଟାଙ୍କି ସ୍ଥାପନ କରାଯାଇଥିଲା। ହେଲେ ନିମ୍ନମାନ ଉପକରଣ ଓ ଯନ୍ତ୍ରାଂଶ ଲାଗିଥିବାରୁ ବର୍ତ୍ତମାନ ପାଣି ଟାଙ୍କି ଫାଟି ଯାଇଥିବା ବେଳେ ପାଣି ପମ୍ପ ପୋଡି ଗଲାଣି। ଫଳରେ ପାଣି ଯୋଗାଣ ବନ୍ଦହୋଇ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

- **ପାଣି ଯୋଗାଣ ବନ୍ଦ**
- **ପୋଡି ଗଲାଣି ପାଣି ପମ୍ପ**
- **ନିମ୍ନମାନର କାର୍ଯ୍ୟ ଅଭିଯୋଗ**
- **ଭିଜିଲାନ୍ସ ତଦନ୍ତ ଦାବି**



ଫାଟି ଯାଇଥିବା ଓଭରହେଡ ପାଣିଟାଙ୍କି।

ଅନ୍ୟପକ୍ଷେ ପ୍ରକଳ୍ପ କାର୍ଯ୍ୟ ପ୍ରାରମ୍ଭରୁ ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରି କାର୍ଯ୍ୟକୁ ବିରୋଧ କରିଥିଲେ। ହେଲେ ଅଧିକାରୀ ଜଣକ ଜୋରଜବରଦସ୍ତ କାର୍ଯ୍ୟ କରିଥିଲେ। ଏନେଇ ଘଟଣାର ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷେ ସଉନାମରା ପଞ୍ଚାୟତରେ ଗ୍ରାମ୍ୟ ଜଳ ଯୋଗାଣ ପକ୍ଷରୁ ୨୦୦୯ରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇ କାର୍ଯ୍ୟକାରୀ କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ପଞ୍ଚାୟତର ବାବୁପଡ଼ା, ଆମ୍ବପଡ଼ା, ମଝାପଡ଼ା, ଗୀର୍ଜାପଡ଼ାବାସୀ ପାଣି ବୁନ୍ଦାଏ ପାଇପାରୁ ନ ଥିବା ସଉନାମରା ସରପଞ୍ଚ ସୁମିତ୍ରା ବାର୍ଲା ଅଭିଯୋଗ କରିଛନ୍ତି। ସରକାରଙ୍କ ଲକ୍ଷାଧିକ ଟଙ୍କା ଆତ୍ମସାତ କରି ବିଭାଗୀୟ କର୍ମଚାରୀ ଓ ଠିକାଦାର ମାଲାମାଲ ହେଉଥିବା ବେଳେ ଜନସାଧାରଣ ହଇରାଣ ହରକତ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଉନାମରା ଗ୍ରାମବାସୀ ଦାବି କରିଛନ୍ତି।


# CLASSIFIED DISPLAY

**ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166**

**SHRIRAM FINANCE L.T.D**
Kharbel Nagar Branch Office building, opposite Shriya Cinema Hall, Kharbel Nagar, Bhubaneswar (Odisha), Unit-3, Pin Code: 751001
CONTACT:
7328873676
8658687929
Gmail: finance0102018@gmail.com

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

ଖର୍ଚ୍ଚ ଋଣରୁ କଟିବ
**ଜନଧନ୍ ଫାଇନାନ୍ସ** (Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ ୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**BUSINESS**
ସରକାରୀ ଅନୁମୋଦିତ ନଂ.1 କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଘର ଛାତ, ଫ୍ଲାଟ୍‌ରେ ସମଗ୍ର ଭାରତର ଯେକୌଣସି ସ୍ଥାନରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ଅଗ୍ରିମ ଆକାରରେ 60 ଲକ୍ଷ, 50,000 ଭଡ଼ା + ମାସିକ 35,000ର ଅନ୍ୟାନ୍ୟ ସୁବିଧାସୁଯୋଗ ପାଆନ୍ତୁ।
Helpline Numbers
7497033685
7497800247

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୭, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
DEGREE/DIPLOMA
TRYTOON ACADEMY
Affiliated Utkal University of Culture,Odisha
FASHION DESIGN
INTERIOR DESIGN
ANIMATION VFX
HOTEL MANAGEMENT
Palasuni Hat,Rasulgarh,BBSR
9437000960,8908942638
9437799550,06742370713
Last Seats Admission
Get Huge Discount

**ADMISSION OPEN 2018-20**
B.Ed.
Acharya Nagarjuna University
ANUSKA B.Ed ACADEMY
ODISHA'S NO-1 B.Ed. ACADEMY
97% 1ST DIVISION
Rasulgarh, Bhubaneswar
8260277745 / 8260277746
Cuttack: 6370442804
Bhawanipatna: 7982328673
Jajpur/Kendrapara: 9692222120
www.anuskagroup.com

**ADMISSION OPEN FOR 2018-20**
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**Get Instant Cash Against Gold**
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**SMS Marketing**
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
8114353091

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି ।
କଲ୍ କରନ୍ତୁ SAMIR MONAL
07363008993
07363008928

**ଫାଇନାନ୍ସ ଧନଜନ ଯୋଜନା**
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି ।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରିଦେବାରେ ଲାଗିଥାଏ, ସେତିକିବେଳେ ସେ ଅଧିକ ଭୋଗର ଇଚ୍ଛାକରେ।
- ବୁଦ୍ଧଦେବ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

କୁତ୍ରା,୧୮।୮(ଡି.ଏନ୍.ଏ)- ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧୀନ ରାଜ୍ୟ ରାଜପଥର କୁତ୍ରା- ରାଞ୍ଚି ରୋଡ ମଧ ଭାଗରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଗୋମାରଡିହିର ଜୋନସନ୍ ଏକ୍କା ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଅନ୍ୟଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୫ଟା ବେଳେ କୁତ୍ରା ଥାନା ଅଧୀନ କଟଙ୍ଗ ଗ୍ରାମର ଆଶିକ ବାର୍ଲା ଓ ଗୋମାରଡିହି ଗ୍ରାମର ଜୋନସନ୍ ଏକ୍କା ଏକ ବାଇକ୍ (ନଂ.ଓଡି ୧୪ ବି-୪୭୦୨)ରେ କୁତ୍ରାରୁ ଗୋମାରଡିହି ଆଡକୁ ଆସୁଥିବା ବେଳେ କୁତ୍ରା-ରାଞ୍ଚି ରୋଡ ମଧ ଭାଗ ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡର୍‌ରେ ପିଟି ହୋଇଯାଇଥିଲା। ଫଳରେ ଜୋନସନ୍ ଗୁରୁତର ଆହତ ହୋଇଥିବା ବେଳେ ଆଂଶିକ ଆହତ ହୋଇଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କୁତ୍ରା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଜୋନସନ୍‌ଙ୍କ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି।

### ବୃତ୍ତି ପରୀକ୍ଷା ଦେଲେ ୮୪ ଛାତ୍ରୀଛାତ୍ର

କିର୍ମିରା, ୧୮।୮ (ଡି.ଏନ୍.ଏ)- ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବୃତ୍ତିପରୀକ୍ଷା ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୮ଟି ପଞ୍ଚାୟତର ପ୍ରାଇମେରି ସ୍କୁଲଗୁଡିକରୁ ୮୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ହାଇସ୍କୁଲ ପ୍ରଧାନଶିକ୍ଷକ ହେମନ୍ତ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାକୁ ଶିକ୍ଷକ ପ୍ରଦୀପ ବେହେରା, ଶିକ୍ଷୟିତ୍ରୀ ପଙ୍କଜିନୀ ବେଶନ ପରିଚାଳନା କରିଥିଲେ ।

# ସାପ ଧରିବା ଯାହାଙ୍କ ନିଶା

ରାଉରକେଲା ଅଫିସ,୧୮।୮

- ୧୦୦୦ରୁ ଊର୍ଦ୍ଧ୍ୱ ସାପ ଧରି ଜଙ୍ଗଲରେ ଛାଡ଼ିଲେଣି
- ଛାଡ଼ିବାବେଳେ ବନବିଭାଗର ସହାୟତା ନିଅନ୍ତି
- ଚାକିରିରୁ ଅବସର ପରେ ସମାଜସେବାରେ ନିୟୋଜିତ
- ବିନା ପାରିଶ୍ରମିକରେ ସାପ ଧରି ଜଙ୍ଗଲରେ ଛାଡ଼ନ୍ତି



ଦେବାନନ୍ଦ କୌଶଳ କରି ସାପ ଧରୁଛନ୍ତି।

ସାପକୁ ଦେଖିଲେ ସମସ୍ତେ ଭୟ କରନ୍ତି। ସାପ କାମୁଡାରେ ପ୍ରତ୍ୟେକ ବର୍ଷ ଅନେକ ଲୋକ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ଏମିତି ବ୍ୟକ୍ତି ଅଛନ୍ତି ଯିଏ ସାପକୁ ଆଦୌ ଭୟ କରନ୍ତି ନାହିଁ। ଅକ୍ଳେଶରେ ସାପକୁ ଧରି ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଛାଡି ଦିଅନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ଦେବାନନ୍ଦ ବେହେରା। ସାପ ଧରିବା ତାଙ୍କର ଏକ ପ୍ରକାର ନିଶା ପାଲଟିଛି। ଏଥିପାଇଁ ସୁନ୍ଦରଗଡ ଜିଲାରେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଅଗ୍ନି ସେବା ବିଭାଗରେ ବହୁ ବର୍ଷ କାର୍ଯ୍ୟ କରି ଅବସରଗ୍ରହଣ କରିଛନ୍ତି। ରାଉରକେଲା ସିଭିଲ ଟାଉନଶିପରେ ସେ ରହୁଛନ୍ତି। ତାଙ୍କର ମୂଳବାସସ୍ଥାନ ହେଉଛି ମୟୂରଭଞ୍ଜ ଜିଲା ବହଳଦା ବ୍ଲକର ଟିକିଆ ଗ୍ରାମରେ। ଚାକିରି କରିବା ପରଠାରୁ ରାଉରକେଲାରେ ରହିଆସୁଛନ୍ତି। ରାତି ହେଉ ବା ଦିନ। ଯେତେବେଳେ ବିଷଧର ସାପ କେହି ଘର ଭିତରେ ବା ବାହାରେ ଦେଖନ୍ତି, ତୁରନ୍ତ ଦେବାନନ୍ଦ ବେହେରାଙ୍କୁ ଡାକନ୍ତି। ଦେବାନନ୍ଦ ବିନା ପାରିଶ୍ରମିକରେ ସେଠାରେ ପହଞ୍ଚି ନିଜ କଳାକୌଶଳରେ ବିଷଧର ସାପକୁ ଧରି ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହାୟତାରେ ବା ସେମାନଙ୍କ ପରାମର୍ଶରେ ଜଙ୍ଗଲରେ ଛାଡି ଦିଅନ୍ତି। ଇତି ମଧରେ ପ୍ରାୟ ୧୦୦୦ରୁ ଅଧିକ ବିଷଧର ସାପମାନଙ୍କୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛନ୍ତି। ଚାକିରୀ କରିଥିବାବେଳେ ସାପ ଧରିବାରେ ଅଧିକ ସମୟ ଦେଇପାରୁ ନ ଥିଲେ। ମାତ୍ର ଅବସରପରେ ଅଧିକ ସମୟ ଦେଇପାରୁଛନ୍ତି। ରାଉରକେଲାରେ ଥିବା ବନ୍ୟପ୍ରାଣୀ ସଂରକ୍ଷଣ ସଙ୍ଗଠନ 'ଆର୍ମି'ରେ ସେ ସଦସ୍ୟ। ତାଙ୍କର ସେହି କାର୍ଯ୍ୟ ପାଇଁ ବହୁ ସରକାରୀ ବେସରକାରୀ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ୨୦୧୬ ସ୍ୱାଧୀନତା ଦିବସରେ ସୁନ୍ଦରଗଡ ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ପ୍ରକୃତିପ୍ରେମୀ ଭାବେ ବିଜୁପଟ୍ଟନାୟକ ପୁରସ୍କାର, ପ୍ରକୃତି ବନ୍ଧୁ ପୁରସ୍କାର ମଧ ପାଇଛନ୍ତି। ୨୦୧୬ରେ ଆର୍ମି ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ, ୨୦୧୭ରେ ଆଦର୍ଶ ଯୁବ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ୨୦୧୮ରେ ଧନଞ୍ଜୟ ମହାନ୍ତି ସ୍ମୃତି ପୁରସ୍କାର ଗ୍ରହଣ କରିଛନ୍ତି। ସେ ତାଙ୍କର କାର୍ଯ୍ୟ ଦକ୍ଷତା ପାଇଁ ମଧ ରାଉରକେଲା ଇସ୍ପାତ କାରଖାନା ତରଫରୁ ୨୦୦୩ ମସିହାରେ ସମ୍ମାନଜନକ ନେହେରୁ ପୁରସ୍କାର ପାଇଥିଲେ। ଦେବାନନ୍ଦ ବେହେରା ସୁନ୍ଦରଗଡ ଜିଲାରେ ଏକ ପରିଚିତ ନାମ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରକୃତି ପ୍ରେମୀ, ପ୍ରାଣୀ ପ୍ରେମୀ ଦେବାନନ୍ଦଙ୍କ ସେବା ମନୋବୃତ୍ତି ତାଙ୍କୁ ପ୍ରତିଷ୍ଠା ଆଣିଦେଇଛି।

## ମୋ ରାଉରକେଲା

### ଅନେକ ଜାତି, ଧର୍ମ, ଭାଷାର ସମନ୍ୱୟ



ନିଜ ଗାଁ ପରି ଲାଗେ ମୋ ରାଉରକେଲା ସହର। ମୋ ନିଜ ଘର କେନ୍ଦ୍ରାପଡା ଜିଲା ରାଜନଗର। ମୁଁ ଏଠାକୁ ୧୯୬୩ ମସିହାରୁ ଆସିଲିଣି। ପେଶା ମୋର ଓକିଲାତି, ନିଶା ମୋର ମାନବସେବା। ରାଉରକେଲା ମ୍ୟୁନିସିପାଲଟି ଅଧକ୍ଷ ଥିଲି ଏବଂ ରାଉରକେଲା ବାର ଆସୋସିଏଶନର ମଧ୍ୟ ବହୁବାର ସଭାପତି ହୋଇଛି। ଏ ସହର ମୋତେ ଜୀବିକା, ପ୍ରତିଷ୍ଠା ଦେଇଛି। ଗାଁରେ ଯେପରି ଆମେ ମିଳିମିଶି ଏକ ଶାନ୍ତ ପରିବେଶରେ ରହୁଥିଲୁ, ମୋତେ ରାଉରକେଲା ଠିକ ସେହିପରି ଲାଗେ। ଅନେକ ଜାତି, ଧର୍ମ, ଭାଷାର ସମନ୍ୱୟ ଏହି ସହର। ତଥାପି ସମସ୍ତେ ଆତ୍ମିୟତାରେ ବନ୍ଧା। ସବୁ କ୍ଷେତ୍ରରେ ସମସ୍ତେ ସହଯୋଗର ହାତ ବଢାନ୍ତି। ଏ ସହର ବିଭିନ୍ନ ପ୍ରକାର ସାଂସ୍କୃତିକ ପୂଜା ପର୍ବ ପାଳନ କରିଥାଏ। ଆଉ ଏକ ବିଶେଷତ୍ୱଏଠାରେ ରାଜନୈତିକ ବିଦ୍ୱେଷ ଭାବ ଦେଖିବାକୁ ମିଳେ ନାହିଁ। ଏ ସହରରେ ବିଶେଷ ଅପରାଧ କାର୍ଯ୍ୟ ଦେଖିବାକୁ ମିଳେ ନାହିଁ। ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ମନୋରମ। ମୋର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ମୁଁ ଏଠାରେ ରହିବି। କାରଣ ସମସ୍ତେ ମୋର ଆପଣାର।

–ରମେଶ ବଳ, ଆଇନଜୀବୀ, ରାଉରକେଲା

# ଛାତ ଉପରେ ଘାସ, ଅସୁରକ୍ଷିତ ପଞ୍ଚାୟତ କାର୍ଯ୍ୟାଳୟ

କୁଆଁରମୁଣ୍ଡା,୧୮।୮(ଡି.ଏନ୍.ଏ.)



କାଲୋସିହିରିଆ ପଞ୍ଚାୟତ କୋଠା ଉପରେ ଘାସ ଉଠି କାର୍ଯ୍ୟାଳୟ ଅସୁରକ୍ଷିତ ହୋଇପଡିଛି।

ରକ୍ଷଣାବେକ୍ଷଣ ଅଭାବ ଯୋଗୁ ସୁନ୍ଦରଗଡ଼ ଜିଲା ଆଦିବାସୀ ବହୁଳ କୁଆଁରମୁଣ୍ଡା ବ୍ଲକ କାଲୋସିହିରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ପୁରୁଣା କାର୍ଯ୍ୟାଳୟ ବିଲ୍ଡିଂ ଛାତ ଉପରେ ଘାସ ଉଠି ଛାତ ଅସୁରକ୍ଷିତ ହୋଇପଡିଛି। ହେଲେ ଏହାର ରକ୍ଷଣାବେକ୍ଷଣ ଦିଗରେ କାହାରି ଦୃଷ୍ଟି ପଡୁନାହିଁ । ଏପରି କି ସିମେଣ୍ଟରେ ଲେଖା ହୋଇଥିବା କାଲୋସିହିରିଆ ପଞ୍ଚାୟତ

**ରକ୍ଷଣାବେକ୍ଷଣର ଅଭାବ**

ଫଳକ ମଧ ଅନାବନା ଘାସରେ ପରିପୂର୍ଣ୍ଣ ହୋଇ ନଷ୍ଟ ହେଲାଣି । ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସରିତା ସେଠୀଙ୍କୁ ପଚାରିବାରୁ ଛାତଟି ପୁରୁଣା ହୋଇଗଲାଣି, ତାକୁ ଭଙ୍ଗାଯାଇ ନୂଆ ବିଲ୍ଡିଂ ନିର୍ମାଣ କରାଯିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ଅନ୍ୟପକ୍ଷେ ଏହି କାର୍ଯ୍ୟାଳୟରେ ବିଭିନ୍ନ ଜିନିଷପତ୍ର ରଖାଯାଇଛି। ହେଲେ ଏଠାରେ ପ୍ରଶ୍ନ ଉଠୁଛି, ଛାତଟି ଯଦି ଅସୁରକ୍ଷିତ ତେବେ କୋଠାକୁ କାହିଁକି ବ୍ୟବହାର କରାଯାଉଛି। ଯଦିଓ ଛାତଟି ଭୁଶୁଡି ପଡେ ତେବେ ଧନଜୀବନ କ୍ଷୟକ୍ଷତି ହେବାର ସମ୍ଭାବନାକୁ ମଧ ଏଡାଇ ଦିଆଯାଇ ନ ପାରେ। ଅନ୍ୟପକ୍ଷେ କୋଠାଟି ଅସୁରକ୍ଷିତ, ତେବେ ଭଙ୍ଗା ନ ଯିବାର କାରଣ କ'ଣ ବୋଲି ପ୍ରଶ୍ନ ସୃଷ୍ଟି ହେଉଛି। ପଞ୍ଚାୟତ ପକ୍ଷରୁ କୋଠାର ସୁରକ୍ଷା ପାଇଁ ଛାତରୁ ଘାସ ସଫା କରାଯିବା ସହ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଗଲେ କୋଠାଟି ଆଉ କିଛିବର୍ଷ ସୁରକ୍ଷିତ ଅବସ୍ଥାରେ ରହିପାରନ୍ତା ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଏ ନେଇ ସୁନ୍ଦରଗଡ଼ ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂଙ୍କୁ ପଚାରିବାରୁ ସେ କହିଲେ, ପଞ୍ଚାୟତ ପକ୍ଷରୁ ଉକ୍ତ ଛାତ ଉପରେ ଥିବା ଘାସ ଜଙ୍ଗଲକୁ ସଫା କରାଯାଇଥିଲେ ଏତେ ଶୀଘ୍ର ଛାତ ଅସୁରକ୍ଷିତ ହୁଅନ୍ତା ନାହିଁ। ଏ ଦିଗରେ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବା କଥା। ତେବେ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କରଦାତାଙ୍କ ସେବା ସମ୍ପର୍କିତ ଆଲୋଚନାଚକ୍ର

ଝାରସୁଗୁଡା ଅଫିସ,୧୮।୮

ଆୟକର ବିଭାଗ ଏବଂ ବେଦାନ୍ତର ମିଳିତ ଆନୁକୂଲ୍ୟରେ କରଦାତାଙ୍କ ପାଇଁ ସେବା ସମ୍ପର୍କିତ ଏକ ଆଲୋଚନାଚକ୍ର ହୋଇଯାଇଛି। ସମ୍ବଲପୁର ଡିଭିଜନର ଆୟକର କମିଶନର ଦେବେନ୍ଦ୍ର ନାରାୟଣ କରଙ୍କ ଅଧକ୍ଷତାରେ ବେଦାନ୍ତ ସିଇଓ ଅଭିଜିତ ପତି, ସିଏଫଓ ଅଶୋକ ସୋନ୍ଥାଲିୟା, ଟିଆରଏଲର ସିଏଫଓ ଏସ୍.ଭି ରାଓ, ଆଇସିଏଆଇ ସମ୍ବରଲପୁର ଶାଖାର ଅଧକ୍ଷ ସନ୍ଦୀପ ଶାହା, ଝାରସୁଗୁଡାର ଅଧକ୍ଷ ହିମାଂଶୁ ବଡପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ, ଉତ୍କଳ ଚାମ୍ବର୍ସ ଅଫ କମର୍ସ, ଝାରସୁଗୁଡା, ସମ୍ବଲପୁର, ବରଗଡ, ସୁନ୍ଦରଗଡ ଜିଲାର ବିଭିନ୍ନ ସଙ୍ଗଠନର ପ୍ରତିନିଧି ଯୋଗ ଦେଇଥିଲେ। ଆୟକର ଦାଖଲ କରି ସମୃଦ୍ଧ ଦେଶ ଗଠନରେ ସହାୟକ ହେବାକୁ କମିଶନର କର ଆହ୍ୱାନ ଦେଇଥିଲେ। କର୍ପୋରେଟ ଟ୍ୟାକ୍ସ, ଆୟକର, ରୟାଲ୍‌ଟି, ହୋଲଡିଂ ଟ୍ୟାକ୍ସ, ପରୋକ୍ଷ ଟିକସ, ଲାଭାଂଶ ଓ ଅନ୍ୟାନ୍ୟ ଟିକସ ବାବଦରେ ସରକାରଙ୍କ ନିକଟରେ ବେଦାନ୍ତ ୩୩୦୦୦ କୋଟି ଟଙ୍କା ପୈଠ କରିବା ସାଙ୍ଗକୁ ଗତ ୫ ବର୍ଷରେ ପ୍ରାୟ ୧,୬୦୦୦୦ କୋଟି ଟଙ୍କା ପ୍ରଦାନ କରିସାରିଛି ବୋଲି ସିଇଓ ପତି କହିଥିଲେ।

## ତାଳଚେର- ବିମଳାଗଡ଼ ରେଳପଥ ସଂଗ୍ରାମ ସମିତିର ପଥପ୍ରାନ୍ତ ସଭା

ରାଉରକେଲା ଅଫିସ, ୧୮।୮

ତାଳଚେର- ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଶନିବାର ୬ରୁ ୯ଟା ପର୍ଯ୍ୟନ୍ତ ବିଶ୍ରାଛକଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୦ ତାରିଖ ଏହି ଅନୁଷ୍ଠାନ ପକ୍ଷରୁ ପାଳନ ହେଉଥିବା ସୁବର୍ଣ୍ଣ ଜୟନ୍ତୀ ଅବସରରେ ଭଞ୍ଜଭବନଠାରେ ହୋଇଥିବା ସମ୍ମିଳନୀରେ ଯୋଗଦେବା ପାଇଁ ସମସ୍ତେ ନିବେଦନ କରିଥିଲେ। ସଂଗ୍ରାମ ସମିତିର ନେତୃମଣ୍ଡଳୀ ଅଦ୍ୱୈତ ପ୍ରସାଦ ବିଶ୍ୱାଳ, ହରିହର ରାଉତରାୟ, ରମେଶ ବଳ, ମିହିର ରାୟ, ଅଜିତ ରାୟ, ବିମଳ ବିଶି, ସୁରେନ୍ଦ୍ର ଦାସ, ସତ୍ୟପ୍ରିୟ ମହାନ୍ତି, ଅଜିତ ନାୟକ, ବିନୋଦିନି ଦାସ, ସୁଧୀର ସୁନ୍ଦର ରାୟ ପ୍ରମୁଖ ଯୋଗଦେଇଥିଲେ।

# ଟ୍ରକ୍ ପଛରେ ପିଟିହେଲା ବସ୍: ୪୦ ଆହତ

ରାଉରକେଲା ଅଫିସ/ଟେନସା
୧୮।୮ (ଡି.ଏନ୍.ଏ)



ଦୁର୍ଘଟଣାଗ୍ରସ୍ତ ବସ୍ ଓ ଆହତ ହୋଇଥିବା ଯାତ୍ରୀ।

- ଟେନ୍‌ସା ଫେରୁଥିବାବେଳେ ଦୁର୍ଘଟଣା
- ଆହତଙ୍କ ମଧରୁ ୭ ଗୁରୁତର

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ ୧୪୩ନଂ. ଜାତୀୟ ରାଜପଥର ସିଉଡ଼ି ନିକଟରେ ଶନିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ରାଉରକେଲାରୁ ଟେନସା ଯାଉଥିବା ଓଡି ୧୪-୦୫୫୦ ନଂ. ପାର୍ବତୀ ବସ୍ ଏକ ଟ୍ରକ (ହାଇୱା) ପଛରେ ପିଟିହୋଇ ଯାଇଥିଲା। ହାଇୱା ହଠାତ ବ୍ରେକ୍ ମାରିବାରୁ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରୁ ହାଇୱା ଫେରାର ହୋଇଯାଇଥିଲା। ବସରେ ଥିବା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସାମାନ୍ୟ ଆହତ ହୋଇଥିବାବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଲାଠିକଟା ପୋଲିସ ପହଞ୍ଚି ଗୁରୁତର ଆହତ ଯାତ୍ରୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ପଠାଇଥିବାର ଜଣାପଡିଛି। ଟେନସାରୁ ସବୁ ଦିନ ପାର୍ବତୀ ବସ୍ ସକାଳ ସାଢ଼େ ୭ଟାରୁ ବାହାରି ରାଉରକେଲା ଯାଇଥାଏ। ରାଉରକେଲାରୁ ସାଢ଼େ ୩ଟାରେ ବାହାରି ସନ୍ଧ୍ୟା ସାଢ଼େ ୭ଟାରେ ଟେନସା ପହଞ୍ଚିଥାଏ। ଟେନସା ଅଞ୍ଚଳର ସମସ୍ତ ଯାତ୍ରୀ ଏହି ପାର୍ବତୀ ବସ ଉପରେ ନିର୍ଭର କରିଥାନ୍ତି। ଶନିବାର ସାଢ଼େ ୩ଟାରେ ରାଉରକେଲାରୁ ଟେନସା ଯାତ୍ରୀ ନେଇ ବସଟି ବାହାରିଥିଲା।

### ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ

# ସମସ୍ୟାର ସମାଧାନ ନେଇ ଗୁରୁତ୍ୱାରୋପ

ସୁନ୍ଦରଗଡ଼,୧୮।୮(ଡି.ଏନ୍.ଏ.)



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ।

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ ଶନିବାର ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଡ. କିଶୋର କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନ କରିଥିଲେ। ସୁନାଗରିକ ଗଠନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସମସ୍ତ କର୍ମଚାରୀ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ରମାନେ ହେଲମେଟ ବ୍ୟବହାର ସହ ଡ୍ରାଇଭିଂ ଲାଇସେନ୍ସ ସାଙ୍ଗରେ ଆଣି ବାଇକ୍ ଚାଳନା କରିବା ବାଧତାମୂଳକ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାର ସର୍ବପୁରାତନ ଏହି ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣରେ ଉନ୍ନତି, ମହାବିଦ୍ୟାଳୟକୁ ଆଦିବାସୀ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ପାଇଁ ସବୁ ସ୍ତରରେ ଉଦ୍ୟମ କରାଯିବା ସମ୍ପର୍କରେ ବୈଠକରେ ମତପ୍ରକାଶ ପାଇଥିଲା। ବିଇଡି ପାଠ୍ୟକ୍ରମରେ ସିଟ୍ ସଂଖ୍ୟା ବୃଦ୍ଧି, ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ, ସ୍ମାର୍ଟ କ୍ଲାସ ରୁମ୍, ସ୍ଥାୟୀ କ୍ରୀଡ଼ା ଶିକ୍ଷକ ନିଯୁକ୍ତି, ବାଣିଜ୍ୟ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ଓ ଆତ୍ମନିଯୁକ୍ତି ଭିତ୍ତିକ ବୈଷୟିକ ପାଠ୍ୟକ୍ରମ ଖୋଲାଯିବା, ଛାତ୍ରୀଛାତ୍ର ଓ ଅନ୍ତେବାସୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମହାବିଦ୍ୟାଳୟରେ ରହିଥିବା ଅନ୍ୟାନ୍ୟ ସମସ୍ୟାଗୁଡିକ ଶୀଘ୍ର ସମାଧାନ କରାଯିବା ସହ ଦରକାର ପଡିଲେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥାନୀୟ ସଦର ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ବଟକିଶୋର ମିଶ୍ର ପ୍ରମୁଖ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ମହାବିଦ୍ୟାଳୟର ଶାସନନୀତି ପ୍ରସ୍ତୁତ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ଆଡଭୋକେଟ ରାଜକିଶୋର ଷଡଙ୍ଗୀ, ପ୍ରାଧାପକ ଡ. ରାଧେଶ୍ୟାମ ଓତା, ଡ. ଇନ୍ଦିରା ନାଏକ, ଡ. ସରୋଜ କୁମାର ପଟେଲ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ଓ ଗୁଣାତ୍ମକ ଶିକ୍ଷା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଡ. ସୁଧୀର କୁମାର ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଫଟୋରେ ଖବର




ଉଦିତ ନଗର ପୁରୁଣା କୋର୍ଟ ପରିସରରେ ଜିଲା ଖାଉଟି ବିବାଦ ସମାଧାନ ପୀଠ ବର୍ଷ ସାରା ତାଲା ପଡ଼ିଛି।



ରାଉରକେଲା ସେକ୍ଟର-୨ସ୍ଥିତ ରାସ୍ତାକଡ଼ ଗଛମୂଳେ ଜଣେ ବୃଦ୍ଧ ଆଶ୍ରୟ ନେଇଛନ୍ତି।



ଫର୍ମ ବିକ୍ରି ପରେ ନୂତନ ରାସନ କାର୍ଡ ପାଇବା ଆଶା ନେଇ ଉଦିତନଗରଠାରେ ହିତାଧିକାରୀଙ୍କ ଭିଡ଼।

କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।
- ଚାଣକ୍ୟ

## ସଂକ୍ଷେପରେ

### ଶସ୍ୟବୀମା ରାଶିକୁ ନେଇ ଅସନ୍ତୋଷ ଆନ୍ଦୋଳନ ଚେତାବନୀ

ଖଡିଆଳ,୧୮।୮(ଡି.ଏନ.ଏ) ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସୁନାରୀସିକୁଆଁ ଗାଁର ଚାଷୀମାନେ ଚଳିତ ଆର୍ଥିକ ବର୍ଷର ଶସ୍ୟବୀମା ରାଶି ପ୍ରଦାନକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶସ୍ୟବୀମା ରାଶି ପ୍ରଦାନରେ ବ୍ୟତିକ୍ରମ ଘଟିଥିବା ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗାଁର ଗୁଆଲୁ ଭୋଇ, ଯଦୁମଣି ବୈଠାରୁ, ନିଳଗିରି ଦାସ, ରମେଶ ଦାସଙ୍କ କହିବାନୁସାରେ ଗତ ବର୍ଷ ବର୍ଷା ଅଭାବରୁ ସୁନାରୀସିକୁଆଁ ଗାଁରେ ଭୟାବହ ମରୁଡି ପରିସ୍ଥିତି ଦେଖାଦେଇଥିଲା। ଗାଁର ୧୮୦ ଚାଷୀ ବ୍ୟାଙ୍କରେ ଶସ୍ୟ ବୀମା କରିଥିଲେ। ପ୍ରଶାସନିକ ସ୍ତରରେ ଗାଁର ୮୩ ପ୍ରତିଶତ ଅଞ୍ଚଳ ମରୁଡ଼ିଗ୍ରସ୍ତ ଘୋଷଣା କରାଯାଇଥିଲା। ତଦନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଇନପୁଟ ସବସିଡି ସହାୟତା ରାଶି ଯୋଗାଇ ଦିଆଯାଇଥିଲା। ବର୍ତ୍ତମାନ ୨୦୧୭–୧୮ର ଶସ୍ୟବୀମା ରାଶି ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଉଥିବା ବେଳେ ଘୋଷଣା ହୋଇଥିବା ୮୩ ପ୍ରତିଶତ ହିସାବରେ ହେକ୍ଟର ପ୍ରତି ୪୦ରୁ ୪୨ ହଜାର ଟଙ୍କା କ୍ଷତିପୂରଣ ପାଇବା କଥା। ଚାଷୀମାନଙ୍କ ଆକାଉଣ୍ଟରେ ହେକ୍ଟର ପ୍ରତି ମାତ୍ର ୮୪୨ ଟଙ୍କା ଜମା ହୋଇଥିବା ଅଭିଯୋଗ ହୋଇଛି ।

# ୬ ମାସ ପରେ ଖୋଲିଲା କଟିଙ୍ଗପାଣି ସ୍କୁଲ

- ବାଜା ବଜାଇ ନାଚିଲେ ଗ୍ରାମବାସୀ
- ସୁନାବେଡ଼ା ଅଭୟାରଣ୍ୟରେ ଖୁସି
- ପିଲାଙ୍କୁ ଅବିର ଦେଇ ସ୍ୱାଗତ କରାଗଲା
- ପ୍ରଥମ ଦିନରେ ୩୦ଶିଶୁ

ନୂଆପଡା ଅଫିସ,୧୮।୮

ସ୍କୁଲରେ ୧୦ରୁ କମ ପିଲା ହେଲେ ବୋଲି ପ୍ରଶାସନ ନୂଆପଡ଼ା ସଦର ବ୍ଲକ କଟିଙ୍ଗପାଣି ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲା। ଗାଁ ବିଦ୍ୟାଳୟଶୂନ୍ୟ ହୋଇପଡ଼ିଥିଲା। ଦୀର୍ଘ ୬ ମାସ ଧରି ବିଦ୍ୟାଳୟ ବନ୍ଦ ରହିବା ଗ୍ରାମବାସୀଙ୍କୁ ବ୍ୟତିବ୍ୟସ୍ତ କରିଥିଲା। ଗାଁରେ ୪୦ରୁ ଊର୍ଦ୍ଧ୍ୱ ପିଲା ରହିଥିଲେ। ଏଣୁ ବିଦ୍ୟାଳୟ ପୁନର୍ବାର ଖୋଲିବା ନେଇ ଗ୍ରାମବାସୀ ବାରମ୍ବାର ଜିଲାପାଳଙ୍କୁ ଗୁହାରି କରିଆସୁଥିଲେ। ଶନିବାର ସକାଳେ ବିଦ୍ୟାଳୟ ଗେଟ୍‌ରୁ ତାଲା ଖୋଲିଛି। ଶିକ୍ଷା ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ଖୋଲାଯାଇଥିବା ବେଳେ ଗାଁରେ ଖୁସିର ଲହରୀ ଖେଳିଯାଇଛି । ବଜା ରୋଷଣୀରେ ଗାଁବାସୀ ଶିକ୍ଷକ, ଅଧିକାରୀ ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଛନ୍ତି।

ପ୍ରକାଶ ଯେ, ସୁନାବେଡ଼ା ଅଭୟାରଣ୍ୟର ଅନ୍ୟତମ ଆଦିବାସୀ ବହୁଳ ଗାଁ କଟିଙ୍ଗପାଣିର ବିଦ୍ୟାଳୟକୁ ବନ୍ଦ କରିଦେବା ପରେ ଗ୍ରାମବାସୀ ଜିଲା ଶିକ୍ଷାବିଭାଗ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା କଂଗ୍ରେସ ସଭାପତି ଘାସିରାମ ମାଝୀ ଏଥିରେ ହସ୍ତକ୍ଷେପ କରି ଆନ୍ଦୋଳନ ଚେତାବନୀ ଦେବାପରେ ବ୍ଲକ ଶିକ୍ଷା ବିଭାଗ ଏହାକୁ ଗୁରୁତର ଭାବେ ନେଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ ମଧ୍ୟ ପରିଦର୍ଶନରେ ଯାଇ ପିଲାଙ୍କ ସଂଖ୍ୟା ରେକର୍ଡ କରି ଜିଲାପାଳଙ୍କୁ ଜଣାଇଥିଲେ। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ପିଲା ରହିଥିବା ନେଇ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ତଦନ୍ତ କରି ରିପୋର୍ଟ କରିଥିଲେ । ଏହାକୁ ଭିତ୍ତି କରି ଜିଲାପାଳ ଡା.ପୋମା ଟୁଡୁଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବିଦ୍ୟାଳୟ ଖୋଲିଛି । ସକାଳ ଠିକ୍ ୭ଟାବେଳେ ବିଦ୍ୟାଳୟ ତାଲା ଖୋଲିଥିଲେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ । ଏହି ଅବସରରେ ବ୍ଲକ ଶିକ୍ଷା ବିଭାଗ ତରଫରୁ ସିଆରସିସି ସରୋଜ କୁମାର ଅଗସ୍ତୀ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା କଂଗ୍ରେସ ସଭାପତି ଘାସିରାମ ମାଝୀ, ସ୍ଥାନୀୟ ସରପଞ୍ଚ କାନ୍ତିଲାଲ ସାହୁ, ସମିତି ସଭ୍ୟା ଘୁନେଶ୍ୱରୀ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କୁ ଗ୍ରାମବାସୀ ବାଜା ବାଣ ଫୁଟାଇ ସ୍ୱାଗତ କରି ସ୍କୁଲକୁ ନେଇଥିଲେ। ଅଭିଭାବକ, ଛାତ୍ରୀଛାତ୍ର ମଧ୍ୟ ଖୁସିରେ ନାଚି ଉଠିଥିଲେ। ବ୍ଲକ ଅଧ୍ୟକ୍ଷା ସାହୁ ବିଦ୍ୟାଳୟକୁ ଠିକ୍ ଭାବେ ପରିଚାଳନା କରିବା ଗ୍ରାମବାସୀଙ୍କ ଦାୟୀତ୍ୱ ଓ ଅଭିଭାବକମାନେ ସ୍କୁଲର ଉନ୍ନତିରେ ସହଯୋଗ କରିବାକୁ ଆଗେଇ ଆସିବା ଉଚିତ୍ କହିଥିଲେ। ଅଭିଭାବକମାନେ ମଧ୍ୟ ଆଜିଠାରୁ ସମସ୍ତ ପିଲାଙ୍କୁ ସ୍କୁଲକୁ ଛାଡ଼ିବେ ବୋଲି ସଙ୍କଳ୍ପ କରିଥିଲେ। ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି, ଉନ୍ନୟନ ପାଣ୍ଠି ପ୍ରଦାନ ଆଦି ଉପରେ ଗ୍ରାମବାସୀ ଅଧ୍ୟକ୍ଷାଙ୍କୁ ଜଣାଇଥିଲେ। ପ୍ରଥମ ଦିନରେ ଶିକ୍ଷକ ସମସ୍ତଙ୍କ ଉପସ୍ଥାନ ସଂଗ୍ରହ କରି ଶିକ୍ଷାଦାନ ଆରମ୍ଭ କରିଥିଲେ। ମଧ୍ୟାହ୍ନ ଭୋଜନ ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ କଟିଙ୍ଗପାଣି ସମେତ ଅଭୟାରଣ୍ୟର ବହୁ ଗାଁର ଆଦିବାସୀ ଲୋକେ ଯୋଗ ଦେଇଥିଲେ। ଆଗାମୀଦିନରେ ପିଲାମାନଙ୍କ ପାଠପଢା ପ୍ରତି ସମସ୍ତେ ଦୃଷ୍ଟି ଦେବେ ବୋଲି ଶପଥପାଠ କରିଥିଲେ। କର୍ଯ୍ୟକ୍ରମକୁ ଗ୍ରାମବାସୀଙ୍କ ତରଫରୁ ରତିରାମ ପହରିଆ, ଦଶରଥ ପହରିଆ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୁଲାଭାଟ ସରପଞ୍ଚ ପୀରତରାମ ମାଝୀ, ରବୀନ୍ଦ୍ର ମଙ୍ଗରାଜ, ଆଲୋକ ଗୁରୁ ପ୍ରମୁଖ ଯୋଗ ଦେଇଥିଲେ।


ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ବିଦ୍ୟାଳୟକୁ ପ୍ରବେଶ କରୁଛନ୍ତି।

# ଆଡ଼ି ବନ୍ଧ ଭାଙ୍ଗିଲା, ଚାଷ ଜମି ବାଲିଚର

ଖଡ଼ିଆଳ,୧୮।୮(ଡି.ଏନ.ଏ.)



ଗତ ଦୁଇ ଦିନ ଧରି ଲଗାଣ ବର୍ଷାରେ ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଜୁନାପାଣି ଗାଁରେ ନିର୍ମାଣ ହୋଇଥିବା ଆଡି ବନ୍ଧ ବର୍ଷା ପାଣିରେ ଧୋଇ ହୋଇଯାଇଛି। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି । ଜୁନାପାଣି ଗାଁ ରାଉତପଡ଼ାର ଚାଷୀ ପବିତ୍ର ମାଝୀ, ଗୋବିନ୍ଦ ମାଝୀ, ବଳମତ ମାଝୀ ଓ ମାନସିଂ ମାଝୀଙ୍କ ପ୍ରାୟ ୧୦ ଏକର ଚାଷ ଜମି ବାଲିଚର ପାଲଟିଛି। ଗତ ୩ ବର୍ଷ ହେଲା ବର୍ଷା ଅଭାବରୁ ମରୁଡିର ସମ୍ମୁଖୀନ ହୋଇ ଧାର ଉଧାର କରି ସେମାନେ ଧାନ ଚାଷ କରିଥିଲେ । ଲଗାଣ ବର୍ଷା ସେମାନଙ୍କୁ ତଳିତଳାନ୍ତ କରିଛି। ମିଳିଥିବା ସୂଚନା ଅନୁସାରେ କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ଜୁନାପାଣି ଗାଁ ରାଉତପଡ଼ା ଦେଇ ଯାଇଥିବା ନାଳାରେ ୨୦୧୮–୧୯ ଆର୍ଥିକ ବର୍ଷରେ ୧୧ଲକ୍ଷ ୩୮ ହଜାର ୭୮୭ ଟଙ୍କା ବ୍ୟୟରେ ଏକ ଚେକ ଡ୍ୟାମ ସହ ଆଡିବନ୍ଧ ନିର୍ମାଣ ହୋଇଥିଲା। କାର୍ଯ୍ୟ କରିବା ପାଇଁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଚୁକ୍ତିନାମା ହୋଇଥିଲା। ମାତ୍ର ନିମ୍ନମାନର କାମ ଯୋଗୁ ବର୍ଷା ପାଣିରେ ଆଡ଼ି ବନ୍ଧ ଭାଙ୍ଗି ପଡ଼ିଥିବା ଅଭିଯୋଗ ହେଉଛି। ଏପରି ସ୍ଥଳେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ନିମ୍ନମାନର କାମରେ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ ଓ ଆଡିବନ୍ଧର ତଦନ୍ତ କରି ଯଥାଶୀଘ୍ର ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି ।

# ୩ ବର୍ଷ ପରେ ବି ଅସମ୍ପୂର୍ଣ୍ଣ ଇନ୍ଦିରା ଆବାସ ଗୃହ

ସିନାପାଲି,୧୮।୮(ଡି.ଏନ.ଏ)

ଆର୍ଥିକଗ୍ରସ୍ତ ଅସହାୟ ବାସହରା ପରିବାରଙ୍କୁ ବାସଗୃହ ଯୋଗାଇଦେବାକୁ ଯାଇ ସରକାର ଇନ୍ଦିରା ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଏହି ଯୋଜନାରେ ସ୍ୱଚ୍ଛତା ରହୁ ନ ଥିବାରୁ ପ୍ରକୃତ ହିତାଧିକାରୀ ଏହାର ସୁଫଳ ପାଇପାରୁ ନାହାନ୍ତି। କେତେକ ଠିକାଦାର ଆବାସ ଗୃହ ନିର୍ମାଣ କାର୍ଯ୍ୟକୁ ଠିକାରେ ନେଇ ଠକି ଚାଲିଛନ୍ତି। ଫଳରେ ବର୍ଷ ବର୍ଷ ଧରି ଗୃହ ନିର୍ମାଣ ଅସମ୍ପୂର୍ଣ୍ଣ ପଡ଼ି ରହୁଛି। ନୂଆପଡ଼ା ଜିଲା ସିନାପାଲି ବ୍ଲକସ୍ଥିତ ସରଧାପୁର ଗ୍ରାମର ହଂସପଡ଼ାରେ କ୍ଷୀରଧର ମାଝି ଆବାସ ଗୃହ ପାଇଥିଲେ ମଧ୍ୟ ଗତ ୩ ବର୍ଷ ହେଲା ଏହା ଅଧପନ୍ତରିଆ ପଡ଼ି ରହିଥିବାରୁ ସେ ଭଙ୍ଗା, ଦଦରା ଘରେ ଜୀବନ ବିତାଇ ଚାଲିଛନ୍ତି।

ସରକାରଙ୍କ ତରଫରୁ ୨୦୧୪–୧୫ରେ ଇନ୍ଦିରା ଆବାସ ଯୋଜନାରେ ତାଙ୍କୁ ଗୃହ ପ୍ରଦାନ କରାଯାଇଥିଲା। ଗୃହ ନିର୍ମାଣ କରିଦେବେ ବୋଲି ଜଣେ ଠିକାଦାର ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଯୋଜନା ବାବଦ ୭୫ ହଜାର ଟଙ୍କା ବ୍ୟୟରେ ଘର ସମ୍ପୂର୍ଣ୍ଣ ହେବାକୁ ଥିବା ବେଳେ କ୍ଷୀରଧର ୬୦ ହଜାର ଟଙ୍କା ଉଠାଣ କରି ଠିକାଦାରଙ୍କୁ ଦେଇଛନ୍ତି। କେବଳ ପାଇଖାନା ନିର୍ମାଣ ପାଇଁ ୧୫ ହଜାର ଟଙ୍କା ବାକି ରହିଥିବା ସେ କହିଛନ୍ତି। ଅଦ୍ୟାବଧି ଘରର ଅଧା କାମ ସରି ନାହିଁ। କ୍ଷୀରଧରଙ୍କ ଜମିବାଡି କହିଲେ ନାମକୁ ମାତ୍ର । ପରିବାର ପ୍ରତିପୋଷଣ କରିବା ପାଇଁ ସେ ସୁଦୂର ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥାନ୍ତି। ଗୃହ ନଥିବାରୁ ବାଧ ହୋଇ ଏକ ପୁରୁଣା ଭଙ୍ଗା ଘରେ ପରିବାର ଲୋକେ ମୁଣ୍ଡ ଗୋଞ୍ଜିଥିବା ସେ ଦୁଃଖ ଜଣାଇଛନ୍ତି। ବର୍ତ୍ତମାନ ବର୍ଷାରେ ଉକ୍ତ ଘରର ଗୋଟିଏ କାନ୍ଥ ଭୁଶୁଡ଼ି ପଡ଼ିଥିବା ବେଳେ ଅନ୍ୟ କାନ୍ଥଟି ଅତି ବିପଦ ଅବସ୍ଥାରେ ରହିଛି । ରୋଷେଇବାସ ସାରି ରାତିରେ ଅନ୍ୟ ଏକ ପଡୋଶୀ ଘରକୁ ଶୋଇବା ପାଇଁ ଯାଉଥିବା କ୍ଷୀରଧର କହିଛନ୍ତି। ଏ ସମ୍ପର୍କରେ ସଂପୃକ୍ତ ଠିକାଦାରଙ୍କୁ ଯୋଗାଯୋଗ କରିବାରୁ ସେ ବାହାର ରାଜ୍ୟକୁ ଦାଦନ ଖଟି ଯାଇଥିବାରୁ କାମରେ ବିଳମ୍ବ ଘଟିଛି।

**ଭଙ୍ଗା ଘରେ ବିତୁଛି ଜୀବନ**


ଅର୍ଦ୍ଧନିର୍ମିତ ଇନ୍ଦିରା ଆବାସ ଗୃହ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**SHRIRAM FINANCE L.T.D**
Kharbel Nagar Branch Office building, opposite Shriya Cinema Hall, Kharbel Nagar, Bhubaneswar (Odisha), Unit-3, Pin Code: 751001
CONTACT: 7328873676 8658687929
Gmail: finance0102018@gmail.com

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913 7629090472

ଖର୍ଚ୍ଚ ଋଣରୁ କଟିବ
**ଜନଧନ୍ ଫାଇନାନ୍ସ** (Govt. Regd.)
ମାର୍କିଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ ୨% ସୁଧ, ୪୦% ରିହାତି
Contact No.: 94115-02501 92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**BUSINESS**
ସରକାରୀ ଅନୁମୋଦିତ ନଂ.1 କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଘର ଛାତ, ପ୍ଲଟ୍‌ରେ ସମଗ୍ର ଭାରତର ଯେକୌଣସି ସ୍ଥାନରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ଅଗ୍ରିମ ଆକାରରେ 60 ଲକ୍ଷ, 50,000 ଭଡ଼ା + ମାସିକ 35,000ର ଅନ୍ୟାନ୍ୟ ସୁବିଧାସୁଯୋଗ ପାଆନ୍ତୁ।
Helpline Numbers 7497033685 7497800247

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555 Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025 8860754032

**SMS Marketing**
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
8114353091

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

**ADMISSION OPEN — DEGREE/DIPLOMA**
TRYTOON ACADEMY
Affiliated Utkal University of Culture,Odisha
FASHION DESIGN
INTERIOR DESIGN
ANIMATION VFX
HOTEL MANAGEMENT
Palasuni Hat,Rasulgarh,BBSR
9437000960,8908942638
9437799550,06742370713
Last Seats Admission Get Huge Discount

**ADMISSION OPEN 2018-20 — B.Ed.**
Acharya Nagarjuna University
ANUSKA B.Ed ACADEMY
ODISHA'S NO-1 B.Ed. ACADEMY
97% 1ST DIVISION
Rasulgarh, Bhubaneswar 8260277745 / 8260277746
Cuttack: 6370442804
Bhawanipatna: 7982328673
Jajpur/Kendrapara: 9692222120
www.anuskagroup.com

**ADMISSION OPEN FOR 2018-20 — B.Ed CT(D.EL.Ed) & M.Ed**
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ : Bhubaneswar - 7978065794 Dhenkanal - 8895446310 Angul - 9437901750

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639 8018022748

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691 07750048332
moneywizz27@gmail.com

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି ।
କଲ୍ କରନ୍ତୁ SAMIR MONAL
07363008993 07363008928

**ଫାଇନାନ୍ସ ଧନଜନ ଯୋଜନା**
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି ।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108 9634734514

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ –
7496011718 7496016879

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers 9983302166 9983302146


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ



### ବୋଲବମ୍ ସଂଘ ପକ୍ଷରୁ ରାମାୟଣ ପରାୟଣ

କର୍ଲାମୁଣ୍ଡା,୧୮।୮(ଡି.ଏନ.ଏ.) କର୍ଲାମୁଣ୍ଡା ବ୍ଲକ ସଦର ବଜାରପଡିଆଠାରେ ଶ୍ରାବଣ ପୂର୍ଣ୍ଣିମା ଅବସରରେ ବାବା ଆଖଣ୍ଡଲମଣୀ ବୋଲବମ୍ ସଂଘ ଡୁକେରମାଲ ପକ୍ଷରୁ ଶୁକ୍ରବାର କଳସଯାତ୍ରା ହୋଇଥିଲା। ତେବେ ଶନିବାରଠାରୁ ରାମାୟଣ ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁର ଜିଲାର ବିନିକା ନିକଟସ୍ଥ ସୁପ୍ରସିଦ୍ଧ ଗାୟିକା ବନ୍ଦିତା ନାଏକ ବ୍ୟାସ ଭାବେ ରହିଥିବାବେଳେ ନୃସିଂହ ଚରଣ ତ୍ରିପାଠୀ ପୂଜକ ଓ କର୍ତ୍ତା ଭାବେ ବନମାଳି ସାହୁ, ସୁଧର୍ମି ସାହୁ ରହିଛନ୍ତି। ଏହି କାର୍ଯ୍ୟକ୍ରମଟି ୨୨ତାରିଖ ଯାଏଁ ହେବାକୁ ଥିବା ବାବା ଆଖଣ୍ଡଲମଣୀ ବୋଲବମ୍ ସଂଘ ଡୁକେରମାଲ ସଂଘ ପକ୍ଷରୁ କୁହାଯାଇଛି।

### ଘର କାନ୍ଥ ପଡି ମହିଳା ଗୁରୁତର

ଭବାନୀପାଟଣା,୧୮।୮(ଡି.ଏନ୍.ଏ.) ଲଗାଣ ବର୍ଷା କମିଲା ହେଲେ ଆଭ୍ୟନ୍ତରୀଣ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ମୁଶଳଧାରାରେ ପ୍ରବଳ ବର୍ଷା ଫଳରେ ଶନିବାର ଏକ କାନ୍ଥ ଭୁଶୁଡି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ୍ ଅନ୍ତର୍ଗତ କାଣିଗୁମା ପଞ୍ଚାୟତ ଅଧୀନସ୍ଥ ଜବାଙ୍ଗ ଗ୍ରାମର ଲକ୍ଷ୍ମଣ ମାଝିଙ୍କ ସ୍ତ୍ରୀ ମଞ୍ଜୁଳା(୨୦)। ପ୍ରକାଶ ଯେ, ସେ ରୋଷେଇ ଘରେ ଖାଇ ବସିଥିବା ସମୟରେ ହଠାତ ଘରର କାନ୍ଥ ତାଙ୍କ ଉପରେ ପଡିଥିଲା। ଫଳରେ ସେ କାନ୍ଥ ତଳେ ଚାପି ହୋଇଯାଇଥିଲେ।ଏହା ଦେଖି ପରିବାର ଲୋକେ ତାଙ୍କୁ କାନ୍ଥ ତଳୁ ଉଦ୍ଧାର କରି ତୁରନ୍ତ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥାର କୌଣସି ପରିବର୍ତ୍ତନ ନ ହେବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ। ଲକ୍ଷ୍ମଣ ଜଣେ ଦିନ ମଜୁରିଆ ହୋଇଥିବାରୁ ଜିଲା ପ୍ରଶାସନ ରେଡକ୍ରସ ପାଣ୍ଠିରୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

### ହାତୀ ଉପଦ୍ରବ, ଫସଲ ନଷ୍ଟ

ଭବାନୀପାଟଣା,୧୮।୮(ଡି.ଏନ୍.ଏ.) ପ୍ରବଳ ବର୍ଷାପରେ ବଣପାହାଡ ଘେରା ଥୁ.ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେ ବଣୁଆହାତୀଙ୍କ ଉପଦ୍ରବରେ ଗ୍ରାମବାସୀ ଅତିଷ୍ଠ ହେବା ସହ ଭୟଭିତ ହୋଇପଡିଛନ୍ତି। ବିଭିନ୍ନ ଅଞ୍ଚଳରେ ବହୁ ଚାଷୀଙ୍କ କଷ୍ଟ ଉପାର୍ଜିତ ଚାଷକୁ ହାତୀ ଦଳି ଚକଟି ନଷ୍ଟ କରି ଦେଇଛି। ଥୁଆମୁଳ ରାମପୁର ବ୍ଲକ୍ର ମତାଚୁଆଁରେ ହାତୀ ପଲ ପଶି ଗ୍ରାମର ଶୋଭା ସିଂ ମାଝି, ଶ୍ୟାମ ସୁନ୍ଦର ମାଝି, ଆଜୟ ମାଝି, ବଳରାମ ମାଝି, ଘାସିରାମ ମାଝି, ମାଗୁ ମାଝି, ମାନସିଂ ମାଝି ପ୍ରମୁଖ ଚାଷୀଙ୍କ କଦଳୀ ବଗିଚା, ମକା କ୍ଷେତ, ମାଣ୍ଡିଆ ଓ ଧାନ ଚାଷ ଆଦିକୁ ନଷ୍ଟ କରିଦେଇଥିବାରୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଫରେଷ୍ଟର ସୋରେନ୍ଦ୍ରି ବାଙ୍କଙ୍କ ନେତୃତ୍ୱରେ ବନବିଭାଗ କର୍ମଚାରୀ ମତାଚୁଆଁରେ ପହଞ୍ଚି ପ୍ରଭାବିତ ଚାଷ ଜମି ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚାଷୀଙ୍କ କ୍ଷୟକ୍ଷତି ନେଇ ବନବିଭାଗକୁ ଜଣାଇବା ପରେ ଆବଶ୍ୟକୀୟ କ୍ଷତି ପୁରଣ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଯୋଜନା ଅର୍ଥ ହେରଫେର ଅଭିଯୋଗ

# ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

ଖଡିଆଳ,୧୮।୮(ଡି.ଏନ.ଏ.)

- ଚୁପ୍ ବସିଛି ଭିଜିଲାନ୍ସ ବିଭାଗ
- ଘଟଣାକୁ ଚପାଇ ଦେବାକୁ ଉଦ୍ୟମ
- କାମ କରିଥିବା ଶ୍ରମିକଙ୍କୁ ମିଳିନି ମଜୁରି

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ନବଗଠିତ ସୁନାରୀସିକୁଆଁ ପଞ୍ଚାୟତରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହୋଇଥିବା ରାସ୍ତା ଉନ୍ନତୀକରଣ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ବେହିସାବ, ବେଲଗାମ ଭାବେ ଏହି କାର୍ଯ୍ୟ କରାଯାଇଥିବା ପରମେଶ୍ୱର ବାରିକ ନାମକ ଜଣେ ଯୁବକ ଗତ ଏପ୍ରିଲ ମାସରେ ଭିଜିଲାନ୍ସ ଓ ଜୁଲାଇ ମାସରେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସେ ଉକ୍ତ ଅଭିଯୋଗପତ୍ରରେ ଦର୍ଶାଇଥିଲେ ଯେ, ମିଥ୍ୟା ବିଲ୍ କରାଯାଇ ଯୋଜନା ଟଙ୍କା ହଡ଼ପ କରାଯାଇଛି। ପଞ୍ଚାୟତର ସରପଞ୍ଚଠୁ ଆରମ୍ଭ କରି ଇଓ, ବିଭାଗୀୟ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଏପିଓ ପ୍ରମୁଖଙ୍କ ଭିତିରିଆ ସଲାସୁତୁରାରେ ଏହି ଚଞ୍ଚକତା ହୋଇଛି। ରାସ୍ତା କାମରେ ନିୟୋଜିତ ଶ୍ରମିକମାନଙ୍କୁ ମଜୁରି ଦିଆଯାଇନାହିଁ। ଏଭଳି ସଙ୍ଗୀନ ଆରୋପ ପରେ ଭିଜିଲାନ୍ସ ଓ ବ୍ଲକ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇଛି। ହେଲେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ତଦନ୍ତ ରିପୋର୍ଟ ପର୍ଦ୍ଦାଫାସ୍ ନ କରି ବିଭାଗୀୟ ଅଧିକାରୀ ହାତବାନ୍ଧି ବସି ରହିଛନ୍ତି। ଅନ୍ୟପକ୍ଷେ, ପରମେଶ୍ୱର ବାରିକଙ୍କ ଅଭିଯୋଗକୁ ସୁନାରୀସିକୁଆଁ ପଞ୍ଚାୟତର ସରପଞ୍ଚ ଭିତ୍ତିହୀନ ଦର୍ଶାଇବା ସହ ସେଥିରେ କୌଣସି ବାସ୍ତବତା ନାହିଁ କହିଛନ୍ତି।

ମିଳିଥିବା ସୂଚନା ମୁତାବକ ଖଡ଼ିଆଳ ବ୍ଲକ ସୁନାରୀସିକୁଆଁ ପଞ୍ଚାୟତରେ ଆର୍ଥିକ ୨୦୧୬–୧୭ ଓ ୧୮ରେ ୪୦ ଲକ୍ଷ ଟଙ୍କାରେ ସୁନାରୀସିକୁଆରୁ ରାମଗଡ଼, ଗଣ୍ଡାବାହାଲି, ଗୁର୍ଜିଭଟ୍ଟା ଓ ଭରୁଆମୁଣ୍ଡାରୁ ଚଚରାବେହେଲି ରାସ୍ତାର ଉନ୍ନତୀକରଣ କରାଯାଇଥିଲା। ଅଭିଯୋଗ ଅନୁସାରେ ସୁନାରୀସିକୁଆଁ ରାମଗଡ଼ ରାସ୍ତାରେ ଆଦୌ ମୁରମ ପକାଯାଇ ନ ଥିବା ବେଳେ ତ୍ରକାନ୍ତ କରାଯାଇ ବିଭିନ୍ନ ଆଳରେ ପର୍ଯ୍ୟାୟ କ୍ରମେ ୧ଲକ୍ଷ ୧୬ହଜାର ୬୧୬, ୬୪,୧୭୦ ଓ ୪୧,୬୫୦ ଟଙ୍କା ବାଟମାରଣା କରାଯାଇଛି। ଏପରି କି ରମେଶ ଖର୍ସେଲ ନାମକ ଜଣେ ବ୍ୟକ୍ତିଙ୍କ ନାଁରେ ପିଇବା ପାଣି ଯୋଗାଣ ଓ ପ୍ରଥମ ଶ୍ରେଣୀ ମିସ୍ତ୍ରୀ ଭାବେ କାମ କରିଥିବା ଦର୍ଶାଇ ୪୯୨୮ ଓ ୫୫୦୦ ଟଙ୍କା ଉଠାଣ ହୋଇଛି। ସେହିପରି ଗଣ୍ଡାବାହାଲି ରାସ୍ତାର ଉନ୍ନତୀକରଣରେ ରୋଲର୍ ଭଡା ବାବଦକୁ ୧ଲକ୍ଷ ୧୪ ହଜାର ୪୧୬, ସେଣ୍ଟ୍ରିଂ ଓ ପମ୍ପସେଟ୍ ଭଡ଼ା ବାବଦକୁ ଯଥାକ୍ରମେ ୧ଲକ୍ଷ ୩୭ହଜାର ୫ଶହ ଓ ୫୨,୫୦୦ ଏବଂ ହରି ଖର୍ସେଲ ନାମକ ଶ୍ରମିକଙ୍କୁ ଦ୍ୱିତୀୟ ମିସ୍ତ୍ରୀ ଓ ପାଣି ଯୋଗାଣ କରିଥିବା ଦର୍ଶାଇ ୪୯୨୮ ଓ ୧୧୮୮୦ ଟଙ୍କା ହେର୍‌ଫେର କରାଯାଇଥିବା ବେଳେ କ୍ରସର ମେଟାଲ ବାବଦରେ ଚଞ୍ଚକତା କରାଯାଇ ୮୦,୫୦୬ଟଙ୍କା ଉଠାଣ ହୋଇଛି। ସେହିପରି ଗୁର୍ଜିଭଟ୍ଟା ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଗତ ୨୧ ମାର୍ଚ୍ଚ, ୨୦୧୮ରେ ଆରମ୍ଭ ହୋଇଥିବା ବେଳେ ୨୦ ମାର୍ଚ୍ଚ, ୨୦୧୮ରେ କାମ କରାଯାଇଥିବା ଦର୍ଶାଇ ୬୩,୪୯୫ ଟଙ୍କା ଓ କାମରେ ଆଦୌ ମୁରୁମ କିମ୍ବା ରୋଲର୍ ବ୍ୟବହାର ହୋଇ ନ ଥିବା ବେଳେ ୨ଲକ୍ଷ ୧୦ହଜାର ୭୩୪ ଟଙ୍କା, ଓ ୧,୧୨, ୬୦୦ ଟଙ୍କା ଅନଲାଇନରେ ଦର୍ଶାଯାଇଛି। ଏଥିସହ ଭରୁଆମୁଣ୍ଡା ରାସ୍ତାରେ ମଧ ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାମ ନ ହୋଇନଥିବା ବେଳେ ବିଲ୍ ପୈଠ କରାଯାଇଥିବା ଅନଲାଇନରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଭିଜିଲାନ୍ସ ବିଭାଗ ସୁନାରୀସିକୁଆଁଠାରୁ ରାମଗଡ଼ ଓ ଗଣ୍ଡାବାହାଲି ରାସ୍ତା କାମର ସମସ୍ତ କାଗଜାତ୍ ଜବତ କରି ତଦନ୍ତ କରିଥିଲା। ମାତ୍ର ଏଯାବତ୍ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେଇ କୌଣସି ତତ୍ପରତା ପ୍ରକାଶ ପାଇନଥିବା ବେଳେ ଖଡ଼ିଆଳ ବିଡିଓ ଉତ୍ତମ ବାଗଙ୍କୁ ପଚାରିବାରେ ସେ ଏହାକୁ ଏଡ଼ାଇ ଯାଇଥିଲେ। ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ଯୋଜନାରେ ଅର୍ଥ ହେରଫେର କରି କୋମନାର ଜଣେ ତତ୍କାଳୀନ ବିଡିଓଙ୍କ ସମେତ ପ୍ରାୟ ୬ ଅଧିକାରୀ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ। ଏଣୁ ଏହି ଅର୍ଥ ହେରଫେର ଘଟଣାରେ ଜିଲାପାଳ ହସ୍ତକ୍ଷେପ କରିବାକୁ ଦାବି ହେଉଛି।

## ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ସ୍ତ୍ରୀଙ୍କୁ ହତ୍ୟା ଘଟଣା**

ଧର୍ମଗଡ,୧୮।୮(ଡି.ଏନ.ଏ.) ନିଜ ସ୍ତ୍ରୀଙ୍କୁ କିରୋସିନ ଢାଳି ଜୀବନରେ ମାରି ଦେଇଥିବା ଘଟଣାର ବିଚାର କରି ଶନିବାର ଅପରାହ୍ନରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି କଳାହାଣ୍ଡି ଜିଲା ଧର୍ମଗଡ ଅତିରିକ୍ତ ଜିଲା ଦୌରା ଜଜ ରାମକୃଷ୍ଣ ଚୌଧୁରୀ। ପ୍ରକାଶ ଯେ, ୨୦୧୫ଫେବୃୟାରୀ ୨୫ରେ କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଚିଲିଗୁଡା ଗ୍ରାମର ଡମ୍ବରୁଧର ସୁନାନୀ ନିଜ ସ୍ତ୍ରୀ ସିନ୍ଧୁକାଙ୍କୁ ପୋଡି ମାରିବାକୁ ଉଦ୍ୟମ କରିଥିଲେ। କୌଣସି କାରଣରୁ ବଚସା ହୋଇ ତାଙ୍କ ଦେହରେ କିରୋସିନ ଢାଳି ଦେଇ ପୋଡି ଦେବାର ଉଦ୍ୟମ କରିଥିଲେ। ପରେ ସିନ୍ଧୁକାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ସ୍ୱାମୀଙ୍କୁ କୋକସରା ପୋଲିସ ଗିରଫ କରି କେସ ନଂ ୪୯/୨୦୧୫ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ସେହି ଦିନ ଠାରୁ ଅଭିଯୁକ୍ତ ଧର୍ମଗଡ ବିଚାର ବିଭାଗୀୟ ହାଜତରେ ରହିଥିଲେ। ତେବେ ଶନିବାର ଏହି ମାମଲାର ବିଚାର ହୋଇଥିଲା। ଏଥିରେ ସମସ୍ତ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରା ଜଜ ଡମ୍ବରୁଧରଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏହି ମାମଲାରେ ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର କେଶ ପରିଚାଳନା କରୁଥିବାବେଳେ ଅଭିଯୁକ୍ତଙ୍କ ତରଫରୁ ଓକିଲ ଦିଗାମ୍ବର ଦୁରିଆ ଏହି କେସ ପରିଚାଳନା କରିଥିଲେ।

## ଝାଡାବାନ୍ତିରେ ୨ମୃତ, ପହଞ୍ଚିଲା ଡାକ୍ତରୀ ଦଳ

ଭବାନୀପାଟଣା,୧୮।୮(ଡି.ଏନ୍.ଏ.) କଳାହାଣ୍ଡି ଜିଲାରେ ଲଗାଣ ବର୍ଷା ଓ ବନ୍ୟାରେ ଲୋକଙ୍କ ଅବସ୍ଥା ବେହାଲ ହେବା ସହ ଝାଡାବାନ୍ତି ରୋଗ ବ୍ୟାପିବାରେ ଲାଗିଛି। ଏହି ଝାଡାବାନ୍ତି ରୋଗ ଯୋଗୁ କେତେକ ପ୍ରଥମେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଝାଡାବାନ୍ତି ପ୍ରପିଡିତ ଅଞ୍ଚଳକୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୨ଗୋଟି ଡାକ୍ତରୀ ଦଳ ପଠାଇଥିବା ଜିଲା ମୁଖ୍ୟ ଚିକିତ୍ସକ ଡାକ୍ତର ସରୋଜ ତିଆଡି କହିଛନ୍ତି। ସୂଚନାଯୋଗ୍ୟ, କର୍ଲାପଟ ଓ କିଆପଦର ପଞ୍ଚାୟତରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେହିଭଳି ସେମେଲପଦର ଗାଁରେ ମ୍ୟାଲେରିଆରେ ୧୦ଶିଶୁଙ୍କ ସମେତ ୧୩ଜଣ ଆକ୍ରାନ୍ତ ହୋଇଛନ୍ତି। ଥୁଆମୂଳ ରାମପୁର ଡାକ୍ତରଖାନରୁ ଓ ଭବାନୀପାଟଣାରୁ ୨ଟି ଡାକ୍ତରୀଦଳ ପହଞ୍ଚି ଚିକିତ୍ସା କରୁଛନ୍ତି। ସେହିଭଳି ତେନ୍ତୁଲିପଦର ଗାଁର ପୁଷ୍ପା ମାଝି(୬୦) ଝାଡାବାନ୍ତିରେ ଗୁରତର ଭାବେ ଆକ୍ରାନ୍ତ ହେବାରୁ ତାଙ୍କୁ ଭବାନୀପାଟଣା ଡାକ୍ତରଖାନରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ମୋ ସ୍କୁଲ ଅଭିଯାନରେ ବୃକ୍ଷରୋପଣ



ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

କେସିଙ୍ଗା, ୧୮।୮ (ଡି.ଏନ.ଏ.) କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଜବାହାର ଉଚ୍ଚ ବିଦ୍ୟାପୀଠ ଠାରେ ଶନିବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ଦେବତାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଉକ୍ତ ସଭାରେ ପ୍ରଧାନଶିକ୍ଷକ ସ୍ୱାଗତ ଭାଷଣ ଦେଇ ବିବରଣୀ ପାଠ କରି ମୋ ସ୍କୁଲ ଅଭିଯାନ ବିଷୟରେ ସମସ୍ତଙ୍କୁ ଆଲୋକପାତ କରିଥିଲେ। ବିଦ୍ୟାଳୟର ସହ ଶିକ୍ଷକ ରବୀନ୍ଦ୍ର ଦିକ୍ଷିତ, ହେମନ୍ତ ପଲାଇ, କୈବଲ୍ୟ ସାହୁ ଓ ପୂର୍ବତନ ଛାତ୍ର ପ୍ରଫୁଲ୍ଲ ସାହୁ, କୌଶୁକ ସାହୁ, ଧର୍ମେନ୍ଦ୍ର ସାହୁ, ରାହୁଲ ସାହୁ, ଲକ୍ଷ୍ମଣ କର, ଆନନ୍ଦ ସରାପ ତଥା ଅନେକ ଛାତ୍ରୀଛାତ୍ର ଉପସ୍ଥିତଥିଲେ। ବିଦ୍ୟାଳୟ ପ୍ରତି ନିଜସ୍ୱ ଭାବନା ଓ ଉତ୍ତମ ସୁସମ୍ପର୍କ ତିଆରି କରିବା ସହିତ ସ୍କୁଲକୁ କେମିତି ସୁନ୍ଦର ଓ ଉନ୍ନତିକରଣ କରାଯିବ ସେଥିପାଇଁ ମତ ପ୍ରକାଶ କରିବା ସହ ଆର୍ଥିକ ଅନୁଦାନ କରିଥିଲେ। ତତ୍ ସହିତ ବିଦ୍ୟାଳୟର ଶିକ୍ଷକ ଓ ପୂର୍ବତନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

## ଏଲଇଡି ଷ୍ଟ୍ରିଟ ଲାଇଟର ଶୁଭାରମ୍ଭ

ଜୁନାଗଡ,୧୮।୮(ଡି.ଏନ୍.ଏ.) ଜୁନାଗଡ ସହର ଡାକ୍ତରଖାନା ଛକଠାରେ ଶନିବାର ଜୁନାଗଡ ଏନଏସି ପକ୍ଷରୁ ଏଲଇଡି ଷ୍ଟ୍ରିଟ ଲାଇଟର ଶୁଭାରମ୍ଭ ହୋଇଯାଇଛି। ଏହା ସହରର ସମସ୍ତ ଛକମାନଙ୍କରେ ଲଗାଯିବ ବୋଲି ଜଣାପଡିଛି। ଇଏଏସଏଲ କମ୍ପାନୀ ଏହାକୁ ଟେଣ୍ଡର ପାଇଥିବାବେଳେ ଆସ୍ଥା କମ୍ପାନୀ ଏହାକୁ ଲଗାଇବାର ଦାୟିତ୍ୱ ନେଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ଏନଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଶ୍ୱର ପୁଝାରୀ, କାଉନସିଲର ମୁକେଶ ଅଗ୍ରୱାଲ, ଆସ୍ଥା କମ୍ପାନୀର ସହକାରୀ କାର୍ଯ୍ୟନିର୍ବାହୀ ରାଜୀବ ଶର୍ମା, ଆଇନଜୀବୀ କଲ୍ୟାଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ରୁ ଓଏସଆରଟିସି କର୍ମଚାରୀଙ୍କ ଆନ୍ଦୋଳନ

ଭବାନୀପାଟଣା,୧୮।୮(ଡି.ଏନ୍.ଏ.) କର୍ମଚାରୀମାନେ ୨୦ରୁ ୨୨ ବର୍ଷ ଚାକିରୀ କରି ସୁଦ୍ଧା ସ୍ଥାୟୀ ହୋଇପାରୁ ନାହାନ୍ତି। ସେମାନଙ୍କୁ ସ୍ୱଳ୍ପ ଦରମା ଦେଇ ଅନ୍ୟାୟ ଅତ୍ୟାଚାର କରାଯାଉଛି। ଓଏସଆରଟିସି ପାଇଁ କୌଣସି ପ୍ରକାର ନୀତି ନିୟମ ନାହିଁ। ଜଣେ ଜଣେ ନୂତନ ସିଏମଡି ବିଭାଗକୁ ଆସି ବିଭାଗର କୌଣସି ଉନ୍ନତି ନ କରି କେବଳ କର୍ମଚାରୀମାନଙ୍କ ଉପରେ ଦାଉ ସାଧୁଛନ୍ତି ବୋଲି କଳାହାଣ୍ଡି ଜିଲା ସମ୍ପାଦକ ମହନ ଭଟ୍ଟ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା କରୁଛନ୍ତି କି ଯେ କୌଣସି କର୍ମଚାରୀ ୬ ବର୍ଷ ଚାକିରୀ ସଂପୂର୍ଣ୍ଣ କରିଥିବେ ତା ହେଲେ ସେମାନଙ୍କୁ ସ୍ଥାୟୀ କରିବା ପାଇଁ ହେଲେ ଦୀର୍ଘ୍ୟ ୨୦ରୁ ୨୨ ବର୍ଷ ଚାକିରୀ କରି ସୁଦ୍ଧା କର୍ମଚାରୀମାନଙ୍କୁ ଏ ପର୍ଯ୍ୟନ୍ତ ସ୍ଥାୟୀ କରାଯାଇ ନାହିଁ। ଏଣୁ ୪ ଦଫା ଦାବି ନେଇ ଆସନ୍ତା ୨୧ରୁ ୨୩ତାରିଖ ତିନି ଦିନ ପର୍ଯ୍ୟନ୍ତ ଓଏସଆରଟିସିର ସମଗ୍ର ଓଡିଶାର କର୍ମଚାରୀମାନେ ଧର୍ମଘଟ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏଣୁ ଏହି ତିନି ଦିନ ଯାତ୍ରୀଙ୍କ ସେବା ବ୍ୟାହତ ହେବ ବୋଲି ଭଟ୍ଟ ପ୍ରକାଶ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟ ହେଲା, ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ କରିବା, ସପ୍ତମ ବେତନ ହାରରେ କର୍ମଚାରୀଙ୍କୁ ଦରମା ଦେବା, ସମାନ କାମକୁ ସମାନ ଦରମା ଦେବା ଭଳି ଦାବି।

## ବିଜୁ ଯୁବବାହିନୀ ତରଫରୁ ବୃକ୍ଷରୋପଣ




ମାଣିକେରା ବିଜୁ ଯୁବବାହିନୀ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ।

ମୋହନଗିରି,୧୮।୮(ଡି.ଏନ.ଏ.) କଳାହାଣ୍ଡି ଜିଲା ମ.ରାମପୁର ବ୍ଲକର ମାଣିକେରାଠାରେ ଥିବା ବିଜୁ ଯୁବ ବାହିନୀ ତରଫରୁ ଶନିବାର ବୃକ୍ଷରୋପଣ କରାଯାଇଛି। ଏଥିରେ ମାଣିକେରା ସରପଞ୍ଚ ରୂପକାନ୍ତି ସୁନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ରାଜେଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଣିକେରା ବିଜୁ ଯୁବ ବାହିନୀର ସଭାନେତ୍ରୀ କଳାବତୀ ମାଝି, ସମିତି ସଭ୍ୟା ସାବିତ୍ରୀ ଦେହୁରୀ, ତଳ ନୂଆଁଗାଁ ସ୍କୁଲ ପ୍ରଧାନ ଶିକ୍ଷକ ନିରନଧରୁଆ ପ୍ରମୁଖ ଯୋଗଦେଇଥିଲେ। ଏଇ ଅବସରରେ ତଳ ନୂଆଁଗାଁସ୍ଥିତ ମଧ ଇଂଲିଶ ବିଦ୍ୟାଳୟ ପରିସରରେ ଥିବା ପ୍ରସ୍ତରରେ ବୃକ୍ଷରୋପଣ କରାଯାଇଥିଲା।

## ବଳାତ୍କାର ଅଭିଯୋଗରେ ୧୦ ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୧୮।୮(ଡି.ଏନ.ଏ.) ୨୦୧୩ ମସିହାରେ କେସିଙ୍ଗା ଥାନା ଅଞ୍ଚଳରେ ଜୈନିକ ୪ ବର୍ଷର ଶିଶୁ କନ୍ୟାଙ୍କୁ ଘରେ ପଶି ମହମ୍ମଦ୍ ମନସୁର ଖାଁ ନାମକ ବ୍ୟକ୍ତି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସିଟି କେସ ନଂ୧୮/୨୦୧୩କୁ ବିଚାର କରି ଅତିରିକ୍ତ ଜିଲା ଦୌରା ଜଜ ଏବଂ ସ୍ୱତନ୍ତ୍ର ଜଜ ଭବାନୀପାଟଣା ରଶ୍ମିତା ଦଳେଇ ଦଫା ୪୫୭, ୩୭୬ (୨)(ଏଫ)ରେଡ୍ ୬ ଅଫ ପୋକ୍‌ସୋ ଏକ୍ଟରେ ଅଭିଯୁକ୍ତ ମହମ୍ମଦ୍ ମନସୁର ଖାଁଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୫୦୦ଟଙ୍କା ଜରିମାନା କରିଛନ୍ତି। ଦଫା ୪୫୭ରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ଓ ୧୦୦୦ ଟଙ୍କା ଜରିମାନା କରିଥିବାବେଳେ ୩୭୬ ପୋକ୍‌ସୋ ଦଫାରେ ୧୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଓ ୫୦୦ ଟଙ୍କା ଜରିମାନା କରିଛନ୍ତି। ଏହି ମୋକଦ୍ଦମାକୁ ସରକାରୀ ଓକିଲ ସୁଶାନ୍ତ ସାହୁ ପରିଚାଳନା କରିଥିଲେ। ମହମ୍ମଦ୍ ମନସୁର ଖାଁ ବିହାର କନମନିଆରରୁ ଆସି କେସିଙ୍ଗାଠାରେ ରହୁଥିବା ସୂଚନା ମିଳିଛି।

## ବ୍ଲକସ୍ତରୀୟ ଖାଦ୍ୟ ସୁରକ୍ଷା ଯୋଜନା ବୈଠକ

ଜୁନାଗଡ,୧୮।୮(ଡି.ଏନ୍.ଏ.) ଜୁନାଗଡ ବ୍ଲକ ସମ୍ମିଳନୀ କକ୍ଷଠାରେ ଶନିବାର ବ୍ଲକସ୍ତରୀୟ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଏକ ବୈଠକ ଅନଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ଜୋନର ଜିଲାପରିଷଦ ସଭ୍ୟା, ସମସ୍ତ ପଞ୍ଚାୟତର ସରପଞ୍ଚ, ପିଇଓ, ଜିଆରଏସ୍ ଓ ଯୋଗାଣ ସହାୟକମାନେ ଯୋଗଦେଇଥିଲେ। ଜୁନାଗଡ ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ। ଏଥିରେ ଧର୍ମଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ ଦାଶ ଯୋଗଦେଇ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାଦ ପଡିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ସେପ୍ଟେମ୍ବର ୨୯ସୁଦ୍ଧା ନୂତନ କାର୍ଡ ଦିଆଯିବ ବୋଲି କହିଥିଲେ। ଏହା ସହ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀରେ ହିତାଧିକାରୀ ଚାଉଳ ପାଇବେ। ଅଗଷ୍ଟ ୧୩ରୁ ସେପ୍ଟେମ୍ବର ୩ପର୍ଯ୍ୟନ୍ତ ହିତାଧିକାରୀ ନୂତନ ରାଶନ କାର୍ଡ ପାଇଁ ଆବେଦନ କରିପାରିବେ। ଏହା ମଧ୍ୟରେ ଫର୍ମ ଯାଞ୍ଚ ସହ କମ୍ପ୍ୟୁଟରୀକରଣ କରାଯିବ। ସେପ୍ଟେମ୍ବର ୨୦ମଧ୍ୟରେ ଚୁଡାନ୍ତ ତାଲିକା ପ୍ରକାଶ ପାଇବ। ସେପ୍ଟେମ୍ବର ୨୧ରୁ ୨୪ ମଧ୍ୟରେ କାର୍ଡ ଛପାଯାଇ ବ୍ଲକସ୍ତରରେ ପହଞ୍ଚିବ। ଆବେଦନ ସମୟରେ ଠିକଣା, ଆଧାର କାର୍ଡ ନ ଥିଲେ ମଧ ହିତାଧିକାରୀମାନେ ଆଧାର ପାଇଁ ଆବେଦନ କାର୍ଡ, ଭୋଟ ପରିଚୟ ପତ୍ର, ବ୍ୟାଙ୍କ ପାସବୁକ ଦେଖାଇ ପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲାପରିଷଦ ସଭ୍ୟା ଯାଜ୍ଞସିନୀ ମହାନନ୍ଦ, ଶର୍ମିଷ୍ଠା ମେହେର, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିଦ୍ଧେଶ୍ୱର ମେହେର, ବ୍ଲକ ପ୍ରଗତୀ ସହାୟକ ବିଘ୍ନେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଟୁଡୁ ପରିଚାଳନା କରିଥିଲେ।



ଜୁନାଗଡ ବ୍ଲକ ସମ୍ମିଳନୀକକ୍ଷ ଠାରେ ଅନୁଷ୍ଠିତ ବୈଠକ।

## ଫଳକରେ ସୀମିତ ପ୍ରକଳ୍ପ

# ଭିତ୍ତିପ୍ରସ୍ତର ସ୍ଥାପନର ଦେଢ଼ବର୍ଷ ବିତିଲା

ଜୁନାଗଡ,୧୮।୮(ଡି.ଏନ୍.ଏ.) ଜୁନାଗଡ ବ୍ଲକ ଗୌଡସର୍ଗିଗୁଡା ନିକଟସ୍ଥ ପୁରୁଣା ଚିନିକଳଠାରେ ୨୦୧୬ ନଭେମ୍ବର ୧୬ତାରିଖରେ ନବୀନ ପଟ୍ଟନାୟକ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ତନୋଟି ପ୍ରକଳ୍ପ ମଧ୍ୟରେ ୬ଟି ୮ ପାରା ବଏଲ ରାଇସ ମିଲ, ୨ଟି ୩ ମେଗାୱାଟ୍ କ୍ଷମତା ସଂମ୍ପର୍ଣ୍ଣ ବାୟୋମାସ୍ ପାୱାର ପ୍ରୋଜେକ୍ଟ ଓ ସମନ୍ୱିତ ଗ୍ରୀନ ବେସ୍‌ଡ ଡିଷ୍ଟଲାରୀ ପ୍ରକଳ୍ପ ଆଦି ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପ ଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ ପରେ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। କାରଣ ଚିନି କଳ ବନ୍ଦ ହେବା ପରେ ଦୀର୍ଘ ବର୍ଷ ହେବ ଅଞ୍ଚଳର ଅନେକ ଲୋକ ଜୀବିକା ହରାଇ ହତାଶ ହୋଇ ଘରେ ବସିଥିଲେ। ପୁଣି ଥରେ ନୂତନ ପ୍ରକଳ୍ପ ହେବ ଓ ଅଞ୍ଚଳର ସମସ୍ତ ଲୋକଙ୍କୁ କାମ ମିଳିବ ବୋଲି ଆଶା କରାଯାଉଥିଲା। ତେବେ ଅଞ୍ଚଳବାସୀଙ୍କ ଏହି ଆଶା କେବଳ ଆଶାରେ ହିଁ ରହି ଯାଇଛି। କାରଣ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଇତି ମଧ୍ୟରେ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ପ୍ରକଳ୍ପ କାମ ଆରମ୍ଭ ହୋଇପାରି ନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, କଳାହାଣ୍ଡି ପରି ଏକ ଶିଳ୍ପ ବିହୀନ ଜିଲାରେ ପ୍ରଥମ ଥର ପାଇଁ ଗତ ୨୧ ବର୍ଷ ତଳେ ଏକ ବୃହତ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ହୋଇଥିଲା। ଏହି ପରିପେକ୍ଷୀରେ ଓଡିଶା ସରକାର ୧୯୯୭ ମସିହାରେ ଗୌଡସର୍ଗିଗୁଡା ନିକଟସ୍ଥ ୨୬ନଂ ଜାତୀୟ ରାଜପଥ କଡରେ ୱେଷ୍ଟର୍ଣ୍ଣ ଓଡିଶା ସୁଗର ଏଣ୍ଡ କେମିକାଲ୍ ନାମରେ ଏକ ଚିନି ଶିଳ୍ପ ଆରମ୍ଭ କରିଥିଲେ। ଏହାକୁ ମହାରାଷ୍ଟ୍ରର ଏକ କମ୍ପାନୀ ଚଳାଇବା ପାଇଁ ଦାୟିତ୍ୱ ନେଇଥିଲା। ତେବେ ପରିଚାଳନା ଗତ ତ୍ରୁଟି ଯୋଗୁ ୨ବର୍ଷ ମଧ୍ୟରେ କମ୍ପାନୀଟି ଦେବାଳିଆ ହୋଇଯାଇଥିଲା। ଫଳରେ ସମ୍ପୃକ୍ତ କମ୍ପାନୀ ବାଧ୍ୟ ହୋଇ କୌଣସି ବିକଳ୍ପ ପନ୍ଥା ଗ୍ରହଣ ନ କରି ଏହାକୁ ବନ୍ଦ କରି ଏଥିରୁ ଓହରି ଯାଇଥିଲା। ସେହି ଦିନ ଠାରୁ ଏହି ଚିନି ଶିଳ୍ପ ପରିସର ମଧ୍ୟରେ ଥିବା ବିଭିନ୍ନ ଯନ୍ତ୍ରାଂଶ କୋଠାବାଡିର ଅଂଶ ବିଶେଷତଃ ସବୁ ଚୋରଙ୍କ ପାଇଁ ଭୂସର୍ଗ ପାଲଟି ଯାଇଥିଲା। ଧିରେ ଧିରେ ଏଥିରେ ଥିବା ମୂଲ୍ୟବାନ ସାମଗ୍ରୀ ସବୁ ଚୋରି ହୋଇ ଶ୍ରୀହିନ ହୋଇ ପଡିବା ସହ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିଲା। କଳାହାଣ୍ଡି ତଥା ଜୁନାଗଡ ଅଞ୍ଚଳରେ ଶିଳ୍ପର ଆଶା ସଞ୍ଚାର କରିଥିବା ଏହି କାରଖାନାଟି ଲୋକଙ୍କ ସ୍ୱପ୍ନକୁ ଧୂଳିସାତ୍ କରିଥିଲା। ତେବେ ଗତ କିଛି ବର୍ଷ ତଳେ ଏହି ପୁରୁଣା ଚିନି କଳକୁ ରାଉରକେଲାର ଷ୍ଟାରଲାଇଟ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ କିଣିଥିଲା। ପରେ ପୁରୁଣା ଚିନି କଳଠାରେ ନୂତନ ପ୍ରକଳ୍ପ କରାଯିବ ବୋଲି ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଏକ ଜନ ଶୁଣାଣି କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଦିନରୁ ବନ୍ଦ ହୋଇ ରହିଥିବା ଏହି ଶିଳ୍ପାଞ୍ଚଳର ପୁନଃ କାର୍ଯ୍ୟକ୍ଷମ ହେବା ନେଇ ଅଞ୍ଚଳରେ କିଛିଟା ଆଶାର ସଂଚାର ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପ ଗୁଡିକର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ତନୋଟି ପ୍ରକଳ୍ପ ପାଇଁ ୩ଶହ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ତେବେ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ଏ ଯାଏଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ।




ଫଳକରେ ସୀମିତ ରହିଯାଇଛି ପ୍ରକଳ୍ପ।

**ସଂକ୍ଷେପରେ**

## ଟ୍ରେନରୁ ନାବାଳିକା ଉଦ୍ଧାର

ଝାରସୁଗୁଡା ଅଫିସ,୧୮।୮: ଟ୍ରେନରେ ଏକାକି ଯାତ୍ରା କରୁଥିବା ଜଣେ ନାବାଳିକାଙ୍କୁ ରେଲୱେ ସୁରକ୍ଷା କର୍ମୀ ଉଦ୍ଧାର କରିଛନ୍ତି। ଉଦ୍ଧାର ନାବାଳିକାଙ୍କୁ ଝାରସୁଗୁଡା ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି। ନାବାଳିକା ଜଣକ ଛତିଶଗଡ ରାୟଗଡ ଜିଲା କ୍ଷିରୋଦିମାଲ ନଗରରରେ ମାମୁଁଘରେ ରହି ପାଠ ପଢୁଥିଲେ। ମାମୁଁଘରୁ ଲୁଚି ଚାଲିଆସିବା ସହ ଚାଇବାସା ନିଜ ଘରକୁ ଯାଉଥିଲେ। ଉଦ୍ଧାର ନାବାଳିକାକୁ ଶିଶୁ ମଙ୍ଗଳ କମିଟି ଆଗରେ ଉପସ୍ଥାପନ କରି ଓପନ ସେଲଟରକୁ ପଠାଯାଇଛି ବୋଲି ଚାଇଲ୍ଡଲାଇନ ସଂଯୋଜକ ଆଶିଷ ପଣ୍ଡା କହିଛନ୍ତି।

## ବାଇକ୍ ଦୁର୍ଘଟଣା: ୧ ମୃତ

କୋଲାବିରା,୧୮।୮ (ଡି.ଏନ.ଏ) : ଶନିବାର ସନ୍ଧ୍ୟାରେ ବାଇକରେ ଯାଉଥିବା ଦୁଇଜଣ ସାଙ୍ଗ ରାସ୍ତା କଡରେ ଥିବା ସିମେଣ୍ଟ ଖୁଣ୍ଟରେ ବାଡେଇ ହୋଇ ଦୁର୍ଘଟଣାର ଶିକାର ହୋଇଛନ୍ତି। କୋଲାବିରା ଥାନା ଅନ୍ତର୍ଗତ ବଡବାହାଲ ଗ୍ରାମର କ୍ଷୀରୋଦ ନାଏକ ଏବଂ ଅଏତାପଡା ଗ୍ରାମର ବାବଲୁ ବଲୁଆ ହିରୋହୋଣ୍ଡା ବାଇକରେ ବଡବାଲଠାରୁ ସମାସିଂହା ଯାଉଥିଲେ। ଅପରାହ୍ନ ୪ଟାରେ ବଡବାହାଲ -ସମାସିଂହା ମଝିରେ ଥିବା ଗିରଙ୍ଗିଲା ଘାଟି ଅତିକ୍ରମ କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏଥିରେ ବାବଲୁଙ୍କ ମୃତ୍ୟୁ ଘଟିଛି।

■ଅଚଳ ଶିଳ୍ପସଂସ୍ଥାର ଷଡଯନ୍ତ୍ର

# ବକେୟା ନ ଦେଇ ନିଲାମ ମସୁଧା

ଝାରସୁଗୁଡା ଅଫିସ,୧୮।୮

ରାତିଅଧିଆ କାରଖାନା ବନ୍ଦ କରି ଫେରାର ହୋଇଯାଇଥିବା କମ୍ପାନୀ କର୍ତ୍ତୃପକ୍ଷ ଏବେ ନିଲାମି ପାଇଁ ପ୍ରସ୍ତୁତ ହେଉଛନ୍ତି। ଆଗୁଆ ସୂଚନା ନ ଦେଇ, କର୍ମଚାରୀ ଓ ଠିକାଦାରଙ୍କ ବକେୟା ପ୍ରାପ୍ୟ ପ୍ରଦାନ ନ କରି ବର୍ଷ ବର୍ଷ ଧରି କମ୍ପାନୀରେ ତାଲା ବନ୍ଦକରି ରଖିଛନ୍ତି। ବେଳେବେଳେ ପୁନଃନିଯୁକ୍ତିର ଆଶା ମଧ ଦେଖାଉଛନ୍ତି। କିନ୍ତୁ ସେସବୁ ଦିବାସ୍ୱପ୍ନ ଭଳି। ସେହି କାରଣରୁ ରୋଜଗାର ହରାଇଥିବା କର୍ମଚାରୀ ଏବଂ ଠିକାଦାର ଉଦ୍‌ବ୍ୟସ୍ତ ହୋଇ ରହିଛନ୍ତି। ଗୋଟିଏ ପଟେ ଦୁର୍ଲଗା ସ୍ଥିତ ଜୈନ ଷ୍ଟିଲ ଆଣ୍ଡ ପାୱାର(ଜେଏସ୍‌ପିଏଲ୍)ରୁ ସ୍କ୍ରାପ୍ ଚାଲାଣକୁ କେନ୍ଦ୍ରକରି ବିବାଦ ସୃଷ୍ଟି ହୋଇଥିବା ବେଳେ ଅନ୍ୟପକ୍ଷରେ ଆକ୍ସନ ଇସ୍ପାତ ଆଣ୍ଡ ପାୱାର ଲିମିଟେଲ ନିଲାମି ପାଇଁ ପ୍ରସ୍ତୁତ ହେଉଛି। ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଥିବା ବେଳେ ନିଲାମ ତାରିଖକୁ ଅପେକ୍ଷା କରିରହିଛନ୍ତି ଅନ୍ୟ ବ୍ୟବସାୟୀ। ନିଲାମ ଶେଷ ହେବା ପରେ ମଧ ନିଯୁକ୍ତି ହରାଇଥିବା ସମ୍ପୃକ୍ତ କମ୍ପାନୀର କର୍ମଚାରୀ ଏହାକୁ ସଫଳ କରାଇ ଦେବେନାହିଁ ବୋଲି କହିଛନ୍ତି।

ଝାରସୁଗୁଡାରେ ସ୍ଥାପନ ହୋଇଥିବା ଶିଳ୍ପସଂସ୍ଥା ମଧ୍ୟରୁ ଅଧିକାଂଶ କମ୍ପାନୀ ଅଘୋଷିତ ଭାବେ ବନ୍ଦ କରିସାରିଲେଣି। ଜେଏସ୍‌ପିଏଲ୍, ଆକ୍ସନ ଇସ୍ପାତ ଆଣ୍ଡ ପାୱାର ଲିମିଟେଡ, କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର, ହିର୍ମାସ୍ଥିତ ସିଂଘଲ ଇସ୍ପାତ, ଲହଣ୍ଡାବୁଡ ସ୍ଥିତ ପିଟିଏସ୍‌ଏଲ୍, ମାରାକୁଟା ସ୍ଥିତ ଏମ୍‌ଏସ୍‌ପି ମେଟାଲିକ୍ସ, ମାଧବ ଇସ୍ପାତ ବନ୍ଦ ହୋଇସାରିଛି। ବେଆଇନ୍ ଭାବେ କାରଖାନା ବନ୍ଦ କରିଥିବାରୁ ପ୍ରାୟ ସମସ୍ତ କମ୍ପାନୀ ନାଁରେ ଶ୍ରମ ବିଭାଗରେ ମାମଲା ରୁଜୁ ହୋଇଛି ଏବଂ ମାମଲାଗୁଡିକ ବିଚାରାଧିନ ଅଛି। ବେଆଇନ୍ ଲକଆଉଟ୍ ଯୋଗୁଁ ଚାକିରୀ ହରାଇଥିବା ଏବଂ ଚାକିରୀ ଆଶାରେ ଥିବା କର୍ମଚାରୀଙ୍କ ଦାବିକୁ କେହି ମଧ କର୍ଣ୍ଣପାତ କରୁନାହାନ୍ତି। ହଜାର ହଜାର ସଂଖ୍ୟାରେ ଶ୍ରମିକ, କର୍ମଚାରୀ, ଠକାଦାର ଏବେ ବି ଆଶାବନ୍ଧି ବସିଛନ୍ତି। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଭିତିରିଆ ଭାବେ କାରଖାନାର ଯନ୍ତ୍ରାଂଶ ନିଲାମ ପାଇଁ ସମୁଧା କରୁଛନ୍ତି।



ବନ୍ଦ ପଡିଥିବା କାରଖାନା।

ସୂଚନାଯୋଗ୍ୟ, ଦୁର୍ଲଗା ସ୍ଥିତ ଜେଏସ୍‌ପିଏଲ୍ କାରଖାନା ୨୦୧୨ ମସିହାରେ ଉତ୍ପାଦନ ବନ୍ଦ କରିଦେଇଥିଲା। ସେବେଠାରୁ କାରଖାନା ଆଉ ଖୋଲିନି। ଇତିମଧ୍ୟରେ ୬ ବର୍ଷ ବିତିଯାଇଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ କାରକାନା ପୁନଃପ୍ରଚଳନ ପାଇଁ ଆଗ୍ରହ ପ୍ରକାଶ କରିନାହାନ୍ତି। ଶେଷରେ ସ୍କ୍ରାପ ବିକ୍ରି ପାଇଁ ନିଲାମ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଟେଣ୍ଡର ହାତେଇଥିବା କଲିକତାର ର୍‌ୟାକ୍ ସ୍ୱଞ୍ଜୀ କମ୍ପାନୀ ସ୍କ୍ରାପ ନେବାକୁ ଆସି କର୍ମଚାରୀଙ୍କ ବିରୋଧର ଶୀକାର ହୋଇଥିଲେ। ଏହା ଆଗକୁ ମଧ ଜାରି ରହିବ ବୋଲି କହିଛନ୍ତି ଜେଏସ୍‌ପିଏଲ୍ କର୍ମଚାରୀ ବାଲାଜୀ ଶତପଥୀ। ସେହିପରି ଭାବେ ମରାକୁଟା ସ୍ଥିତ ଏମ୍‌ଏସ୍‌ପି ମେଟାଲିକ୍ସ ପୁନଃକାର୍ଯ୍ୟକ୍ଷମ କରିବାକୁ ଉଚ୍ଚସ୍ତରୀୟ ସରକାରୀ ବୈଠକରେ ସହମତି ପ୍ରକାଶ କରିଥିଲା। ଜୁଲାଇ ୩୧ ତାରିଖ ସୁଦ୍ଧା କମ୍ପାନୀ ଏହାର ଗୋଟିଏ ୟୁନିଟ୍ କାର୍ଯ୍ୟକ୍ଷମ କରିବାକୁ ରାଜି ହୋଇଥିଲା। ହେଲେ ଏବେ ଯାଏଁ ଆରମ୍ଭ ହୋଇନାହିଁ ବୋଲି କହିଛନ୍ତି ଏହାର କର୍ମଚାରୀ ଦେବାନନ୍ଦ ବାରିକ। ଏହି ପରିପ୍ରେକ୍ଷୀରେ ଆକ୍ସନ ଇସ୍ପାତ କର୍ତ୍ତୃପକ୍ଷ କରୁଥିବା ନିଲାମୀ ମସୁଧାକୁ ଜୋରଦାର ବିରୋଧ କରାଯିବ ବୋଲି ଏହାର କର୍ମଚାରୀ ବିମଳ ପାଣ୍ଡେ କହିଛନ୍ତି। କର୍ମଚାରୀଙ୍କ ବକେୟା ଦରମା ନ ମିଳିବା ଯାଏଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କାରଖାନା ମଧ୍ୟରୁ କିଛି ନେବାକୁ ଦିଆଯିବନି ବୋଲି କହିଛନ୍ତି।

# ଜୋନସ୍ତରୀୟ ଫୁଟବଲ ଲିଗ୍ ଆରମ୍ଭ

ଝାରସୁଗୁଡା ଅଫିସ,୧୮।୮

ଜିଲା ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ବେଲପାହାଡ ଜୋନ୍‌ସ୍ତରୀୟ ଫୁଟବଲ୍ ଲିଗ୍ ଶୁକ୍ରବାର ଆରମ୍ଭ ହୋଇଯାଇଛି। ବେଲପାହାଡ ସ୍ଥିତ ଟିଆଏଲ୍ ପଡିଆରେ ଅନୁଷ୍ଠିତ ଲିଗ୍‌କୁ ପୌରାଧକ୍ଷ ପର୍ଶୁରାମ ସାହୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ମୁଚିବାହାଲ ଏବଂ ଭେଜିକୁଦ୍ ମଧରେ ଡ୍ର ରହିଥିଲା। ପରବର୍ତ୍ତୀ ମ୍ୟାଚ୍ ଲିମଟିକ୍ରା ଏବଂ କୁଲେମୁରା ମଧରେ ଖେଳା ଯାଇଥିଲା। ଏହି ମ୍ୟାଚକୁ ୧-୦ ଗୋଲରେ ଲିମଟିକ୍ରା ଜିତିନେଇଥିଲା। ଉଦ୍‌ଘାଟନୀ ଅବସରରେ ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ତାପସ ରାୟଚୌଧୁରୀ, ଗିରିଶ ଜୟପୁରିଆ, କାର୍ତ୍ତିକ ଦାସ, ରମଣି ମାଝି, ଜଗନ୍ନାଥ ରାଓ, ରାଜେଶ୍ୱର ରାଓ, ସୁଶାନ୍ତ ମହାନ୍ତି, ରବିରତ୍ନ ପ୍ରଧାନ, ଗଣେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



ଲିଗ୍ ଆରମ୍ଭ ପୂର୍ବରୁ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କୋଲାବିରା,୧୮।୮ (ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ ସହ୍ଲେପାଲି ଗ୍ରାମ ନିକଟ ତେଲେନ ନଦୀରୁ ଶନିବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ସେହି ଗ୍ରାମର ଦଶିଆ ବାଗ୍ (୭୦)। ୧୬ ତାରିଖ ସକାଳେ ନଦୀକୁ ଶୌଚ ପାଇଁ ସେ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି କରୁଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ଶନିବାର ସକାଳେ ଗ୍ରାମର ଲୋକେ ସ୍ନାନ ପାଇଁ ତେଲେନ ନଦୀକୁ ଯାଇଥିବାବେଳେ ମୁହାଣ ନିକଟରେ ମୃତଦେହ ଭାସୁଥିବାର ଦେଖି ପୋଲିସକୁ ସୂଚନା ଦେଇଥିଲେ। କୋଲାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ପରେ ଗାଁ ଲୋକ ଚିହ୍ନଟ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କମ୍ପାନୀର ମନମାନି: ଟ୍ରକ୍ ମାଲିକ ସଂଘର ବିରୋଧ



ସଂଘର କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଉପସ୍ଥିତ।

ଝାରସୁଗୁଡା ଅଫିସ,୧୮।୮

ଅନୁମୋଦିତ ପରିବହନ କ୍ଷମତା ଠାରୁ ଅଧିକ ଓଜନର ସାମଗ୍ରୀ ପରିବହନ କରିବାକୁ ଅଲଟ୍ରାଟେକ୍ କର୍ତ୍ତୃପକ୍ଷ ବାଧ୍ୟ କରୁଛନ୍ତି। ଏଭଳି ଅଭିଯୋଗ ଆଣିଛି ଝାରସୁଗୁଡା ଟ୍ରକ ମାଲିକ ସଂଘ। ସଂଘ ତରଫରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହାର ସଭାପତି ରାଜେନ୍ଦ୍ର ସିଂ ଏବଂ ସତପାଲ ସିଂ ଅଭିଯୋଗ କରିଛନ୍ତି, ଝାରସୁଗୁଡା ଧୁତରା ଠାରେ ରହିଥିବା ଅଲଟ୍ରାଟେକ୍ ସିମେଣ୍ଟ କାରଖାନରୁ କମ ମୂଲ୍ୟରେ ସିମେଣ୍ଟ ପରିବହନ ପାଇଁ ଚାପ ପ୍ରୟୋଗ କରୁଛନ୍ତି। କ୍ଷମତା ଠାରୁ ଅଧିକ ପରିବହନ ପାଇଁ ବିଭାଗୀୟ ବିଜ୍ଞପ୍ତି ପ୍ରକାଶ ପାଇଥିବା ଦାବି କରି କମ୍ପାନୀ କର୍ତ୍ତୃପକ୍ଷ ଅଧିକ ମାଲ ଲୋଡ କରିବାକୁ ବାଧ କରୁଛନ୍ତି। କିନ୍ତୁ ସେପରି କୌଣସି ବିଜ୍ଞପ୍ତି ହସ୍ତଗତ ହୋଇ ନ ଥିବା କହିଛି ସଂଘ। ଅନ୍ୟପକ୍ଷରେ କ୍ଷମତା ଠାରୁ ଅଧିକ ପରିବହନ କରିବା ଦ୍ୱାରା ଧରାପଡିଲେ ଜୋରିମାନା ଦେବାର ଆଶଙ୍କା ରହୁଥିବାରୁ ଟ୍ରକ୍ ମାଲିକ ସଂଘ ତରଫରୁ ଏହାକୁ ବିରୋଧ କରିଛି। ଏହାସହିତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରୁବୋଲି ସଂଘ ଅନୁରୋଧ କରିଛି। ସଂଘର ସମୀର ମହାପାତ୍ର, ରବିନ୍ଦର ସିଂ, ସ୍ୱରନ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**SHRIRAM FINANCE L.T.D**
Kharbel Nagar Branch Office building, opposite Shriya Cinema Hall, Kharbel Nagar, Bhubaneswar (Odisha), Unit-3, Pin Code: 751001
CONTACT:
7328873676
8658687929
Gmail: finance0102018@gmail.com

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

ଖର୍ଚ୍ଚ ଋଣରୁ କଟିବ
**ଜନଧନ୍ ଫାଇନାନ୍ସ**
(Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ
୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**BUSINESS**
ସରକାରୀ ଅନୁମୋଦିତ ନଂ.1 କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଘର ଛାତ, ପ୍ଲଟ୍‌ରେ ସମଗ୍ର ଭାରତର ଯେକୌଣସି ସ୍ଥାନରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ଅଗ୍ରିମ ଆକାରରେ 60 ଲକ୍ଷ, 50,000 ଭଡ଼ା + ମାସିକ 35,000ର ଅନ୍ୟାନ୍ୟ ସୁବିଧାସୁଯୋଗ ପାଆନ୍ତୁ।
Helpline Numbers
7497033685
7497800247

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
DEGREE/DIPLOMA
TRYTOON ACADEMY
Affiliated Utkal University of Culture,Odisha
FASHION DESIGN
INTERIOR DESIGN
ANIMATION VFX
HOTEL MANAGEMENT
Palasuni Hat,Rasulgarh,BBSR
9437000960,8908942638
9437799550,06742370713
Last Seats Admission
Get Huge Discount

ADMISSION OPEN 2018-20
**B.Ed.**
Acharya Nagarjuna University
ANUSKA B.Ed ACADEMY
ODISHA'S NO-1 B.Ed. ACADEMY
97% 1ST DIVISION
Rasulgarh, Bhubaneswar
8260277745 / 8260277746
Cuttack: 6370442804
Bhawanipatna: 7982328673
Jajpur/Kendrapara: 9692222120
www.anuskagroup.com

ADMISSION OPEN FOR 2018-20
**B.Ed**
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**SMS Marketing**
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
8114353091

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – ୨5,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146

GET INSTANT CASH AGAINST GOLD
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ ! ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି ! କଲ୍ କରନ୍ତୁ SAMIR MONAL
07363008993
07363008928

**ଫାଇନାନ୍ସ**
ଧନଜନ ଯୋଜନା
**ଶ୍ରୀ ହରି ଫାଇନାନ୍ସ LTD**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି ।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୯ ଅଗଷ୍ଟ, ୨୦୧୮



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରିଦେବାରେ ଲାଗିଥାଏ, ସେତିକିବେଳେ ସେ ଅଧିକ ଭୋଗର ଇଚ୍ଛାକରେ।
- ବୁଦ୍ଧଦେବ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

କୁତ୍ରା,୧୮।୮(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧୀନ ରାଜ୍ୟ ରାଜପଥର କୁତ୍ରା- ରାଞ୍ଚି ରୋଡ ମଧ ଭାଗରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଗୋମାରଡିହିର ଜୋନସନ୍ ଏକ୍କା ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଅନ୍ୟଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୫ଟା ବେଳେ କୁତ୍ରା ଥାନା ଅଧୀନ କଟଙ୍ଗ ଗ୍ରାମର ଆଶିକ ବାର୍ଲା ଓ ଗୋମାରଡିହି ଗ୍ରାମର ଜୋନସନ୍ ଏକ୍କା ଏକ ବାଇକ୍ (ନଂ.ଓଡି ୧୪ ବି-୪୭୦୨)ରେ କୁତ୍ରାରୁ ଗୋମାରଡିହି ଆଡକୁ ଆସୁଥିବା ବେଳେ କୁତ୍ରା-ରାଞ୍ଚି ରୋଡ ମଧ ଭାଗ ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡର୍‌ରେ ପିଟି ହୋଇଯାଇଥିଲା। ଫଳରେ ଜୋନସନ୍ ଗୁରୁତର ଆହତ ହୋଇଥିବା ବେଳେ ଆଂଶିକ ଆହତ ହୋଇଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କୁତ୍ରା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଜୋନସନ୍‌ଙ୍କ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି।

### ବୃତ୍ତି ପରୀକ୍ଷା ଦେଲେ ୮୪ ଛାତ୍ରୀଛାତ୍ର

କିର୍ମିରା, ୧୮।୮ (ଡି.ଏନ.ଏ)- ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବୃତ୍ତିପରୀକ୍ଷା ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୮ଟି ପଞ୍ଚାୟତର ପ୍ରାଇମେରି ସ୍କୁଲଗୁଡିକରୁ ୮୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ହାଇସ୍କୁଲ ପ୍ରଧାନଶିକ୍ଷକ ହେମନ୍ତ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାକୁ ଶିକ୍ଷକ ପ୍ରଦୀପ ବେହେରା, ଶିକ୍ଷୟିତ୍ରୀ ପଙ୍କଜିନୀ ବେଶନ ପରିଚାଳନା କରିଥିଲେ ।

# ସାପ ଧରିବା ଯାହାଙ୍କ ନିଶା

ରାଉରକେଲା ଅଫିସ,୧୮।୮

- ୧୦୦୦ରୁ ଊର୍ଦ୍ଧ୍ୱ ସାପ ଧରି ଜଙ୍ଗଲରେ ଛାଡ଼ିଲେଣି
- ଛାଡ଼ିବାବେଳେ ବନବିଭାଗର ସହାୟତା ନିଅନ୍ତି
- ଚାକିରିରୁ ଅବସର ପରେ ସମାଜସେବାରେ ନିୟୋଜିତ
- ବିନା ପାରିଶ୍ରମିକରେ ସାପ ଧରି ଜଙ୍ଗଲରେ ଛାଡ଼ନ୍ତି

ସାପକୁ ଦେଖିଲେ ସମସ୍ତେ ଭୟ କରନ୍ତି। ସାପ କାମୁଡାରେ ପ୍ରତ୍ୟେକ ବର୍ଷ ଅନେକ ଲୋକ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ଏମିତି ବ୍ୟକ୍ତି ଅଛନ୍ତି ଯିଏ ସାପକୁ ଆଦୌ ଭୟ କରନ୍ତି ନାହିଁ। ଅକ୍ଳେଶରେ ସାପକୁ ଧରି ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଛାଡି ଦିଅନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ଦେବାନନ୍ଦ ବେହେରା। ସାପ ଧରିବା ତାଙ୍କର ଏକ ପ୍ରକାର ନିଶା ପାଲଟିଛି। ଏଥିପାଇଁ ସୁନ୍ଦରଗଡ ଜିଲାରେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଅଗ୍ନି ସେବା ବିଭାଗରେ ବହୁ ବର୍ଷ କାର୍ଯ୍ୟ କରି ଅବସରଗ୍ରହଣ କରିଛନ୍ତି। ରାଉରକେଲା ସିଭିଲ ଟାଉନଶିପରେ ସେ ରହୁଛନ୍ତି। ତାଙ୍କର ମୂଳବାସସ୍ଥାନ ହେଉଛି ମୟୂରଭଞ୍ଜ ଜିଲା ବହଲଦା ବ୍ଲକର ଟିକିଆ ଗ୍ରାମରେ। ଚାକିରି କରିବା ପରଠାରୁ ରାଉରକେଲାରେ ରହିଆସୁଛନ୍ତି। ରାତି ହେଉ ବା ଦିନ। ଯେତେବେଳେ ବିଷଧର ସାପ କେହି ଘର ଭିତରେ ବା ବାହାରେ ଦେଖନ୍ତି, ତୁରନ୍ତ ଦେବାନନ୍ଦ ବେହେରାଙ୍କୁ ଡାକନ୍ତି। ଦେବାନନ୍ଦ ବିନା ପାରିଶ୍ରମିକରେ ସେଠାରେ ପହଞ୍ଚି ନିଜ କଳାକୌଶଳରେ ବିଷଧର ସାପକୁ ଧରି ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହାୟତାରେ ବା ସେମାନଙ୍କ ପରାମର୍ଶରେ ଜଙ୍ଗଲରେ ଛାଡି ଦିଅନ୍ତି। ଇତି ମଧରେ ପ୍ରାୟ ୧୦୦୦ରୁ ଅଧିକ ବିଷଧର ସାପମାନଙ୍କୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛନ୍ତି। ଚାକିରୀ କରିଥିବାବେଳେ ସାପ ଧରିବାରେ ଅଧିକ ସମୟ ଦେଇପାରୁ ନ ଥିଲେ। ମାତ୍ର ଅବସରପରେ ଅଧିକ ସମୟ ଦେଇପାରୁଛନ୍ତି। ରାଉରକେଲାରେ ଥିବା ବନ୍ୟପ୍ରାଣୀ ସଂରକ୍ଷଣ ସଙ୍ଗଠନ 'ଆର୍ମି'ରେ ସେ ସଦସ୍ୟ। ତାଙ୍କର ସେହି କାର୍ଯ୍ୟ ପାଇଁ ବହୁ ସରକାରୀ ବେସରକାରୀ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ୨୦୧୬ ସ୍ୱାଧୀନତା ଦିବସରେ ସୁନ୍ଦରଗଡ ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ପ୍ରକୃତିପ୍ରେମୀ ଭାବେ ବିଜୁପଟ୍ଟନାୟକ ପୁରସ୍କାର, ପ୍ରକୃତି ବନ୍ଧୁ ପୁରସ୍କାର ମଧ ପାଇଛନ୍ତି। ୨୦୧୬ରେ ଆର୍ମି ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ, ୨୦୧୭ରେ ଆଦର୍ଶ ଯୁବ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ୨୦୧୮ରେ ଧନଞ୍ଜୟ ମହାନ୍ତି ସ୍ମୃତି ପୁରସ୍କାର ଗ୍ରହଣ କରିଛନ୍ତି। ସେ ତାଙ୍କର କାର୍ଯ୍ୟ ଦକ୍ଷତା ପାଇଁ ମଧ ରାଉରକେଲା ଇସ୍ପାତ କାରଖାନା ତରଫରୁ ୨୦୦୩ ମସିହାରେ ସମ୍ମାନଜନକ ନେହେରୁ ପୁରସ୍କାର ପାଇଥିଲେ। ଦେବାନନ୍ଦ ବେହେରା ସୁନ୍ଦରଗଡ ଜିଲାରେ ଏକ ପରିଚିତ ନାମ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରକୃତି ପ୍ରେମୀ, ପ୍ରାଣୀ ପ୍ରେମୀ ଦେବାନନ୍ଦଙ୍କ ସେବା ମନୋବୃତ୍ତି ତାଙ୍କୁ ପ୍ରତିଷ୍ଠା ଆଣିଦେଇଛି।



ଦେବାନନ୍ଦ କୌଶଳ କରି ସାପ ଧରୁଛନ୍ତି।

## ମୋ ରାଉରକେଲା

### ଅନେକ ଜାତି, ଧର୍ମ, ଭାଷାର ସମନ୍ୱୟ



ନିଜ ଗାଁ ପରି ଲାଗେ ମୋ ରାଉରକେଲା ସହର। ମୋ ନିଜ ଘର କେନ୍ଦ୍ରାପଡା ଜିଲା ରାଜନଗର। ମୁଁ ଏଠାକୁ ୧୯୬୩ ମସିହାରୁ ଆସିଲିଣି। ପେଶା ମୋର ଓକିଲାତି, ନିଶା ମୋର ମାନବସେବା। ରାଉରକେଲା ମ୍ୟୁନିସିପାଲଟି ଅଧକ୍ଷ ଥିଲି ଏବଂ ରାଉରକେଲା ବାର ଆସୋସିଏଶନର ମଧ୍ୟ ବହୁବାର ସଭାପତି ହୋଇଛି। ଏ ସହର ମୋତେ ଜୀବିକା, ପ୍ରତିଷ୍ଠା ଦେଇଛି। ଗାଁରେ ଯେପରି ଆମେ ମିଳିମିଶି ଏକ ଶାନ୍ତ ପରିବେଶରେ ରହୁଥିଲୁ, ମୋତେ ରାଉରକେଲା ଠିକ ସେହିପରି ଲାଗେ। ଅନେକ ଜାତି, ଧର୍ମ, ଭାଷାର ସମନ୍ୱୟ ଏହି ସହର। ତଥାପି ସମସ୍ତେ ଆତ୍ମିୟତାରେ ବନ୍ଧା। ସବୁ କ୍ଷେତ୍ରରେ ସମସ୍ତେ ସହଯୋଗର ହାତ ବଢାନ୍ତି। ଏ ସହର ବିଭିନ୍ନ ପ୍ରକାର ସାଂସ୍କୃତିକ ପୂଜା ପର୍ବ ପାଳନ କରିଥାଏ। ଆଉ ଏକ ବିଶେଷତ୍ୱ ଏଠାରେ ରାଜନୈତିକ ବିଦ୍ୱେଷ ଭାବ ଦେଖିବାକୁ ମିଳେ ନାହିଁ। ଏ ସହରରେ ବିଶେଷ ଅପରାଧ କାର୍ଯ୍ୟ ଦେଖିବାକୁ ମିଳେ ନାହିଁ। ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ମନୋରମ। ମୋର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ମୁଁ ଏଠାରେ ରହିବି। କାରଣ ସମସ୍ତେ ମୋର ଆପଣାର।

-ରମେଶ ବଳ, ଆଇନଜୀବୀ, ରାଉରକେଲା

# ଛାତ ଉପରେ ଘାସ, ଅସୁରକ୍ଷିତ ପଞ୍ଚାୟତ କାର୍ଯ୍ୟାଳୟ

କୁଆଁରମୁଣ୍ଡା,୧୮।୮(ଡି.ଏନ୍.ଏ.)

ରକ୍ଷଣାବେକ୍ଷଣ ଅଭାବ ଯୋଗୁ ସୁନ୍ଦରଗଡ଼ ଜିଲା ଆଦିବାସୀ ବହୁଳ କୁଆଁରମୁଣ୍ଡା ବ୍ଲକ କାଲୋସିହିରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ପୁରୁଣା କାର୍ଯ୍ୟାଳୟ ବିଲ୍ଡିଂ ଛାତ ଉପରେ ଘାସ ଉଠି ଛାତ ଅସୁରକ୍ଷିତ ହୋଇପଡିଛି। ହେଲେ ଏହାର ରକ୍ଷଣାବେକ୍ଷଣ ଦିଗରେ କାହାରି ଦୃଷ୍ଟି ପଡୁନାହିଁ । ଏପରି କି ସିମେଣ୍ଟରେ ଲେଖା ହୋଇଥିବା କାଲୋସିହିରିଆ ପଞ୍ଚାୟତ

**ରକ୍ଷଣାବେକ୍ଷଣର ଅଭାବ**

ଫଳକ ମଧ ଅନାବନା ଘାସରେ ପରିପୂର୍ଣ୍ଣ ହୋଇ ନଷ୍ଟ ହେଲାଣି । ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସରିତା ସେଠୀଙ୍କୁ ପଚାରିବାରୁ ଛାତଟି ପୁରୁଣା ହୋଇଗଲାଣି, ତାକୁ ଭଙ୍ଗାଯାଇ ନୂଆ ବିଲ୍ଡିଂ ନିର୍ମାଣ କରାଯିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ଅନ୍ୟପକ୍ଷେ ଏହି କାର୍ଯ୍ୟାଳୟରେ ବିଭିନ୍ନ ଜିନିଷପତ୍ର ରଖାଯାଇଛି। ହେଲେ ଏଠାରେ ପ୍ରଶ୍ନ ଉଠୁଛି, ଛାତଟି ଯଦି ଅସୁରକ୍ଷିତ ତେବେ କୋଠାକୁ କାହିଁକି ବ୍ୟବହାର କରାଯାଉଛି। ଯଦିଓ ଛାତଟି ଭୁଶୁଡି ପଡେ ତେବେ ଧନଜୀବନ କ୍ଷୟକ୍ଷତି ହେବାର ସମ୍ଭାବନାକୁ ମଧ ଏଡାଇ ଦିଆଯାଇ ନ ପାରେ। ଅନ୍ୟପକ୍ଷେ କୋଠାଟି ଅସୁରକ୍ଷିତ, ତେବେ ଭଙ୍ଗା ନ ଯିବାର କାରଣ କ'ଣ ବୋଲି ପ୍ରଶ୍ନ ସୃଷ୍ଟି ହେଉଛି। ପଞ୍ଚାୟତ ପକ୍ଷରୁ କୋଠାର ସୁରକ୍ଷା ପାଇଁ ଛାତରୁ ଘାସ ସଫା କରାଯିବା ସହ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଗଲେ କୋଠାଟି ଆଉ କିଛିବର୍ଷ ସୁରକ୍ଷିତ ଅବସ୍ଥାରେ ରହିପାରନ୍ତା ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଏ ନେଇ ସୁନ୍ଦରଗଡ଼ ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂଙ୍କୁ ପଚାରିବାରୁ ସେ କହିଲେ, ପଞ୍ଚାୟତ ପକ୍ଷରୁ ଉକ୍ତ ଛାତ ଉପରେ ଥିବା ଘାସ ଜଙ୍ଗଲକୁ ସଫା କରାଯାଇଥିଲେ ଏତେ ଶୀଘ୍ର ଛାତ ଅସୁରକ୍ଷିତ ହୁଅନ୍ତା ନାହିଁ। ଏ ଦିଗରେ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବା କଥା। ତେବେ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



କାଲୋସିହିରିଆ ପଞ୍ଚାୟତ କୋଠା ଉପରେ ଘାସ ଉଠି କାର୍ଯ୍ୟାଳୟ ଅସୁରକ୍ଷିତ ହୋଇପଡିଛି।

# କରଦାତାଙ୍କ ସେବା ସମ୍ପର୍କିତ ଆଲୋଚନାଚକ୍ର

ଝାରସୁଗୁଡା ଅଫିସ,୧୮।୮

ଆୟକର ବିଭାଗ ଏବଂ ବେଦାନ୍ତର ମିଳିତ ଆନୁକୂଲ୍ୟରେ କରଦାତାଙ୍କ ପାଇଁ ସେବା ସମ୍ପର୍କିତ ଏକ ଆଲୋଚନାଚକ୍ର ହୋଇଯାଇଛି। ସମ୍ବଲପୁର ଡିଭିଜନର ଆୟକର କମିଶନର ଦେବେନ୍ଦ୍ର ନାରାୟଣ କରଙ୍କ ଅଧକ୍ଷତାରେ ବେଦାନ୍ତ ସିଇଓ ଅଭିଜିତ ପତି, ସିଏଫଓ ଅଶୋକ ସୋନ୍ଥାଲିୟା, ଟିଆରଏଲର ସିଏଫଓ ଏସ୍.ଭି ରାଓ, ଆଇସିଏଆଇ ସମ୍ବରଲପୁର ଶାଖାର ଅଧକ୍ଷ ସନ୍ଦୀପ ଶାହା, ଝାରସୁଗୁଡାର ଅଧକ୍ଷ ହିମାଂଶୁ ବଡପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ, ଉତ୍କଳ ଚାମ୍ବର୍ସ ଅଫ କମର୍ସ, ଝାରସୁଗୁଡା, ସମ୍ବଲପୁର, ବରଗଡ, ସୁନ୍ଦରଗଡ ଜିଲାର ବିଭିନ୍ନ ସଙ୍ଗଠନର ପ୍ରତିନିଧି ଯୋଗ ଦେଇଥିଲେ। ଆୟକର ଦାଖଲ କରି ସମୃଦ୍ଧ ଦେଶ ଗଠନରେ ସହାୟକ ହେବାକୁ କମିଶନର କର ଆହ୍ୱାନ ଦେଇଥିଲେ। କର୍ପୋରେଟ ଟ୍ୟାକ୍ସ, ଆୟକର, ରୟାଲ୍‌ଟି, ହୋଲଡିଂ ଟ୍ୟାକ୍ସ, ପରୋକ୍ଷ ଟିକସ, ଲାଭାଂଶ ଓ ଅନ୍ୟାନ୍ୟ ଟିକସ ବାବଦରେ ସରକାରଙ୍କ ନିକଟରେ ବେଦାନ୍ତ ୩୩୦୦୦ କୋଟି ଟଙ୍କା ପୈଠ କରିବା ସାଙ୍ଗକୁ ଗତ ୫ ବର୍ଷରେ ପ୍ରାୟ ୧,୬୦୦୦୦ କୋଟି ଟଙ୍କା ପ୍ରଦାନ କରିସାରିଛି ବୋଲି ସିଇଓ ପତି କହିଥିଲେ।

# ତାଳଚେର- ବିମଳାଗଡ଼ ରେଳପଥ ସଂଗ୍ରାମ ସମିତିର ପଥପ୍ରାନ୍ତ ସଭା

ରାଉରକେଲା ଅଫିସ, ୧୮।୮

ତାଳଚେର- ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଶନିବାର ୬ରୁ ୯ଟା ପର୍ଯ୍ୟନ୍ତ ବିଶ୍ରାଛକଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୦ ତାରିଖ ଏହି ଅନୁଷ୍ଠାନ ପକ୍ଷରୁ ପାଳନ ହେଉଥିବା ସୁବର୍ଣ୍ଣ ଜୟନ୍ତୀ ଅବସରରେ ଭଞ୍ଜଭବନଠାରେ ହୋଇଥିବା ସମ୍ମିଳନୀରେ ଯୋଗଦେବା ପାଇଁ ସମସ୍ତେ ନିବେଦନ କରିଥିଲେ। ସଂଗ୍ରାମ ସମିତିର ନେତୃମଣ୍ଡଳୀ ଅଦ୍ୱୈତ ପ୍ରସାଦ ବିଶ୍ୱାଳ, ହରିହର ରାଉତରାୟ, ରମେଶ ବଳ, ମିହିର ରାୟ, ଅଜିତ ରାୟ, ବିମଳ ବିଶି, ସୁରେନ୍ଦ୍ର ଦାସ, ସତ୍ୟପ୍ରିୟ ମହାନ୍ତି, ଅଜିତ ନାୟକ, ବିନୋଦିନି ଦାସ, ସୁଧୀର ସୁନ୍ଦର ରାୟ ପ୍ରମୁଖ ଯୋଗଦେଇଥିଲେ।

# ଟ୍ରକ୍ ପଛରେ ପିଟିହେଲା ବସ୍: ୪୦ ଆହତ

ରାଉରକେଲା ଅଫିସ/ଟେନସା
୧୮।୮ (ଡି.ଏନ.ଏ)

- ଟେନ୍‌ସା ଫେରୁଥିବାବେଳେ ଦୁର୍ଘଟଣା
- ଆହତଙ୍କ ମଧ୍ୟରୁ ୭ ଗୁରୁତର

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ ୧୪୩ନଂ. ଜାତୀୟ ରାଜପଥର ସିଉଡ଼ି ନିକଟରେ ଶନିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ରାଉରକେଲାରୁ ଟେନସା ଯାଉଥିବା ଓଡି ୧୪-୦୫୫୦ ନଂ. ପାର୍ବତୀ ବସ୍ ଏକ ଟ୍ରକ (ହାଇୱା) ପଛରେ ପିଟିହୋଇ ଯାଇଥିଲା। ହାଇୱା ହଠାତ ବ୍ରେକ୍ ମାରିବାରୁ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରୁ ହାଇୱା ଫେରାର ହୋଇଯାଇଥିଲା। ବସରେ ଥିବା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସାମାନ୍ୟ ଆହତ ହୋଇଥିବାବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଲାଠିକଟା ପୋଲିସ ପହଞ୍ଚି ଗୁରୁତର ଆହତ ଯାତ୍ରୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ପଠାଇଥିବାର ଜଣାପଡିଛି। ଟେନସାରୁ ସବୁ ଦିନ ପାର୍ବତୀ ବସ୍ ସକାଳ ସାଢ଼େ ୭ଟାରୁ ବାହାରି ରାଉରକେଲା ଯାଇଥାଏ। ରାଉରକେଲାରୁ ସାଢ଼େ ୩ଟାରେ ବାହାରି ସନ୍ଧ୍ୟା ସାଢ଼େ ୭ଟାରେ ଟେନସା ପହଞ୍ଚିଥାଏ। ଟେନସା ଅଞ୍ଚଳର ସମସ୍ତ ଯାତ୍ରୀ ଏହି ପାର୍ବତୀ ବସ ଉପରେ ନିର୍ଭର କରିଥାନ୍ତି। ଶନିବାର ସାଢ଼େ ୩ଟାରେ ରାଉରକେଲାରୁ ଟେନସା ଯାତ୍ରୀ ନେଇ ବସଟି ବାହାରିଥିଲା।



ଦୁର୍ଘଟଣାଗ୍ରସ୍ତ ବସ୍ ଓ ଆହତ ହୋଇଥିବା ଯାତ୍ରୀ।

## ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ

# ସମସ୍ୟାର ସମାଧାନ ନେଇ ଗୁରୁତ୍ୱାରୋପ

ସୁନ୍ଦରଗଡ଼,୧୮।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ ଶନିବାର ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଡ. କିଶୋର କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନ କରିଥିଲେ। ସୁନାଗରିକ ଗଠନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସମସ୍ତ କର୍ମଚାରୀ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ରମାନେ ହେଲମେଟ ବ୍ୟବହାର ସହ ଡ୍ରାଇଭିଂ ଲାଇସେନ୍ସ ସାଙ୍ଗରେ ଆଣି ବାଇକ୍ ଚାଳନା କରିବା ବାଧ୍ୟତାମୂଳକ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାର ସର୍ବପୁରାତନ ଏହି ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣରେ ଉନ୍ନତି, ମହାବିଦ୍ୟାଳୟକୁ ଆଦିବାସୀ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ପାଇଁ ସବୁ ସ୍ତରରେ ଉଦ୍ୟମ କରାଯିବା ସମ୍ପର୍କରେ ବୈଠକରେ ମତପ୍ରକାଶ ପାଇଥିଲା। ବିଇଡି ପାଠ୍ୟକ୍ରମରେ ସିଟ୍ ସଂଖ୍ୟା ବୃଦ୍ଧି, ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ, ସ୍ମାର୍ଟ କ୍ଲାସ ରୁମ୍, ସ୍ଥାୟୀ କ୍ରୀଡ଼ା ଶିକ୍ଷକ ନିଯୁକ୍ତି, ବାଣିଜ୍ୟ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ଓ ଆତ୍ମନିଯୁକ୍ତି ଭିତ୍ତିକ ବୈଷୟିକ ପାଠ୍ୟକ୍ରମ ଖୋଲାଯିବା, ଛାତ୍ରୀଛାତ୍ର ଓ ଅନ୍ତେବାସୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମହାବିଦ୍ୟାଳୟରେ ରହିଥିବା ଅନ୍ୟାନ୍ୟ ସମସ୍ୟାଗୁଡିକ ଶୀଘ୍ର ସମାଧାନ କରାଯିବା ସହ ଦରକାର ପଡିଲେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥାନୀୟ ସଦର ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ବଟକିଶୋର ମିଶ୍ର ପ୍ରମୁଖ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ମହାବିଦ୍ୟାଳୟର ଶାସନନୀତି ପ୍ରସ୍ତୁତ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ଆଡଭୋକେଟ ରାଜକିଶୋର ଷଡଙ୍ଗୀ, ପ୍ରାଧ୍ୟାପକ ଡ. ରାଧେଶ୍ୟାମ ଓତା, ଡ. ଇନ୍ଦିରା ନାଏକ, ଡ. ସରୋଜ କୁମାର ପଟେଲ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ଓ ଗୁଣାତ୍ମକ ଶିକ୍ଷା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଡ. ସୁଧୀର କୁମାର ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ।



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ।

## ଫଟୋରେ ଖବର




ଉଦିତ ନଗର ପୁରୁଣା କୋର୍ଟ ପରିସରରେ ଜିଲା ଖାଉଟି ବିବାଦ ସମାଧାନ ପୀଠ ବର୍ଷ ସାରା ତାଲା ପଡ଼ିଛି।



ରାଉରକେଲା ସେକ୍ଟର-୨ସ୍ଥିତ ରାସ୍ତାକଡ଼ ଗଛମୂଳେ ଜଣେ ବୃଦ୍ଧ ଆଶ୍ରୟ ନେଇଛନ୍ତି।



ଫର୍ମ ବିକ୍ରି ପରେ ନୂତନ ରାସନ କାର୍ଡ ପାଇବା ଆଶା ନେଇ ଉଦିତନଗରଠାରେ ହିତାଧିକାରୀଙ୍କ ଭିଡ଼।